# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 19/2025 Page 14 ₹ 7.00

୫୧ଶ ଭାଗ ୧୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 144 ମୂଲ୍ୟ₹୭/-




**ଅଞ୍ଜଳୀଙ୍କ ଅପରାଜିତ ଶତକ**

ଅନୁଗୋଳ ବିପକ୍ଷ ଆନ୍ତଃଜିଲା ମହିଳା କ୍ରିକେଟ ମ୍ୟାଚରେ ଅପରାଜିତ ୧୩୬ରନ କରିଛନ୍ତି ବାଲେଶ୍ୱରର ଅଞ୍ଜଳୀ ସିଂ।

୧୪

୦୨

**ମଡେଲଙ୍କୁ ଡେଟ୍ କରୁଛନ୍ତି ହନି ସିଂ**

ଖ୍ୟାତନାମା ରାପର ହନି ସିଂ ଇଜିପ୍ଟର ମଡେଲ ଏମା ବାକରଙ୍କ ପ୍ରେମରେ ପଡ଼ି ଡେଟ୍ କରୁଥିବା ଚର୍ଚ୍ଚା ହେଉଛି।








## ୟୁପିଆଇ କାରବାରରେ ଲାଗିବନି ଜିଏସ୍‌ଟି

ନୂଆଦିଲ୍ଲୀ,୧୮।୪

୨,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ୟୁପିଆଇ କାରବାର ଉପରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଲଗାଇବାକୁ ସରକାର ବିଚାର କରୁଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତେବେ ଏହା ସମ୍ପୂର୍ଣ୍ଣ ଭୁଲ୍, ବିଭ୍ରାନ୍ତିକର ଏବଂ ଭିତ୍ତିହୀନ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ପାଇଁ ସରକାରଙ୍କ ପାଖରେ ସେଭଳି କୌଣସି ପ୍ରସ୍ତାବ ନାହିଁ। ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, କେତେକ ଆପ୍ ଜରିଆରେ ହେଉଥିବା ପେମେଣ୍ଟ ସମ୍ପର୍କିତ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଉପରେ ଜିଏସ୍‌ଟି ଲାଗୁ ହେଉଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ୨୦୧୯ ଡିସେମ୍ବର ୩୦ରେ ଏକ ଗେଜେଟ ବିଜ୍ଞପ୍ତି ଜରିଆରେ ପର୍ସନ ଟୁ ମର୍ଚ୍ଚାଣ୍ଟ (ପି୨ଏମ୍) ୟୁପିଆଇ କାରବାରରୁ ଏମ୍‌ଡିଆର୍ ହଟାଇଦେଇଥିଲେ, ଯାହା ୨୦୨୦ ଜାନୁଆରୀରେ କାର୍ଯ୍ୟକାରୀ ହୋଇଥିଲା। ସେବେଠାରୁ ୟୁପିଆଇ କାରବାର ଉପରେ କୌଣସି ଏମ୍‌ଡିଆର୍ ଲାଗୁ ହେଉନାହିଁ। ଫଳ ସ୍ୱରୂପ ଏଭଳି କାରବାରରେ ଜିଏସ୍‌ଟି ଲାଗୁ ହେଉନାହିଁ। ୟୁପିଆଇ ଜରିଆରେ ସରକାର ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରଣାଳୟ କହିଛି।


ୟେମେନ୍ ଅଏଲ୍ ପୋର୍ଟରେ ଆମେରିକାର ଆକ୍ରମଣ: ୭୪ ମୃତ
ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ଖୋଲା ବିଦ୍ରୋହ

**ଆଜିର ମନ୍ତବ୍ୟ**

"ବାଂଲାଦେଶୀ ଅଧିକାରୀମାନେ ପଶ୍ଚିମବଙ୍ଗ ହିଂସା ସମ୍ପର୍କରେ ମନ୍ତବ୍ୟ ନ ଦେଇ ନିଜ ଦେଶରେ ଥିବା ସଂଖ୍ୟାଲଘୁଙ୍କ ଅଧିକାରର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ।

**-ରଣଧୀର ଜୟସ୍ୱାଲ, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର**




କାଳବୈଶାଖୀ ପ୍ରଭାବରେ ଶୁକ୍ରବାର ବାଲେଶ୍ୱର ଜିଲା ଫକୀରମୋହନ ଗୋଲେଇଠାରେ ଏକ ବିରାଟକାୟ କଦମ୍ବ ଗଛ ଉପୁଡି ବାଇକ୍ ଉପରେ ପଡିଛି।

# ମଧ୍ୟସ୍ଥତାରୁ ଓହରିଯିବ ଆମେରିକା

**ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ୧୧୪୯ ଦିନ ଧରି ଚାଲିଥିବା ଯୁଦ୍ଧର ଅବସାନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଦ୍ୟମ କରିଆସୁଛନ୍ତି। ତେବେ କିଛିଦିନ ଭିତରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ ଟ୍ରମ୍ପ୍ ପିସ୍ ଡିଲ୍ ମଧ୍ୟସ୍ଥତାରୁ ଓହରିଯିବେ ବୋଲି ଶୁକ୍ରବାର ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଚେତାବନୀ ଦେଇଛନ୍ତି। ରୁବିଓଙ୍କ ମନ୍ତବ୍ୟ ଉପରେ ପ୍ରଶ୍ନ କରାଯିବାରୁ ହ୍ୱାଇଟ୍‌ହାଉସ ସମ୍ମୁଖରେ ଟ୍ରମ୍ପ୍ କହିଛନ୍ତି, ଖୁବ୍‌ଶୀଘ୍ର ଚୁକ୍ତି ସମ୍ପନ୍ନ ହେଉ ବୋଲି ସେ ଚାହାନ୍ତି। ରୁଷିଆ କିମ୍ବା ୟୁକ୍ରେନ୍ ଏଥିରେ ବାଧକ ହେଲେ ସମ୍ପୃକ୍ତ ପକ୍ଷକୁ 'ନିର୍ବୋଧ' ଓ 'ଭୟଙ୍କର' ବୋଲି ଧରାଯିବ। ଟ୍ରମ୍ପ୍ ୨ୟ ଥର ରାଷ୍ଟ୍ରପତି ନିର୍ବାଚିତ ହେବାର ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜାନୁଆରୀରେ ସେ ପୁନର୍ବାର ଶପଥ ନେବା ପରେ ଏହି ଅବଧିକୁ ଏପ୍ରିଲ/ମେ' ପର୍ଯ୍ୟନ୍ତ ବଢ଼ାଇଦେଇଥିଲେ। ଭୂରାଜନୈତିକ ସଙ୍କଟଗୁଡ଼ିକର ସମାଧାନ ପାଇଁ ହ୍ୱାଇଟ୍ ହାଉସ୍ ପକ୍ଷରୁ ଚାଲିଥିବା ଉଦ୍ୟମକୁ ଅନ୍ତର୍ଜାତୀୟ ସ୍ତରରେ ଉପଯୁକ୍ତ ସମ୍ମାନ ମିଳୁ ନ ଥିବାରୁ ଟ୍ରମ୍ପ୍ ଓ ରୁବିଓ ଏପରି ମନ୍ତବ୍ୟ ଦେଇଥିବା କୁହାଯାଉଛି।**

## ରୁଷିଆ-ୟୁକ୍ରେନ୍ ଶାନ୍ତି ଚୁକ୍ତି ନେଇ ସ୍ପଷ୍ଟ ସଙ୍କେତ ନ ମିଳିଲେ

ପ୍ୟାରିସ୍,୧୮।୪

ପ୍ୟାରିସ୍‌ରେ ୟୁରୋପୀୟ ଏବଂ ୟୁକ୍ରେନୀୟ ନେତାଙ୍କ ସହ ବୈଠକ ପରେ ରୁବିଓ କହିଛନ୍ତି, ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଶେଷ ପାଇଁ ଆମେରିକା ଆଉ ଅନେକ ସପ୍ତାହ ଓ ମାସ ଧରି ଉଦ୍ୟମ ଜାରି ରଖିବ ନାହିଁ। ତେଣୁ ବର୍ତ୍ତମାନ ଜରୁରୀ ଭିତ୍ତିରେ ସବୁକିଛି ନିର୍ଦ୍ଧାରଣ କରିବାକୁ ପଡ଼ିବ। ରାଷ୍ଟ୍ରପତି ଟ୍ରମ୍ପ୍ ଶାନ୍ତି ଚୁକ୍ତି ନିମନ୍ତେ ବହୁ ସମୟ ଦେଲେଣି। ଏଥିରେ ବିଳମ୍ବ ହେଉଥିବାରୁ ସେ କ୍ଷୁବ୍ଧ। ଏହା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ବାସ୍ତବରେ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକତା ରହିଛି। ରୁବିଓଙ୍କ ଏହି ଚେତାବନୀ ଏଭଳି ସମୟରେ ଆସିଛି, ଯେତେବେଳେ କି ୟୁକ୍ରେନ୍ ସହ ଆମେରିକାର ଆଲୋଚନାରେ କିଛିଟା ଅଗ୍ରଗତି ପରିଲକ୍ଷିତ ହୋଇଛି।

ଗୁରୁବାର ଟ୍ରମ୍ପ୍ କହିଥିଲେ, ଆସନ୍ତା ସପ୍ତାହରେ କିଭ୍ ସହ ଡିଲ୍ ହେବା ନେଇ ସେ ଆଶାବାଦୀ, ଯାହାକି ୟୁକ୍ରେନ୍‌ର ମିନେରାଲ୍ସ (ଖଣିଜ ସମ୍ପଦ) ପାଇବା ପାଇଁ ଆମେରିକାକୁ ସୁଯୋଗ ଦେବ। ଏହା ପୂର୍ବରୁ ଫେବୃଆରୀରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ୱାଶିଂଟନ୍ ଗସ୍ତ କରିଥିଲେ। ସେତେବେଳେ ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସରେ ଆମେରିକା ପ୍ରତିପକ୍ଷ ଟ୍ରମ୍ପ୍ ଓ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ସହ ହୋଇଥିବା ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରିପାରି ନ ଥିଲା। ଓଲଟା ଜେଲେନ୍‌ସ୍କି ଓ ଟ୍ରମ୍ପ୍‌ଙ୍କ ମଧ୍ୟରେ କଥା କଟାକଟି ଓ ଯୁକ୍ତିତର୍କରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା।

ଟ୍ରମ୍ପ୍‌ଙ୍କ ଶାନ୍ତି ଉଦ୍ୟମ ଉପରେ ପ୍ୟାରିସ୍‌ରେ ହୋଇଥିବା ଉଚ୍ଚସ୍ତରୀୟ ଆଲୋଚନାରେ ୟୁରୋପୀୟ ଶକ୍ତିମାନେ ମଧ୍ୟ ସାମିଲ ହୋଇଥିଲେ। ବୈଠକରେ ରୁବିଓ କହିଥିଲେ, ଶାନ୍ତି ପାଇଁ ଆମେରିକା ପକ୍ଷରୁ ପ୍ରସ୍ତୁତ ରୂପରେଖ 'ଉତ୍ସାହଜନକ ଗ୍ରହଣୀୟତା' ହାସଲ କରିଛି। ଜେଲେନ୍‌ସ୍କିଙ୍କ ଅଫିସ ଆଲୋଚନାକୁ ଗଠନମୂଳକ ଓ ସକାରାତ୍ମକ ବୋଲି ଅଭିହିତ କରିଛି। ଅନ୍ୟପକ୍ଷେ ହ୍ୱାଇଟ୍ ହାଉସ୍ ପକ୍ଷରୁ ସମାଧାନ କରାଯିବାକୁ ଥିବା ଭୂରାଜନୈତିକ ଚ୍ୟାଲେଞ୍ଜଗୁଡ଼ିକୁ ଉପଯୁକ୍ତ ସମ୍ମାନ ମିଳୁ ନ ଥିବାରୁ ରୁବିଓଙ୍କ ଉପରୋକ୍ତ ମନ୍ତବ୍ୟକୁ ନୈରାଶ୍ୟର ପ୍ରତିଫଳନ ବୋଲି ମନେକରାଯାଉଛି। ଆସନ୍ତା କିଛିଦିନ ମଧ୍ୟରେ ଲଣ୍ଡନରେ ଏକ ଅନୁରୂପ ବୈଠକ ହେବ ବୋଲି ଫ୍ରାନ୍ସର ଅଧିକାରୀମାନେ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଯୁଦ୍ଧ ଶେଷ ପାଇଁ ଟ୍ରମ୍ପ୍ ପ୍ରଶାସନର ଅନେକ ଉଦ୍ୟମ ପରେ ମଧ୍ୟ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଅସ୍ତ୍ରବିରତି ସଫଳ ହୋଇପାରି ନାହିଁ। ଟ୍ରମ୍ପ୍‌ଙ୍କ ଏ ସଂକ୍ରାନ୍ତ ପ୍ରସ୍ତାବକୁ ୟୁକ୍ରେନ୍‌ର ସମର୍ଥନ ମିଳିଥିଲେ ମଧ୍ୟ ମସ୍କୋ ଏହାକୁ ବିରୋଧ କରିଆସିଛି। ୟୁକ୍ରେନ୍‌ର ସାମରିକ କାର୍ଯ୍ୟକଳାପ ଏବଂ ପାଶ୍ଚାତ୍ୟର ଅସ୍ତ୍ର ଯୋଗାଣ ବନ୍ଦ ହେଲେ ଅସ୍ତ୍ରବିରତି ସମ୍ଭବ ବୋଲି ମସ୍କୋ ଯୁକ୍ତି ବାଢ଼ିଛି। ତେବେ ରୁଷିଆର ଏଭଳି ଦାବିକୁ ୟୁକ୍ରେନ୍ ପ୍ରତ୍ୟାଖ୍ୟାନ କରିଛି।



ରୁଷିଆ-ୟୁକ୍ରେନ୍ ଶାନ୍ତି ଚୁକ୍ତି ତୁରନ୍ତ ସମ୍ପନ୍ନ ହେଉ ବୋଲି ଆମେ ଚାହୁଁ। ଏବେ କୌଣସି କାରଣରୁ କୌଣସି ପକ୍ଷ ଏଥିରେ ଅମଙ୍ଗ ହେଲେ ସମ୍ପୃକ୍ତ ପକ୍ଷକୁ 'ନିର୍ବୋଧ' ଓ 'ଭୟଙ୍କର' ବୋଲି କୁହାଯିବ।

**-ଡୋନାଲ୍ଡ ଟ୍ରମ୍ପ୍, ଆମେରିକା ରାଷ୍ଟ୍ରପତି**

# ବାଦ୍ ପଡ଼ିଥିବା ବ୍ୟକ୍ତି ପାଇବେ ରାଶନକାର୍ଡ

ଭୁବନେଶ୍ୱର,୧୮।୪
(ରବିନାରାୟଣ ଜେନା)

ରାଜ୍ୟରେ ଦୀର୍ଘଦିନ ଧରି ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ଖୁବ୍‌ଶୀଘ୍ର ରାଶନକାର୍ଡ ଯୋଗାଇ ଦିଆଯିବ। ଏଥିପାଇଁ ବ୍ଲକ ଓ ପୌରାଞ୍ଚଳସ୍ତରରେ ପ୍ରସ୍ତୁତି ପ୍ରକ୍ରିୟା ଚଳିତମାସ ୨୨ ସୁଦ୍ଧା ଶେଷ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂହ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଜିଲାପାଳଙ୍କୁ ପ୍ରମୁଖ ସଚିବ ସଞ୍ଜୟ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା ନିୟମ-୨୦୨୦ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ନୂତନ ରାଶନ କାର୍ଡ ଯୋଗାଇ ଦିଆଯିବ। ଏଥିପୂର୍ବରୁ ଥିବା ରାଶନକାର୍ଡ ତାଲିକାରେ ନୂତନ ସଦସ୍ୟଙ୍କୁ ଯୋଡ଼ିବା ପାଇଁ ସରକାର ଏକ ଚୂଡ଼ାନ୍ତ ତାଲିକାକୁ ଅନୁମୋଦନ ଦେଇଛନ୍ତି। ତେଣୁ ଏପ୍ରିଲ ୨୨ ପୂର୍ବରୁ ନୂଆ ରାଶନ କାର୍ଡ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ସଞ୍ଜୟ ଉକ୍ତ ପତ୍ରରେ ଦର୍ଶାଇଛନ୍ତି।

ପତ୍ରରେ ସେ ଆହୁରି ଉଲ୍ଲେଖ କରିଛନ୍ତି, ଏପ୍ରିଲ ୨୨ ପୂର୍ବରୁ ସଂପୃକ୍ତ ବିଡିଓ ଏବଂ ପୌରାଞ୍ଚଳ ଅଧିକାରୀଙ୍କୁ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରଦାନ କରାଯିବ। ରାଶନ କାର୍ଡରେ ଥିବା ସମସ୍ତ ସଦସ୍ୟଙ୍କ ଇ-କେୱାଇସି ଯାଞ୍ଚ ପରେ ଡ୍ରାଫ୍ଟ ପ୍ରାଥମିକତା ତାଲିକା (ଡିପିଏଲ)ରେ ରଖାଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚୂଡ଼ାନ୍ତ ପ୍ରାଥମିକତା ତାଲିକାକୁ ସ୍ଥାନାନ୍ତର କରିବା ଏବଂ ରାଶନ କାର୍ଡ ପିଡିଏଫ୍ ସୃଷ୍ଟି କରିବା ପାଇଁ ଆରସିଏମ୍‌ଏସ୍‌ରେ ବ୍ଲକ/ୟୁଏଲ୍‌ବି ସ୍ତରର ବିଡିଓଙ୍କୁ ସ୍ୱୀକୃତି ଦିଆଯାଇଛି। ସେମାନେ ଉକ୍ତ ତାଲିକା ଅନୁଯାୟୀ ହିତାଧିକାରୀଙ୍କ ଇ-କେୱାଇସି ଯାଞ୍ଚ କରିବେ। ଯାଞ୍ଚ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ବିଡିଓ ଓ ମହାନଗର ନିଗମ ଆୟୁକ୍ତ ତଥା ପୌରାଞ୍ଚଳ ଅଧିକାରୀ ରଙ୍ଗିନ ରାଶନ କାର୍ଡ ପିଡିଏଫ୍ ଫର୍ମାଟରେ ପ୍ରସ୍ତୁତ କରିବେ। ସେଥିରେ ରାଶନକାର୍ଡର ଉଭୟ ପକ୍ଷରେ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିବ। ତେବେ ନୂତନ ରାଶନକାର୍ଡ ପିଛା ୧୦ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇ ପାରିବ। ଏହାବାଦ୍ ରାଶନକାର୍ଡର ଲମ୍ବ, ଓସାର ଏବଂ ମୋଟେଇ କେତେ ରହିବ ତାହା ନେଇ ନିର୍ଦ୍ଦିଷ୍ଟ ସ୍ପେସିଫିକେଶନ ପ୍ରଦାନ କରାଯାଇଛି। ନୂତନ ରାଶନ କାର୍ଡ ବଣ୍ଟନ ପୂର୍ବରୁ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀ, ପୌର କମିଶନର/କାର୍ଯ୍ୟକାରୀ ଅଧିକାରୀମାନେ ୨୦ ଏପ୍ରିଲ ସୁଦ୍ଧା ରାଶନ କାର୍ଡ ତାଲିକାକୁ ଲାମିନେଟ୍ କରିବେ। ରାଶନ କାର୍ଡର ଲାମିନେଟେଡ୍ କପିଗୁଡ଼ିକ ବ୍ଲକ କିମ୍ବା ପୌରାଞ୍ଚଳ କାର୍ଯ୍ୟାଳୟରେ ରଖାଯିବ। ଏହାପରେ ଜିଲାପାଳଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂତନ ରାଶନ କାର୍ଡ ବଣ୍ଟନ କରାଯିବ।

**୨୨ ସୁଦ୍ଧା ରାଶନକାର୍ଡ ପ୍ରସ୍ତୁତି ଶେଷକର**

# ନର୍ସଙ୍କୁ ପିଟି ହତ୍ୟା

**ଯୌତୁକ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ**

ପାଟଣାଗଡ଼/ ବଲାଙ୍ଗୀର,୧୮।୪
(ସଚ୍ଚିଦାନନ୍ଦ ମହାକୁର/ ବୀରେନ୍ଦ୍ର କୁମାର ଖାଙ୍କର)

ବଲାଙ୍ଗୀର ଜିଲା ପାଟଣଗଡ଼ ଥାନା ନେହେନାବନ୍ଧ ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗାଁରେ ଜଣେ ନର୍ସଙ୍କୁ ତାଙ୍କ ସ୍ୱାମୀ ଓ ପରିବାର ଲୋକେ ପିଟି ପିଟି ହତ୍ୟା କରିଥିବା ନେଇ ପାଟଣାଗଡ଼ ଥାନାରେ ଅଭିଯୋଗ ହୋଇଛି। ଅଧିକ ଯୌତୁକ ପାଇଁ ଝିଅ କ୍ରିଷ୍ଣା ସାହୁ(୨୫)ଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଠାକୁର ସାହୁ ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଛନ୍ତି। ପାଟଣାଗଡ଼ ପୋଲିସ ଏକ ମାମଲା (ନଂ.୧୧୭/୨୫) ରୁଜୁ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପାଟଣାଗଡ଼ ହସ୍ପିଟାଲକୁ ପଠାଇଛି। ଏହି ମାମଲାରେ ଅଭିଯୁକ୍ତ ସ୍ୱାମୀ ଆଲୋକ ସାହୁ (୨୮)ଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁସାରେ ବରଗଡ଼ ଜିଲା ଗାଇସିଲେଟ ଥାନା ଅନ୍ତର୍ଗତ ସେମେଲମୁଣ୍ଡା ଗାଁର ଠାକୁର ସାହୁଙ୍କ ଝିଅ କ୍ରିଷ୍ଣା ୨୦୨୨ ମସିହାରେ ପାଟଣାଗଡ଼ ଥାନା ନେହେନାବନ୍ଧ ଗାଁର ଆଲୋକଙ୍କୁ ବିବାହ କରିଥିଲେ। ତାଙ୍କର ୨ବର୍ଷର ଜଣେ ଶିଶୁପୁତ୍ର ଅଛି। ସେ ବରଗଡ଼ ଜିଲା ପଦ୍ମପୁରର ଏକ ହସ୍ପିଟାଲରେ ନର୍ସ ଭାବେ କାମ କରୁଥିଲେ। ଗୁରୁବାର କ୍ରିଷ୍ଣା ତାଙ୍କ ମାଆ ବେଲମତୀଙ୍କ ମୋବାଇଲକୁ ଏକ ଭିଡିଓ ପଠାଇଥିଲେ। ଉକ୍ତ ଭିଡିଓରେ ସେ କାନ୍ଦି କାନ୍ଦି ତାଙ୍କୁ ଯୌତୁକ ପାଇଁ ଶାଶୁଙ୍କ ନିର୍ଦ୍ଦେଶରେ ସ୍ୱାମୀ ମାଡ଼ ମାରିଥିବା କହିଥିଲେ। ଶୁକ୍ରବାର ଗୁରୁତର ଅବସ୍ଥାରେ କ୍ରିଷ୍ଣାଙ୍କୁ ଶାଶୁଘର ଲୋକେ ପାଟଣାଗଡ଼ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ସେନେଇ ବାପଘର ଲୋକଙ୍କୁ ଠିକ୍ ସୂଚନା ଦିଆଯାଇ ନ ଥିବା ଠାକୁର କହିଛନ୍ତି। ଗଣମାଧ୍ୟମରେ ସେ କହିଛନ୍ତି, ବିବାହ ବେଳେ ଝିଅକୁ ବିଭିନ୍ନ ସାମଗ୍ରୀ ସହ ଏକ ଅଲ୍‌ଟୋ କାର୍ ଯୌତୁକ ଦେଇଥିଲେ। ଅଲ୍‌ଟୋ କାର୍ ଛୋଟ ହୋଇଯାଉଛି , ବଡ଼ କାର୍ କାହିଁକି ନ ଆଣିଲୁ ବୋଲି କହି କୁଆଡ଼େ ମାଡ଼ ମାରୁଥିଲେ। ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଜାରୀ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ପାଟଣାଗଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।



ମୃତା ନର୍ସ କ୍ରିଷ୍ଣା ସାହୁ

# ୟୁନେସ୍କୋ ୱାର୍ଲ୍ଡ ରେଜିଷ୍ଟର ମେମୋରିରେ ଭଗବଦ୍ ଗୀତା, ନାଟ୍ୟଶାସ୍ତ୍ର

ନୂଆଦିଲ୍ଲୀ,୧୮।୪

ୟୁନେସ୍କୋ (ଜାତିସଂଘର ଶୈକ୍ଷିକ, ବୈଜ୍ଞାନିକ ଓ ସାଂସ୍କୃତିକ ସଂଗଠନ)ର ୱାର୍ଲ୍ଡ ରେଜିଷ୍ଟର ମେମୋରି ବା ବିଶ୍ୱ ପଞ୍ଜିକା ସ୍ମୃତି ପୁସ୍ତକରେ ଭାରତର ୨ଟି ପୁରାତନ ଶାସ୍ତ୍ର ପ୍ରଥମ ଶତାବ୍ଦୀର ଶ୍ରୀମଦ୍ ଭଗବଦ୍ ଗୀତା ଏବଂ ପଞ୍ଚମ ଶତାବ୍ଦୀର ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ସ୍ଥାନ ପାଇଛି। ଏହା ସାରା ବିଶ୍ୱରେ ରହିଥିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ୟୁନେସ୍କୋ ମେମୋରି ଅଫ୍ ଦି ୱାର୍ଲ୍ଡ ରେଜିଷ୍ଟରରେ ଗୀତା ଏବଂ ନାଟ୍ୟଶାସ୍ତ୍ର ସାମିଲ ହେବା ଆମ କାଳାତୀତ ଜ୍ଞାନ ଏବଂ ସମୃଦ୍ଧ ସଂସ୍କୃତିକୁ ବୈଶ୍ୱିକ ସ୍ୱୀକୃତି। ଗୀତା ଏବଂ ନାଟ୍ୟଶାସ୍ତ୍ର ବହୁ ଶତାବ୍ଦୀ ଧରି ସଭ୍ୟତା ଓ ଚେତନାକୁ ପରିପୁଷ୍ଟ କରିଆସିଛି। ସେଗୁଡ଼ିକର ଅନ୍ତର୍ଦୃଷ୍ଟି ସାରା ବିଶ୍ୱକୁ ପ୍ରେରଣା ଦେଇଆସିଥିବା ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଗୀତା ଏବଂ ନାଟ୍ୟଶାସ୍ତ୍ର ୟୁନେସ୍କୋର ୱାର୍ଲ୍ଡ ରେଜିଷ୍ଟର ମେମୋରିରେ ସ୍ଥାନ ପାଇବା ସମ୍ପର୍କରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଶୁକ୍ରବାର ଘୋଷଣା କରିବା ସହ ଭାରତର ସଭ୍ୟତା ଐତିହ୍ୟ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଥିଲେ। ଏହି ୨ ପୁସ୍ତକକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଅନ୍ତର୍ଜାତୀୟ ପଞ୍ଜିକାରେ ଭାରତର ୧୪ ଅଭିଲେଖ ସାମିଲ ହେଲାଣି। ହିନ୍ଦୁ ଗ୍ରନ୍ଥ ଭଗବଦ୍ ଗୀତା ମହାଭାରତ ପୁରାଣର ଅଂଶବିଶେଷ। ସେହିପରି ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଭାରତୀୟ ନାଟ୍ୟକଳା ଏବଂ ପ୍ରଦର୍ଶନ କଳାର ଏକ ମୌଳିକ ସଂସ୍କୃତ ପୁସ୍ତକ, ଯାହାକୁ ପଞ୍ଚମ ବେଦ ବୋଲି ବିବେଚନା କରାଯାଏ।








**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

No. T-10: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୨୧।୦୪।୨୦୨୫ରିଖ (ସୋମବାର) ଦିନ ସମ୍ବଲପୁର ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୧୮।୦୪।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

**ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0092/2526

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତଙ୍କୁ ଶଗଡ଼ରେ ବାନ୍ଧି ଉଲଗ୍ନ ପରେଡ୍ କରାଇଲେ

ବାହରିଚ୍,୧୮।୪

ଉତ୍ତରପ୍ରଦେଶର ବାହରିଚ୍ ଜିଲାର ବିଶ୍ୱେଶ୍ୱରଗଞ୍ଜ ଅଞ୍ଚଳରେ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ ଶଗଡ଼ରେ ବାନ୍ଧି ମାଡ଼ ମାରିବା ସହ ଉଲଗ୍ନ ପରେଡ୍ କରାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଶୁକ୍ରବାର ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ମାଡ଼ ହେଉଥିବାବେଳେ ସେଠାରେ ଉପସ୍ଥିତ ଲୋକେ ଆକ୍ରମଣକାରୀଙ୍କୁ ପ୍ରୋତ୍ସାହିତ କରୁଥିବା ଦେଖାଯାଇଛି। ଭିଡିଓ ପ୍ରସାରିତ ହେବା ପରେ ଅଭିଯୁକ୍ତଙ୍କ ପରିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଚିହ୍ନଟ ହୋଇ ନ ଥିବା କେତେଜଣ ବ୍ୟକ୍ତିଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ଏତଲା ଦାଏର କରିଛି।

### ଖଲିସ୍ତାନୀ ଆତଙ୍କବାଦୀ ହରପ୍ରୀତ୍ ସିଂ ଆମେରିକାରେ ଗିରଫ



ପଞ୍ଜାବରେ ୧୪ ଗ୍ରେନେଡ୍ ଆକ୍ରମଣର ମାଷ୍ଟରମାଇଣ୍ଡ

ଚଣ୍ଡିଗଡ଼,୧୮।୪

ପଞ୍ଜାବରେ ୧୪ ଗ୍ରେନେଡ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଖଲିସ୍ତାନୀ ଆତଙ୍କବାଦୀ ହରପ୍ରୀତ୍ ସିଂ ଓରଫ ହାପି ପାସିଆଙ୍କୁ ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ (ଏଫ୍‌ବିଆଇ) ଆମେରିକାରେ ଗିରଫ କରିଛି। ତାଙ୍କୁ ଶୁକ୍ରବାର କାଲିଫର୍ନିଆର ସାକ୍ରାମେଣ୍ଟୋରୁ ଗିରଫ କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ହରପ୍ରୀତ୍ ୨ଟି ଅନ୍ତର୍ଜାତୀୟ ଆତଙ୍କବାଦୀ ସଂଗଠନ ସହ ସମ୍ପୃକ୍ତ। ସେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା ଏଫ୍‌ବିଆଇ କହିଛି। ଗିରଫରୁ ବର୍ତ୍ତିବା ପାଇଁ ସେ ବର୍ନର ଫୋନ୍ ଏବଂ ଏନ୍‌କ୍ରିପ୍ଟେଡ୍ ଆପ୍ଲିକେଶନ ବ୍ୟବହାର କରୁଥିଲେ। ମାନବ ଚାଲାଣ ନେଟ୍‌ୱର୍କ ସହାୟତାରେ ହରପ୍ରୀତ୍ ୨୦୨୧ରେ ମେକ୍ସିକୋ ସୀମା ଦେଇ ଆମେରିକାରେ ବେଆଇନ ଭାବେ ପ୍ରବେଶ କରିଥିଲେ। ୨୦୨୦ରେ ସେ ଜାଲ୍ ପରିଚୟ ବଳରେ ବ୍ରିଟେନ୍ ପଳାଇଯାଇ ସେଠାରେ ଅନେକ ମାସ ରହିଥିଲେ। ଗତ ୭ ମାସ ମଧ୍ୟରେ ପଞ୍ଜାବରେ ୧୬ଟି ଗ୍ରେନେଡ୍ ଆକ୍ରମଣ ହୋଇଛି, ଯେଉଁଥିରେ ପୋଲିସ ପୋଷ୍ଟ, ଧର୍ମୀୟ ସ୍ଥାନ, ରାଜନେତାଙ୍କ ବାସଭବନ ଆଦିକୁ ଟାର୍ଗେଟ କରାଯାଇଥିଲା। ତଦନ୍ତ ବେଳେ ସେଥିରୁ ୧୪ଟି ଆକ୍ରମଣରେ ହରପ୍ରୀତ୍ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା।

# କୋହଳ ହେବ ଆଣବିକ ଆଇନ

## ବିଦେଶୀ କମ୍ପାନୀଙ୍କୁ ଭାରତ ଆଣି ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ଆଣବିକ ଶକ୍ତି ଉତ୍ପାଦନ ଲକ୍ଷ୍ୟ

ନୂଆଦିଲ୍ଲୀ,୧୮।୪(ରଏଟର୍ସ/ଏଜେନ୍ସି)



ଭାରତ ନିଜ ଆଣବିକ ଉତ୍ତରଦାୟିତ୍ୱ ଆଇନରେ ସଂଶୋଧନ ଆଣି ଏହାକୁ କୋହଳ କରିବାକୁ ଯୋଜନା ଚଳାଇଛି। ପୂର୍ବରୁ ଦେଶର କୌଣସି ଆଣବିକ ପ୍ଲାଣ୍ଟରେ ଦୁର୍ଘଟଣା ଘଟିଲେ ଏହାର ପରିଚାଳକ ଓ ଯନ୍ତ୍ରାଂଶ ଯୋଗାଣକାରୀ ସଂସ୍ଥାକୁ ଅସୀମିତ ଭାବେ ଦାୟୀ କରାଯାଉଥିଲା। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ମଧ୍ୟ ସମ୍ପୃକ୍ତ କମ୍ପାନୀକୁ ଦେବାକୁ ପଡୁଥିଲା। କିନ୍ତୁ ନୂଆ ଆଇନ ବଳରେ ଦୁର୍ଘଟଣାଜନିତ କ୍ଷତିପୂରଣ ରାଶିକୁ ସୀମିତ ରଖାଯିବ ବୋଲି ୩ଟି ସରକାରୀ ସୂତ୍ରରୁ ପ୍ରକାଶ। ୨୦୪୭ ସୁଦ୍ଧା ଭାରତର ଆଣବିକ ଶକ୍ତି ଉତ୍ପାଦନ କ୍ଷମତାରେ ୧୨ ଗୁଣା ବୃଦ୍ଧି ଘଟାଇ ଏହାକୁ ୧୦୦ ଗିଗାୱାଟ୍‌ରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ୟ ରଖିଥିବାରୁ କେନ୍ଦ୍ର ସରକାର ଉକ୍ତ ଆଇନକୁ କୋହଳ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଆମେରିକା ସହ ବାଣିଜ୍ୟ ଚୁକ୍ତି ଏବଂ ଭାରତ ଉପରେ ଲଗାଯାଇଥିବା ଉଚ୍ଚ ଟାରିଫ୍ ନେଇ ଦେଶର ମୂଳଚାଲ କ୍ଷମତା ବୃଦ୍ଧିପାଇବ ବୋଲି ମଧ୍ୟ ଆଶା କରାଯାଉଛି। ମିଳିଥିବା ସୂଚନାନୁସାରେ, ପ୍ରଧାନମନ୍ତ୍ରୀଙ୍କ ଅଧୀନରେ ଥିବା ପରମାଣୁ ଶକ୍ତି ବିଭାଗ ପକ୍ଷରୁ ଏକ ଚିଠା ଆଇନ ପ୍ରସ୍ତୁତ କରାଯାଇଛି। ସେଥିରେ ସିଭିଲ୍ ନ୍ୟୁକ୍ଲିୟର ଲିଆବିଲିଟି ଡେମେଜ୍ ଆକ୍ଟ, ୨୦୧୦ର ଏକ ଗୁରୁତ୍ୱପୂର୍ଣ୍ଣ କ୍ଲଜ୍‌କୁ ବାଦ୍ ଦିଆଯାଇଛି। ଏହି କ୍ଲଜ୍ ଜରିଆରେ ପୂର୍ବରୁ ଦୁର୍ଘଟଣା ଘଟିଲେ ଅସୀମିତ କ୍ଷତିପୂରଣ ଦେବାକୁ ସପ୍ଲାୟର୍ସଙ୍କୁ ବାଧ୍ୟ କରାଯାଉଥିଲା। ଗତ ୧୧ ତାରିଖରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ମନ୍ତ୍ରଣାଳୟ ସମର୍ଥିତ କାର୍ନେଜି ଇଣ୍ଡିଆ ଗ୍ଲୋବାଲ ଟେକ୍ନୋଲୋଜି ସମିଟ୍‌ରେ ଏନେଇ ସୂଚନା ଦେଇଥିଲେ। ଜୟଶଙ୍କର କହିଥିଲେ, ଭାରତକୁ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍ ବେସାମରିକ ପରମାଣୁ ଶକ୍ତି ଉତ୍ପାଦନ କରିବାକୁ ହେଲେ ଆଣବିକ ଉତ୍ତରଦାୟିତ୍ୱ ଆଇନରେ ସଂଶୋଧନ ଆଣିବାକୁ ପଡ଼ିବ। କାରଣ ପ୍ରଚଳିତ ଆଇନ ଭାରତରେ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ପାଇଁ ଅନ୍ତର୍ଜାତୀୟ ପରମାଣୁ ଉଦ୍ୟୋଗୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରିପାରି ନାହିଁ। ନୂଆ ଆଇନ ଅନେକ ବୈଶ୍ୱିକ ପ୍ଲେୟାର୍ସଙ୍କୁ ଭାରତକୁ ଆକର୍ଷିତ କରିବ। ସେହିପରି ଡେଲୋଇଟେ ସାଉଥ୍ ଏସିଆର ଚିଫ୍ ଗ୍ରୋଥ୍ ଅଫିସର ଦେବାଶିଷ ମିଶ୍ର କହିଛନ୍ତି, ଭାରତକୁ ସ୍ୱଚ୍ଛ ଆଣବିକ ଶକ୍ତି ଆବଶ୍ୟକ। ଉତ୍ତରଦାୟିତ୍ୱକୁ ସୀମିତ କରାଗଲେ ଏଦିଗରେ ସଫଳତା ମିଳିପାରେ।

ଅନ୍ତର୍ଜାତୀୟ ଆଇନ ଓ ନିୟମଗୁଡ଼ିକ ସହ ତାଳଦେଇ ଏ ସଂକ୍ରାନ୍ତ ସଂଶୋଧିତ ବିଧେୟକ ଜୁଲାଇରେ ହେବାକୁ ଥିବା ଆସନ୍ତା ମୌସୁମୀ ଅଧିବେଶନରେ ସଂସଦରେ ଉପସ୍ଥାପନ କରାଯାଇପାରେ ବୋଲି କୁହାଯାଉଛି। କେନ୍ଦ୍ର ସରକାର ଏହି ବିଧେୟକ ଗୃହୀତ କରାଇବା ପାଇଁ ଆଶାବାଦୀ ଥିବା ସୂତ୍ରରୁ ଜଣାପଡ଼ିଛି। ବିଶ୍ଳେଷକମାନେ କହିଛନ୍ତି, ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ କାରବାର ୨୦୩୦ ସୁଦ୍ଧା ୧୯୧ ବିଲିୟନ୍ ଡଲାରରୁ ୫୦୦ ବିଲିୟନ୍ ଡଲାରକୁ ବୃଦ୍ଧି ଘଟାଇବା ସକାଶେ ଟ୍ରେଡ୍ ଡିଲ୍ ସ୍ୱାକ୍ଷର କ୍ଷେତ୍ରରେ ମଧ୍ୟ ଏହା ସହାୟକ ହେବ। ଅନ୍ୟପକ୍ଷେ ଆଟମିକ୍ ଏନର୍ଜି ବିଭାଗ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ବର୍ତ୍ତମାନର ଆଇନ ୧୯୮୪ରେ ଭୋପାଳ ଗ୍ୟାସ୍ ଟ୍ରାଜେଡି ଦ୍ୱାରା ପ୍ରଭାବିତ। ଏହି ଦୁର୍ଘଟଣାରେ ୫,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଆମେରିକାର ବହୁରାଷ୍ଟ୍ରୀୟ କମ୍ପାନୀ ୟୁନିୟନ୍ କାର୍ବାଇଡ୍ କର୍ପୋରେଶନ୍ ମାଲିକାନାରେ ଥିବା ଉକ୍ତ ଫ୍ୟାକ୍ଟ୍ରିରେ ଘଟିଥିବା ଟ୍ରାଜେଡି ବିଶ୍ୱର ସବୁଠୁ ଘାତକ ଶିଳ୍ପ ଦୁର୍ଘଟଣା ଭାବେ ପରିଚିତ। ଏହି ମାମଲାରେ ୟୁନିୟନ୍ କାର୍ବାଇଡ୍ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୮୯ରେ ୪୭୦ ନିୟୁତ ଡଲାର କ୍ଷତିପୂରଣ ଦେବାକୁ ରାଜି ହୋଇଥିଲା। ୨୦୦୮ରେ ଭାରତ ଓ ଆମେରିକା ଆଣବିକ ସହଯୋଗ ବୃଦ୍ଧି ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ପାଶ୍ଚାତ୍ୟର କମ୍ପାନୀଗୁଡ଼ିକ ପାଇଁ ବର୍ତ୍ତମାନ ଭାରତରେ ଏକ ବଡ଼ ମାର୍କେଟ ଥିବାରୁ ସରକାର ଆଇନରେ ସଂଶୋଧନ ଆଣିବାକୁ ଯାଉଛନ୍ତି। ସଂଶୋଧନ ପରେ ଆଣବିକ ଶକ୍ତି ପ୍ରକଳ୍ପଗୁଡ଼ିକରେ ଭାରତୀୟ କମ୍ପାନୀଗୁଡ଼ିକର ସହଭାଗିତା ମଧ୍ୟ ବଢ଼ିପାରେ।

### ଏନ୍‌ଇଇଟି, ଡିଲିମିଟେଶନକୁ ନେଇ ଶାହାଙ୍କୁ ଷ୍ଟାଲିନ୍‌ଙ୍କ ଚ୍ୟାଲେଞ୍ଜ



ତିରୁଭାଲୁର,୧୮।୪

ତାମିଲନାଡୁର ଶାସକ ଦଳ ଡିଏମ୍‌କେ ଅନ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏନ୍‌ଇଇଟି ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେଶନ) ଭଳି ପ୍ରସଙ୍ଗକୁ ବାରମ୍ବାର ଉଠାଉଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମାଲୋଚନା କରିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୁକ୍ରବାର ଶାହାଙ୍କ ଏଭଳି ମନ୍ତବ୍ୟକୁ ନିନ୍ଦା କରିବା ସହ ଶାସନରେ ଥିବା ଲୋକେ ଯଦି ବାସ୍ତବରେ ଧ୍ୟାନ ହଟାଉଥାନ୍ତି, ତେବେ ଏହାର ସ୍ପଷ୍ଟ ଉତ୍ତର ରାଜ୍ୟବାସୀଙ୍କୁ ଦେବାକୁ ଆହ୍ୱାନ ଦେଇଛନ୍ତି। ଏନ୍‌ଇଇଟି ସମେତ କେନ୍ଦ୍ରର ତ୍ରିଭାଷୀ ନୀତି, ୱାକ୍‌ଫ ସଂଶୋଧନ ଆଇନ କିମ୍ବା ଲୋକ ସଭା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ନିର୍ଦ୍ଦିଷ୍ଟ କେତେକ ରାଜ୍ୟକୁ ପ୍ରଭାବିତ କରିବ। ତାମିଲନାଡୁ ଏବଂ ଡିଏମ୍‌କେ ଏହାର ଦୃଢ଼ ବିରୋଧ କରିଆସୁଥିବା ଷ୍ଟାଲିନ୍ କହିଛନ୍ତି।

### ବାଂଲାଦେଶରେ ହିନ୍ଦୁ ନେତାଙ୍କୁ ପିଟି ହତ୍ୟା

ଢାକା,୧୮।୪

ବାଂଲାଦେଶର ଦିନାଜପୁର ଜିଲାରେ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତାଙ୍କୁ ତାଙ୍କ ଘରୁ ଅପହରଣ କରିନିଆଯାଇ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଜିଲାର ବାସୁଦେବପୁର ନିବାସୀ ଭବେଶ ଚନ୍ଦ୍ର ରୟ (୫୮)ଙ୍କ ମୃତଦେହ ଗୁରୁବାର ରାତିରେ ମିଳିଥିବା ପୋଲିସ କହିଛି। ଗୁରୁବାର ଅପରାହ୍ଣରେ ଭବେଶଙ୍କୁ ଫୋନ୍ କରି ସେ ଘରେ ଥିବାନେଇ ଅପରାଧୀମାନେ ସ୍ପଷ୍ଟ ହୋଇଥିଲେ। ଏହାର ୩୦ ମିନିଟ୍ ପରେ ୨ଟି ମୋଟରସାଇକେଲରେ ୪ ଜଣ ପହଞ୍ଚି ଭବେଶଙ୍କୁ ଘରୁ ଅପହରଣ କରିନେଇ ନିର୍ଘାତ ମାଡ଼ ମାରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ଭବେଶଙ୍କୁ ହସ୍ପିଟାଲ ନେଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ଭବେଶ ବାଂଲାଦେଶ ପୂଜା ଉଦ୍‌ଯାପନ ପରିଷଦର ଉପସଭାପତି ଥିଲେ।

### ୟେମେନ୍ ଅଏଲ ପୋର୍ଟରେ ଆମେରିକାର ଆକ୍ରମଣ: ୭୪ ମୃତ

ଦୁବାଇ,୧୮।୪

ୟେମେନ୍‌ରେ ହୁତି ବିଦ୍ରୋହୀଙ୍କ କବଳରେ ଥିବା ଏକ ଅଏଲ୍ ପୋର୍ଟକୁ ଟାର୍ଗେଟ କରି ଆମେରିକା ଏୟାରଷ୍ଟ୍ରାଇକ୍ କରିବାରୁ ୭୪ ଜଣଙ୍କ ମୃତ୍ୟୁ ଘଟିବା ସହ ୧୭୧ ଜଣ ଆହତ ହୋଇଛନ୍ତି। ବିଦ୍ରୋହୀଙ୍କୁ ଟାର୍ଗେଟ କରି ଆମେରିକାର ଏହା ଗୋଟିଏ ଦିନରେ ସବୁଠୁ ଘାତକ ଆକ୍ରମଣ ବୋଲି ହୁତି ପକ୍ଷରୁ ଶୁକ୍ରବାର କୁହାଯାଉଛି। ମାର୍ଚ୍ଚ ୧୫ରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହୁତି ବିଦ୍ରୋହୀଙ୍କୁ ଟାର୍ଗେଟ କରି ନୂଆ ଅଭିଯାନ ଆରମ୍ଭ କରିଥିବାବେଳେ କେତେଜଣଙ୍କ ମୃତ୍ୟୁ ଘଟିଲାଣି, ସେନେଇ କୌଣସି ସୂଚନା ଜାରି କରିନାହିଁ। ଇତିମଧ୍ୟରେ ହୁତି ବିଦ୍ରୋହୀ ଆକ୍ରମଣ ଅଞ୍ଚଳକୁ ନିଜ ନିୟନ୍ତ୍ରଣ ମଧ୍ୟରେ ରଖିଥିବାବେଳେ ଆକ୍ରମଣ ସମ୍ପର୍କିତ ସୂଚନା ସର୍ବସାଧାରଣରେ ପ୍ରକାଶ କରୁନାହାନ୍ତି। ଗୁରୁବାର ରାତିରେ ରାସ ଇସା ଅଏଲ୍ ପୋର୍ଟ ଉପରେ ଆମେରିକା ସବୁଠୁ ବଡ଼ ଆକ୍ରମଣ କରିଥିବାରୁ ହୁତି ଗ୍ରୁପ୍ ତୁରନ୍ତ ଏହାର ତଥ୍ୟ ପ୍ରଘଟ କରିଛି। ଇରାନ ସମର୍ଥିତ ହୁତି ଆତଙ୍କବାଦୀଙ୍କ ପାଇଁ ତୈଳ ଉତ୍ସକୁ ଧ୍ୱଂସ କରିଦେବା ଏବଂ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଅଞ୍ଚଳରେ ଆତଙ୍କବାଦ ଚଳାଇଥିବା ହୁତିଙ୍କୁ ବେଆଇନ ରାଜସ୍ୱରୁ ବଞ୍ଚିତ କରିବା ଲାଗି ଆମେରିକା ସେନା ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ମୁର୍ଶିଦାବାଦ ଦଙ୍ଗା ପୀଡ଼ିତଙ୍କୁ ଭେଟିଲେ ରାଜ୍ୟପାଳ

କୋଲକାତା,୧୮।୪



ମାଲ୍‌ଦା ଶରଣାର୍ଥୀ ଶିବିରରେ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଦଙ୍ଗା ପୀଡ଼ିତଙ୍କୁ ଭେଟୁଛନ୍ତି।

ଗସ୍ତ ସ୍ଥଗିତ ରଖିବା ପାଇଁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିବେଦନ ସତ୍ତ୍ୱେ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ଶୁକ୍ରବାର ମାଲ୍‌ଦାରେ ପହଞ୍ଚି ମୁର୍ଶିଦାବାଦ ହିଂସାବେଳେ ଘରଦ୍ୱାର ଛାଡ଼ି ଅସ୍ଥାୟୀ ଶରଣାର୍ଥୀ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକଙ୍କୁ ଭେଟିଛନ୍ତି। ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣିବା ପରେ ସେଗୁଡ଼ିକ ସମାଧାନ ପାଇଁ ସକ୍ରିୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଛନ୍ତି। ୱାକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ଗତ ୧୧ ଓ ୧୨ ତାରିଖରେ ମୁସଲମାନବହୁଳ ମୁର୍ଶିଦାବାଦରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ଘଟିଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଥିଲେ। ଦୁର୍ବୃତ୍ତମାନେ ଘରେ ପଶି ମହିଳାଙ୍କୁ ଭୟଭୀତ କରିବା ସହ ମାଡ଼ ମାରିଥିଲେ ବୋଲି ସେମାନେ କହିଛନ୍ତି।

### ମେ’ରେ ସ୍ପେସ୍‌ଷ୍ଟେଶନ ଯିବେ ଭାରତୀୟ ମହାକାଶଚାରୀ

ନୂଆଦିଲ୍ଲୀ,୧୮।୪



ଶୁଭାଂଶୁ ଶୁକ୍ଳା

ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ମେ’ ମାସରେ ସ୍ପେସ୍ ଷ୍ଟେଶନ ଯିବେ। କୌଣସି ଭାରତୀୟ ମହାକାଶଚାରୀ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯିବା ଏହା ପ୍ରଥମ ଘଟଣା। ଗଗନଯାତ୍ରୀ ବା ଅଷ୍ଟ୍ରୋନଟ୍-ଡେଜିଗ୍‌ନେଟ୍ ଗ୍ରୁପ୍ କ୍ୟାପ୍‌ଟେନ ଶୁଭାଂଶୁ ଶୁକ୍ଳା ଆସନ୍ତା ମାସରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଯିବା ଭାରତର ମହାକାଶ ଯାତ୍ରାରେ ଏକ ବଡ଼ ସଫଳତା ହେବ ବୋଲି କେନ୍ଦ୍ର ସରକାର କହିଛନ୍ତି। ମହାକାଶ ଯାତ୍ରାରେ ଭାରତ ଏକ ନୂଆ ଅଧ୍ୟାୟ ଲେଖିବାକୁ ଯାଉଥିବା କେନ୍ଦ୍ର ମହାକାଶ ଓ ପ୍ରଯୁକ୍ତି ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ଗ୍ରୁପ୍ କ୍ୟାପ୍‌ଟେନ୍ ଶୁକ୍ଳା ଗତ ୮ ମାସ ହେଲା ନାସା ଏବଂ ଘରୋଇ କମ୍ପାନୀ ଆକ୍ସିଅମ୍ ସ୍ପେସ୍‌ରେ ପ୍ରଶିକ୍ଷଣ ନେଉଥିଲେ। ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ସ୍ପେସ୍‌ଏକ୍ସ କ୍ରିଉ ଡ୍ରାଗନ୍ କ୍ୟାପ୍‌ସୁଲ୍‌ରେ ବ୍ୟବସାୟିକ ମିଶନରେ ଶୁକ୍ଳା ଯିବା ପାଇଁ ଭାରତ ୬୦ ନିୟୁତ ଡଲାର ପୈଠ କରିଛି।

### ବିଫଳ ସମ୍ପର୍କରୁ ଆପରାଧିକ ଆଇନର ଦୁରୁପଯୋଗ ବଢ଼ୁଛି

ନୂଆଦିଲ୍ଲୀ,୧୮।୪




**ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ ଦେଲେ ଆଲ୍ଲାହାବାଦ ହାଇକୋର୍ଟ**

ଆଲ୍ଲାହାବାଦ ହାଇକୋର୍ଟ ଜଣେ ବଳାତ୍କାର ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରି ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ବିଫଳ ସମ୍ପର୍କ ଯୋଗୁ ଆପରାଧିକ ଆଇନର ଦୁରୁପଯୋଗ ବଢୁଥିବା ହାଇକୋର୍ଟ ଟିପ୍ପଣୀ ଦେଇଛନ୍ତି। ଜଣେ ମହିଳାଙ୍କ ଦ୍ୱାରା ଅଣାଯାଇଥିବା ବଳାତ୍କାର ଅଭିଯୋଗ ଉପରେ ୪୨ ବର୍ଷୀୟ ଅଭିଯୁକ୍ତ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗତ ୯ ତାରିଖରେ ଜଷ୍ଟିସ୍ କ୍ରିଷନ ପହଲ ଏହାର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି। ବିଚାରପତି କହିଛନ୍ତି, ଦଣ୍ଡବିଧି ଆଇନ ଜରିଆରେ ବ୍ୟକ୍ତିଗତ ମତଭେଦ ଏବଂ ଭାବନାତ୍ମକ ଅସହମତିକୁ ଆପରାଧିକ ରଙ୍ଗ ଦିଆଯାଉଛି। ବିଶେଷକରି ଅନ୍ତରଙ୍ଗ ସମ୍ପର୍କ ଭାଙ୍ଗିଯିବା ପରେ ଏଭଳି ଏତଲା ସଂଖ୍ୟା ବଢୁଥିବା ଅଦାଲତ ଟିପ୍ପଣୀ ଦେଇଛନ୍ତି।

୨୫ ବର୍ଷୀୟା ମହିଳା ବଳାତ୍କାର ଅଭିଯୋଗ ଆଣିବା ପରେ ୪୨ ବର୍ଷୀୟ ବିବାହିତ ଅଭିଯୁକ୍ତ ଜଣକ ଗତବର୍ଷ ଗିରଫ ହୋଇଥିଲେ। ଅଭିଯୁକ୍ତ ବଳାତ୍କାର ସମୟର ଭିଡିଓ ରେକର୍ଡିଂ କରି ତାଙ୍କୁ ବ୍ଲାକ୍‌ମେଲ କରୁଥିଲେ। ବିବାହ ପ୍ରତିଶ୍ରୁତି ଦେଇ ସେ ତାଙ୍କୁ ପରେ ଛାଡ଼ିଦେଇଥିବା ମହିଳା ଅଭିଯୋଗରେ ଦର୍ଶାଇଥିଲେ। ଅନ୍ୟପକ୍ଷରେ ବ୍ୟକ୍ତିଜଣକ ବିବାହିତ ଜାଣି ମଧ୍ୟ ମହିଳା ତାଙ୍କ ସହ ସମ୍ପର୍କ ରଖିଥିବା ଅଭିଯୁକ୍ତଙ୍କ ଓକିଲ କହିଥିଲେ। ଶୁଣାଣି ପରେ ହାଇକୋର୍ଟ କହିଥିଲେ, ଆପରାଧିକ ମାମଲା ନୁହେଁ ବରଂ ସମ୍ପର୍କ ଭାଙ୍ଗିବା ପରବର୍ତ୍ତୀ ଭାବନାତ୍ମକ ଅସହମତିର ପରିଣାମ। ଉଭୟଙ୍କ ମଧ୍ୟରେ ସହମତିରେ ସମ୍ପର୍କ ରହିଥିଲା ଏବଂ ଅଭିଯୁକ୍ତଙ୍କ ବୈବାହିକ ଜୀବନ ସମ୍ପର୍କରେ ମହିଳା ଜଣକ ଅବଗତ ଥିଲେ। ସୂଚନାଯୋଗ୍ୟ, ଗତ ମାସରେ ଆଲ୍ଲାହାବାଦ ହାଇକୋର୍ଟ ଜଣେ ଛାତ୍ରୀଙ୍କୁ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଥିଲେ। ପୀଡ଼ିତା ନିଜେ ସମସ୍ୟାକୁ ଡାକିଥିଲେ ବୋଲି ଅଦାଲତ କହିଥିଲେ। ମାର୍ଚ୍ଚ ୧୭ରେ ଅନ୍ୟ ଏକ ମାମଲାରେ ଉକ୍ତ ହାଇକୋର୍ଟ କହିଥିଲେ, ନାବାଳିକାଙ୍କ ସ୍ତନ ସ୍ପର୍ଶ କରିବା ଏବଂ ପାଇଜାମା ଡୋରି ଖୋଲିବା ବଳାତ୍କାର କିମ୍ବା ବଳାତ୍କାର ଉଦ୍ୟମ ପରିସରକୁ ଆସୁନାହିଁ। ଏହି ବିବାଦୀୟ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଲଗାଇଥିଲେ।

### ପଦମର୍ଯ୍ୟାଦାର ଗରିମା ନଷ୍ଟ କରିଛନ୍ତି ରାଜ୍ୟ ସଭା ଅଧ୍ୟକ୍ଷ: ସିବଲ

ନୂଆଦିଲ୍ଲୀ,୧୮।୪

**ସୁପ୍ରିମକୋର୍ଟଙ୍କ ଉପରେ ଧନ୍‌କରଙ୍କ ମନ୍ତବ୍ୟ**



କପିଲ ସିବଲ

ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି ବିଲ୍ ଅଟକାଇବା ପ୍ରସଙ୍ଗ ଏବଂ ରାଷ୍ଟ୍ରପତିଙ୍କୁ ୩ ମାସ ମଧ୍ୟରେ ବିଧେୟକ ଉପରେ ନିଷ୍ପତ୍ତି ନେବା ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟକୁ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ଗୁରୁବାର ସମାଲୋଚନା କରିଥିଲେ। ଏହାର ଦିନକ ପରେ ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ କପିଲ ସିବଲ ଧନ୍‌କରଙ୍କୁ ଜବାବ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ସକାଶେ ସର୍ବୋଚ୍ଚ ଅଦାଲତଙ୍କ ସମୟସୀମା ନିର୍ଦ୍ଧାରଣର ସମ୍ପୂର୍ଣ୍ଣ କ୍ଷମତା ରହିଛି। ଏଭଳି ସ୍ଥଳେ ସମ୍ବିଧାନର ଅନୁଚ୍ଛେଦ ୧୪୨କୁ ରାଜ୍ୟ ସଭା ଅଧ୍ୟକ୍ଷ ଧନ୍‌କର କ୍ଷେପଣାସ୍ତ୍ର ବୋଲି ଅଭିହିତ କରିବା ନିନ୍ଦନୀୟ ବୋଲି ସିବଲ ସମାଲୋଚନା କରିଥିଲେ।

୨୦୨୦ରୁ ୨୦୨୩ ମଧ୍ୟରେ ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ୧୦ଟି ବିଲ୍ ଉପରେ ରାଜ୍ୟପାଳ ରବି ସମ୍ମତି ପ୍ରଦାନ ନ କରି ସେଗୁଡ଼ିକୁ ପକାଇ ରଖିଥିଲେ। ଏପ୍ରିଲ ୮ରେ ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରି ସେଗୁଡ଼ିକୁ ଆଇନରେ ପରିଣତ କରିଥିଲେ। ଏଥିସହ ସର୍ବୋଚ୍ଚ ଅଦାଲତ ବିଲ୍‌ର ତର୍ଜମା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୩ ମାସ ସମୟ ଧାର୍ଯ୍ୟ କରିଥିଲେ। ଏହା ଉପରେ ଧନ୍‌କର ପ୍ରଶ୍ନ ଉଠାଇ କହିଥିଲେ, ସୁପ୍ରିମକୋର୍ଟ ସୁପର ପାର୍ଲାମେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି। ଅଦାଲତ ଗଣତାନ୍ତ୍ରିକ ଶକ୍ତିକୁ ଭେଦ କଲାଭଳି ଆଣବିକ କ୍ଷେପଣାସ୍ତ୍ର ଛାଡ଼ିପାରିବେ ନାହିଁ। ଆମ ବିଚାରପତିମାନେ ଆଇନ ପ୍ରଣୟନ, କାର୍ଯ୍ୟପାଳିକାର କାର୍ଯ୍ୟ ତୁଲାଇବାକୁ ଯାଇ ସୁପର ପାର୍ଲାମେଣ୍ଟ ପାଲଟିବା ଅନୁଚିତ। ଶୁକ୍ରବାର ସିବଲ ଧନ୍‌କରଙ୍କୁ ନିନ୍ଦା କରି କହିଛନ୍ତି, ଆପଣ ଯଦି ଏପରି ମନ୍ତବ୍ୟ ଦେବେ, ତାହା ନ୍ୟାୟପାଳିକାକୁ ପାଠ ପଢ଼ାଇବା ଭଳି ହେବ। ୨ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, କିରେନ୍ ରିଜିଜୁ ଏବଂ ଉଚ୍ଚ ସଦନର ଅଧ୍ୟକ୍ଷ ଯେପରି ଭାବେ ନ୍ୟାୟପାଳିକାକୁ ଆକ୍ରମଣ କରିଛନ୍ତି, ତାହା ନିନ୍ଦନୀୟ। ନ୍ୟାୟପାଳିକାର ମୌଳିକ ସ୍ୱାଧୀନତା ବଜାୟ ରହିବା ଜରୁରୀ ଥିବାବେଳେ, ଏମାନଙ୍କ ମନ୍ତବ୍ୟ ଅସାମ୍ବିଧାନିକ। ସିବଲ ଆହୁରି କହିଛନ୍ତି, ପୂର୍ବରୁ ସେ ରାଜ୍ୟ ସଭାରେ ଏଭଳି ଅଧ୍ୟକ୍ଷଙ୍କୁ କେବେ ଦେଖି ନ ଥିଲେ, ଯିଏକି ରାଜନୈତିକ ମନ୍ତବ୍ୟ ଦେଇଥିବେ। ଏପରିକି ଅତୀତରେ ଭାଜପା ଅଧ୍ୟକ୍ଷ ମଧ୍ୟ ଏଭଳି କଥା କେବେ କହିନାହାନ୍ତି। ଧନ୍‌କରଙ୍କ ମନ୍ତବ୍ୟ ତାଙ୍କ ପଦମର୍ଯ୍ୟାଦାର ଗରିମା ନଷ୍ଟ କରିଛି ବୋଲି ସିବଲ କହିଛନ୍ତି।

### ଆମେରିକାରେ ଭିଜା ରଦ୍ଦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦% ଭାରତୀୟ

ୱାଶିଂଟନ,୧୮।୪

ନିକଟରେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ବିଦେଶୀ ଛାତ୍ରୀଛାତ୍ରଙ୍କ ଉପରେ ନେଇଥିବା କାର୍ଯ୍ୟାନୁଷ୍ଠାନ ଭାରତୀୟ ବିଦ୍ୟାର୍ଥୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଆମେରିକୀୟ ଆପ୍ରବାସନ ଆଇନଜୀବୀ ସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭିଜା ପ୍ରତ୍ୟାହୃତ ୩୨୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୦ ପ୍ରତିଶତ ହେଉଛନ୍ତି ଭାରତୀୟ। ୧୪ ପ୍ରତିଶତ ଭିଜା ପ୍ରତ୍ୟାହାର ସହ ଏହି କ୍ଷେତ୍ରରେ ଚାଇନା ଦ୍ୱିତୀୟ ସ୍ଥାନରେ ରହିଛି। ଆମେରିକାର ପରରାଷ୍ଟ୍ର ବିଭାଗ ଏବଂ ଇମିଗ୍ରେଶନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ (ଆଇସିଇ) ବିଦେଶୀ ଛାତ୍ରୀଛାତ୍ରଙ୍କ ତଥ୍ୟ ଯାଞ୍ଚ କରୁଛି। ଗତ ୪ ମାସ ମଧ୍ୟରେ ସେମାନଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଛି। ଏନେଇ କେତେଜଣ ଅଭିଯୋଗ ଆଣିଛନ୍ତି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରି ଏହି ସ୍କ୍ରିନିଂ କରାଯାଉଥିବାରୁ ତାହା ତ୍ରୁଟିମୁକ୍ତ ହୋଇ ନ ପାରେ।

### ମଡେଲଙ୍କୁ ଡେଟ୍ କରୁଛନ୍ତି ହନି ସିଂ

ମୁମ୍ବାଇ



ପ୍ରେମରେ ପଡ଼ିଛନ୍ତି ଖ୍ୟାତନାମା ରାପର ହନି ସିଂ। ଜଣେ ମଡେଲଙ୍କ ପାଇଁ ତାଙ୍କ ହୃଦୟରେ ଗୀଟାର, ବୀଣା ବାଜିବା ଆରମ୍ଭ ହୋଇଛି। ସଂଗୀତ ଦୁନିଆରେ ଜବରଦସ୍ତ କମ୍‌ବ୍ୟାକ୍ ପରେ ଏବେ ବ୍ୟକ୍ତିଗତ ଜୀବନରେ ବି ଦୁଇପାଦ ଆଗକୁ ବଢ଼ିଛନ୍ତି। ଇଜିପ୍ଟର ମଡେଲ ଏମା ବାକରଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ନିକଟରେ ଏମାଙ୍କ ଜନ୍ମଦିନ ପଡ଼ିଥିଲା। ବାସ୍, ପ୍ରେମିକାଙ୍କ ଏହିଦିନକୁ ସ୍ୱତନ୍ତ୍ର କରିବାକୁ ଅଣ୍ଟା ଭିଡିଥିଲେ ହନି। ଜନ୍ମଦିନ ପାର୍ଟି ଦେବା ସହ ହାତରେ ଏମାଙ୍କ ହାତ ଧରି ସମୟ ବିତାଉଥିବା ନଜର ଆସିଛି। ଏହାର ଭିଡିଓ ଏବଂ ଫଟୋ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏଣୁ ପ୍ରଶଂସକ ସମ୍ପର୍କରେ ଏକ ପ୍ରକାର ମୋହର ମାରୁଛନ୍ତି। ପୂର୍ବରୁ ହନିଙ୍କ ନାମ ନୁସରତ ଭରୁଚାଙ୍କ ସହ ଯୋଡ଼ା ଯାଇଥିଲା। ଦୁହେଁ ପ୍ରେମରେ ପଡ଼ିଥିବା କୁହାଯାଇଥିଲା। ହେଲେ ଏନେଇ ଦୁହେଁ ମୁହଁ ଖୋଲି ନ ଥିଲେ। ଏବେ ହନିଙ୍କ ନାମ ଏମାଙ୍କ ସହ ଯୋଡ଼ାଯିବା ପରେ ସେସବୁ ଗୁଜବ ପରି ମନେ ହେଉଛି। ତେବେ ଏ ସମ୍ପର୍କ ବିବାହ ଯାଏ ପହଞ୍ଚିବ କି ନାହିଁ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।




# କାଳବୈଶାଖୀ ତାଣ୍ଡବ, ୨ ମୃତ

## ୨୫ ପର୍ଯ୍ୟନ୍ତ ସତର୍କତା

**ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)**

ରାଜ୍ୟର ବିଭିନ୍ନ ଜିଲାରେ କିଛିଦିନ ହେବ କାଳବୈଶାଖୀ ତାଣ୍ଡବ ରଚୁଛି। ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ପବନ ବ୍ୟାପକ କ୍ଷୟକ୍ଷତି ଘଟାଉଛି। ଶୁକ୍ରବାର ଦ୍ୱୈତନଗରୀ କଟକ ଓ ଭୁବନେଶ୍ୱର ସମେତ ବାଲେଶ୍ୱର, ଭଦ୍ରକ, କଟକ, ଖୋର୍ଦ୍ଧା ଆଦି ଅଧିକାଂଶ ଜିଲାରେ ଝଡ଼ବର୍ଷା ହୋଇଥିଲା। ବହୁ ସ୍ଥାନରେ ଗଛ ଭାଙ୍ଗିପଡ଼ିବା ସହ ଫସଲ ନଷ୍ଟ ହୋଇଛି। ବହୁ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିବାବେଳେ କେତେକ ସ୍ଥାନରେ କାଳବୈଶାଖୀଜନିତ ଅଘଟଣ ଦେଖିବାକୁ ମିଳିଛି। ବଜ୍ରାଘାତରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ମନ୍ଦାରପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚାଷୀ କୃଷ୍ଣଚନ୍ଦ୍ର ଘଡ଼େଇ (୪୪)ଙ୍କର ମୃତ୍ୟୁ ଘଟିଛି। ସେହିପରି ପୁରୀ ଜିଲା ସତ୍ୟବାଦୀ ବ୍ଲକ କେତକୀପାଟଣା ପଞ୍ଚାୟତର ପଦ୍ମପୁର ଗ୍ରାମରେ ବଜ୍ରପାତ ଘଟି ଦୀପ୍ତିରଞ୍ଜନ ବାରିକ(୩୬) ନାମକ ଆଉ ଜଣେ ଚାଷୀଙ୍କର ମୃତ୍ୟୁ ଘଟିଛି।

ଭୁବନେଶ୍ୱରରେ ସର୍ବାଧିକ ୨୬.୨ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ପୁରୀରେ ୨୬ ମି.ମି., ଢେଙ୍କାନାଳରେ ୨୩.୮, ବାଲେଶ୍ୱରରେ ୧୮, ବାରିପଦାରେ ୧୧, ପାରଳାଖେମୁଣ୍ଡିରେ ୬.୬, କଟକରେ ୩.୨ ଏବଂ ଖୋର୍ଦ୍ଧାରେ ୨.୦ ମି.ମି. ବର୍ଷା ହୋଇଛି। ୨୫ ତାରିଖ ପର୍ଯ୍ୟନ୍ତ ଏପରି ସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଶନିବାର ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବାନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଏହିସବୁ ଜିଲାରେ ବିଶେଷକରି ଅପରାହ୍ନ ଓ ସନ୍ଧ୍ୟାରେ ଝଡ଼ପବନର ଆଶଙ୍କା ରହିଛି। ସେହିପରି କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ଅପରାହ୍ନ ଓ ସନ୍ଧ୍ୟାରେ ଘଡ଼ଘଡ଼ି ସହିତ ବର୍ଷା ନେଇ ଅନୁମାନ କରାଯାଇଛି। ଏଥିପାଇଁ ଏହିସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରି ଜିଲାରେ ମଧ୍ୟ ଶନିବାର ବର୍ଷା ହୋଇପାରେ। ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ପବନ ସହ ବିଜୁଳି ଘଡ଼ଘଡ଼ି ବିପଦ ରହିଥିବାରୁ ଏହି ଜିଲାଗୁଡ଼ିକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୪ରୁ ୫ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


ଭୁବନେଶ୍ୱରରେ ଭାଙ୍ଗିପଡ଼ିଥିବା ଗଛ ଓ ପାଚେରିକୁ ଅଗ୍ନିଶମ କର୍ମଚାରୀ ସଫା କରୁଛନ୍ତି।

# ନାବାଳକଙ୍କ କାନ୍ଧରେ ପଶିଗଲା ଗ୍ରୀଲ୍

## ଏମ୍ସରେ ଅସ୍ତ୍ରୋପଚାର ପରେ ବାହାରିଲା

**ଭୁବନେଶ୍ୱର,୧୮।୪(ବ୍ୟୁରୋ)**

ଭୁବନେଶ୍ୱରରେ ଶୁକ୍ରବାର ହୋଇଥିବା କାଳବୈଶାଖୀ ସମୟରେ ଏକ ଅଘଟଣ ଘଟିଛି। ଶୁଖାଯାଇଥିବା ଲୁଗା ଆଣିବାକୁ ପାଚେରି ଡେଇଁ ଯାଉଥିବାବେଳେ ଜଣେ ୧୩ ବର୍ଷୀୟ ନାବାଳକଙ୍କ ଗୋଡ଼ ଖସିଯିବାରୁ ସେ ଗେଟ୍‌ରେ ଲାଗିଥିବା ଲୁହା ଗ୍ରୀଲ୍ ଉପରେ ପଡିଯାଇଥିଲେ। ଫଳରେ ତାଙ୍କ କାଖ ପଟୁ ଏକ ଲୁହା ଗ୍ରୀଲ୍ ପଶି କାନ୍ଧପଟେ ବାହାରି ଯାଇଥିଲା। ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ଏହି ଛାତିଥରା ଘଟଣା ଘଟିଥିବାବେଳେ ସୋହନ ଦିଗଲ ନାମକ ନାବାଳକ ଆହତ ହୋଇଛନ୍ତି। ତାଙ୍କ ଘର କନ୍ଧମାଳରେ ହୋଇଥିବାବେଳେ ସେ ଆଇଆର୍‌ସି ଭିଲେଜରେ ପରିବାର ସହ ରୁହନ୍ତି। ଶରୀରରେ ଗ୍ରୀଲ୍ ପଶିଯିବାରୁ ସୋହନ ଜୀବନ ବଞ୍ଚାଇବାକୁ ଚିତ୍କାର କରିଥିଲେ। ଏହାପରେ ପରିବାର ଲୋକଙ୍କ ସହ ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ସେକ୍ରେଟାରିଏଟ୍ ଫାୟାର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର ସାହାଯ୍ୟରେ ଗ୍ରୀଲ୍‌କୁ କାଟିଥିଲା। ଏହାପରେ ଶରୀରରେ ଗ୍ରୀଲ୍ ଲାଗିଥିବା ଅବସ୍ଥାରେ ଆହତ ସୋହନଙ୍କୁ ଆମ୍ବୁଲାନ୍ସରେ ଏମ୍ସର ପେଡିଆଟ୍ରିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେଠାରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର ଆରମ୍ଭ କରିଥିଲା। ତେବେ ବହୁ ସମୟ ଧରି ସତର୍କତାର ସହ ଲୁହା ଗ୍ରୀଲକୁ ବାହାର କରାଯିବା ପରେ ସୋହନଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା ଚାଲିଥିବା ସୂଚନା ମିଳିଛି।


ସୋହନ ଦିଗଲଙ୍କ କାନ୍ଧରେ ଲୁହା ଗ୍ରୀଲ୍ ପଶି ରହିଛି।

# ବୁଡ଼ିଗଲେ ୩ ଛାତ୍ର

**ଚମ୍ପୁଆ,୧୮।୪(ମହେଶ୍ୱର ଦାସ)**

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଅଞ୍ଚଳରେ ଶୁକ୍ରବାର ପୃଥକ ଘଟଣାରେ ୩ ଛାତ୍ର କେଶରୀକୁଣ୍ଡ ଓ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। କେନ୍ଦୁଝର ଓ ମୟୂରଭଞ୍ଜ ସୀମାରେ ପ୍ରବାହିତ ବୈତରଣୀ ନଦୀର କେଶରୀକୁଣ୍ଡରେ ବୁଡ଼ି କେରଳା ସ୍କୁଲର ଦଶମ ଶ୍ରେଣୀ ଛାତ୍ର ନୀତିଶ ପୋଦାର ଓ ତାଙ୍କ ସାଙ୍ଗ ପ୍ରୀତମ ମହାନ୍ତ ମୃତ୍ୟୁବରଣ କରିଛନ୍ତି। ଅନ୍ୟ ଏକ ଘଟଣାରେ ରାମଚନ୍ଦ୍ରପୁର ରଘୁଆଳ ସାହି ପୋଖରୀରେ ବୁଡ଼ି ଅଶିକ ମୁଣ୍ଡା ନାମକ ଛାତ୍ରଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଓ ମୟୂରଭଞ୍ଜ ସୀମାରେ ପ୍ରବାହିତ ବୈତରଣୀ ନଦୀର କେଶରୀକୁଣ୍ଡଠାରେ ନୀତିଶ, ପ୍ରୀତମଙ୍କ ସମେତ ୬ ସାଙ୍ଗ ଅପରାହ୍ନ ୨ଟାରେ ଗାଧୋଇଥିଲେ। ଅସାବଧାନତାବଶତଃ ନୀତିଶ ଓ ପ୍ରୀତମ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଉପଜିଲାପାଳ ଉମାକାନ୍ତ ପରିଡ଼ା ଡାକ୍ତରଖାନାରେ ପହଞ୍ଚି ମୃତଛାତ୍ରଙ୍କ ସାଙ୍ଗମାନଙ୍କୁ ଦୁର୍ଘଟଣା ବିଷୟରେ ପଚାରି ବୁଝିଥିଲେ। ଖବର ଲେଖାହେବା ବେଳକୁ ପୋଲିସ ପହଞ୍ଚି ନ ଥିଲା।

ସେହିପରି ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ରଘୁଆଳ ସାହି ମାଉସୀଘରେ ରହି ପାଠ ପଢୁଥିବା ଅଶିକ ସକାଳ ୯ଟା ୩୦ ସମୟରେ ପୋଖରୀକୁ ଯାଇଥିଲେ। ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ସାଙ୍ଗମାନେ ନିକଟରେ କାମ କରୁଥିବା ଲୋକଙ୍କୁ ଜଣାଇବା ପରେ ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଛାତ୍ରଙ୍କୁ ଉଦ୍ଧାର କରି ବାସୁଦେବପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା(ନଂ. ୧୨/୨୫)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଚମ୍ପୁଆ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଛି।

# ଆନ୍ଧ୍ର ସଡ଼କ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକ ମୃତ

**ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର)**

ଆନ୍ଧ୍ରପ୍ରଦେଶ ସୋମପେଟା ସହର ନିକଟ ଜାତୀୟ ରାଜପଥରେ ଗୁରୁବାର ସଡ଼କ ଦୁର୍ଘଟଣାରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଦିଗପହଣ୍ଡି ଥାନା ତୁଡୁଙ୍ଗପୁର ଗ୍ରାମର ରୁଦ୍ର ସେଠୀ(୨୪)। ବାଇକ୍ ପଛରେ ବସିଥିବା ତାଙ୍କ ଭାଇ ବବୁଲ ସେଠୀ(୨୭) ଗୁରୁତର ଆହତ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶ ଅଙ୍ଗୁଲୁର ଏକ ଘରୋଇ ଗ୍ରାନାଇଟ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ରୁଦ୍ର ଓ ତାଙ୍କ ଭାଇ ସମ୍ପର୍କୀୟଙ୍କ ବିବାହରେ ଯୋଗଦେବା ପାଇଁ ବାଇକ୍‌ରେ ଗାଁକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଜାତୀୟ ସୁମିଟ୍, ସ୍ଥାନ: କ୍ରିଷ୍ଟାଲ ହଲ୍, ମେ ଫେୟାର କନ୍‌ଭେନଶନ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ରାମଲୀଳାର ପରିବେଷଣ ନାଟକ 'ବାଳିବଧ', ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ପରିସର, ଗୋତଳବିନ୍ଧା, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ସେତୁ ବନ୍ଧ ପ୍ରତିଷ୍ଠା ଓ ରାବଣର ଛତ୍ର ଭଙ୍ଗ', ସ୍ଥାନ: ଶ୍ରୀ ପତିତପାବନ ଦେବ ମନ୍ଦିର ପରିସର, କାକରୁଦ୍ରପୁର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ପରିବେଷଣ ହେବ ରାମଲୀଳାର ନାଟକ 'ନାଗଫାଶ ବନ୍ଧନ ଓ କୁମ୍ଭକର୍ଣ୍ଣ ବଧ', ସ୍ଥାନ: ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ବଇରୁଆ ଗ୍ରାମ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମଲୀଳାର ନାଟକ 'ରାବଣର ଛତ୍ର କାଟ ଓ ଇନ୍ଦ୍ରଜିତର ମୋହନାଅସ୍ତ୍ର ପ୍ରୟୋଗ', ସ୍ଥାନ: ଶ୍ରୀରାମ ମନ୍ଦିର ସମ୍ମୁଖସ୍ଥିତ ରାମଲୀଳା ପଡ଼ିଆ, ବେଣ୍ଣୁପୁର, ସମୟ: ରାତି ୧୧ଟା ୩୦।
- ବ୍ରହ୍ମାସ୍ତ୍ର ୩.୦ କାର୍ଯ୍ୟକ୍ରମ, ସ୍ଥାନ: ଇନ୍‌ଡୋର ଅଡିଟୋରିୟମ୍, ରିଜିଓନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ, ସମୟ: ଅପରାହ୍ନ ୨ଟା ୩୦।
- ଅଭିନନ୍ଦନିକା ଗ୍ରନ୍ଥ 'ନିଆରା ନକ୍ଷତ୍ର' ଲୋକାର୍ପଣ ଉତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ସନ୍ଧ୍ୟା ୬ଟା।
- ହିନ୍ଦୀ ଗଳ୍ପ ସଂକଳନ 'କୁଛ୍ ପନ୍ନେ ଜିନ୍ଦେଗୀ ସେ' ଉନ୍ମୋଚନ, ସ୍ଥାନ: ଆଇଏମ୍‌ଏମ୍‌ଟି, କନ୍‌ଭେନସନ ହଲ୍, ସମୟ: ସନ୍ଧ୍ୟା ୬ଟା।

## କଟକ

- ଅଭିଭାବକ ଓ ଶିକ୍ଷକ ବୈଠକ, ସ୍ଥାନ: ପିଏମ୍‌ଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସର, ନୂଆପାଟଣା, ଟିଗିରିଆ, ସମୟ: ସକାଳ ୯ଟା।
- ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ରେଳଯାତ୍ରୀଙ୍କ ସମସ୍ୟା ସମାଧାନ ଦାବିରେ ବିକ୍ଷୋଭ, ସ୍ଥାନ: କଟକ ରେଳଷ୍ଟେଶନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଭାଷା ପ୍ରକାଶନ ପକ୍ଷରୁ ବୈଶାଖୀ ଉତ୍ସବ, କବିତା ପାଠ ଓ ସାରସ୍ୱତ ସମାରୋହ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ : ଅପରାହ୍ନ ୪ଟା ୩୦।

## ପୁରୀ

- ପୁରୀ ଲିଟେରାରୀ ଫେଷ୍ଟିଭାଲ, ସ୍ଥାନ: ହୋଟେଲ ତାଜ୍, ବଳିଆପଣ୍ଡା, ସମୟ: ପୂର୍ବାହ୍ନ ୧୦ଟା।
- ପୁରୀ ବାର୍ ଆସୋସିଏଶନ ପକ୍ଷରୁ ପୁରୀ ଜିଲା କୋର୍ଟ ସ୍ଥାନାନ୍ତର ସମ୍ପର୍କିତ ବୈଠକ, ସ୍ଥାନ: ପୁରୀ ବାର୍ ଆସୋସିଏଶନ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଫେଷ୍ଟିଭାଲ ଅଫ୍ ଆର୍ଟ ଆଣ୍ଡ କଲ୍‌ଚର, ସ୍ଥାନ: ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ନୂତନ ଜିଲା ଅବକାରୀ ପୋଲିସ କୋଠା ଉଦ୍‌ଘାଟନ, ସ୍ଥାନ: ଟିଏଲ୍‌ସି ରୋଡ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ବାଲେଶ୍ୱର

- ସାର୍ବଜନୀନ ଚଉଦମାଦଳ ମହୋତ୍ସବର ତୃତୀୟ ଦିବସ, ସ୍ଥାନ: ଜହତା ଶିବ ମନ୍ଦିର ପଡ଼ିଆ, ରୂପସା, ସମୟ: ଦିବସବ୍ୟାପୀ।
- ଶମ୍ଭୁନାଥ ସରକାରୀ ହାଇସ୍କୁଲର ପ୍ଲାଟିନମ୍ ଜୟନ୍ତୀର ଦ୍ୱିତୀୟ ଦିବସ, ସ୍ଥାନ: ବସ୍ତା, ସମୟ: ଦିବସବ୍ୟାପୀ।
- ମା' ଶୀତଳା ଓ ତାରିଣୀ ମାତାଙ୍କ ଘଟଓ୍ୱୋଳନ, ସ୍ଥାନ: ୟୁନାଇଟେଡ୍ କ୍ଲବ ପ୍ରାଙ୍ଗଣ, ଦୁବଲାଗଡ଼ି, ସମୟ: ଦିବସବ୍ୟାପୀ।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଦଶମ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।

## ଭଦ୍ରକ

- ଜଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୋବିନ୍ଦପୁର ପଙ୍ଗୀରା ଶାସନ, ବନ୍ତ, ସମୟ: ସକାଳ ୯ଟା।
- ଗଗନ ଗୁରୁଜୀଙ୍କ ପ୍ରବଚନ, ସ୍ଥାନ: ପରମ ବୈଷ୍ଣବୀ ମନ୍ଦିର, ସାବରଙ୍ଗ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ବର୍ଦ୍ଧନପୁର, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଶନି ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଛେନାପଦି ଛକ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ଟା।
- ସତ୍ୟସାଇ ବାବାଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: ମରେଈଗାଁ, ଛେନାପଦି, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ, ନୃସିଂହ ବେଶ ଦର୍ଶନ, ସ୍ଥାନ: ଉଦଳା ହାଇସ୍କୁଲ ଛକ, ବ୍ଲକ ରୋଡ୍, ସମୟ: ସକାଳ ୬ଟା ୩୦।
- ଶନିଦେବଙ୍କ ପୀଠରେ ୪୪ତମ ବାର୍ଷିକ ଉତ୍ସବ, ସ୍ଥାନ: ୱାଲିଗ ବାରିପଦା, ସମୟ: ସକାଳ ୭ ଟା।
- ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନସିପ୍, ସ୍ଥାନ: ଇଣ୍ଡୋର ଷ୍ଟାଡ଼ିୟମ, ବାରିପଦା, ସମୟ: ସକାଳ ୯ ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ ଟା।

## ଢେଙ୍କାନାଳ

- ଭାଗୀରଥି ସାଗର ସୁରକ୍ଷା ପାଇଁ ବୈଠକ, ସ୍ଥାନ: ନୂଆ ପୋଖରୀ ନେହେରୁ ପାର୍କ, ସମୟ: ସନ୍ଧ୍ୟା ସାଢେ ୫ଟା।

## ଜଗତ୍‌ସିଂହପୁର

- ଛାତ୍ରୀଛାତ୍ରଙ୍କୁ ନେଇ ଗ୍ରୀଷ୍ମକାଳୀନ ଶିବିର, ବେଥାନୀ କନ୍‌ଭେଣ୍ଟ ସ୍କୁଲ, ସ୍ଥାନ: ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଜମ୍ବୁଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ରାମଚଣ୍ଡୀ ମନ୍ଦିର ପରିସର, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ସ୍ୱପ୍ନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହର ୨ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ, ମହିଶରା ପଞ୍ଚାୟତ ବାଟୀଜୋଡ଼ାସ୍ଥିତ ବିଦ୍ୟାଳୟ ପରିସର, ସମୟ: ସକାଳ ୭ଟା।

## ନୟାଗଡ଼

- ଜିଲାସ୍ତରୀୟ ବ୍ୟାଡ୍ ମିଣ୍ଟନ ଟୁର୍ନାମେଣ୍ଟ ଓଡ଼ଗାଁ କପର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଓଡ଼ଗାଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦.୩୦ ଟା।
- ପଣା ସଂକ୍ରାନ୍ତି ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହର ମା' ଦକ୍ଷିଣକାଳୀଙ୍କ ପୀଠ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ୧୪ ତମ ଦିବସରେ ବାଳିବଧ ଓ ସୁଗ୍ରୀବ ଅଭିଷେକ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ, ନୟାଗଡ଼, ସମୟ: ସନ୍ଧ୍ୟା ୬ଟା ।
- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ସୀତା ଚୋରି, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ: ରାତି ୧୦ଟା।

## ରାୟଗଡ଼ା

- ନୋଡାଲ ହାଇସ୍କୁଲରେ ପିଟିଏ ବୈଠକ, ସ୍ଥାନ: ହାଇସ୍କୁଲ ଶ୍ରେଣୀ ଗୃହ ପରିସର, ମୁନିଗୁଡା, ସମୟ: ସକାଳ ୯ଟା।
- ସ୍ଥାୟୀ ବିକାଶ ପାଇଁ ସ୍ମାର୍ଟ ମେଟେରିଆଲ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ ସଦସ୍ୟ କର୍ମଶାଳା, ସ୍ଥାନ: ଶୌଣ୍ଡିକ ମଙ୍ଗଳ ଭବନ, ମୁନିଗୁଡା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ଅବିଭକ୍ତ ମୂଳ ନିବାସୀ ବିକାଶ ପରିଷଦର ଖବରଦାତା ସମ୍ମିଳନୀ, ସ୍ଥାନ: ଅଧ୍ୟକ୍ଷଙ୍କ ବାସଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ନୂତନ ରାମ ମନ୍ଦିର, ପୂଜାରୀପୁଟ, କୋରାପୁଟ, ସମୟ: ସକାଳ ୬ଟା ୩୦।
- ରାଧାକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ମରିଚମାଳ ନଦୀ, ମାଥାଲପୁଟ, ସମୟ: ସକାଳ ୭ଟା।
- ଶିକ୍ଷକ ଓ ଅଭିଭାବକ ସମ୍ମିଳନୀ, ସ୍ଥାନ: ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ : ସକାଳ ୮ ଟା।
- ପାକୁଳି ଦେବୀଙ୍କ ଚଇତ ପରବ ଡଙ୍ଗର ଯାତ୍ରା, ସ୍ଥାନ: ମାଳି ପର୍ବତ ପାକୁଳି ଗୁମ୍ଫା, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚପଟ୍ଟମାଳି ନାଟକ ପ୍ରତିଯୋଗିତା ୩ୟ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ସମ୍ବଲପୁର

- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ:ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ:ସକାଳ ୮ଟା।
- ଆଇଆଇଏମ ସମ୍ବଲପୁରର ସମାବର୍ତ୍ତନ ଉତ୍ସବ, ସ୍ଥାନ : କୋଣାର୍କ ପ୍ରେକ୍ଷାଳୟ, ସମୟ: ସକାଳ ୮ଟା୩୦।
- ଏମସିଏଲ ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ : ବୁର୍ଲା ସ୍ଥିତ ସ୍କୁଲ ପରିସର, ସମୟ ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଟିଟିଲାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ଏବଂ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ୍‌ର ଶିଳାନ୍ୟାସ, ସ୍ଥାନ: ବ୍ଲକପଡା/ରେଳୱେ କଲୋନୀ, ଟିଟିଲାଗଡ,ସମୟ: ସକାଳ ୯ଟା ୪୫ ମିନଟ।
- ପାଟଣାଗଡ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ଏବଂ ବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ, ସ୍ଥାନ: ଉଲ୍‌ବା, ପାଟଣାଗଡ,ସମୟ: ୧୧ଟା ୪୫ ମିନିଟ୍
- ଓଭୋ ଫାର୍ମ ଏଗ୍ ପ୍ରୋସେସିଂ ପ୍ଲାଣ୍ଟ, ସ୍ଥାନ: ବରକାନୀ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।
- ମାସିକ ରଚନା ସନ୍ଧ୍ୟାରେ 'ଜାତୀୟ ଶିକ୍ଷାନୀତି ୨୦୨୦: ଆଶା ଓ ଆଶଙ୍କା' ଆଲୋଚନା, ସ୍ଥାନ: ଟାଉଦ ବାଳିକା ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀର ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମୁଣ୍ଡାବସ୍ତି, ସେକ୍ଟର-୧୭, ସମୟ: ସକାଳ ୬ଟା ୩୦।
- ଗାୟତ୍ରୀ ପୀଠରେ ସାମୂହିକ ହୋମଯଜ୍ଞ, ସ୍ଥାନ: ସେକ୍ଟର-୨ ଗାୟତ୍ରୀ ପୀଠ, ସମୟ: ସକାଳ ୭ଟା।
- ସୁଶୀଳାବତୀ ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟୁତ୍ ଉପଭୋକ୍ତା ବୈଠକ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ହୋମିଓପାଥିକ୍ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ମା' ବାଟ ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୮ଟା।
- ମହନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସ ନାଟକ ଇନ୍ଦ୍ରଜିତ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଦ୍ଦଶ ଦିବସ ନାଟକ ବୀରବାହୁ ବଧ ଓ ରାମ ରାବଣ ସମର ଶୋଭାଯାତ୍ରା, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଶନିଶ୍ଚର ମନ୍ଦିରରେ ମହାଆଳତୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ:ଶନି ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା।
- ତରଭା ବ୍ଲକ କମସରା ରାମଲୀଳାର ଅନ୍ତିମ ଦିବସ ଓ ରାମ ଅଭିଷେକ ନାଟକ ପରିବେଷଣ, ସ୍ଥାନ:କମସରା ରାମଲୀଳା ମଣ୍ଡପ, ସମୟ:ରାତି ୯ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: ନୂଆପଡ଼ା ବ୍ଲକ ଟାନୱାଟ ପଞ୍ଚାୟତ ଲୁକୁପାଲି ଗାଁ, ସମୟ: ପ୍ରାତଃ ୫ଟା।
- ଯୋଗବେଦାନ୍ତ ସେବା ସମିତି ସନ୍ତ ଶ୍ରୀ ଆଶାରାମ ବାପୁ ଆଶ୍ରମ ଜାମିଳି ନୂଆପଡ଼ା ପକ୍ଷରୁ ଶିବିର, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଟେନନୂଆଁ ଆଶ୍ରମ ବିଦ୍ୟାଳୟ, ସମୟ: ସକାଳ ୮ଟା।
- କର୍ମା ମାତା ଜୟନ୍ତୀ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଳଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୭ଟା।

## ଝାରସୁଗୁଡ଼ା

- ୧୭ ବର୍ଷରୁ କମ ଆନ୍ତଃ ରାଜ୍ୟ ମହିଳା ହକି ଟୁର୍ନାମେଣ୍ଟ, ସ୍ଥାନ: ହକି ଷ୍ଟାଡିୟମ, ଏଚ. କଣ୍ଟାପାଲି, ସମୟ: ସକାଳ ୮ଟା।
- ହନୁମାନ ମନ୍ଦିରରେ ପାଞ୍ଚ ଉପଚାର ପୂଜା ଓ ଚାଳିଶା ପାଠ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶୁକ୍ର ଉଚ୍ଚରାଶିରେ ଅବସ୍ଥାନ କରୁଥିବାରୁ ପରିଜନଙ୍କ ସହିତ ସକାଳୁଆ ଯାତ୍ରା ପ୍ରୀତିପ୍ରଦ ହେବ। ଅର୍ଥଲାଭ ସହ କାର୍ଯ୍ୟସିଦ୍ଧି ଘଟିବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ଆଶା ପୂରଣ ହେବାର ସୂଚନା ରହିଛି। କଳା, ସାହିତ୍ୟ, ସଙ୍ଗୀତ ଓ ଲେଖାପଢ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ବୃଷ** କର୍ମାଧିପ ଏକାଦଶସ୍ଥ ଯୋଗୁ ଯେଉଁ କାମରେ ହାତ ଦେବେ ସଫଳ ହେବେ। ଲାଗି ରହିଥିବା ସଂକଟ ଦୂରେଇଯିବାରୁ ଟେନ୍‌ସନ କମିଯିବ। ବୁଧଙ୍କ ସହ ଶୁକ୍ରଙ୍କ ସଂଯୋଗରୁ ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବାଣିଜ୍ୟ, ପରିବହନ, ଚୁକ୍ତିପତ୍ର, କଳା, କାରିଗରି କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଆଜି ବୁଧ ଏକାଧିକ ଗ୍ରହ ସଂଯୋଗରେ ଥିବାରୁ ସମ୍ପର୍କୀୟଙ୍କ ସହଯୋଗରେ କାମ ହାସଲ କରିବେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଶୁକ୍ର ଉଚ୍ଚସ୍ଥ ଓ ପାପଗ୍ରହ ଯୁକ୍ତ ଯୋଗୁ ସଙ୍ଗଦୋଷରୁ ଅପଦସ୍ଥ ହୋଇପାରନ୍ତି। ଉଚ୍ଚପଦାଧିକାରୀଙ୍କ ନିକଟରେ ଅସୁବିଧା କଥା କହିବାରେ ପଛେଇଯିବେ।

**କର୍କଟ** ରାଶ୍ୟାଧିପତି ଷଷ୍ଠସ୍ଥାନରେ ଥିବାରୁ ଦୃଢ଼ ପଦକ୍ଷେପ ନେଇ କାମ ହାସଲ ପାଇଁ ଚେଷ୍ଟିତ ହେବେ। କୌଣସି ବିବାଦୀୟ ମନ୍ତବ୍ୟ ଦେଇ ପରିସ୍ଥିତିକୁ ଗମ୍ଭୀର କରିପାରନ୍ତି। ବନ୍ଧୁମାନଙ୍କ ସହାୟତାରେ ଦୀର୍ଘଦିନରୁ ଆଶା କରିଥିବା ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ସାମାଜିକ ସ୍ତରରେ ଅସହିଷ୍ଣୁ ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ।

**ସିଂହ** ଭାଗ୍ୟ ସ୍ଥାନରେ ରାଶ୍ୟାଧିପତି ଥିବାରୁ ଯାହା ପାଇବାକୁ ଚାହୁଁଛନ୍ତି ତାହା ଦ୍ୱିତୀୟସ୍ଥ ଚନ୍ଦ୍ରଙ୍କ କୃପାରୁ ନିଶ୍ଚିତ ପ୍ରାପ୍ତ ହେବ। ସକାଳୁ ଆତ୍ମୀୟଙ୍କର ଦୂରଭାଷ ଆପଣଙ୍କ ମନକୁ ଆମୋଦିତ କରିପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତା ତଥା ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା** ଏକାଧିକଗ୍ରହ ରାଶିକୁ ଅବଲୋକନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ ଅବଶ୍ୟମ୍ଭାବୀ। କେତେକ ମୁଷ୍ଟିମେୟ ଲୋକଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ନିର୍ମାଣାଧୀନ କାର୍ଯ୍ୟ ଏବଂ କଚେରି ମାମଲାର ବିଚାର ଶେଷ ପର୍ଯ୍ୟାୟରେ ପହଞ୍ଚିବ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ଆଦାୟରେ ସକ୍ଷମ ହେବେ।

**ତୁଳା** ଶନି ଯୁକ୍ତ ଶୁକ୍ର ଯୋଗୁ ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ପରିବାରରେ ଝଗଡ଼ା ଲାଗିପାରେ। ପର କଥାରେ ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଅଭାବ ନଥିଲେ ମଧ୍ୟ ପ୍ରିୟଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ମନ ଉଦ୍‌ବେଗ ରହିବ।

**ବିଛା** ଧନ ସ୍ଥାନରେ ଚନ୍ଦ୍ର ଥିବାରୁ ଦିନଟି ଭଲରେ ଅତିବାହିତ ହେବ ଓ ଆବଶ୍ୟକ ଜିନିଷ ପ୍ରାପ୍ତିରେ ଅସୁବିଧା ରହିବ ନାହିଁ। ଖର୍ଚ୍ଚାନ୍ତ ହେଲେ ମଧ୍ୟ ମନ ମୋହିଲା ଭଳି କଥା କହି କାମକୁ ଶୃଙ୍ଖଳିତ କରିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ଅଯଥା ଅଶାନ୍ତି ସୃଷ୍ଟି କରିପାରେ।

**ଧନୁ** ଅଷ୍ଟମାଧିପତି ରାଶିସ୍ଥ ଯୋଗୁ ଘରେ ଅଭାବ ଅସୁବିଧା ନଥିଲେ ମଧ୍ୟ କେତେକ ଅପୂରଣୀୟ ଅଭିଳାଷ ମନକୁ କ୍ଷତବିକ୍ଷତ କରାଇବ। କର୍ମକ୍ଷେତ୍ରରେ ଦୁଷ୍ଟଲୋକଙ୍କ କୁଟଚକ୍ରାନ୍ତ ଜନିତ ଅପମାନଜନକ ସ୍ଥିତିରୁ ସହସା ରକ୍ଷା ପାଇବେ। ଆଜି ଦୂରଯାତ୍ରା କରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**ମକର** ଧର୍ମଭାବକୁ ଚାରୋଟି ଗ୍ରହ ଅବଲୋକନ କରୁଥିବାରୁ ଧର୍ମକାର୍ଯ୍ୟ, ଯାନିଯାତ୍ରା, ସତ୍ସଙ୍ଗରେ ସାମିଲହୋଇ ଆତ୍ମତୃପ୍ତି ଲଭିବେ। ଶ୍ରବଣା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ରହୁଥିବାରୁ ଠିକ୍ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ। ପ୍ରଶାସନିକ ସ୍ତରରେ ଯୁକ୍ତିତର୍କ ନକରି ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**କୁମ୍ଭ** ଆଜି ସୁଖଭାବସ୍ଥ ପାପଗ୍ରହଙ୍କ ସ୍ଥିତି ଯୋଗୁ ମାପିଚୁପି କଥାବାର୍ତ୍ତା କରିବା ଭଲ ନଚେତ୍ ବିବାଦକୁ ନିମନ୍ତ୍ରଣ କରିବାକୁ ପଡ଼ିପାରେ। ଏହା ସାଙ୍ଗକୁ ପିଲାଙ୍କ ସମସ୍ୟା ମୁଣ୍ଡବ୍ୟଥାର କାରଣ ହୋଇଯିବ। ବନ୍ଧୁଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଈର୍ଷାନ୍ୱିତ ହୋଇ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି।

**ମୀନ** ଆପଣଙ୍କ ସକାଶେ ସଙ୍କୋଚତା ପରୋକ୍ଷ ପ୍ରଶଂସା ସୃଷ୍ଟି କଲେ ମଧ୍ୟ ପ୍ରତ୍ୟକ୍ଷ ସମସ୍ୟା ସୃଷ୍ଟି କରିବ। ଅଭାବ ନ ରହିଲେ ମଧ୍ୟ ପାରିବାରିକ ସମସ୍ୟା ଦେଖାଦେବ। ପରିସ୍ଥିତିର ବୈଷମ୍ୟ ରହିଲେ ମଧ୍ୟ ନକାରାତ୍ମକ ଚିନ୍ତାଧାରା ବିବ୍ରତ କରିପାରିବେ ନାହିଁ। ଅସହିଷ୍ଣୁ ମନୋଭାବରୁ ନିଜ ଲୋକ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

ଆଜି ଏପ୍ରିଲ ୧୯ ତାରିଖ, ବୈଶାଖ କୃଷ୍ଣ ଷଷ୍ଠୀ, ଶନିବାର, ରାଶିନକ୍ଷତ୍ର-ଦିବା ଘ. ୧୦।୨୦ ମି. ଗତେ ପୂର୍ବାଷାଢ଼ା/ ଧନୁ, ଷଷ୍ଠୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦/୧୧ ଗତେ ଘ.୦୧/୦୧ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୮/୩୭ ଗତେ ଘ.୧୦/୧୧ ମଧ୍ୟେ ରାହୁ କାଳ।

# ଟ୍ରାକ୍ଟର ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**ସମ୍ବଲପୁର,୧୮।୪(ପ୍ରମୋଦ ବହିଦାର)**

**୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

ସମ୍ବଲପୁର ଧନୁପାଲି ଥାନା ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖରେ ଟ୍ରାକ୍ଟର ଧକ୍କାରେ ଶୁକ୍ରବାର ସକାଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନକ୍ସାପାଲିର ବାସିନ୍ଦା କୃତାର୍ଥ ବେହେରାଙ୍କ ପୁତ୍ର ଆୟୁଷ୍ମାନ ବେହେରା(୧୪)। ସେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୯ମ ଶ୍ରେଣୀର ଛାତ୍ର ଥିଲେ। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖପ୍ରକାଶ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ 'ଏକ୍ସ' ମାଧ୍ୟମରେ ସମବେଦନା ଜଣାଇଛନ୍ତି। ଏହାସହିତ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତ ନାବାଳକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପର ଲୁଗା ପିନ୍ଧି ଯାତକୁ ଯାଏ
ପଚାରିଲେ ମୁଣ୍ଡ ଟୁଙ୍ଗାରୁ ଥାଏ ।**

ଅନ୍ୟ ଲୋକର ପ୍ରଦତ୍ତ ପରିଧାନ ପିନ୍ଧିଥିବା ଲୋକ ନିଜର ବୋଲି କହିବାର କିଛି ଜୋର ନ ଥାଏ। ଏପରି ଦାନ ସୂତ୍ରରେ ମିଳିଥିବା ପରିଧାନରେ ଆବୃତ ହୋଇଥିବା ଲୋକର ମନୋଭାବକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପର ପୁଅ ମଲା
ନା ରୋଗ ବାହାରେ ବାହାରେ ଗଲା?**

ଅନେକ କ୍ଷେତ୍ରରେ ନିଜ ଉପରୁ ଦୋଷ ଖସାଇବାକୁ ଯାଇ ଅନ୍ୟ ଉପରେ ଦୋଷ ଲଦି ଦିଆଯାଉଥିବାର ଦେଖିବାକୁ ମିଳିଥାଏ। ଅନ୍ୟ ମୁଣ୍ଡରେ ଦୋଷ ଲଦା ହୋଇଗଲେ ଦାୟିତ୍ୱରେ ଥିବା ଲୋକ ସେ ଦୋଷୀ ହେଉ କିମ୍ବା ନିର୍ଦ୍ଦୋଷ ରକ୍ଷା ପାଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମଲେଇଙ୍କ ଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ



ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ରଙ୍କ ସହ ଅଧିକାରୀ ଏବଂ ଟ୍ରଷ୍ଟବୋର୍ଡ କାର୍ଯ୍ୟକର୍ତ୍ତା।

**ସମ୍ବଲପୁର/ଝାରସୁଗୁଡ଼ା,୧୮।୪(ଭବାନୀ ଶଙ୍କର ଭୋଇ/ ଆଶିଷ ରଞ୍ଜନ ଦାଶ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଡ. ପ୍ରମୋଦ କୁମାର ମିଶ୍ର ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସି ରାତିରେ ଇଷ୍ଟଦେବୀ ସମଲେଶ୍ୱରୀଙ୍କ ଦର୍ଶନ କରିଛନ୍ତି। ଏହି ଅବସରରେ ସେ ସମଲେଇ ପ୍ରକଳ୍ପ ସମେତ ମନ୍ଦିର ପରିଚାଳନା ବିଷୟରେ ପଚାରି ବୁଝିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ସଚିନ ରାମଚନ୍ଦ୍ର ଯାଦବ, ପୋଲିସ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ, ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ଦେବ କୁମାର ଆଜମେରିଆ,

- **ଆଜି ଆଇଆଇଏମ୍ ସମ୍ବଲପୁର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ପି.କେ. ମିଶ୍ର**
- **ରନ୍‌ୱେରେ ଫାଟ ଯୋଗୁ ଭୁବନେଶ୍ୱର ଫେରିଥିଲା ବିମାନ**

ରାମଦାସ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ। ଡ. ମିଶ୍ର ଶନିବାର ସକାଳେ ଆଇଆଇଏମ୍‌ର ନବମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ସୂଚନା ଅନୁସାରେ, ଡ. ମିଶ୍ର ଶୁକ୍ରବାର ଅପରାହ୍ନ ୩ଟା ୨୦ ମିନିଟ୍‌ରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ପହଞ୍ଚିଥିଲେ। କିନ୍ତୁ ତାଙ୍କ ସମେତ ୧୭୮ ଯାତ୍ରୀଙ୍କୁ ନେଇ ଆସୁଥିବା ଫ୍ଲାଇଟ୍ ଏୟାରପୋର୍ଟରେ ଓହ୍ଲାଇବା ସମୟରେ ରନ୍‌ୱେରେ ଫାଟ ଥିବା ଦେଖିବାକୁ ପାଇ ବିମାନବନ୍ଦର କର୍ତ୍ତୃପକ୍ଷ ଅବତରଣ କରାଇବାକୁ ମନା କରିଦେଇଥିଲେ। ଫଳରେ ବିମାନରେ ଭୁବନେଶ୍ୱର ଫେରିଯାଇଥିଲା। ଏହା ପରେ ରନ୍‌ୱେ ମରାମତି କରାଯିବାରୁ ମିଶ୍ର ସନ୍ଧ୍ୟା ୭ଟା ୧୫ରେ ପୁଣି ଭିନ୍ନ ଏକ ବିମାନ ଯୋଗେ ଝାରସୁଗୁଡ଼ା ବିମାନବନ୍ଦରରେ ଅବତରଣ କରି ସମ୍ବଲପୁର ଅଭିମୁଖେ ଯାତ୍ରା କରିଥିଲେ। ଝାରସୁଗୁଡ଼ା ବିମାନବନ୍ଦରର ଏପରି ତ୍ରୁଟି ଯୋଗୁ ମିଶ୍ର ହଇରାଣ ହୋଇଥିବାରୁ ଏୟାରପୋର୍ଟ ନିର୍ଦ୍ଦେଶକ ସନ୍ଦୀପ କେ. ତିୱାରୀ ଦୁଃଖ ପ୍ରକାଶ କରିଛନ୍ତି। ବିମାନବନ୍ଦର କର୍ତ୍ତୃପକ୍ଷ ଏନେଇ ଏୟାରମ୍ୟାନ୍‌ଙ୍କୁ ନୋଟିସ (ନୋଟମ୍) ପଠାଇଛନ୍ତି। ବିମାନ ସେବାରେ କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେଲେ ବା ବିମାନ ଚଳାଚଳରେ ପରିବର୍ତ୍ତନ ହେଲେ ସେ ସମ୍ପର୍କିତ ତଥ୍ୟ ସମ୍ବଳିତ ନୋଟିସକୁ ନୋଟମ୍ କୁହାଯାଏ।

# କୌଣସି ପ୍ରକାର ତ୍ରୁଟି ନ ହେବାକୁ କାର୍ଯ୍ୟ କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)**

**ଶୃଙ୍ଖଳିତ ରଥଯାତ୍ରା ପାଇଁ ବୈଠକ**

ଚଳିତ ବର୍ଷ ପୁରୀର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ହେବା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅପରାହ୍ନରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପ୍ରସ୍ତୁତିରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପୋଲିସ ପ୍ରଶାସନ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବଙ୍କ ସହ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ କୁମାର ପାଢ଼ୀ, ରାଜ୍ୟ ପ୍ରଶାସନର ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, ବରିଷ୍ଠ ପଦାଧିକାରୀ ତଥା ପୋଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଆଭାସି ମାଧ୍ୟମରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ, ପୁରୀର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ଏଥିପାଇଁ ଟ୍ରାଫିକ୍ ପରିଚାଳନା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ସିସିଟିଭି ସ୍ଥାପନ, ଭିଡ଼ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ ତଥା ରଥଯାତ୍ରା ପରିଚାଳନା ପାଇଁ ବିଭିନ୍ନ ବିଭାଗର ସେବା ପ୍ରଦାନକୁ ସମନ୍ୱିତ କରିବା ପାଇଁ ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର, ଯାନବାହନ ପାଇଁ ପାର୍କିଂ ବ୍ୟବସ୍ଥା, ରଥ ନିର୍ମାଣ ପ୍ରସ୍ତୁତି, ରଥଟଣା ସୁବ୍ୟବସ୍ଥା, ବଡ଼ଦାଣ୍ଡର ପ୍ରସ୍ତୁତି, ବିଶିଷ୍ଟ ଅତିଥିମାନଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି।

# କୃଷିଭିତ୍ତିକ ପ୍ରଶିକ୍ଷଣ ନେବାକୁ ମାଲେସିଆ ଗଲେ ୧୪ ଚାଷୀ



କୃଷି ଭବନ ଅଡିଟୋରିଅମ୍‌ଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରଶିକ୍ଷଣଭିତ୍ତିକ ମାଲେସିଆ ଗସ୍ତକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆର୍‌ଏ) ଅଧୀନରେ ୨୮ ଜଣିଆ କୃଷକ ଏବଂ ଅଧିକାରୀଙ୍କ ପ୍ରଶିକ୍ଷଣଭିତ୍ତିକ ମାଲେସିଆ ଗସ୍ତକୁ ପତାକା ଦେଖାଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶୁଭାରମ୍ଭ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କୃଷି ଭବନ ଅଡିଟୋରିଅମ୍‌ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୧୪ ଜଣ କୃଷକଙ୍କ ସମେତ ୧୪ ଜଣ ଅଧିକାରୀଙ୍କୁ ନେଇ ଗଠିତ ଏହି ୨୮ ଜଣିଆ ଟିମ ଶନିବାରଠାରୁ ସପ୍ତାହବ୍ୟାପୀ ମାଲେସିଆ ଗସ୍ତରେ ଯାଇ କୃଷିଭିତ୍ତିକ ପ୍ରଶିକ୍ଷଣ ନେବେ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା, ଲକ୍ଷ୍ନୌ ସ୍ଥିତ ବ୍ୟାଙ୍କର୍ସ ଇନଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭଲପମେଣ୍ଟ(ବିଆଇଆର୍‌ଡି) ଏବଂ ନାବାର୍ଡର ମିଳିତ ଆୟୋଜନରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେଉଛି।

କନକ ବର୍ଦ୍ଧନ ସିଂହଦେଓ ଉଭୟ କୃଷକ ଓ ଅଧିକାରୀଙ୍କୁ ମାଲେସିଆ ଗସ୍ତ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରି ପାରମ୍ପରିକ କୃଷି ସହିତ ବୈଜ୍ଞାନିକ ପଦ୍ଧତି ତଥା ଯନ୍ତ୍ରପାତିର ବ୍ୟବହାର ଇତ୍ୟାଦି ସମ୍ବନ୍ଧରେ ଶିଖିବା ପାଇଁ ଉତ୍ସାହିତ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ସମୟରେ ବିଦେଶକୁ ଫଳ ଓ ପନିପରିବା ରପ୍ତାନୀରେ ଓଡ଼ିଶା ସମ୍ମାନଜନକ ସ୍ଥିତିରେ ଅଛି। ପ୍ରଶିକ୍ଷାର୍ଥୀମାନେ ଗସ୍ତରୁ ଯାହା ଶିଖିବେ ତାହା ପ୍ରତିଦିନ ରିପୋର୍ଟ ଆକାରରେ ଲିପିବଦ୍ଧ କରି ବିଭାଗକୁ ପ୍ରଦାନ କରନ୍ତୁ। ଉନ୍ନତ କୌଶଳକୁ ଶିଖି ନିଜ ଅଞ୍ଚଳରେ ତାହା କାର୍ଯ୍ୟକାରୀ କରନ୍ତୁ। ଏହା ଚାଷୀଙ୍କ ଆୟକୁ ୨ ଗୁଣା କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ପ୍ରଶିକ୍ଷାର୍ଥୀଙ୍କୁ ମାର୍ଗଦର୍ଶନ କରିବା ସହିତ ଓଡ଼ିଶାରେ କୃଷିର କ୍ରମବିକାଶ ଉପରେ ଆଲୋକପାତ କରିଛନ୍ତି। ବର୍ତ୍ତମାନ ଓଡ଼ିଶା ଦେଶର ୪ର୍ଥ ସର୍ବବୃହତ ରାଜ୍ୟ ଭାବେ ଏଫସିଆଇକୁ ଚାଉଳ ଯୋଗାଉଛି। କେବଳ ଅଧିକାରୀ ନୁହନ୍ତି, ଏଥର ଚାଷୀମାନେ ବି ବିଦେଶ ଯାତ୍ରା କରିପାରିବେ। ଚାଷୀମାନେ ଆମର ପ୍ରକୃତ ବ୍ରାଣ୍ଡ ଆମ୍ବାସାଡ଼ର୍ ବୋଲି ପାଢ଼ୀ କହିଛନ୍ତି।

# ସରଜମିନ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ: ମନ୍ତ୍ରୀ

## କୋଇଲା ଚୋରିର ସମୀକ୍ଷା ଆରମ୍ଭ କଲେ ଦୁଇ ମନ୍ତ୍ରୀ

ସୁନ୍ଦରଗଡ,୧୮।୪(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ କୋଇଲା ଖଣିରେ ବେଆଇନ କାରବାରର ସରଜମିନ ତଦନ୍ତ କରାଯିବ ଏବଂ ଯିଏ ଏଥିରେ ଦୋଷୀ ଥିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କଡ଼ା ଚେତାବନୀ ଦେଇଛନ୍ତି ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସୁନ୍ଦରଗଡ଼ ଜିଲା ହେମଗିର ତହସିଲର ବିଭିନ୍ନ ସ୍ଥାନରେ ଚୋରା କୋଇଲା ଖଣି କାରବାର ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଜୋରଧରିଛି। ଏହି ପ୍ରସଙ୍ଗରେ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ପୂର୍ବତନ ବିଧାୟିକା କୁସୁମ ଟେଟେ କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିବା ପରେ ତଦନ୍ତ ଜୋରଦାର କରାଯାଇଛି। ଏଥିସହ ସୁନ୍ଦରଗଡ଼ ବିଧାୟକ ଯୋଗେଶ କୁମାର ସିଂ ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଥିବା ବେଳେ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା କିଶୋର ଚନ୍ଦ୍ର ପଟେଲ ବିଚାର ବିଭାଗୀୟ ତଦନ୍ତ ଦାବି କରିଥିଲେ।

ଏହି ଘଟଣାରେ ଶୁକ୍ରବାର ମନ୍ତ୍ରୀ ଜେନା ଓ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ସୁନ୍ଦରଗଡ଼ ଜିଲା ହେମଗିର ତହସିଲର ବିଭିନ୍ନ ସ୍ଥାନରେ ଠାବ ହୋଇଥିବା ଚୋରା କୋଇଲା ଖଣି ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି। ସେମାନଙ୍କ ସହ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ବୀରମିତ୍ରପୁର ବିଧାୟକ ଦୁର୍ଗାଚରଣ ତନ୍ତୀ, ବିଭାଗୀୟ ସଚିବ ଅପରାହ୍ନରେ ହେମଗିର ତହସିଲର ଏମ୍‌ସିଏଲ୍ କ୍ଷେତ୍ର ଅଧୀନ ଗୋପାଳପୁର ନିକଟ ରତନସରା, ଭୋଗରାକଛାର, ତେଲେନଡିହି ଜଙ୍ଗଲ ଭିତରେ ଠାବ ହୋଇଥିବା ଚୋରା କୋଇଲା ଖଣି ଅଞ୍ଚଳ ପରିଦର୍ଶନ କରିଥିଲେ। ମନ୍ତ୍ରୀ ଦ୍ୱୟ ଓ ବିଧାୟକ କନିକା ସ୍ଥିତ ସିଲ ହୋଇଥିବା ଆର୍ଯ୍ୟନ କୋଲ ୱାସରୀ ମଧ୍ୟ ପରିଦର୍ଶନ କରିଥିଲେ।



ଚୋରା କାରବାର ହେଉଥିବା ଖଣି ଅଞ୍ଚଳରେ ଖଣି ଏବଂ ଜଙ୍ଗଲ ମନ୍ତ୍ରୀଙ୍କ ସହିତ ଝାରସୁଗୁଡ଼ା ବିଧାୟକ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଏହା ପରେ ମନ୍ତ୍ରୀ ଓ ସଚିବ ଏହି ଅଞ୍ଚଳରୁ କେତେ ବେଆଇନ ଭାବେ କୋଇଲା ଖଣି ଖୋଳାଯାଇଛି ଓ କେତେ ପରିମାଣରେ କୋଇଲା ଚୋରି ହୋଇଛି ଓ ଏ ନେଇ ବର୍ତ୍ତମାନ ସୁଦ୍ଧା କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ଓସିପିଏଲ ଅତିଥି ଭବନରେ ସମୀକ୍ଷା କରିଛନ୍ତି।

ଝାରସୁଗୁଡା ବିଧାୟକ କହିଛନ୍ତି, ଏଠାରେ ଚାଲିଥିବା ଏହି ବେଆଇନ କୋଇଲା ଖଣି ଚୋରି ବର୍ଷ ବର୍ଷ ଧରି କାହା ପୃଷ୍ଠପୋଷକତାରେ ଚାଲିଥିଲା ଓ ଏହାକୁ କିଏ ସୁରକ୍ଷା ଦେଇଆସୁଥିଲେ ଏବଂ ଯେଉଁମାନେ ଏହାକୁ ଲୁଚୁଥିଲେ ଭାଜପା ସରକାର ତାର ଚେର ପର୍ଯ୍ୟନ୍ତ ଯାଇ ସମସ୍ତଙ୍କୁ ଖୋଜି ଜେଲକୁ ପଠାଇବ ବୋଲି ସେ କହିଛନ୍ତି।

ଅପରପକ୍ଷରେ ଏହି ଖଣି ଚୋରା କାରବାର ଘଟଣାରେ ଜିଲାପ୍ରଶାସନ ତଦନ୍ତ ପରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ବିଭାଗର ୯ଜଣିଆ ଟିମ୍ ଭୁବନେଶ୍ୱରରୁ ଆସି ଦୁଇଦିନ ଧରି ସମ୍ପୃକ୍ତ ଖଣି ଅଞ୍ଚଳରେ ତଦନ୍ତ କରି ଯାଇଛନ୍ତି। ସେହିପରି ଖଣି ବିଭାଗ ପକ୍ଷରୁ ହେମଗିର ଥାନାରେ ରିପୋର୍ଟ ପରେ ପୋଲିସ ମାମଲା ରୁଜୁ କରି ୪ଜଣ ସ୍ଥାନୀୟ ଶ୍ରମିକଙ୍କୁ ଗିରଫ କରିଥିବା ବେଳେ ବେଆଇନ କୋଇଲା ଗଚ୍ଛିତ କରିଥିବା ନେଇ କନିକା ସ୍ଥିତ ଆର୍ଯ୍ୟନ କୋଲ ୱାସରୀକୁ ପ୍ରଶାସନ ଓ ଖଣି ବିଭାଗ ପକ୍ଷରୁ ସିଲ୍ କରି ଥାନାରେ ଏତଲା ଦିଆଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଏହି ଚୋରା ଖଣି କାରବାରର ମୁଖ୍ୟ ମାଫିଆଙ୍କ ପାଖରେ ଖଣି କିମ୍ବା ପୋଲିସ ବିଭାଗ ପହଞ୍ଚି ପାରିନାହିଁ।

# ନିକୁଞ୍ଜ କେନ୍ଦ୍ର ସଂସଦୀୟ ବ୍ୟାପାର ସଚିବ ନିଯୁକ୍ତ

## ସନ୍ତୋଷ ଓ ରଞ୍ଜନାଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୮।୪(ରବିନାରାୟଣ ଜେନା)

ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ କେନ୍ଦ୍ରୀୟ ଡେପୁଟେଶନ ଯିବା ନେଇ ଦୀର୍ଘଦିନ ଧରି ସାମାଜିକ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚାର ଅନ୍ତ ଘଟିଛି। ଶୁକ୍ରବାର କେନ୍ଦ୍ର କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ୧୯୯୩ ବ୍ୟାଚ୍‌ର ବରିଷ୍ଠ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଛି। ଉକ୍ତ ପଦରେ ଅବସ୍ଥାପିତ ଉମଙ୍ଗ ନରୁଲା ଜୁନ୍ ୩୦ରେ ଅବସର ଗ୍ରହଣ କରିବାର ରହିଛି। ଉମଙ୍ଗଙ୍କ ସ୍ଥାନରେ ନିକୁଞ୍ଜ ନିଯୁକ୍ତ ହେବେ ବୋଲି ବିଜ୍ଞପ୍ତିରୁ ଜଣାଯାଇଛି।

କ୍ୟାବିନେଟ୍ କମିଟିର ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶାର ଆଉ ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ସେଥିମଧ୍ୟରେ ୧୯୯୪ ବ୍ୟାଚର ବରିଷ୍ଠ ଆଇଏଏସ୍ ଅଫିସର ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ନୂତନ ଓ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ମିଳିଥିବାବେଳେ ୧୯୯୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ରଞ୍ଜନା ଚୋପ୍ରାଙ୍କୁ ସଂସ୍କୃତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ତଥା ଅର୍ଥନୈତିକ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି। ସେହିପରି ୧୯୯୬ ବ୍ୟାଚର ବରିଷ୍ଠ ଆଇଏଏସ୍ ଅଫିସର ବୀରବିକ୍ରମ ଯାଦବଙ୍କୁ ପରିବେଶ ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସୂଚନାଯୋଗ୍ୟ ଯେ, ଯାଦବ ଏବେ ରାଜ୍ୟ ସରକାରଙ୍କ ନିର୍ମାଣ ବିଭାଗ ପ୍ରମୁଖ ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ।




ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। -ଶ୍ରୀଅରବିନ୍ଦ



# ଖୋଲା ବିଦ୍ରୋହ



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ପଶ୍ଚିମବଙ୍ଗ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ନିଯୁକ୍ତି ପାଇଁ ତାହାର ଏକ ନିଜସ୍ୱ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛି। ଏହା ଆଉ ଏକ ପ୍ରଶାସନିକ ପ୍ରକ୍ରିୟାକୁ ସୂଚିତ କରିଛି। ପୂର୍ବରୁ ପଞ୍ଜାବ ଓ ଉତ୍ତରପ୍ରଦେଶ କେନ୍ଦ୍ରର ବିନା ଅନୁମତିରେ ସେମାନଙ୍କର ପୋଲିସ ମୁଖ୍ୟ ବାଛିବା ପାଇଁ ପଦକ୍ଷେପ ନେଇଥିଲେ। ଏବେ ପଶ୍ଚିମବଙ୍ଗ କେନ୍ଦ୍ରର ସ୍ୱୀକୃତି (ୟୁପିଏସ୍‌ସି ଶର୍ଟଲିଷ୍ଟ)କୁ ଏଡ଼ାଇ ଯାଇ ସେମାନଙ୍କ ସହ ଯୋଡ଼ିହୋଇଛି। ଏହି ୩ ରାଜ୍ୟରେ ତିନୋଟି ପୃଥକ୍ ରାଜନୈତିକ ଦଳ ଯଥା ଆମ୍ ଆଦ୍‌ମୀ ପାର୍ଟି, ଭାରତୀୟ ଜନତା ପାର୍ଟି ଓ ତୃଣମୂଳ କଂଗ୍ରେସ କ୍ଷମତାରେ ରହିଛନ୍ତି । ଆଶ୍ଚର୍ଯ୍ୟର ବିଷୟ, ସମସ୍ତେ ସମାନ ପ୍ରକାର ସଂଘୀୟ କଥା କହୁଛନ୍ତି। ବେଙ୍ଗଲରେ ଜଣେ କାର୍ଯ୍ୟନିର୍ବାହୀ ଡିଜିପି ଅନେକ ମାସ ହେଲା ଦାୟିତ୍ୱ ତୁଲାଉଛନ୍ତି ଏବଂ ଦିଲ୍ଲୀରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଦେଖି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଯୁକ୍ତିକୁ ନିଜ ହାତକୁ ନେଇଛନ୍ତି। ନୂଆ ପ୍ରକ୍ରିୟାରେ ରାଜ୍ୟ ଦ୍ୱାରା ଗଠିତ ଏକ କମିଟିରେ ମୁଖ୍ୟ ଶାସନ ସଚିବ ଓ ଗୃହ ସଚିବ ଏହାର ପ୍ରମୁଖ ଭାବେ ରହିପାରନ୍ତି। କିନ୍ତୁ ଏହି ପଦକ୍ଷେପ ୨୦୦୬ରେ ପ୍ରକାଶ ସିଂ ବାନମ କେନ୍ଦ୍ର ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ରାୟର ବିରୁଦ୍ଧାଚରଣ କରେ। ପୋଲିସ ନିଯୁକ୍ତିକୁ ରାଜନୈତିକ ହସ୍ତକ୍ଷେପରୁ ମୁକ୍ତରଖି ୟୁପିଏସ୍‌ସିକୁ ଜଡ଼ିତ କରିବାକୁ ଏହି ରାୟରେ ଦର୍ଶାଯାଇଥିଲା। ରାଜ୍ୟଗୁଡ଼ିକ ଏବେ ଯୁକ୍ତି କରୁଛନ୍ତି, ହସ୍ତକ୍ଷେପ ଦିଲ୍ଲୀରୁ ହେଉଛି, ରାଜ୍ୟ ମଧ୍ୟରେ ନୁହେଁ। ଏହା ବାସ୍ତବରେ ଏକ ସହଯୋଗ ସଂଘୀୟବାଦର ଅୟମାରମ୍ଭ ନା କେନ୍ଦ୍ର-ରାଜ୍ୟ ମଧ୍ୟରେ ଏକ ଶୀତଳ ଯୁଦ୍ଧ ? ଏହା କେବଳ ଜଣେ ଡିଜିପିଙ୍କ ବିଷୟ ନୁହେଁ, ବରଂ ବଡ଼ କଥା ହେଉଛି କିଏ ତାଙ୍କୁ ନିଯୁକ୍ତ କରିବ ଏବଂ କିଏ ପଛକୁ ହଟିବ ; କେନ୍ଦ୍ର ନା ରାଜ୍ୟ।

### କ୍ୟାଡର ଯୁଦ୍ଧ

ଦିଲ୍ଲୀ ବାବୁ ପରିସରରେ ନିଜ କାର୍ଯ୍ୟକ୍ଷେତ୍ରକୁ ନେଇ ଏକ ପୁରୁଣା ବିବାଦ ମୁଣ୍ଡ ଟେକୁଛି । ଦିଲ୍ଲୀ ଆଡ୍‌ମିନିଷ୍ଟ୍ରେଟିଭ ସବ୍‌ଅର୍ଡିନେଟ୍ ସର୍ଭିସ୍(ଡିଏଏସ୍‌ଏସ୍) ଅଧିକାରୀମାନେ ଦୀର୍ଘଦିନର ଅଭିଯୋଗକୁ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବଙ୍କ ନିକଟରେ ପହଞ୍ଚାଇଛନ୍ତି। ଆଶା କରାଯାଉଛି , ସେମାନେ ଦୀର୍ଘଦିନରୁ ଚାହୁଁଥିବା ୨୧୭ ପଦବୀ ସମ୍ପର୍କରେ କେହି ଜଣେ ବୁଝିବେ। ଗତବର୍ଷ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କରେ ସବୁଜ ସଙ୍କେତ ଦେବା ପରେ ତାହା ସେମାନଙ୍କର ହେବା ଉଚିତ। ଦିଲ୍ଲୀ, ଆଣ୍ଡାମାନ ଓ ନିକୋବର ସିଭିଲ ସର୍ଭିସ(ଡିଏନ୍‌ଆଇସିଏସ୍) ଅଧିକାରୀମାନେ ଏହି ଆଦେଶକୁ ବିରୋଧକରି ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଶନ ଟ୍ରିବ୍ୟୁନାଲ (ସିଏଟି)ର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଦାବି କରିଛନ୍ତି ଯେ ସେସବୁ ପଦବୀ ସେମାନଙ୍କର। ସେହିଭଳି ପ୍ରଶାସନରେ ପଦାନୁକ୍ରମିକ ବ୍ୟବସ୍ଥା ପୁନର୍ବାର ସାମ୍ନାକୁ ଆସିଛି। ସୂତ୍ରରୁ ଜଣାପଡ଼ିଛି ଯେ, ୧୯୬୭ରୁ ଦିଲ୍ଲୀ ପ୍ରଶାସନକୁ ଚଳାଇଆସିଥିବା ଡିଏଏସ୍‌ଏସ୍ ଅଧିକାରୀମାନେ ଥକିପଡ଼ିଲେଣି। ପାଞ୍ଚଦଶନ୍ଧିରୁ ଊର୍ଦ୍ଧ୍ୱ ସମୟର ବ୍ୟବସ୍ଥାଗତ ନିଷ୍କ୍ରିୟତାକୁ ଦେଖିଲେ ପୁନର୍ଗଠନ ନାହିଁ କି ପଦୋନ୍ନତି ନାହିଁ କିମ୍ବା କୌଣସି ବାସ୍ତବ ଯୋଜନା ନାହିଁ। ପାଖାପାଖି ୧୦୦ ଅଧିକାରୀ ପ୍ରତିବର୍ଷ ଛାଡ଼ି ଚାଲିଯାଉଥିବା ଜଣାପଡ଼ିଛି। ସେମାନେ ଖୁସିରେ ନୁହେଁ, ବରଂ ବୃତ୍ତିଗତ ନୈରାଶ୍ୟ ଯୋଗୁ ଏହା କରୁଛନ୍ତି। ଡିଏଏସ୍‌ଏସ୍ ଅଧିକାରୀମାନେ ଅଭିଯୋଗ କରୁଛି ଯେ, କେତେଜଣ ଡିଏନ୍‌ଆଇସିଏସ୍ ଅଧିକାରୀ ସର୍ଭିସ୍ ରୁଲ୍ସକୁ ଅଣଦେଖା କରିବାଠାରୁ ଆରମ୍ଭକରି ପଦବୀ ସମ୍ପର୍କିତ ବିଜ୍ଞପ୍ତିକୁ ରୋକୁଛନ୍ତି। ଦିଲ୍ଲୀରେ ନୂଆ ସରକାର କ୍ଷମତାକୁ ଆସିଛି ଓ ଘଟଣାଟି ଏବେ ନର୍ଥ ବ୍ଲକ୍‌ରେ ପହଞ୍ଚିଛି। ଏହି ଆନ୍ତଃ କ୍ୟାଡର ଶୀତଳଯୁଦ୍ଧ ଶେଷରେ ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିଛି।

### ଅଧିକାରୀମାନେ ଦ୍ୱନ୍ଦ୍ୱରେ

ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନା ଅଲଗା ରାଜ୍ୟ ହେବାର ୧ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ବି କେନ୍ଦ୍ର ଆଇଏଏସ୍ ଓ ଆଇପିଏସ୍ କ୍ୟାଡର ଭାଗ ବଣ୍ଟନ କରିପାରିନାହିଁ। ଶିବ ଶଙ୍କର ଲୋଥେଟିଙ୍କ ଭଳି ଅନେକ ଅଧିକାରୀ ପ୍ରଶାସନିକ ଅନିଶ୍ଚୟତା ମଧ୍ୟରେ ରହିଛନ୍ତି। ବିବାଦୀୟ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ (ସିଏଟି) ଆଦେଶ ଏବଂ ନିର୍ଣ୍ଣାୟକ ନିଷ୍ପତ୍ତି ନେଇପାରୁ ନ ଥିବା ଡିଓପିଟି ଦ୍ୱାରା ୨ ରାଜ୍ୟରେ ଅଧିକାରୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଲୋଥେଟିଙ୍କୁ ତେଲଙ୍ଗାନା ବଦଳି କରିବା ପାଇଁ କେନ୍ଦ୍ର ଅକ୍ଟୋବର ୨୦୨୪ରେ ନିଷ୍ପତ୍ତି ନେଇଥିଲା । କିନ୍ତୁ ସିଏଟି ତାହାକୁ ନିକଟରେ ବଦଳାଇଦେଇ ତାଙ୍କୁ ଆନ୍ଧ୍ରରେ ପୁନଃ ଅବସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଥିଲା। ହେଲେ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। କେବଳ ଲୋଥେଟି ଏମିତି ଅଟକି ରହିନାହାନ୍ତି। ଗୋଟିଏ ରାଜ୍ୟରେ ନିଯୁକ୍ତ ହୋଇ ଔପଚାରିକ ଭାବେ ଅନ୍ୟ ରାଜ୍ୟରେ ଥିବା ଅନେକ ଅଧିକାରୀ ଏବେ ଏମିତି ଦ୍ୱନ୍ଦ୍ୱରେ ରହିଛନ୍ତି ଏବଂ ନ୍ୟାୟାଳୟର ଆଶ୍ରୟ ନେଉଛନ୍ତି। ଅମଲାତନ୍ତ୍ରୀମାନେ କେଉଁ ରାଜ୍ୟରେ ଅଛନ୍ତି ତାହା ଯଦି ସେମାନ ଜାଣିପାରୁନାହାନ୍ତି, ତେବେ ସେମାନେ ଜନସାଧାରଣ ସେବା ଉପରେ କିଭଳି ଧ୍ୟାନଦେବେ। ନ୍ୟାୟାଳୟ ଏହି ଦ୍ୱନ୍ଦ୍ୱକୁ ସମାଧାନ କରିବା ପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ତାହା ତ୍ରୁଟିପୂର୍ଣ୍ଣ ତଥ୍ୟକୁ ନେଇ କାମ କରୁଛନ୍ତି। ପଦବୀକୁ ଦୁଇଭାଗକରି ଆବଣ୍ଟନ କରିବାର ସେତେବେଳର କାମଚଳା ନୀତି ଏବେ ଆଉ କାମ କରୁନାହିଁ। କେନ୍ଦ୍ର ନିଷ୍ପତ୍ତି ନେଇପାରୁ ନ ଥିବାରୁ ଏହାର ସମାଧାନ ହୋଇପାରିବ ନାହିଁ। ଅସ୍ୱଚ୍ଛ ଆଦେଶ ଓ ବହୁ ସଂଶୋଧନ ମଧ୍ୟରେ ଅଧିକାରୀମାନେ ସେମାନଙ୍କ ଜୀବନ ଓ କ୍ୟାରିୟରକୁ ନେଇ ଯୋଜନା କରିପାରିବେ ନାହିଁ। ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ରାଜନୈତିକ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି, ହେଲେ ଅମଲାତନ୍ତ୍ର ୨୦୧୪ର ସ୍ଥିତିରେ ଅଟକି ରହିଛି।

Email: dilipcherian@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | 9 | | 5 | |
| | 3 | 6 | 4 | | 2 | | | |
| 9 | | | | 7 | | | | |
| | | | | 1 | 6 | | | |
| | 5 | | | | | 3 | 1 | 2 |
| | | | 3 | 8 | | | | |
| | | | | 6 | | 9 | 4 | |
| | | 3 | 7 | | | | | |
| 8 | | 4 | 5 | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 3 | 5 | 8 | 6 | 9 | 2 | 4 |
| 4 | 8 | 6 | 1 | 2 | 9 | 3 | 7 | 5 |
| 9 | 2 | 5 | 3 | 4 | 7 | 8 | 6 | 1 |
| 3 | 5 | 4 | 8 | 1 | 2 | 6 | 9 | 7 |
| 6 | 7 | 2 | 9 | 5 | 4 | 1 | 8 | 3 |
| 1 | 9 | 8 | 6 | 7 | 3 | 4 | 5 | 2 |
| 2 | 3 | 7 | 4 | 9 | 8 | 5 | 1 | 6 |
| 8 | 4 | 1 | 7 | 6 | 5 | 2 | 3 | 9 |
| 5 | 6 | 9 | 2 | 3 | 1 | 7 | 4 | 8 |

ଗତକାଲିର ଉତ୍ତର

# କେତେ ସୁରକ୍ଷିତ ବୋତଲ ପାଣି



**ଡ. ଜୟକୃଷ୍ଣ ପାଣିଗ୍ରାହୀ**

ଜଳ ହେଉଛି ସଜୀବ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ସୁରକ୍ଷିତ ଜଳ ସେବନ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଅତ୍ୟନ୍ତ ଜରୁରୀ। ତେବେ ସାମ୍ପ୍ରତିକ ମୁହୂର୍ତ୍ତରେ ମାନବଜାତି ଦ୍ୱୈତ ଜଳଜନିତ ଆହ୍ୱାନର ସମ୍ମୁଖୀନ ହେଉଛି। ବିସ୍ଫୋରିତ ଜନସଂଖ୍ୟାର ବର୍ଦ୍ଧିତ ଜଳ ଆବଶ୍ୟକତା ଏବଂ ଅଧିକାଂଶ ଭୂପୃଷ୍ଠ ଜଳଉତ୍ସର ବ୍ୟାପକ ପ୍ରଦୂଷଣ ବିଶୁଦ୍ଧ ଜଳକୁ ଏକ ଦୁଷ୍ପ୍ରାପ୍ୟ ପଦାର୍ଥରେ ପରିଣତ କରିଛି। ହୁଏତ ୪୦/୫୦ ବର୍ଷ ପୂର୍ବେ ନଦୀ, ହ୍ରଦର ଜଳକୁ ସିଧାସଳଖ ପାନୀୟ ଭାବରେ ବ୍ୟବହାର କରିବା ସମ୍ଭବପର ଥିଲା, ଯାହା ଆଜି ପ୍ରଦୂଷଣ ପ୍ରଭାବରୁ ଅସମ୍ଭବ । ଏପରି ପଟ୍ଟଭୂମିରେ ବୋତଲରେ ପାଣି ବିକ୍ରି ହେବା କ୍ରମଶଃ ବିଶ୍ୱରେ ଏକ ସର୍ବଜନ ଗ୍ରହଣୀୟ ପ୍ରକ୍ରିୟା ଏବଂ ବିଶାଳ ବ୍ୟବସାୟରେ ପରିଣତ ହୋଇଛି। ଏହା ମୁଖ୍ୟତଃ ପ୍ଲାଷ୍ଟିକ ବୋତଲରେ ଅଥବା ପାଉଚରେ ପ୍ୟାକେଜ କରାଯାଇ ପାନୀୟ ଜଳ ରୂପେ ସର୍ବତ୍ର ଉପଲବ୍ଧ ହେଉଛି। ବୋତଲ ପାଣି ବା ଜଳ ଶିଳ୍ପର ପ୍ରମୁଖ କମ୍ପାନୀମାନଙ୍କ ମଧ୍ୟରେ ନେସଲେ, ଡାନୋନ, ପେପ୍ସିକୋ ଏବଂ କୋକା-କୋଲା ପରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ସହିତ ବିଶେଷକରି ଭାରତରେ ବିସ୍ଲେରି, କିନଲି, ଆକ୍ୱାଫିନା, କିଙ୍ଗ୍ ଫିସର୍, ବେଇଲି ଏବଂ ମାଉଣ୍ଟ ଏଭରେଷ୍ଟ ଭଳି ବ୍ରାଣ୍ଡଗୁଡ଼ିକ ସହ ବହୁ ସ୍ଥାନୀୟ ଉତ୍ପାଦ ଅନ୍ତର୍ଭୁକ୍ତ। ତଥ୍ୟ ଅନୁଯାୟୀ ୨୦୨୩ ମସିହାରେ ବିଶ୍ୱ ବୋତଲ ପାଣି ବଜାରର ମୂଲ୍ୟ ଥିଲା ୩୩୩.୨ ବିଲିୟନ ଆମେରିକୀୟ ଡଲାର, ଯାହା ଆକଳନ ଅନୁଯାୟୀ ୨୦୩୨ ସୁଦ୍ଧା ୫୩୮.୯ ବିଲିୟନ ଡଲାରରେ ପହଞ୍ଚିବ। ଏହା ୨୦୨୩-୩୨ର ଅବଧି ମଧ୍ୟରେ ଜଳ ବ୍ୟବସାୟର ୫.୬୭% ବାର୍ଷିକ ଅଭିବୃଦ୍ଧି ହାରକୁ ଦର୍ଶାଏ।

ତେବେ ସମଗ୍ର ବିଶ୍ୱରେ ଖାଦ୍ୟନଳୀ ବା ପେଟ ରୋଗର ବ୍ୟାପକତା ଏବଂ ଏହା ସହ ଜଡ଼ିତ ଗୁରୁତର ଆର୍ଥିକ ଓ ସାମାଜିକ ପରିଣାମ ହିଁ ମୁଖ୍ୟତଃ ବୋତଲ-ଜଳ ବଜାରକୁ ବିସ୍ତାରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜାତିସଂଘ ଅନୁଯାୟୀ ବିଶ୍ୱର ପ୍ରାୟ ୨୨୦ କୋଟି ଲୋକଙ୍କ ନିମନ୍ତେ ସମ୍ପ୍ରତି ନିରାପଦ ପାନୀୟ ଜଳ ଅପହଞ୍ଚ । ଅତଏବ ଉଭୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କ ଲୋକେ ଏହି ଅଭାବ ପୂରଣ ନିମନ୍ତେ ପ୍ରଦୂଷକ ମୁକ୍ତ, ପାନୀୟଯୋଗ୍ୟ ବୋତଲ ଜଳ ଉପରେ ନିର୍ଭରଶୀଳ। ପ୍ରତ୍ୟେକ ଦିନ ଗୋଟିଏ କିମ୍ବା ଦୁଇଟି ପାଣି ବୋତଲ କିଣିବା ଏବେ ଅନେକଙ୍କର ଅଭ୍ୟାସରେ ପରିଣତ ହେଲାଣି। ସୁରକ୍ଷିତ ଜଳ ଡିସେଣ୍ଟେରି, ଡାଇରିଆ ଏବଂ ଟାଇଫଏଡ ଭଳି ବିଭିନ୍ନ ଜଳବାହିତ ରୋଗକୁ ରୋକିଥାଏ। ସହଜସାଧ୍ୟ ଉପଲବ୍ଧତା ହେତୁ ଯାତ୍ରୀ, କାର୍ଯ୍ୟରତ ଅଧିକାରୀ ଏବଂ ଘରୋଇ ଗ୍ରାହକଙ୍କ ମଧ୍ୟରେ ତଥା



ସାମାଜିକ କର୍ମକାର୍ଯ୍ୟରେ ଏହି ବୋତଲର ଚାହିଦା କ୍ରମାଗତ ବୃଦ୍ଧି ପାଇଚାଲିଛି ଏବଂ ବଜାର ନିମନ୍ତେ ନୂତନ ସୁଯୋଗ ସୃଷ୍ଟି ହେଉଛି। ଏତଦ ବ୍ୟତୀତ ବଜାରରେ ଉପଲବ୍ଧ ପୁଷ୍ଟିସାର, ଆମିନୋ ଏସିଡ, ଇଲେକ୍ଟ୍ରୋଲାଇଟ୍ସ, ଭିଟାମିନ, ଖଣିଜ ପଦାର୍ଥ ଏବଂ ଅମ୍ଳଜାନଯୁକ୍ତ କିମ୍ବା ଜୈବ-ସକ୍ରିୟ, ରସାୟନଯୁକ୍ତ ପୁଷ୍ଟିକର ଜଳକୁ ମଧ୍ୟ ଲୋକମାନେ ପସନ୍ଦ କରୁଛନ୍ତି ।

ତେବେ ବୋତଲ ଜଳ ସୁବିଧାଜନକ ବୋଧହେଲେ ସୁଦ୍ଧା ବାସ୍ତବରେ ଏହା ସ୍ୱାସ୍ଥ୍ୟ ନିମନ୍ତେ କେତେ ସୁରକ୍ଷିତ ତାହା କ୍ରମଶଃ ଏକ ବିତର୍କର ପ୍ରସଙ୍ଗ ପାଲଟିଛି। ପ୍ୟାକେଜ ପାଣିର ଲୁକ୍କାୟିତ ସ୍ୱାସ୍ଥ୍ୟ ସମସ୍ୟାର ବିଭିନ୍ନ ଦିଗ ଉପରେ ସମ୍ପ୍ରତି ବିଶେଷଜ୍ଞମାନେ ଆଲୋକପାତ କରୁଛନ୍ତି। ନିକଟରେ କର୍ଣ୍ଣାଟକରେ ଅନୁଷ୍ଠିତ ପରୀକ୍ଷଣ ଏକ ଚିନ୍ତାଶୀଳ ତଥ୍ୟ ଲୋକଲୋଚନକୁ ଆଣିଛି, କାରଣ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଗୁଣାତ୍ମକ ବିଶ୍ଳେଷଣ ନିମନ୍ତେ ସମଗ୍ର ରାଜ୍ୟରୁ ସଂଗୃହୀତ ବୋତଲ ଜଳ ନମୁନାର ଦୁଇ-ତୃତୀୟାଂଶ ହେଉଛି ସମ୍ପୂର୍ଣ୍ଣ ଅସୁରକ୍ଷିତ କିମ୍ବା ନିମ୍ନମାନର। ଏହା ଏକ ଗୁରୁତର ପ୍ରସଙ୍ଗ ରୂପେ ଉଭା ହୋଇଛି, ଯାହା ସମସ୍ତ ରାଜ୍ୟକୁ ଅନ୍ତର୍ଭୁକ୍ତ କରି ଏକ ଜାତୀୟ ସ୍ତରର ଅଧ୍ୟୟନକୁ ଆହ୍ୱାନ କରେ। ୨୦୨୪ର ଅନ୍ୟ ଏକ ବୈଜ୍ଞାନିକ ଅନୁସନ୍ଧାନ ସୂଚାଇଛି ଯେ ବୋତଲ ଜଳରେ ପୂର୍ବରୁ ଜଣାଥିବା କଣିକା ପରିମାଣ ଅପେକ୍ଷା ୧୦ରୁ ୧୦୦ ଗୁଣ ଅଧିକ ପ୍ଲାଷ୍ଟିକ କଣିକା ଥିବା ସମ୍ଭାବନା ରହିଛି। ଏହି କ୍ଷୁଦ୍ର କଣିକାଗୁଡ଼ିକ ଜଳଧାରଣକାରୀ ବୋତଲରୁ ଏବଂ ପ୍ଲାଷ୍ଟିକ ପ୍ରଦୂଷଣର ଅନ୍ୟାନ୍ୟ ଉତ୍ସରୁ ସଂଗୃହୀତ ହୋଇଥାଏ। ଏହି ଗବେଷକମାନେ ପ୍ରତି ଲିଟର ବୋତଲ ପାଣିରେ ହାରାହାରି ୨,୪୦,୦୦୦ ପ୍ଲାଷ୍ଟିକ କଣିକା ଚିହ୍ନଟ କରିଛନ୍ତି। ଏକଥା ଜ୍ଞାତ ଯେ ଅଦୃଶ୍ୟ ପ୍ଲାଷ୍ଟିକ କଣିକା ଏବଂ ଏହା ସହ ଅନ୍ୟ ବିଷାକ୍ତ ରାସାୟନିକ ପଦାର୍ଥ ନିଃଶ୍ୱାସ, ଜଳ ଏବଂ ଖାଦ୍ୟ ମାଧ୍ୟମରେ ଶରୀରରେ ଅହରହ ପ୍ରବେଶ କରି କୋଷରେ ଜମିରହି ଦୀର୍ଘକାଳୀନ ଭିତ୍ତିରେ ବହୁ ସ୍ୱାସ୍ଥ୍ୟ ସମସ୍ୟା, ଏପରିକି କର୍କଟ ରୋଗ ସୃଷ୍ଟିର କାରଣ ହେଉଛନ୍ତି।

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ(ଏଫ୍‌ଏସ୍‌ଏସ୍‌ଏଆଇ)ପ୍ୟାକେଜ ପାନୀୟ ଜଳ ଏବଂ ମିନେରାଲ ଜଳର ଗୁଣବତ୍ତା ନିୟନ୍ତ୍ରଣ ନିମନ୍ତେ ଡିସେମ୍ବର ୨୦୨୪ରେ ଏହାକୁ 'ଉଚ୍ଚ-ବିପଦପୂର୍ଣ୍ଣ ଖାଦ୍ୟ ବର୍ଗ'ରେ ଶ୍ରେଣୀଭୁକ୍ତ କରିଛି। ଏହି ବର୍ଗର ଖାଦ୍ୟଗୁଡ଼ିକ କ୍ଷତିକାରକ ଅଣୁଜୀବ କିମ୍ବା ରାସାୟନିକ ପଦାର୍ଥ ଦ୍ୱାରା ପ୍ରଦୂଷଣର ଶିକାର ହେବାର ସମ୍ଭାବନା ଯଥେଷ୍ଟ ଥାଏ। ଏସବୁର ଠିକ୍ ଭାବରେ ପରିଚାଳନା, ସଂରକ୍ଷଣ କିମ୍ବା ପ୍ରସ୍ତୁତି ନ ହେଲେ ଖାଦ୍ୟଜନିତ ରୋଗ କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ବୃଦ୍ଧିପାଏ। ପୁନଶ୍ଚ, ସାମ୍ପ୍ରତିକ ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣିରେ ପ୍ରାୟତଃ ଟ୍ୟାପ ପାଣି ଅପେକ୍ଷା ଯଥେଷ୍ଟ ଅଧିକ ପରିମାଣର ପ୍ଲାଷ୍ଟିକ ପ୍ରଦୂଷକ ରହୁଛି।

ଏପରି ଦୃଶ୍ୟପଟ୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କଠୋର ନିୟମ, ବାରମ୍ବାର ଯାଞ୍ଚ, ଉନ୍ନତ ଗ୍ରାହକ ସଚେତନତା ଏବଂ ସୁରକ୍ଷା ମାନଦଣ୍ଡର ଉତ୍ତମ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛି। ଜାତିସଂଘ ଅନୁଯାୟୀ, ଭାରତ ୨୦୨୨ରେ ମୂଲ୍ୟ ଅନୁସାରେ ବିଶ୍ୱରେ ବୋତଲ ଜଳର ୧୨ତମ ଏବଂ ପରିମାଣ ଅନୁସାରେ ୧୪ତମ ବୃହତ୍ତମ ଗ୍ରାହକ ଥିଲା, ଯେତେବେଳେ କି ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ପ୍ରତିବର୍ଷ ସର୍ବାଧିକ ବୋତଲ ଜଳ ବ୍ୟବହାର କରୁଥିବା ରାଷ୍ଟ୍ରର ଆଖ୍ୟା ଅର୍ଜନ କରିଥିଲେ। ଏହି କ୍ରମରେ ଉତ୍ତର ଆମେରିକା ଦ୍ୱିତୀୟ ଏବଂ ୟୁରୋପ ତୃତୀୟ ସର୍ବାଧିକ ବୋତଲ ଜଳ ବଜାର ଅଂଶ ହାସଲ କରିଥିଲା।

ମୁଖ୍ୟତଃ ପଲିଥିଲିନ ଟେରେପଥାଲେଟ (ପେଟ)ରୁ ତିଆରି ପ୍ଲାଷ୍ଟିକ ବୋତଲଗୁଡ଼ିକ ଉତ୍ପାଦନ, ପରିବହନ ଏବଂ ନିଷ୍କାସନ ପ୍ରକ୍ରିୟାରେ ପରିବେଶ ପ୍ରଦୂଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି। ପରିତ୍ୟକ୍ତ ବୋତଲଗୁଡ଼ିକ ଦଶନ୍ଧି ଧରି ପରିବେଶରେ ଜମିରହେ, ଯେଉଁଥିରୁ ମାଇକ୍ରୋପ୍ଲାଷ୍ଟିକ (୫ ମିମିରୁ କମ) ଏବଂ ନାନୋପ୍ଲାଷ୍ଟିକ କଣିକାସବୁର ସୃଷ୍ଟି ହୁଏ। ସମୟକ୍ରମେ ଏସବୁ ସମୁଦ୍ରଠାରୁ ଜଙ୍ଗଲ ପର୍ଯ୍ୟନ୍ତ ସମସ୍ତ ପରିସଂସ୍ଥା ଏବଂ ସେସବୁର ଉଦ୍ଭିଦ ଓ ଜୀବଜନ୍ତୁଙ୍କ ଶରୀରରେ ପ୍ରବେଶ କରୁଛି। ପ୍ଲାଷ୍ଟିକରେ ସାଧାରଣତଃ ଉପଲବ୍ଧ ଥିବା ଥାଲେଟ୍ସ ଏବଂ ବିସ୍ଫିନଲ ଶରୀରର ହରମୋନଗୁଡ଼ିକୁ ବିପର୍ଯ୍ୟସ୍ତ କରିପାରନ୍ତି, ଯାହା ପ୍ରଜନନ ଏବଂ ବିପଚନ (ମେଟାବୋଲିକ) ସମସ୍ୟା ସୃଷ୍ଟି କରେ। ଏପରି ଗମ୍ଭୀର ସମସ୍ୟା ପରିପ୍ରେକ୍ଷୀରେ ବ୍ୟକ୍ତିଗତ ସ୍ତରରେ, କାଚ ବା ଷ୍ଟିଲ ନିର୍ମିତ ପୁନଃବ୍ୟବହାରଯୋଗ୍ୟ ପାଣି ବୋତଲକୁ ପରିବର୍ତ୍ତନ କରିବା ଏବଂ ଉତ୍ତମ ମାନବିଶିଷ୍ଟ ଘରୋଇ ଫିଲ୍ଟ୍ରେଶନ ପ୍ରକ୍ରିୟାର ବ୍ୟବହାର କରି ପ୍ଲାଷ୍ଟିକ ଅପଚୟ ଏବଂ କ୍ଷୁଦ୍ର ପ୍ଲାଷ୍ଟିକ ସଂସ୍ପର୍ଶକୁ ଯଥେଷ୍ଟ ହ୍ରାସ କରାଯିବା ସହ ଜଳରୁ ଅନ୍ୟାନ୍ୟ ପ୍ରଦୂଷକ ଓ ରୋଗ ଜୀବାଣୁଙ୍କୁ ଅପସାରଣ କରିବା ଏକାନ୍ତ ଅପରିହାର୍ଯ୍ୟ। ଉତ୍ତମ ଗୁଣବତ୍ତାର ଜଳଯୋଗାଣ ସହ ଜନସଚେତନତା ଅଭିଯାନ ମାଧ୍ୟମରେ ଟ୍ୟାପ ପାଣି ଉପରେ ବିଶ୍ୱାସ ପୁନଃସ୍ଥାପିତ କରିବା ଏବଂ ନିରନ୍ତର ବ୍ୟବହାର ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପ୍ରଶାସନର ଲକ୍ଷ୍ୟ ହେବା ବାଞ୍ଛନୀୟ।

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ**
**ମୋ: ୯୪୩୭୦୭୬୧୦୦**

# ସାମାଜିକ ଜୀବନରେ ଚାପଗୋଷ୍ଠୀର ଭୂମିକା



**ଅଲେଖ ଚନ୍ଦ୍ର ମିଶ୍ର**

ପ୍ରଖ୍ୟାତ ଗ୍ରୀକ୍ ଦାର୍ଶନିକ ଆରିଷ୍ଟଟଲଙ୍କ ଭାଷାରେ ମଣିଷ ଏକ ସାମାଜିକ ପ୍ରାଣୀ। ସମାଜରେ ତା'ର ଜନ୍ମ, ସମାଜରେ ସ୍ଥିତି ଏବଂ ସମାଜରେ ହିଁ ତା'ର ବିଲୟ। ତେବେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମାଜର ଯେଉଁ ପ୍ରକ୍ରିୟା ମନୁଷ୍ୟର ଜୀବନଶୈଳୀକୁ ବିଶେଷ ଭାବରେ ପ୍ରଭାବିତ ଓ ଅନେକାଂଶରେ ନିୟନ୍ତ୍ରିତ କରିଥାଏ ତାହା ହେଉଛି ଚାପ ଶକ୍ତି। ଚାପ ପ୍ରକ୍ରିୟାର ସୃଷ୍ଟି ପରିବାରରୁ ହୁଏ ଏବଂ ପରିବେଶ ଦ୍ୱାରା ପୁଷ୍ଟ ହୋଇଥାଏ। ସାଇପଡ଼ିଶା, ବନ୍ଧୁବାନ୍ଧବ, ଗୁରୁଜନ, ବିଦ୍ୟାଳୟ, ସାଙ୍ଗସାଥୀ, କର୍ମକ୍ଷେତ୍ର ଇତ୍ୟାଦି ଯେଉଁମାନଙ୍କ ସଂସ୍ପର୍ଶରେ ସେ ଆସେ ସେମାନେ ସମ୍ମିଳିତ ଭାବରେ ଏକ ଚାପଗୋଷ୍ଠୀ ( ପ୍ରେସର୍ ଗ୍ରୁପ୍) ସୃଷ୍ଟି କରନ୍ତି, ଯାହାର ପ୍ରଭାବ ଏତେ ସୁଦୂରପ୍ରସାରୀ ହୋଇଥାଏ ଯେ ସେଥିରୁ ନିବୃତ୍ତ ହେବା ଅସମ୍ଭବ। ଶୈଶବ, କୈଶୋର, ଯୌବନ, ପ୍ରୌଢ଼,ବାର୍ଦ୍ଧକ୍ୟ ଇତ୍ୟାଦି ଯେତେସବୁ ସ୍ତର ଦେଇ ସେ ଗତିକରେ ପ୍ରତ୍ୟେକ କ୍ଷେତ୍ରରେ ସେ ଏପରି ଶିକ୍ଷାଲାଭ କରେ ଯେ ସେ ସବୁ ଦ୍ୱାରା ପରିଚାଳିତ ହୋଇ ଶେଷରେ ସେ ନିଜର ମାତାପିତାଙ୍କୁ ବି ବେଳେ ବେଳେ ନିଜର ନୂତନ ଲବ୍ଧଜ୍ଞାନ ଦ୍ୱାରା ପ୍ରଭାବିତ କରିବାକୁ ଚେଷ୍ଟା କରେ ଏବଂ ସେହିଠାରୁ ହିଁ ଆରମ୍ଭ ହୁଏ ପିଢ଼ିର ବ୍ୟବଧାନ ବା ଜେନେରେଶନ ଗ୍ୟାପ୍।

ବିଦ୍ୟାଳୟ ଶିକ୍ଷା ପ୍ରଦାନ କରେ, କିନ୍ତୁ ପରିବେଶ ବାସ୍ତବ ଅଭିଜ୍ଞତା ଦିଏ। ଏହି ଅଭିଜ୍ଞତାର ଉତ୍ସ ହେଉଛି ସମାଜରେ ପ୍ରଚଳିତ ନାନା ପ୍ରକାରର ଚଳଣି, ଚାଲିଚଳନ,ବିଧିବିଧାନ, ନୀତି ନିୟମ, ରୀତିନୀତି, ବୋଲିବାଣୀ, ଢଗଢମାଳି, ଲୋକଚରିତ୍ର, ଲୌକିକ ବଚନିକା, ପ୍ରବାଦ, ପ୍ରହେଳିକା ଆଦି ଚାପଗୋଷ୍ଠୀ। ଏହାର ପରିସର ଏତେ ବ୍ୟାପକ ଯେ ସେ ସବୁର ଅବତାରଣା କରିବା ସମ୍ଭବ ନୁହେଁ। ତେବେ କେତୋଟିର ଉଦାହରଣ ଦିଆଯାଇପାରେ।

ସମାଜ ଦୃଷ୍ଟିରେ କେତେକ କର୍ମ ସହିତ କୁଅଭ୍ୟାସ ଏପରି ଓତପ୍ରୋତ ଭାବରେ ଜଡ଼ିତ ଯେ ସେଥିରେ ଯେତେ ଭଲ ଉଦ୍ଦେଶ୍ୟ ଥିଲେ ବି କେହି ବିଶ୍ୱାସ କରନ୍ତିନି ଯେପରି ଖଜୁରି ଗଛ ମୂଳରେ ବସି କ୍ଷୀର ପିଇଲେ କ'ଣ ପିଉଛି ନ ଦେଖି, ନ ଜାଣି ଲୋକେ ଧରିନେବେ ଯେ ମଦ ପିଉଛି, କାରଣ ଏହା ଏକ ଜନଶ୍ରୁତି ସମ୍ବଳିତ ସାଧାରଣ ଧାରଣା। 'ବାଟରୁ ଉଠ ମୁଁ ହାଟକୁ ଯିବି ' ସେହିଭଳି ଏକ ଲୌକିକ ବଚନିକା ଯାହା ସ୍ୱୈରିଣୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଏକ ପରୋକ୍ଷ ଉକ୍ତି। ବାଲ୍ୟାବସ୍ଥାରେ ବିଦ୍ୟା ଓ ଧର୍ମ ସଞ୍ଚୟ କରିବା ପାଇଁ ଏକ ଉପଦେଶାତ୍ମକ ବାଣୀ ହେଲା , 'ବାଲ୍ୟକାଳୁ ବିଦ୍ୟା ଧର୍ମ ମୁଁ ସଞ୍ଚିବି ଏ ଜୀବନ ଅନିଶ୍ଚିତ'। ସେହିପରି 'ଠେକୁଆ କଇଁଛ କଥା' କାହାକୁ ଅବା ଅଜଣା ? ଲକ୍ଷ୍ୟ ହାସଲ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଉପରେ ଆଧାରିତ ଏହି ଉପାଖ୍ୟାନଟି ଯୁଗ ଯୁଗ ଧରି ଲୋକ ଚରିତ୍ରକୁ ଦିଗ୍‌ଦର୍ଶନ ଦେଇ ଆସିଛି। ସାଧାରଣତଃ ନୀଚ ଲୋକଟିଏ ଉଚ୍ଚ ସ୍ଥାନ ଅଧିକାର କରିଲା ପରେ ଆପଣାର ପୂର୍ବାବସ୍ଥାକୁ ଭୁଲି ଯାଇ ଧରାକୁ ସରା ଜ୍ଞାନ କରୁଥିବା ବେଳେ ସମାଜ ତାକୁ ପରୋକ୍ଷ ଉକ୍ତିରେ ଉପହସିତ କରେ, 'କାଣ୍ଠିଆ କୁଣ୍ଡାରେ ଦିନ ସରେନି ଏବେ ରୁଚୁ ନାହିଁ ସର ଲବଣୀ '। ଏହାଛଡା




ଲୋକଲଜ୍ଜା, ଚକ୍ଷୁ ଲଜ୍ଜା ବା ଧର୍ମକୁ ଆଖିଠାର ଏହିଭଳି ଏକ ସାମାଜିକ ପ୍ରତିବନ୍ଧକ ଯାହା କୁକର୍ମ କରିବାରୁ ନିବୃତ୍ତ ହେବା ପାଇଁ ଲୋକଙ୍କ ଉପରେ ନୈତିକ ଚାପ ପ୍ରୟୋଗ କରେ, ଯାହାଫଳରେ ସର୍ବସାଧାରଣରେ ମଦ୍ୟପାନ, ନିଶା ସେବନ, ଚୋରି, କୁତ୍ସାରଟନା ଭଳି କର୍ମ ନ କରି ଲୋକଟିଏ ସୁଯୋଗକୁ ଅପେକ୍ଷା କରେ। ସମାଜରେ ପ୍ରଚଳିତ ଅନ୍ୟ ଏକ ଚାପ ପ୍ରୟୋଗକାରୀ ଶକ୍ତି ହେଉଛି ଘରର ଭିତିରି କଥା, ଗୁମର, ଗୋଇ ବା ଇଜ୍ଜତ। ଥରେ ସେଥିରେ ଦାଗ ଲାଗିଗଲେ ଆଉ ଲିଭେନା। ଲୋକମୁଖରେ ପିଢ଼ି ପିଢ଼ି ଧରି ସଂପୃକ୍ତ ପରିବାରର ଏକ କଳଙ୍କ ଭାବରେ ତାହା ଗଡିଚାଲେ। ତେଣୁ ଯେତେ ବଡ଼ ହେଲେ ମଧ୍ୟ ଏଭଳି ଦୁର୍ବଳତା ଥିବା ପରିବାରର ବଂଶଧରମାନେ ମଥାନତ କରିବାକୁ ବାଧ୍ୟ ହୁଅନ୍ତି।

ଏହିପରି ଭାବରେ ଆମ ସମାଜରେ ଅସଂଖ୍ୟ ଚଳଣି ଓ ପରମ୍ପରା ରହିଛି ଯାହାକୁ ପ୍ରଶ୍ନ କରିହେବ ନାହିଁ, କାରଣ ଏସବୁ ଯୁଗ ଯୁଗର ଅଭିଜ୍ଞତା ଏବଂ ଆବଶ୍ୟକତା ଉପରେ ପର୍ଯ୍ୟବସିତ ତଥା ପରୀକ୍ଷିତ। ତେଣୁ ବାହୁ, ଧନ, ଜନ ବଳରେ ଯେତେ ବଳୀୟାନ ହେଲେ ଶକ୍ତି, କ୍ଷମତା, ପ୍ରତିପତ୍ତି,ପ୍ରାଧାନ୍ୟ ଆଦି ଯେତେ ଥିଲେ ବି ଏଭଳି ଚାପଶକ୍ତିକୁ ମାନି ନେବାକୁ ଲୋକ ବାଧ୍ୟ ହୁଏ। କେହି କେହି ଆତ୍ମଗର୍ବୀ ବା ହେତୁବାଦୀ ଏ ସବୁକୁ ଅନ୍ଧବିଶ୍ୱାସ ବୋଲି ହେୟଜ୍ଞାନ କରିବାକୁ ଚାହିଁଲେ ସେଥିପାଇଁ କିଛି ଅନ୍ତରାୟ ନ ଥାଏ ; କିନ୍ତୁ ଯେତେବେଳେ ସେମାନେ କୌଣସି ଅଘଟଣର ସମ୍ମୁଖୀନ ହୁଅନ୍ତି ସେତେବେଳେ ତାଙ୍କ ମନ ଭିତରେ ଚାପି ହୋଇ ରହିଥିବା ଚାପଗୋଷ୍ଠୀର ଉପାଦେୟତାକୁ ସେମାନେ ମନେପକାନ୍ତି।

ଆଗେ ବୟୋଜ୍ୟେଷ୍ଠ ବ୍ୟକ୍ତି, ଗୁରୁଜନ, ଶିକ୍ଷକ, ପଡୋଶୀ, ସମ୍ପର୍କୀୟ ଏମାନେ ସମସ୍ତେ ଅଳ୍ପ ବହୁତେ ଚାପଶକ୍ତିର ବାହକ ଥିଲେ। ଗ୍ରାମ୍ୟ ଚଳଣିକୁ ଶୃଙ୍ଖଳିତ କରିବା ପାଇଁ ମୁଖିଆ, ପୂଜକ, ମୁରବି, ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ ଯେଉଁମାନେ ଗ୍ରାମ ବା ସହର ମଧ୍ୟରେ ଉପୁଜୁଥିବା ମନୋମାଳିନ୍ୟ କିମ୍ବା ଅବୁଝାମଣାକୁ ନିଜ ନିଜ ଭିତରେ ସମାଧାନ କରି ଦେଉଥିଲେ। ସେହିପରି ଧାର୍ମିକ ଅନୁଷ୍ଠାନ ତଥା ମଠ ମନ୍ଦିର ଇତ୍ୟାଦି ଆଧ୍ୟାତ୍ମିକ ଚାପ ମାଧ୍ୟମରେ ସାମାଜିକ ସଂହତି ରକ୍ଷା କରୁଥିଲେ। କାଳକ୍ରମେ ଗଣମାଧ୍ୟମ(ଛାପା ଓ ବୈଦ୍ୟୁତିକ) ନିଜ ନିଜ ସ୍ତରରେ ଏ ବିଷୟରେ ସଚେତନତା ସୃଷ୍ଟି କରି ଆଦର୍ଶ ସମାଜର ବାର୍ତ୍ତା ପ୍ରସାର କରୁଛନ୍ତି ଏବଂ ସରକାରୀ ତଥା ବେସରକାରୀ ସ୍ତରରେ ଘଟୁଥିବା ଅନିୟମିତତାକୁ ଲୋକଲୋଚନକୁ ଆଣିବାକୁ ଯଥାସମ୍ଭବ ପ୍ରୟାସ କରୁଛନ୍ତି। ସମ୍ପ୍ରତି ବହୁଳ ବ୍ୟବହୃତ ହେଉଥିବା ଇଣ୍ଟରନେଟ୍, ୱାଇଫାଇ, ଆଇଟି, ସ୍ମାର୍ଟଫୋନ ଇତ୍ୟାଦି ପୃଥିବୀର କୋଣ ଅନୁକୋଣରେ ଘଟୁଥିବା ଘଟଣାବଳୀକୁ ନିମିଷକରେ ସର୍ବତ୍ର ପହଞ୍ଚେଇ ଦେଇ ସାମଗ୍ରିକ ଚାପଗୋଷ୍ଠୀର ଭୂମିକା ନିଭାଉଛି। ଚାପଗୋଷ୍ଠୀ ଆଦର୍ଶ ଓ ଶୃଙ୍ଖଳିତ ଜୀବନ ଗଠନର ଏକ ବଳିଷ୍ଠ ମାଧ୍ୟମ ହେବା ବ୍ୟତୀତ ବାସ୍ତବ ଜ୍ଞାନର ଅଧିକାରୀ କରେଇ ଥାଏ, ଯାହାର ଅଭାବରେ ସାଧାରଣ ଶିକ୍ଷାଗତ ଯୋଗ୍ୟତା ମୂଲ୍ୟହୀନ ହୋଇଯାଏ। ଅତଏବ ଏକ ସ୍ୱୟଂସମ୍ପୂର୍ଣ୍ଣ ଜୀବନଯାପନ ପାଇଁ ଚାପଗୋଷ୍ଠୀର ଆବଶ୍ୟକତାକୁ ଏଡେଇ ହେବନାହିଁ।

**ଶାସ୍ତ୍ରୀନଗର, ୟୁନିଟ -୪, ଭୁବନେଶ୍ୱର**
**ମୋ: ୯୪୩୮୬୭୩୮୯୮**

## ଏଇ ଭାରତରେ

ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ରୋଜଗାର ଦେବାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉଦାହରଣ ସୃଷ୍ଟି କରିଛନ୍ତି। ୧୦୦ରୁ ଅଧିକ ଦିବ୍ୟାଙ୍ଗ ସେମାନଙ୍କ ସମୁଦାୟ ପାଇଁ ଭିନ୍ନ ଧରଣର ପୋଷାକ ତିଆରି କରୁଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଦିଲ୍ଲୀ କଳା ଓ ବାଣିଜ୍ୟ କଲେଜ( ଡିସିଏସି)ର ଛାତ୍ରୀଛାତ୍ରଙ୍କ ଏକ ଟିମ୍‌ର ନେତୃତ୍ୱରେ 'ପ୍ରୋଜେକ୍ଟ ରିୟାତ'ଦ୍ୱାରା ଏହି କାର୍ଯ୍ୟ ଚାଲୁଛି। ଏହି ପ୍ରୋଜେକ୍ଟ ୨୦୨୩ରେ ଗଠନ କରାଯାଇଥିଲା ଓ ତାହାର ମୁଖ୍ୟ ଥିଲେ ଅଭିଶି । ଏବେ ମିଶା ଉରୋଜ ଏହାର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଡିସିଏସିର ଟିମ୍ ସର୍ଭେ କରି ଏହି ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ଟେଲର ମାଷ୍ଟରଙ୍କ ମାଧ୍ୟମରେ ପ୍ରଶିକ୍ଷଣ ଦେଇଛନ୍ତି। ଏହିସବୁ କାର୍ଯ୍ୟ ଛାତ୍ରୀଛାତ୍ରମାନେ ଦିଲ୍ଲୀସ୍ଥିତ ଅଣ ଲାଭକାରୀ ସଂସ୍ଥା ଫ୍ୟାମିଲି ଅଫ୍ ଡିଜାବିଲିଟି(ଏଫ୍‌ଓଡି)ର ଭାଗୀଦାରିରେ କରୁଛନ୍ତି। ପ୍ରତିଦିନ କଲେଜରେ ପଢ଼ା ପରେ ସନ୍ଧ୍ୟା ୬ଟାରେ ଏହି କାମ ପାଇଁ ସେମାନେ ଆଲୋଚନା କରୁଛନ୍ତି। ଦିବ୍ୟାଙ୍ଗଙ୍କ ଦ୍ୱାରା ତିଆରି ପୋଷାକଗୁଡ଼ିକୁ ପ୍ରୋଜେକ୍ଟର ୱେବ୍‌ସାଇଟରେ ବିକ୍ରି ପାଇଁ ଅର୍ଡର ସଂଗ୍ରହ କରାଯାଉଛି। ପୋଷାକର ମୂଲ୍ୟ ୧,୦୦୦ରୁ ୧୫୦୦ ମଧ୍ୟରେ ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଏପ୍ରିଲ ୧୯୭୬

- ଆଭ୍ୟନ୍ତରୀଣ ବଜାରରେ ଆଳୁର ଖୁଚୁରା ଦର ବୃଦ୍ଧି ପାଇଥିବାରୁ ନାଫେଡ୍ ପକ୍ଷରୁ ପଦକ୍ଷେପ ସ୍ୱରୂପ ବିଦେଶକୁ ଆଳୁ ରପ୍ତାନୀ ବନ୍ଦ।
- ତିରୁମଲାଇ ପର୍ବତମାଳାର ଘାଟି ରାସ୍ତାରେ ଆନ୍ଧ୍ରପ୍ରଦେଶର ପରିବହନ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ଘଟଣାସ୍ଥଳରେ ୧୦ ଜଣ ନିହତ।
- ମିଳିତ ଜାତିସଂଘର ପରବର୍ତ୍ତୀ ସେକ୍ରେଟାରୀ ଜେନେରାଲ ପଦବୀ ପାଇଁ ପ୍ରାର୍ଥୀ ରୂପେ ୬ ଜଣଙ୍କ ନାମ ଉଲ୍ଲେଖ କରାଯାଇଥିବା 'ନ୍ୟୁୟର୍କ ଟାଇମ୍ସ' ସମ୍ବାଦପତ୍ର ସୂତ୍ରରୁ ପ୍ରକାଶ।

## ଚିରନ୍ତନୀ

ବିଶ୍ୱ ହେଲା ନିକଟତମ
ଅତିହିଁ ପ୍ରିୟ, ପ୍ରାସ
ଉଠିଲା ପୁରି ସକଳ କ୍ଷତ
ସକଳ ଅବକାଶ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜଳ ଓ ବିଦ୍ୟୁତ୍ ଅପଚୟ ରୋକାଯାଉ

ମହାଶୟ,

ଜଳ ଓ ବିଦ୍ୟୁତ୍ ଦୁଇଟି ଅତ୍ୟାବଶ୍ୟକ । ମନୁଷ୍ୟ ଜୀବନ ଯାପନ ପାଇଁ ଏଥିରୁ ଗୋଟିଏର ଅଭାବରେ ମଣିଷ ଚଳିପାରିବ ନାହିଁ । ଏବେ ଗ୍ରୀଷ୍ମଋତୁ ଚାଲି ଥିବାରୁ ଜଳାଭାବ ଏକ ପ୍ରମୁଖ ସମସ୍ୟା ରୂପେ ଠିଆ ହୋଇଛି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ପାନୀୟ ଓ ବ୍ୟବହାରଯୋଗ୍ୟ ଜଳର ଘୋର ଅଭାବ ରହିଛି। ବହୁ ଅଞ୍ଚଳରେ ଲୋକମାନେ ଜଳାଭାବରୁ ତହଳ ବିକଳ ହେଉଛନ୍ତି। ମାତ୍ର ଅନେକ ସ୍ଥାନରେ ଜଳର ଅପଚୟ ହେଉଛି । ଘରେ ଜଳ ବ୍ୟବହାର କଲାବେଳେ ଲୋକମାନେ ଅଯଥାରେ ବହୁ ପାଣି ନଷ୍ଟ କରୁଛନ୍ତି । ଅନେକ ଅଞ୍ଚଳରେ ପାଣି ଷ୍ଟାଣ୍ଡ ଅଚଳ ଥିବାରୁ, ପାଣିର ଟ୍ୟାପ୍‌ଗୁଡିକ ଖୋଲା ରହି ସବୁବେଳେ ପାଣି ବୋହିଯାଇ ନଷ୍ଟ ହେଉଛି । ସେହିପରି ବିଦ୍ୟୁତ୍ ବ୍ୟବହାରରେ ଲୋକମାନେ ସଚେତନ ନୁହନ୍ତି । ରାସ୍ତାଘାଟ, ମନ୍ଦିର ପ୍ରାଙ୍ଗଣ ଓ ବହୁ ଅନୁଷ୍ଠାନରେ ଦିନସାରା ଲାଇଟ୍ ଜଳୁଛି । ଅନାବଶ୍ୟକ ସମୟରେ ଫ୍ୟାନ୍‌ଗୁଡିକ ବୁଲୁଛି । ଏହା ତଦାରଖ କରିବାକୁ କୌଣସି ବ୍ୟବସ୍ଥା ନାହିଁ ବା କାହାପାଖରେ ସମୟ ନାହିଁ ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର।**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କୋଲକାତାରେ ଶୁକ୍ରବାର ବରିଷ୍ଠ ଭାଜପା ନେତା ଦିଲୀପ ଘୋଷ ଦଳୀୟ ନେତ୍ରୀ ରିଙ୍କୁ ମଜୁମଦାରଙ୍କୁ ବିବାହ କରୁଛନ୍ତି।

## ୬୦ ବର୍ଷରେ ଦି' ହାତ ହେଲେ ଦିଲୀପ ଘୋଷ

କୋଲକାତା,୧୮।୪(ପି.ଟି.)

ପଶ୍ଚିମବଙ୍ଗ ଭାଜପାର ପୂର୍ବତନ ସଭାପତି ଦିଲୀପ ଘୋଷ ୬୦ ବର୍ଷ ବୟସରେ ହାତେରୁ ଦି ହାତ ହୋଇଛନ୍ତି। କୋଲକାତାରେ ଭାଜପା ନେତ୍ରୀ ରିଙ୍କୁ ମଜୁମଦାର (୫୧)ଙ୍କୁ ସେ ବିବାହ କରିଛନ୍ତି। ୨୦୨୧ରେ ପ୍ରାତଃଭ୍ରମଣ ବେଳେ ଉଭୟେ ପରସ୍ପରକୁ ଭେଟିଥିଲେ। ପରେ ସମ୍ପର୍କରେ ଘନିଷ୍ଠତା ବଢ଼ିଥିଲା। ତେବେ ମା'ଙ୍କ କଥା ମାନି ବିବାହ କରିଥିବା ପୂର୍ବତନ ଏମ୍‌ପି ଦିଲୀପ କହିଛନ୍ତି। ଦିଲୀପ ପୂର୍ବରୁ ଅବିବାହିତ ଥିବାବେଳେ ରିଙ୍କୁଙ୍କ ଏହା ଦ୍ୱିତୀୟ ବିବାହ। ପ୍ରଥମ ବିବାହରୁ ତାଙ୍କର ଏକ ପୁଅ ଅଛନ୍ତି।

# ୩୦ରେ କଂଗ୍ରେସର ଚାଷୀ ସମାବେଶ: ଭକ୍ତ

ଭୁବନେଶ୍ୱର,୧୮।୪ (ରବିନାରାୟଣ ଜେନା)

ରାଜ୍ୟରେ ନାରୀ ନିର୍ଯାତନାକୁ ନେଇ କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିବା ସଂଘର୍ଷ ଆଗକୁ ତୀବ୍ର ହେବ। ଏହାସହିତ ଚଳିତମାସ ୩୦ରେ ପବିତ୍ର ଅକ୍ଷୟତୃତୀୟା ଦିନ ଚାଷୀଙ୍କ ସମସ୍ୟାକୁ ନେଇ କଂଗ୍ରେସ ପକ୍ଷରୁ ଜିଲାସ୍ତରରେ ଚାଷୀ ସମାବେଶ କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଭକ୍ତ କହିଛନ୍ତି, ଆସନ୍ତା ୨୧ରେ ଜିଲାସ୍ତରରେ ନାରୀଙ୍କ ପାଇଁ ନ୍ୟାୟ ସମାବେଶ କରାଯିବାକୁ ଥିଲା। ମାତ୍ର ଏହାକୁ ୩୦କୁ ଘୁଞ୍ଚାଇ ଦିଆଯାଇଛି। ଏହି ଦିନ ନାରୀଙ୍କ ପାଇଁ ନ୍ୟାୟ ସହିତ ଚାଷୀ ସମାବେଶ କରାଯିବ। ରାଜ୍ୟ ସରକାର କିଭଳି ନାରୀ ଓ ଚାଷୀଙ୍କୁ ଅବହେଳିତ କରୁଛନ୍ତି ତା'ର ଜବାବ ସରକାରଙ୍କଠାରୁ ମଗାଯିବ। ଏଥିସହ ସମଗ୍ର ରାଜ୍ୟରେ ୬୪ ହଜାର ମହିଳା ନିଖୋଜ ଅଛନ୍ତି। ରାଜ୍ୟରେ ଏହାକୁ ନେଇ ଭୟଙ୍କର ବେପାର ଚାଲିଛି। ସରକାର ପୋଲିସ ବଳକୁ ବ୍ୟବହାର କରି ଏସବୁ ରୋକିବା କଥା କିନ୍ତୁ ଏଦିଗରେ ସରକାରୀ ବଳ ନ ଖଟାଇ ଯେଉଁମାନେ ନାରୀଙ୍କ ପାଇଁ ସ୍ୱର ଉଠାଇଲେ ତାଙ୍କୁ ଦମନ କରୁଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ପୋଲିସକୁ ବ୍ୟବହାର କରାଯାଉଛି ବୋଲି ସେ କହିଛନ୍ତି।

### ଆଜି ପୁଣି ଇଡି କାର୍ଯ୍ୟାଳୟ ଘେରାଉ

ଭକ୍ତ ଚରଣ ଦାସ

ସେହିପରି ଆସନ୍ତା ୩୦ରେ ଜିଲାସ୍ତରରେ ହେବାକୁ ଥିବା ଚାଷୀ ସମାବେଶ ବେଳେ କଂଗ୍ରେସ ନେତୃବୃନ୍ଦ ଚାଷୀଙ୍କ ସମସ୍ୟା ନେଇ ଆଲୋଚନା କରିବେ। ପରେ ଚାଷୀଙ୍କ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଭକ୍ତ କହିଛନ୍ତି। ଅପରପକ୍ଷେ ଯୁବ କଂଗ୍ରେସ ପକ୍ଷରୁ ଶନିବାର ପୂର୍ବାହ୍ନ ୧୧ଟା୩୦ରେ ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ୍ ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ନ୍ୟାଶନାଲ ହେରାଲ୍ଡ ମାମଲାରେ ବରିଷ୍ଠ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନାମରେ ଇଡି ପକ୍ଷରୁ ଅଭିଯୋଗ ଫର୍ଦ୍ଦ ଦାଖଲର ବିରୋଧ କରି ଏହି ବିକ୍ଷୋଭ କରାଯିବ।

## ଚାଷୀ, ମା'ଙ୍କୁ ମିଳିଲା ସମ୍ମାନ: ମନମୋହନ

### ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଚାନ୍ଦବାଲି/ ଭଦ୍ରକ,୧୮।୪ (କିଷାନ ପାତ୍ର/ ସନାତନ ରାଉତ)

ଓଡ଼ିଶାରେ ଭାଜପା ସରକାର ଗଠନ ପରେ ମା'ମାନଙ୍କୁ ସୁଭଦ୍ରା ଯୋଜନା ଓ ଚାଷୀମାନଙ୍କୁ ଧାନର ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରି ଉପଯୁକ୍ତ ସମ୍ମାନ ଦିଆଯାଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଶୁକ୍ରବାର ଅପରାହ୍ନରେ ଭଦ୍ରକ ଜିଲା ଚାନ୍ଦବାଲି ସହର ବିଜୁ ସ୍ମୃତି ଭବନ ଏବଂ ସନ୍ଧ୍ୟାରେ ଭଦ୍ରକ କୁଆଁସସ୍ଥିତ ବିଧାୟକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଏଥିସହ ମନମୋହନ କହିଛନ୍ତି, ରାଜ୍ୟ ସରକାର ମହିଳାଙ୍କୁ ସଶକ୍ତ କରିବା ସହିତ କୃଷକଙ୍କ ଆୟ ୨ ଗୁଣା କରିଛନ୍ତି। ନିର୍ବାଚନ ବେଳେ ଦେଇଥିବା ସବୁ ପ୍ରତିଶ୍ରୁତି ସରକାର ପୂରଣ କରିଛନ୍ତି। ସରକାରଙ୍କ ସମସ୍ତ ଯୋଜନାକୁ ଘରେ ଘରେ ପହଞ୍ଚାଇବା ପାଇଁ ସକ୍ରିୟ ସଦସ୍ୟମାନଙ୍କୁ ସେ ଆହ୍ୱାନ ଦେଇଛନ୍ତି।

# ଯୁବ ସମାଜ କଂଗ୍ରେସକୁ କ୍ଷମା ଦେବ ନାହିଁ: ଅଭିଳାଷ

ଭୁବନେଶ୍ୱର, ୧୮।୪(ସୁନିତ୍ ମିଶ୍ର)

### ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗରେ ଭାଜପା ଯୁବମୋର୍ଚ୍ଚାର ବିକ୍ଷୋଭ

କଂଗ୍ରେସ ବିରୋଧରେ ରାସ୍ତାକୁ ଓହ୍ଲାଇଛି ଭାଜପା ଯୁବମୋର୍ଚ୍ଚା। ନ୍ୟାଶନାଲ ହେରାଲ୍ଡ ପ୍ରସଙ୍ଗକୁ ନେଇ ଶୁକ୍ରବାର ମାଷ୍ଟର କ୍ୟାଣ୍ଟିନ ଛକଠାରେ ଯୁବମୋର୍ଚ୍ଚା ନେତା ଓ କର୍ମୀମାନେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା କହିଛନ୍ତି, ଧାରଣା ଦେବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ଦେଶର ସମ୍ପତ୍ତି, ଜମି ଓ ଧନ ଲୁଟ୍ କରିବାର ଅଧିକାର କାହାକୁ ଦିଆଯାଇନାହିଁ। ଧାରଣା ଦେଇ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ କଂଗ୍ରେସ ଅତ୍ୟନ୍ତ ନିର୍ଲଜ କାମ କରୁଛି। ଗତ ୪ ବର୍ଷ ଧରି ନ୍ୟାଶନାଲ ହେରାଲ୍ଡ ମାମଲା ସୁପ୍ରିମକୋର୍ଟରେ ଚାଲିଛି। କୋର୍ଟରେ ସନ୍ତୋଷଜନକ ତଥ୍ୟ ଉପସ୍ଥାପନ କରିବା ପରିବର୍ତ୍ତେ ଧାରଣା ଓ ବିକ୍ଷୋଭ କରୁଛି। ଏହି ଘଟଣାରେ ବର୍ତ୍ତମାନ ଜାମିନରେ ଥିବା ଉଭୟ ସୋନିଆ ଏବଂ ରାହୁଲ ଗାନ୍ଧୀ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ଆଶ୍ୱସ୍ତି ମିଳିନାହିଁ। ଏବେ ଆଇନକୁ ସାହାଯ୍ୟ ଓ ସହଯୋଗ କରିବା ପରିବର୍ତ୍ତେ ତଦନ୍ତକାରୀ ସଂସ୍ଥା ଇଡିକୁ କଂଗ୍ରେସ ପକ୍ଷରୁ ଧମକ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିଳାଷ କହିଛନ୍ତି। ୫ ହଜାରରୁ ଊର୍ଦ୍ଧ୍ୱ ଦେଶଭକ୍ତ ଓ କ୍ରାନ୍ତିକାରୀଙ୍କ ଆର୍ଥିକ ସହଯୋଗରେ ୧୯୩୭ରେ ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶନ ଆରମ୍ଭ ହୋଇଥିଲା। ଏହା ନେହେରୁ ପରିବାରର ବ୍ୟକ୍ତିଗତ ମାଲିକାନା ନ ଥିଲା। ଦେଶର ସ୍ୱାଧୀନତା ସଂଗ୍ରାମ ସେନାମୀଙ୍କ ବାର୍ତ୍ତାକୁ ସାରା ଦେଶରେ ପହଞ୍ଚାଇବା ଏହି ଖବରକାଗଜର ମୂଳ ଉଦ୍ଦେଶ୍ୟ ଥିଲା। ହେଲେ ଏହି ଖବର ସରବରାହ ସଂସ୍ଥାକୁ କଂଗ୍ରେସ ଓ ଗାନ୍ଧୀ ପରିବାର ନିଜର ସମ୍ପତ୍ତି ଭଳି ବ୍ୟବହାର କରିଛନ୍ତି। ଯୁବସମାଜ କଂଗ୍ରେସକୁ କେବେ କ୍ଷମା ଦେବ ନାହିଁ ବୋଲି ଅଭିଳାଷ କହିଛନ୍ତି।




ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକଠାରେ ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କଂଗ୍ରେସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ବିଜେଡି ସଭାପତି ଭାବେ ଆଜି ନବୀନଙ୍କ ନାମ ଘୋଷଣା

ଭୁବନେଶ୍ୱର,୧୮।୪(ସୁନିତ୍ ମିଶ୍ର)

ବିଜେଡି ସଭାପତି ଭାବେ ନବୀନ ପଟ୍ଟନାୟକଙ୍କ ନାମ ଶନିବାର ବିଧିବଦ୍ଧ ଭାବେ ଘୋଷଣା କରାଯିବ। କାରଣ ଦଳରୁ ନବୀନଙ୍କ ବ୍ୟତୀତ ଆଉ କେହି ଏହି ପଦ ଲାଗି ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ପୂର୍ବରୁ ମଧ୍ୟ ୧୯ରେ ନବୀନ ସଭାପତି ଭାବେ ୯ମ ଥର ଲାଗି ଦାୟିତ୍ୱ ନେବେ ବୋଲି ଦଳ ଭିତରେ ଚର୍ଚ୍ଚା ହେଉଥିଲା। ଅନ୍ୟପଟେ ଦଳର ରାଜ୍ୟ ପରିଷଦ ବୈଠକ ଶଙ୍ଖ ଭବନଠାରେ ଶନିବାର ଅନୁଷ୍ଠିତ ହେବ। ଏଥିରେ ଦଳର ବହୁ ବରିଷ୍ଠ ନେତାମାନେ ଯୋଗଦେବେ ବୋଲି ଜଣାପଡ଼ିଛି। ଆଗକୁ ଦଳର ରଣନୀତି କ'ଣ ହେବ ଏବଂ ଦଳର କେଉଁ ସବୁ ସଂଗଠନର ଦାୟିତ୍ୱ କେଉଁମାନଙ୍କୁ ବଣ୍ଟାଯିବ ସେସବୁ ବିଷୟରେ ଆଲୋଚନା ହୋଇପାରେ। ଅନ୍ୟପଟେ ଦଳରେ ବହୁ ବରିଷ୍ଠ ନେତାମାନେ କିଛିଦିନ ହେବ ସିଧାସଳଖ ନବୀନଙ୍କୁ ବିଭିନ୍ନ କଥାରେ ଚ୍ୟାଲେଞ୍ଜ କରିବାରେ ଲାଗିଛନ୍ତି। ଯାହାକୁ ନେଇ ଦଳ ଭିତରେ ଏକ ଭିନ୍ନ ପ୍ରକାର ପରିସ୍ଥିତି ସୃଷ୍ଟି ହୋଇଛି। ତେଣୁ ଦଳ ସାଙ୍ଗଠନିକ ନିର୍ବାଚନ ଏବଂ କାହାକୁ କେଉଁ ଦାୟିତ୍ୱ ଦେବ ସେସବୁ ସ୍ଥିର କରିବା ଦିଗରେ ଦଳୀୟ ମୁଖିଆଙ୍କ ଚିନ୍ତା ବଢ଼ିଯାଇଛି। ତେବେ ନବୀନ ସଭାପତି ଦାୟିତ୍ୱ ନେବା ପରେ ରାଜ୍ୟ ପରିଷଦ ବୈଠକରେ କେଉଁସବୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହେବ ତାହା ଉପରେ ସମସ୍ତଙ୍କ ନଜର ରହିବ।

### ଶଙ୍ଖ ଭବନରେ ବସିବ ରାଜ୍ୟ ପରିଷଦ ବୈଠକ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଫାର୍ମାସ୍ୟୁଟିକାଲ କମ୍ପାନୀ ପାଇଁ ରାୟଗଡ଼ା ନିମନ୍ତେ ସେଲ୍ସ ଏକ୍ଜିକ୍ୟୁଟିଭ୍ ଆବଶ୍ୟକ। ଯୋଗ୍ୟତା – ଯେକୌଣସି ଡିଗ୍ରୀ, ଅଭିଜ୍ଞତା – ସର୍ବନିମ୍ନ ୪ ବର୍ଷ। ଯୋଗାଯୋଗ – ୯୮୬୧୫୩୪୮୮୮, ୭୩୨୫୯୭୮୧୯୯

**REQUIREMENT**
Wanting one staff for our distributorship Godown At Khordha. Experience in marg software.
Mob : 9556070670

Gitanjali AWARDS
WANTED GRAPHIC DESIGNERS
With complete knowledge of CorelDraw.
Interested candidates may send their resume to
info@gitanjaliawards.com.
Gitanjali Awards Pvt. Ltd.
59, Saheed Nagar, Bhubaneswar. Ph: 7381092101
www.gitanjaliawards.com

ଅନ୍ୟାନ୍ୟ ଖବର

# 'ଜାଟ୍' ସିନେମାକୁ ନେଇ ବିବାଦ

ଚଣ୍ଡିଗଡ଼,୧୮।୪

### ସନ୍ନି ଦେଓଲ, ରଣଦୀପ୍ ହୁଡାଙ୍କ ନାଁରେ ମାମଲା

ଗତ ୧୦ ତାରିଖରେ ମୁକ୍ତିଲାଭ କରିଥିବା 'ଜାଟ୍' ଚଳଚ୍ଚିତ୍ରର ଏକ ଦୃଶ୍ୟ ସମଗ୍ର ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଧର୍ମୀୟ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗକ୍ରମେ ବଲିଉଡ୍ ଅଭିନେତା ସନ୍ନି ଦେଓଲ, ରଣଦୀପ୍ ହୁଡା ଏବଂ ବିନୀତ କୁମାର ସିଂଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଯିଶୁ ଖ୍ରୀଷ୍ଟଙ୍କୁ ଚଳଚ୍ଚିତ୍ରରେ ଅସମ୍ମାନିତ କରାଯାଇଥିବା ଅଭିଯୋଗ ହୋଇଛି। ଧର୍ମୀୟ ଭାବନାକୁ ଉତ୍ତେଜିତ କରିବା ଲାଗି ଜାଣିଶୁଣି ଏଭଳି ଦୃଶ୍ୟ ସ୍ଥାନିତ କରାଯାଇଥିବା ନେଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଧାରା ୨୯୯ ଅନୁଯାୟୀ ଜଳନ୍ଧର ଥାନାରେ ଏତଲା ଦାଏର ହୋଇଛି। ଏହା ବ୍ୟତୀତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଗୋପୀଚାନ୍ଦ ମାଲିନେନି ଏବଂ ପ୍ରଯୋଜକଙ୍କ ନାଁରେ ମଧ୍ୟ ଏତଲା ହୋଇଛି। ନିର୍ଦ୍ଦେଶକ, କାହାଣୀ ଲେଖକ ଏବଂ ଚଳଚ୍ଚିତ୍ର ନିର୍ମାତା ଜାଣିଶୁଣି ପବିତ୍ର ଗୁଡ୍ ଫ୍ରାଇଡେ ଏବଂ ଇଷ୍ଟର ମାସରେ ଚଳଚ୍ଚିତ୍ରକୁ ମୁକ୍ତିଲାଭ କରାଇଥିବାର ଖ୍ରୀଷ୍ଟିଆନମାନେ କ୍ଷୁବ୍ଧ ହୋଇଛନ୍ତି। ଏହାକୁ ନେଇ ଦେଶର ବିଭିନ୍ନ ଭାଗରେ ଉତ୍ତେଜନା ଦେଖାଦେବା ସହ ଚଳଚ୍ଚିତ୍ରକୁ ନିଷିଦ୍ଧ କରାଯିବା ପାଇଁ ଦାବି ହେଉଛି। ସନ୍ନି ଦେଓଲଙ୍କ ଅଭିନୀତ ସଦ୍ୟତମ ଫିଲ୍ମ ଜାଟ୍‌ରେ ରଣଦୀପ ହୁଡା, ବିନୀତ କୁମାର ସିଂ, ସୈୟାମି ଖେର, ରେଜିନା କେସେଣ୍ଡ୍ରା, ପ୍ରଶାନ୍ତ ବଜାଜ, ଜରିନା ୱାହାବ ପ୍ରମୁଖ ଅଭିନୟ କରିଛନ୍ତି।

## କାରଖାନାରେ ଦୁର୍ଘଟଣା, ୨ ମୃତ

ଢେଙ୍କାନାଳ,୧୮।୪(ରତନ ନାୟକ)

ଢେଙ୍କାନାଳ ଜିଲା ବାଲିମି ଥାନା ଅଞ୍ଚଳରେ ଥିବା ରୁଙ୍ଗଟା ଇସ୍ପାତ କାରଖାନା ପରିସରରେ ଶୁକ୍ରବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟି ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଆହତ ହୋଇଥିବା ସୂଚନା ମିଳିଛି। କାରଖାନା ପରିସର ୯ ନମ୍ବର କିଲନ୍‌ରେ ଏକ ଠିକାସଂସ୍ଥାର ମେକାନିକାଲ କାର୍ଯ୍ୟ ଚାଲୁଥିବା ବେଳେ ହଠାତ୍ ଦୁର୍ଘଟଣା ଘଟିଥିଲା। ମୃତ ଶ୍ରମିକମାନେ ହେଲେ ବାଲିମି ଥାନା କଣ୍ଟାମିଲା ଗ୍ରାମର ଜିତେନ୍ଦ୍ର ବେହେରା ଓ ପୁରନ୍ଦର ପ୍ରଧାନ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ଆହତଙ୍କୁ କମ୍ପାନୀ ପକ୍ଷରୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାର ପ୍ରତିବାଦରେ କାରଖାନାରେ ଶ୍ରମିକମାନେ ଧାରଣାରେ ବସିଛନ୍ତି। ପୋଲିସ ଓ କାରଖାନା କର୍ତ୍ତୃପକ୍ଷ ଧାରଣାରତ ଶ୍ରମିକମାନଙ୍କୁ ବୁଝାସୁଝା ଜାରି ରଖିଛନ୍ତି।

House Construction
Starting @1599/per Sqft.
Simplex / Duplex / Triplex / Apartment
By The Experts Only.
(With Branded Materials like Rebar- Tata /Jsw /Jindal , Cement-Ultratech /Acc / Dalmia, Bricks-10", Tiles-kajaria / Somany, Paints-Asian / Berger, Sanitary Fittings-Jaquar / Hindware / Cera, Electrical Wire - Finolex / Havells / Polycab, Modular Switches Havells / Anchor / Cona / Goldmedal, UPvc Window- Fenesta / Veka / Lg / Saint Gobain)
M Planets -7008550473
L427, Baramunda, Bhubaneswar.

APPOINTMENT
DISTRICT DISABILITY REHABILITATION CENTRE (DDRC), DEOGARH
Applications are invited from the Interested Professional /Personnels for engagement at DDRC, Deogarh on contractual basis for the following posts with eligible criteria. Salary as prescribed by Govt. of India, DDRC Project
1. Audiologist/Sr. Speech Therapist (1 no.) Qualification: BASLP/B.Sc. Speech & Hearing with Valid CRR No., 2. Accountant Cum Clerk (1 no.) Qualification: B.Com with 2 Yrs Experience, 3. Vocational Counsellor. (1 no.) Qualification: +3 With Diploma in Counselling/ B.R.Sc/ ADCGC with Valid CRR No.
Interested Candidates may send their Resume affix a PP size colour photo, headed as Post applied for with all the qualification certificates and marksheets in single pdf within 300kb. E mail: to ddrcdeogarh@gmail.com as on or before 23rd April, 2025. Shortlisted candidates will be called for Interview. Applications received thereafter shall not be entertained.
Sd/-
DDRO, DDRC, Deogarh

# ଖାଦ୍ୟ ହିଁ ମହୌଷଧି

### ଆଜି ବିଶ୍ୱ ଯକୃତ୍ ଦିବସ

ପ୍ରତିବର୍ଷ ଏପ୍ରିଲ ୧୯ ତାରିଖକୁ ବିଶ୍ୱ ଯକୃତ୍ ଦିବସ ବା ୱାର୍ଲ୍ଡ ଲିଭର ଡେ' ଭାବରେ ପାଳନ କରାଯାଇଆସୁଛି। ଯକୃତ୍ ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଦ୍ୱିତୀୟ ବୃହତ୍ତମ ଅଙ୍ଗ, ଏହା ଉପରେ ଆମର ସ୍ୱାସ୍ଥ୍ୟ ବିଶେଷରୂପେ ନିର୍ଭର କରିଥାଏ। ତେଣୁ ଏହାକୁ ସୁସ୍ଥ ରଖିବା ଉପାୟଗୁଡ଼ିକୁ ପାଳନ କରିବାକୁ ପଡ଼ିବ। ଲିଭର ଅବସ୍ଥା ଓ କାର୍ଯ୍ୟକ୍ଷମତା ଆମେ ଖାଉଥିବା ଖାଦ୍ୟ ଉପରେ ନିର୍ଭର କରିଥାଏ। ଚଳିତ ବର୍ଷ ଏହି ଦିବସ ଲାଗି ବାର୍ତ୍ତା ରହିଛି 'ଖାଦ୍ୟ ହିଁ ମହୌଷଧି'।

ଏପରି କୌଣସି ଖାଦ୍ୟ, ପାନୀୟ ଏବଂ ଔଷଧ ନାହିଁ ଯାହା ଆମ ଲିଭର ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। ମଦ, କେତେକ ଔଷଧ, ବିଷାକ୍ତ ପଦାର୍ଥ ଇତ୍ୟାଦି ଲିଭରର ଅଶେଷ କ୍ଷତି ସାଧନ କରିଥାଆନ୍ତି।

ଲିଭର ପାକସ୍ଥଳୀ, ତାହାଣ କିଡ୍‌ନୀ ଓ ଗ୍ରହଣୀ ଉପରେ ଅବସ୍ଥିତ। ପ୍ରଥମତଃ ଲିଭର ରକ୍ତକୁ ପରିଷ୍କାର କରିଥାଏ ବା ଛାଣିଥାଏ। ଏହା ରକ୍ତରେ ଥିବା ବିଷାକ୍ତ, ବର୍ଜ୍ୟ ଓ କ୍ଷତିକାରକ ପଦାର୍ଥକୁ ରକ୍ତରୁ ସଫା କରିଥାଏ। ଏହାସହିତ କୋଲେଷ୍ଟ୍ରଲ, ହରମୋନ ଓ ଔଷଧୀୟ ତତ୍ତ୍ୱଗୁଡ଼ିକୁ ବିଘଟନ କରିଥାଏ। ପାଚନତନ୍ତ୍ରରୁ ପ୍ରଥମେ ଲିଭର ମଧ୍ୟ ଦେଇ



ପରିଶେଷ ହେଲା ପରେ ହୃଦୟନ୍ତ୍ର ରକ୍ତ ସଞ୍ଚାଳନ ପଥକୁ ଯାଇଥାଏ। ଏହା ବାଇଲ୍ ବା ପିତ୍ତ ନାମକ ପଦାର୍ଥ ତିଆରି କରେ, ଯାହାକି ଖାଦ୍ୟ ହଜମ ତଥା ଅବଶୋଷଣରେ ସାହାଯ୍ୟ କରିଥାଏ। ବାଇଲ୍ ବା ପିତ୍ତରସ ପିତ୍ତ କୋଷରେ ଥାଏ। ଲିଭର ଖାଦ୍ୟକଣିକା, ଔଷଧ ଓ ଅନ୍ୟାନ୍ୟ ପଦାର୍ଥକୁ ବିଘଟନ କରି ଷ୍ଟେହସାର, ପୁଷ୍ଟିସାର, ଶ୍ୱେତସାର ଇତ୍ୟାଦିକୁ ଜାରଣ କରାଇ ଶରୀର ପାଇଁ ଶକ୍ତି ଓ ବିଭିନ୍ନ ପ୍ରୋଟିନ ଗଠନ କରିଥାଏ। ପଦାର୍ଥକୁ ମଧ୍ୟ ବିଘଟିତ କରି ଶରୀରକୁ ସେମାନଙ୍କ କୁପ୍ରଭାବରୁ ରକ୍ଷା କରିଥାଏ। ପ୍ଲାଜମା ପ୍ରୋଟିନ୍ ଗଠନ ସହ ରୋଗ ପ୍ରତିରୋଧକ ଶକ୍ତି ପ୍ରସ୍ତୁତିରେ ଆବଶ୍ୟକ ପ୍ରୋଟିନ ଯଥା ଇମ୍ୟୁନୋଗ୍ଲୋବିନ୍, କମ୍ପ୍ଲିମେଣ୍ଟ ପ୍ରୋଟିନ୍ ଓ ସାଇଟୋକାଇନିନ୍ ଇତ୍ୟାଦି ମଧ୍ୟ ଲିଭର ଦ୍ୱାରା ତିଆରି ହୋଇଥାଏ।

ପ୍ରଥମତଃ ଆମେ ଖାଉଥିବା ଖାଦ୍ୟଗୁଡ଼ିକ ରସାୟନମୁକ୍ତ ହେବା ଦରକାର। କେତେଗୁଡ଼ିଏ ଖାଦ୍ୟ-ଫଳମୂଳ, କୁବେରୀ, ଅଙ୍ଗୁର, ସପେଟା, ନାସପତି, ଜାମୁ କୋଳି, ଖଜୁରି, କନ୍ଦ, ବ୍ରୋକୋଲି, ବନ୍ଧା ଓ ଫୁଲକୋବି, ମଟର, ସଜନାଛୁଇଁ, କାକୁଡ଼ି, କଳରା, ଆଲମଣ୍ଡ, ଚେଲିଆ ମାଛ, ବୁନା ମାଛ, ଗ୍ରୀନ୍ ଟି, ଅଲିଭ ତେଲ, ଧନିଆ, ପିଆଜ, ରସୁଣ, ହଳଦୀ, ଲେମ୍ବୁ, ପିଜୁଳି, ପଣସ ମଞ୍ଜି, ସପୁରି ଇତ୍ୟାଦି ଲିଭର ପାଇଁ ବେଶ୍ ଉପକାରୀ। ଏହାବ୍ୟତୀତ ଅଶୋଧିତ ଭାବେ ପ୍ରସ୍ତୁତ ଚାଉଳ, ଅଟା, ମିଲେଟ୍, ମକା ଇତ୍ୟାଦି ମଧ୍ୟ ସ୍ୱାସ୍ଥ୍ୟକର ଖାଦ୍ୟ। କମ୍ ଲୁଣ, କମ୍ ଚିନି ଓ କମ୍ ମସଲା ଓ ରାଗ ମଧ୍ୟ ହିତକର। ଲିଭର ପାଇଁ ସବୁଠାରୁ କ୍ଷତିକାରକ ହେଉଛି ମଦ୍ୟପାନ ଓ କେତେକ ଔଷଧ। ଅତ୍ୟଧିକ ମଦ୍ୟପାନ ଲିଭର କୋଷଗୁଡ଼ିକୁ ନଷ୍ଟ କରି ସିରୋସିସ୍ ପରି ଗୁରୁତର ରୋଗ ସୃଷ୍ଟି କରେ। ଅତ୍ୟଧିକ ମୋଟାପଣ, ଡାଇବେଟିସ୍, ଉଚ୍ଚ କୋଲେଷ୍ଟ୍ରଲ, ଅନିୟନ୍ତ୍ରିତ ରକ୍ତଚାପ ସହିତ ବିଭିନ୍ନ ପ୍ରକାର ସଂକ୍ରମଣ ଯଥା ଭୂତାଣୁ, ଜୀବାଣୁ ଓ ପାରାସାଇଟ୍, ସିଷ୍ଟ, ନିମାଟୋଡ୍, ଆମିବା ପ୍ରୋଟୋଜୋଆ, ମ୍ୟାଲେରିଆ, ଡେଙ୍ଗୁ ଜୀବାଣୁ ମଧ୍ୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଲିଭରକୁ ଅକାମୀ କରିଥାଆନ୍ତି। ତେଣୁ ଅନ୍ୟାନ୍ୟ ଅଙ୍ଗ ସହ ଲିଭରର ସୁସ୍ଥତା ପାଇଁ ଖାଦ୍ୟ,ଔଷଧ ସେବନରେ ସତର୍କ ହେବା ଆବଶ୍ୟକ।

-ଡା. ରାମଚନ୍ଦ୍ର ରାଉତ,ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ, ଓଡ଼ିଶା

ପୂର୍ବ ତଟ ରେଳପଥ
Tender Notice No.: 04-KUR-TRD-OT-2025-26, ତାରିଖ : 10.04.2025
କାର୍ଯ୍ୟର ନାମ: ଭଦ୍ରକ (BHC) ଷ୍ଟେସନ ... (KUR) ...
ବିଜ୍ଞାପିତ ମୂଲ୍ୟ : ଟ.66,34,701.30
EMD: ଟ. 1,32,700/-
ଟେଣ୍ଡର ବନ୍ଦ ତାରିଖ ଏବଂ ସମୟ : ତା. 05.05.2025 ରିଖ 1300 ଘଣ୍ଟାରେ
www.ireps.gov.in
ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(TRD) ଖୋର୍ଦ୍ଧା ରୋଡ
PR-42/O/25-26

ପୂର୍ବତଟ ରେଳପଥ
File No. DRM/Engg/KUR/24-25/E-Tender/02 ତା.10.04.2025
(1) Tender Notice No.: e-tenderNorthKUR-08-2025, ତା.08.04.2025
କାର୍ଯ୍ୟର ମୂଲ୍ୟ : ଟ.828.48 ଲକ୍ଷ
EMD : ଟ.5,64,300/-, କାର୍ଯ୍ୟ ସମାପ୍ତି ଅବଧି : 12 (ବାର) ମାସ
(2) Tender Notice No.: e-tenderNorthKUR-09-2025, ତା.08.04.2025
କାର୍ଯ୍ୟର ମୂଲ୍ୟ : ଟ.828.48 ଲକ୍ଷ
EMD : ଟ.5,64,300/-, କାର୍ଯ୍ୟ ସମାପ୍ତି ଅବଧି : 12 (ବାର) ମାସ
ଟେଣ୍ଡର ବନ୍ଦ ତା.30.04.2025 ରିଖ 1500 ଘଣ୍ଟାରେ
www.ireps.gov.in
PR-41/O/25-26

OHPC
ODISHA HYDRO POWER CORPORATION LTD
CIN: U401010R1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661, Email-hpschiplima@yahoo.in, Fax No. (0663) 2460505
No.CAD-157
No.-CHEP/TW-53 (Vol.-III)/1375 Date: 16.04.2025
TENDER CALL NOTICE NO.-CHEP-05/2025-26
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Suppliers meeting eligibility criteria only for procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply of BLDC AC Ceiling Fans, Stabilizers, FRP & Aluminium Ladders, Skytuch Telescopic Pruning Saw Hand Operator and Bush Cutter Machine for CHEP, Chiplima | Rs.2,360/- (Rs.2,000/- + GST @18%) | 3,900/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.22.04.2025 up to 10:30 AM of dtd.05.05.2025.
OIPR-04006/11/0072/2526 Sd/- C & P Head, CHEP, Chiplima

idco ODISHA NEW OPPORTUNITIES
No.CAD-155
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No. BBSR/ELECT/E-4171/20-21/988 Dated : 15.04.2025
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
1. Name of the work : SITC of 25KVA 11/0.4KV Distribution Transformer and 11KV OH Line for power supply to Basantpur MSME Park, Sambalpur.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ Elect/e-138/2024-25 | 21.04.2025 at 17.00 Hrs. | 01.05.2025 at 17.00 Hrs. |

Further details can be seen from the e-procurement portal, www.tendersorissa.gov.in. Corrigendum or Addendum if any will not be published in newspapers and can be seen in the e-procurement portal as well as in IDCO website.
Sd./- Divisional Head (Elect) IDCO, Bhubaneswar
OIPR-14003/11/0137/2526

## ସଂକ୍ଷେପରେ

### ଚୌଦ୍ୱାର-କଟକ ବିଧାୟକଙ୍କ ପ୍ରତିନିଧି ହେଲେ ପ୍ରେମଚାନ୍ଦ

ଚୌଦ୍ୱାର,୧୮।୪(ଆଶୁତୋଷ ଦାସ)

ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ପ୍ରତିନିଧି ଭାବେ ପ୍ରେମଚାନ୍ଦ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ବିଧାୟକ ବିଶ୍ୱାଳ ମଙ୍ଗଳବାର ଏନେଇ ଏକ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ପ୍ରେମଚାନ୍ଦ ପୂର୍ବରୁ ଚୌଦ୍ୱାର ପୌରପାଳିକାର ନଗରପାଳ, ବିଜେଡିର ପୁରୁଖା ନେତା ତଥା ଜିଲା ଉପସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

### ଖବରକାଗଜ ବିତରକଙ୍କ ପରଲୋକ

ମଙ୍ଗୁଳି-ଜଗତପୁର, ୧୮।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହିଷାଲଣ୍ଡା ଗ୍ରାମର ଖବରକାଗଜ ବିତରକ ଭାଗ୍ୟଧର ପ୍ରଧାନ ଓରଫ ସେନ୍ତର(୩୭)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ କର୍କଟ ଓ ଟିବି ରୋଗରେ ଆକ୍ରାନ୍ତ ଥିଲେ। ମଙ୍ଗଳବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିବାରୁ ଚିକିତ୍ସା ଲାଗି ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତି ପ୍ରାୟ ୮ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ବିଳମ୍ବିତ ରାତିରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନଭାଇ ସତ୍ୟବ୍ରତ ପ୍ରଧାନ ମୁଖାଗ୍ନି ଦେଇଥିଲେ। ଶୁକ୍ରବାର ମଙ୍ଗୁଳି ପେପର ପଏଣ୍ଟରେ ଚୌଦ୍ୱାରସ୍ଥିତ ବିରାଟକଟକ ଖବରକାଗଜ ବିତରକ ସଂଘ ପକ୍ଷରୁ ଏନେଇ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ବିଜୟ କୁମାର ହୋତା, ରୀନା ଭୂୟାଁ, ସୋମନାଥ ହୋତା, ଜୟୀରାମ ନାୟକ, ହରମୋହନ ରାଉତରାୟ, ଗୌରାଙ୍ଗ ବେହେରା, ସୁରେନ ହେମ୍ବ୍ରମ, ଚନ୍ଦ୍ରକାନ୍ତ ପଣ୍ଡା, ସନ୍ତୋଷ କୁମାର ହୋତା, ଜୟନ୍ତ ସୁବୁଦ୍ଧିରାୟ, ନିରଞ୍ଜନ ସ୍ୱାଇଁ, ସୁରଜ ସାହୁ, ରଞ୍ଜନ ନାୟକ, ଡମ୍ବୁରୁଧର ଶତପଥୀ, ପ୍ରମଥ ମିଶ୍ର, ଦୀପକ କର, ରବୀନ୍ଦ୍ର ପରିଡ଼ାଙ୍କ ସମେତ ଚୌଦ୍ୱାରର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଶୋକପ୍ରକାଶ କରିବା ସହ ଭାଗ୍ୟଧରଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ନିମନ୍ତେ ଦାବି କରିଛନ୍ତି।



ଭାଗ୍ୟଧର ପ୍ରଧାନ

### ଜଳ ହିଁ ଜୀବନ କାର୍ଯ୍ୟକ୍ରମ

ସାଲେପୁର,୧୮।୪ (ଅରବିନ୍ଦ ଭୂୟାଁ)

ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ କେନ୍ଦ୍ରାପଡ଼ା-ସାଲେପୁର ରାସ୍ତାର ଶିଶୁମନ୍ଦିର ଛକ ନିକଟ ରାସ୍ତାପାର୍ଶ୍ୱରେ 'ଜଳ ହିଁ ଜୀବନ' କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସାଲେପୁର ବ୍ଲକ୍ ସାମାଜିକ ସଦ୍‌ଭାବନାର ପୂର୍ବତନ ସଂଯୋଜକ ଓ ସଂଘ ମୁଖ୍ୟ ମାର୍ଗଦର୍ଶକ ସ୍ୱାଗତିକା ନାୟକ, ବରିଷ୍ଠ କର ସେବକ ଅକ୍ଷୟ କୁମାର ନାୟକ, ବିଶ୍ୱଜିତ୍ ଭୂୟାଁ, ଶିଶୁଆ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟା ସ୍ୱର୍ଣ୍ଣଲତା କାଣ୍ଡି, ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ, ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ଶିଶୁ ମନ୍ଦିରର ଗୁରୁମା ଗୁରୁଜୀ, ସେବିକା ସେବକ ଉପସ୍ଥିତ ରହି ରାସ୍ତାରେ ଯାତାୟତ କରୁଥିବା ପଥଚାରୀଙ୍କୁ ମଧୁର ଜଳ ପାନ କରାଇ ସେମାନଙ୍କ ତୃଷା ନିବାରଣ କରିଥିଲେ।

# ଛୁଟିଦିନରେ ବି ପିଲାଙ୍କୁ ମଧ୍ୟାହ୍ନଭୋଜନ

## ଅନିୟମିତତା ଆଶଙ୍କା, ଉଚ୍ଚସ୍ତରୀୟ ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି, ୧୮।୪
(ଅଶୋକ କୁମାର ମହାପାତ୍ର)

ରାଜ୍ୟରେ ଅପପୁଷ୍ଟି ରୋକିବା ସହ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ବଢ଼ାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। କିନ୍ତୁ ଏହି ଭୋଜନ ନାଁରେ ଟଙ୍କା ହଡପ କରିବା ନିଶା ଏମିତି ଘାରିଛି ଯେ ଛୁଟି ଦିନରେ ମଧ୍ୟ ପିଲାଙ୍କ ଉପସ୍ଥାନ ପକାଇ ମଧ୍ୟାହ୍ନ ଭୋଜନ ଟଙ୍କା ଲୁଟ୍ କରିବାକୁ ଶିକ୍ଷକ ପଛାଉ ନାହାନ୍ତି। ସରକାରୀ ନୀତି ନିୟମ ଉଲ୍ଲଂଘନ କରି ସ୍କୁଲ କର୍ତ୍ତୃପକ୍ଷ କିଭଳି ଛୁଟି ଦିନରେ ମଧ୍ୟାହ୍ନ ଭୋଜନ ଦେଉଛନ୍ତି ତାହାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ଗୁଡ୍‌ଫ୍ରାଇଡେ ଉପଲକ୍ଷେ ଛୁଟି ଘୋଷଣା କରାଯାଇଛି। ଏହି ଛୁଟି ଦିନରେ ମଧ୍ୟ କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଞ୍ଚାୟତସ୍ଥିତ ବାରିମୂଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ୨୨ଜଣ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ କରାଯାଇଥିବାର ସରକାରୀ ପୋର୍ଟାଲରେ ଦର୍ଶାଯାଇଛି। ବ୍ଲକର ସମସ୍ତ ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବନ୍ଦ ରହିଥିଲା ବେଳେ ଏହି ବିଦ୍ୟାଳୟରେ କିଭଳି ମଧ୍ୟାହ୍ନଭୋଜନ ପ୍ରଦାନ କରାଗଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଣ୍ଡଳ ଶିକ୍ଷାଧିକାରିଣୀଙ୍କ କାର୍ଯ୍ୟାଳୟରେ କର୍ମଚାରୀ ଶୂନ୍ୟ ଥିବାର ସୁଯୋଗ ନେଇ ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରଦାନରେ ଏପରି ବ୍ୟାପକ ଚଞ୍ଚକତା କରାଯାଉଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ସିଆରସିସି ହିମାଂଶୁ ଶେଖର ସିଂଙ୍କୁ ପଚାରିବାରେ ତାଙ୍କ ନିକଟରେ କୌଣସି ତଥ୍ୟ ନ ଥିବା କହିଛନ୍ତି। ତଦନ୍ତ କରି ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମତବ୍ୟକ୍ତ କରିଛନ୍ତି। ଏସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ବରାଳଙ୍କୁ ପଚାରିବାରୁ ତାଙ୍କ ବିଦ୍ୟାଳୟରେ ୨୨ଜଣ ଛାତ୍ରୀଛାତ୍ର ମଧ୍ୟାହ୍ନ ଭୋଜନ ଖାଇଥିବାର ପ୍ରକାଶ କରିଛନ୍ତି। ଏହି ଘଟଣାର ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଚର୍ଚ୍ଚା ହେଉଛି।




ସରକାରୀ ପୋର୍ଟାଲରେ ଦର୍ଶାଯାଇଥିବା ତଥ୍ୟ।

# ଶିଶୁଙ୍କୁ ସଂସ୍କାର ଦେବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ତୃତୀୟ ସମାବର୍ତ୍ତନ ଉତ୍ସବରେ ମଞ୍ଚାସୀନ ଅତିଥି।

## ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ତୃତୀୟ ସମାବର୍ତ୍ତନ ଉତ୍ସବ

ବାରଙ୍ଗ,୧୮।୪(ଲିଙ୍ଗରାଜ ରାଉତ)

ଓସ୍ତପଡ଼ାସ୍ଥିତ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ତୃତୀୟ ସମାବର୍ତ୍ତନ ଉତ୍ସବ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାନେତ୍ରୀ ଅନ୍ନପୂର୍ଣ୍ଣା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ସଭାକୁ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ ଉଦ୍‌ଘାଟନ କରିବା ସହ ଛୋଟ ଶିଶୁଙ୍କଠାରେ ଥିବା ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ଗ୍ରାମାଞ୍ଚଳରେ ଏଭଳି ଉତ୍ସବ ଏକ ନିଆରା ଉତ୍ସବ। ଏହା ଉଭୟ ପିଲା ଓ ଅଭିଭାବକଙ୍କ ଏକ ଆନନ୍ଦର ଉତ୍ସବ। ଶିଶୁର ଭବିଷ୍ୟତ ଗଢ଼ିବାରେ ଏହି ଅନୁଷ୍ଠାନ ମୁଖ୍ୟ ଭୂମିକା ଗ୍ରହଣ କରିଛି। ମୁଖ୍ୟବକ୍ତା ଭାବେ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ଶିଶୁଙ୍କୁ ପରିବାରରୁ ସଂସ୍କାରିତ କରିବାରେ ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁଙ୍କୁ ଉପଯୁକ୍ତ ପରିବେଶ ଯୋଗାଇଦେଲେ ସେମାନଙ୍କ ଦକ୍ଷତା ବୃଦ୍ଧି ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ ଏବଂ ସମିତି ସଭ୍ୟ ଭୁବନମୋହନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉନ୍ନତି କାମନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ତଥା ସମ୍ପାଦକ ପ୍ରଦୀପ କୁମାର ପାଣି ସ୍ୱାଗତ ସମ୍ଭାଷଣ ଦେଇଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସୁନନ୍ଦା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ଉଭୟେ ପାଠ୍ୟ ଓ ସହପାଠ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛୋଟ ଛୋଟ ଛାତ୍ରୀଛାତ୍ରଙ୍କ ନୃତ୍ୟ, ଗୀତରେ ଉପସ୍ଥିତ ଶତାଧିକ ଅଭିଭାବକ ବିମୋହିତ ହୋଇଥିଲେ।

# ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି ଜଳବାୟୁ ପରିବର୍ତ୍ତନ




କର୍ମଶାଳାରେ ଉପସ୍ଥିତ କ୍ଲବ୍‌ର ସଦସ୍ୟ।

## ପରିବେଶ ଓ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

କଟକ,୧୮।୪ (କାର୍ତ୍ତିକ ସାହୁ)

ସମ୍ପ୍ରତି ବିଶ୍ୱରେ ମାନବ ସମାଜର ସ୍ୱାସ୍ଥ୍ୟ ଓ ପରିବେଶର ସମ୍ପର୍କ ଜଟିଳ ହୋଇଯାଇଛି। ଜଳ, ସ୍ଥଳ ଓ ବାୟୁମଣ୍ଡଳର ସ୍ଥିତି ଅସ୍ୱାସ୍ଥ୍ୟକର ହୋଇଯାଇଛି। ଜଳବାୟୁରେ ପରିବର୍ତ୍ତନ ଘଟି ଜନସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଛି। ଫଳରେ ହୃଦ୍‌ରୋଗ, ଶ୍ୱାସ, ଫୁସ୍‌ଫୁସ୍‌ଜନିତ ବ୍ୟାଧି ସଂଗଠିତ ହେଉଛି ବୋଲି କଟକ ମିଡ୍‌ଟାଉନ ରୋଟାରି କ୍ଲବ୍ ଆନୁକୂଲ୍ୟରେ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ କର୍ମଶାଳାରେ ହୃଦ୍‌ରୋଗ ବିଶେଷଜ୍ଞ ଡା. ବିଶ୍ୱରଞ୍ଜନ ମିଶ୍ର ମତବ୍ୟକ୍ତ କରିଛନ୍ତି। କ୍ଲବ୍ ସଭାପତି ତଥା ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତା ଅଧ୍ୟକ୍ଷତା କରି ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣମୁକ୍ତ ହେଲେ ଜୀବଜଗତ ସୁସ୍ଥ ରହିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଲବ୍ ସଦସ୍ୟ ରୋଟାରିଆନ ରମେଶ ଚନ୍ଦ୍ର ସିଂ, ଶୁଭ୍ରାଂଶୁ ସାମନ୍ତରାୟ, ଡ. କ୍ଷିତିଶ ମହାନ୍ତି, ରଘୁନାଥ ଭୂତ, ବିଭୂତି ଭୂଷଣ ରାଉତ, କମଳ କୁମାର ମହାନ୍ତି, ଶଶାଙ୍କ ମହାପାତ୍ର, ଅରୁଣ କୁମାର ଦାଶ, ଶୈଳେନ୍ଦ୍ର ନାରାୟଣ ଠାକୁର, ସମ୍ବିତ କରଙ୍କ ସମେତ ଅନ୍ୟମାନେ ଅଂଶଗ୍ରହଣ କରିଥିଲେ।

### ସୁନା ଅଳଙ୍କାର ଚୋରି: ଯୁବକ ଗିରଫ

ସାଲେପୁର,୧୮।୪(ଅରବିନ୍ଦ ଭୂୟାଁ)

ଘରର ସିଲିଂ କାର୍ଯ୍ୟ କରିବା ଆଳରେ ଗୃହକର୍ତ୍ତା ଘରେ ନ ଥିବାର ସୁଯୋଗ ନେଇ ସୁନା ରୂପା ଅଳଙ୍କାର ଚୋରି କରିନେଇଥିବା ଅଭିଯୋଗରେ ସାଲେପୁର ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଜମରା ଗ୍ରାମର ବାଦଲ ବେହେରା। ପୋଲିସ ତାଙ୍କଠାରୁ ଚୋରି ଅଳଙ୍କାର ଜବତ କରିଛି। ବାଦଲ ସାଲେପୁର ଥାନା ଅଧୀନ କେନ୍ଦୁପାଟଣା ଅଞ୍ଚଳ ବାଉନପତି ଗ୍ରାମର ରୁପ୍‌ସାଲି ବେହେରାଙ୍କ ଘରର ସିଲିଂ କାର୍ଯ୍ୟ କରିବାକୁ ଆସିଥିଲେ। ଘରର କୌଣସି ସଦସ୍ୟ ନ ଥିବା ସୁଯୋଗ ନେଇ ଘର ମଧ୍ୟରେ ଥିବା ଏକ ସୁନା ମଙ୍ଗଳସୂତ୍ର, ସୁନା କାନଫୁଲ, ସୁନା ଚୁଡ଼ି ଚୋରି କରିନେଇଥିଲେ। ଏନେଇ ରୁପ୍‌ସାଲି ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୩୬୨/୨୫ରେ ଏକ ମାମଲା ରୁଜୁ କରି ସନ୍ଦେହରେ ବାଦଲଙ୍କୁ ଅଟକ ରଖିଥିଲେ। ପଚରା ଉଚରାବେଳେ ସେ ଅଳଙ୍କାର ଚୋରି କରିଥିବା ସ୍ୱୀକାର କରିଥିଲେ।

# କୁଶପଙ୍ଗୀ ରାମଲୀଳାରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ



ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା କଳାକାର ଓ ଅନ୍ୟମାନେ।

ବାଙ୍କୀ,୧୮।୪ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ- ଡମପଡା ବ୍ଲକ ଅନ୍ତର୍ଗତ କୁଶପଙ୍ଗୀ ଗ୍ରାମରେ ପୁରୁଷୋତ୍ତମ ଶ୍ରୀରାମଙ୍କ ଜନ୍ମ ଦିବସଠାରୁ ରାମଲୀଳା ଚାଲିଛି। କୁଶପଙ୍ଗୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ଏହି ଗୀତିନାଟ୍ୟ ଚଳିତବର୍ଷ ୮୪ ବର୍ଷରେ ପଦାର୍ପଣ କରିଛି। ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡ.ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ଡ.ଲେଙ୍କା ଅନୁଷ୍ଠାନର ଦୀଘ ବର୍ଷର ଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ କଳାକାରମାନେ ଅନୁଷ୍ଠାନକୁ ଆଗକୁ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ବରିଷ୍ଠ କଳାକାର ସୁଦର୍ଶନ ବେହେରା, ସୁବାସ ବେଉରା, ମେଧାବୀ ଛାତ୍ରୀ ସସ୍ମିତା ବେଉରା, ସୁଲତା ସାମଲ ଓ ଗ୍ରାମର ଦୁଇ ମହିଳା ସଙ୍କୀର୍ତ୍ତନ, କୀର୍ତ୍ତନ ମଣ୍ଡଳୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ରାମଲୀଳାରେ ଗାଁର ଯୁବ କଳାକାରମାନେ ବରିଷ୍ଠ କଳାକାରମାନଙ୍କ ମାର୍ଗ ଦର୍ଶନରେ ନିଖୁଣ ଭାବେ ଅଭିନୟ ପରିବେଷଣ କରିଥିଲେ। ଏହା କୁଶପଙ୍ଗୀ ଗ୍ରାମ ସମେତ ଆଖ ପାଖ ଅଞ୍ଚଳର ଜନସାଧାରଣଙ୍କୁ ଆକର୍ଷିତ କରିଥିଲା। ଭକ୍ତି ଅର୍ଘ୍ୟ ଭଜନ ଗ୍ରୁପ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବିଭୁପ୍ରସାଦ ନାୟକ, ସୁଦାକର ବେଉରା, କୁଳମଣି ନାୟକ, ଚିତ୍ତରଞ୍ଜନ ନାୟକ, ଅରବିନ୍ଦ ବେଉରା, ସିତାନାଥ ବେଉରା, ହୃଷୀକେଶ ବାରିକ, ଗୋବର୍ଦ୍ଧନ ବେଉରା, ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ପି.ଏମ୍. ବିଶ୍ୱକର୍ମା ଯୋଜନା କର୍ମଶାଳା ଗୃହ ଉଦ୍‌ଘାଟିତ

ସାଲେପୁର,୧୮।୪(ଅରବିନ୍ଦ ଭୂୟାଁ)

ଶିଶୁଆ ପଞ୍ଚାୟତରେ ପି.ଏମ୍. ବିଶ୍ୱକର୍ମା ଯୋଜନା କର୍ମଶାଳା ଗୃହର ଉଦ୍‌ଘାଟନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଗୃହ ଉଦ୍‌ଘାଟନ ଫଳରେ ବିଶ୍ୱକର୍ମା ଯୋଜନାରେ ଅନ୍ତର୍ଭୁକ୍ତ ସାଲେପୁର ବ୍ଲକ୍ ହିତାଧିକାରୀ ଆଉ ବାହାର ଅଞ୍ଚଳକୁ ତାଲିମ୍ ପାଇଁ ନ ଯାଇ ଏହି ସ୍ଥାନରେ ସୁବିଧାରେ ତାଲିମ୍ ନେଇପାରିବେ ବୋଲି ଜଣାଯାଇଛି। ଖୁବ୍ କମ୍ ଦିନ ମଧ୍ୟରେ ଏଠାରେ ତାଲିମ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜ୍ଞାନରଞ୍ଜନ ପଟ୍ଟନାୟକ, ପ୍ରତିମା ସାହୁ, ପବିତ୍ର ସାମଲ, ସରପଞ୍ଚ ପ୍ରତିନିଧି ଉଚ୍ଛବ ବେହେରାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ସଞ୍ଜୀବ ସାହୁ ଧନ୍ୟବାଦ ଦେଇଥିଲେ।

# ସୁବର୍ଣ୍ଣପୁରରେ ପ୍ରସିଦ୍ଧ ରାବଣ ପୋଡ଼ି

ବାଙ୍କୀ, ୧୮।୪ (ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମରେ ପ୍ରସିଦ୍ଧ ରାବଣପୋଡ଼ି ଅନୁଷ୍ଠିତ ହୋଇଯାଇଛି। ଏନେଇ ୩୦ ଫୁଟରୁ ଊର୍ଦ୍ଧ୍ୱ ବାଉଁଶରେ ରାବଣର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ଥିଲା। ଗୁରୁବାର ରାତିରେ ଅନୁଷ୍ଠିତ ଏହି ରାବଣ ପୋଡ଼ି ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଲୋକ ଆସିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀରାମଙ୍କ ଜନ୍ମ ଉତ୍ସବ ମହାସମାରୋହରେ ଆୟୋଜନ କରାଯାଇଥିଲା। ଗତ ୬ ଦିନ ପୂର୍ବରୁ ଶ୍ରୀରାମ କମିଟି ଅନୁଷ୍ଠାନ ପକ୍ଷରୁ ରାମଲୀଳା ନାଟକ ଆରମ୍ଭ ହୋଇଥିଲା। ଏହି ଅବସରରେ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିରରୁ ଶ୍ରୀ ରଘୁନାଥ ଜୀଉଙ୍କୁ ବାଜା ବାଣ ଫୁଟାଇ ଜାକଜକମ ସହ ମନ୍ଦିରରୁ ଅଣାଯାଇ ଥିଲା। ଶ୍ରୀଶ୍ରୀ ତୃତୀୟା ଦେବଙ୍କୀଉଙ୍କ ସିଂହଦ୍ୱାର ନିକଟରେ ରଖାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ତାପରେ ରାମଲୀଳା ନାଟକ ଆରମ୍ଭ ହୋଇଥିଲା। ୨୦ ତାରିଖରେ ରାମଲୀଳା ନବମୀ ଉଦ୍‌ଯାପିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉପଲକ୍ଷେ ଲୋକଙ୍କ ମନୋରଞ୍ଜନ ନିମନ୍ତେ ବିଭିନ୍ନ ପ୍ରକାର ଦୋକାନ ବଜାର ପଡ଼ିଛି।



# ଇଚ୍ଛାଶକ୍ତି, କଠିନ ପରିଶ୍ରମ, ଆତ୍ମବିଶ୍ୱାସରେ ସବୁ ସମ୍ଭବ

ଟିଗିରିଆ,୧୮।୪(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ସ୍ଥିତ ପିଏମଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୃଢ଼ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସରେ ଅସମ୍ଭବ ମଧ୍ୟ ସମ୍ଭବହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଳମଣି ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ସିଙ୍ଗୋ ହାଁସଦା, ମୁଖ୍ୟ ବକ୍ତାଭାବେ ବ୍ଲକ ନୋଡାଲ ଅଧିକାରୀ ହୃଷିକେଶ ବେହେରା, ସମ୍ମାନିତ ଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମାନସ କୁମାର ସାହୁ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ରାଜ୍ୟ ସେରିଫେଡ ସଭାପତି ଭାଗୀରଥି ନନ୍ଦ,ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରମଣି ସ୍ୱାଇଁ, କ୍ରୀଡା ଶିକ୍ଷୟିତ୍ରୀ ସରୋଜିନୀ ସାହୁ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ନାୟକଙ୍କ ସମେତ ଅନ୍ୟ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଉପରେ ଜୋର ଦେଇଥିଲେ। ଏହାପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ବେଟି ପାଓ ବେଟି ବଚାଓ ଶୀର୍ଷକ' ବିଷୟବସ୍ତୁ ଉପରେ ଏକ ନାଟକ ପରିବେଷଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର ସଂଯୋଜନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ଖଟୁଆ ଓ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସାଇକୃଷ୍ଣା ପରିଡା, ପ୍ରିୟଦର୍ଶିନୀ ବେହେରା, ସନ୍ଧ୍ୟାରାଣୀ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରୁଛନ୍ତି।

# କାଳବୈଶାଖୀ ପ୍ରଭାବ: ଜନଜୀବନ ଅସ୍ତବ୍ୟସ୍ତ

- ବଡ଼ ଗଛ ପଡ଼ି ରାସ୍ତା ଅବରୋଧ
- ଯାତାୟାତ ବାଧାପ୍ରାପ୍ତ
- ବ୍ୟାପକ ଫସଲ ହାନି

ବାଙ୍କୀ, ୧୮।୪( ଶୁଭେନ୍ଦୁ ମହାପାତ୍ର)

ଗତ ଗୁରୁବାର ରାତିରେ କାଳବୈଶାଖୀ ପ୍ରଭାବରେ ବାଙ୍କୀ ଉପଖଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। କାଳ ବୈଶାଖୀର ତାଣ୍ଡବ ଲୀଳାରେ ବାଙ୍କୀ - କଟକ ମୁଖ୍ୟ ରାସ୍ତା କଡ଼ରେ ଥିବା ବଡ ବଡ ଗଛ ଉପୁଡ଼ି ପଡ଼ିଛି। ମୋଟା ଡାଳ ଭାଙ୍ଗିପଡ଼ି ରାସ୍ତା ଅବରୋଧ ହୋଇଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଶୁକ୍ରବାର ସକାଳ ପ୍ରାୟ ୯ ଟାରେ ପୁନର୍ବାର କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ହୋଇଥିଲା। ଏଥିଯୋଗୁ ବାଙ୍କୀର ବିଭିନ୍ନ ଅଞ୍ଚଳର ମୁଖ୍ୟ ରାସ୍ତାରେ ଗଛଡାଳ ଭାଙ୍ଗିପଡ଼ିଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ ଓ ଡାଳ କାଟି ରାସ୍ତା ଅବରୋଧ ହଟାଇବା ପରେ ଗାଡି ମୋଟର ଚଳାଚଳ ହୋଇଥିଲା। ଅନ୍ୟପଟେ ଏହି କାଳବୈଶାଖୀ ଯୋଗୁ ବାଙ୍କୀ ଓ ଡମପଡା ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀମାନେ କରିଥିବା ବିଭିନ୍ନ ପ୍ରକାର ପରିବା ଫସଲ ନଷ୍ଟ ହୋଇଯାଇଛି। କୃଷି ବିଭାଗ ଓ ତହସିଲ ବିଭାଗ ପକ୍ଷରୁ ତଦନ୍ତ କରି ହୋଇଥିବା ଫସଲ ହାନିର ଆକଳନ କରାଯାଇ ଯଥାଶୀଘ୍ର କ୍ଷତିପୂରଣ ଯୋଗାଇଦେବାକୁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଅନୁରୋଧ କରିଛନ୍ତି।



ଅଗ୍ନିଶମ ବିଭାଗ କର୍ମଚାରୀମାନେ ଗଛ କାଟି ରାସ୍ତା ଅବରୋଧ ହଟାଉଛନ୍ତି।

## ସଂକ୍ଷେପରେ

### ଗିରି ଗୋବର୍ଦ୍ଧନ ପାଦଦେଶ ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଟାଙ୍ଗୀ,୧୮।୪(ରଘୁନାଥ ସାହୁ)

ଟାଙ୍ଗୀ ଅଞ୍ଚଳରେ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉବାରେ ଲାଗିଛି। ଯୁବ ଗୋଷ୍ଠୀ ନିଶା ସେବନ କରି ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଟାଙ୍ଗୀ କୃଷି କାର୍ଯ୍ୟାଳୟ ପଛପଟେ ଥିବା ଗିରି ଗୋବର୍ଦ୍ଧନ ପାଦଦେଶ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏଠାରେ ପ୍ରାତଃରୁ ରାତି ପର୍ଯ୍ୟନ୍ତ ପାଦଦେଶର ବିଭିନ୍ନ ସ୍ଥାନରେ ଦଳ ଦଳ ହୋଇ ଯୁବଗୋଷ୍ଠୀ ନିଶା ସେବନ କରିଥିବା ଜଣାପଡ଼ିଛି। ଅନ୍ୟପଟେ କେତେଜଣ ଯୁବକ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସହାୟତରେ ଗିରି ଗୋବର୍ଦ୍ଧନ ଠାକୁରଙ୍କ ପର୍ଯ୍ୟନ୍ତ ପାହାଚ ନିର୍ମାଣ, ପାନୀୟଜଳ ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା କରିଛନ୍ତି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ବଡ଼ଧରଣର ମେଳା ମଧ୍ୟ ଆୟୋଜନ କରୁଛନ୍ତି। ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଉକ୍ତ ସମୟରେ ଭିଡ଼ ଜମିଥାଏ। ଅନ୍ୟପଟେ ଏଠାରେ ଏବେ ଅସାମାଜିକଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### ଲୋକୋ ପାଇଲଟଙ୍କୁ ଉତ୍କୃଷ୍ଟ ସୁବିଧା

ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)

ଭାରତୀୟ ରେଳପଥରେ କାର୍ଯ୍ୟରତ ଲୋକୋ ପାଇଲଟଙ୍କ କାର୍ଯ୍ୟ ପରିସ୍ଥିତିକୁ ଉନ୍ନତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ଲୋକୋ ପାଇଲଟଙ୍କ ସମସ୍ତ ରନିଂରୁମ୍‌କୁ ଏୟାର କଣ୍ଡିଶନିଂ କରାଯିବା ସହ ଭଲଭାବେ ସଜ୍ଜିତ କରାଯାଇଛି। ୨୦୧୪ ପୂର୍ବରୁ ଆଦୌ ରନିଂରୁମ୍ ଏୟାର କଣ୍ଡିଶନ ନ ଥିଲା। ଏହାସହ ଏହି ସମୟ ମଧ୍ୟରେ ଅଧାରୁ ଅଧିକ ଲୋକୋ କ୍ୟାବିନ୍‌ଗୁଡ଼ିକୁ ଏର୍ଗୋନୋମିକ ସିଟ୍, ଏୟାର କଣ୍ଡିଶନିଂ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ସେବାଯୁକ୍ତ କରାଯାଇଛି। ସମସ୍ତ ନୂତନ ଲୋକୋମୋଟିଭ୍‌ରେ ଶୌଚାଳୟ ସ୍ଥାପନ କରାଯାଉଛି। ପୁରୁଣା ଲୋକୋମୋଟିଭ୍‌ଗୁଡ଼ିକୁ ଶୌଚାଳୟ ସହିତ ପୁନଃନିର୍ମାଣ କରାଯାଉଛି। ଏଥିପାଇଁ ଡିଜାଇନ୍ ମଧ୍ୟ ପରିବର୍ତ୍ତନ କରାଯାଉଛି। ଅଧିକ ଟ୍ରାଫିକ୍ ଥିବା ରୁଟ୍‌ଗୁଡ଼ିକରେ ନୂତନ ରନିଂରୁମ୍ ନିର୍ମାଣ କରାଯାଉଛି। କୁହୁଡ଼ି-ସୁରକ୍ଷା ଉପକରଣ, ସିଲ୍ଡ, ଡ୍ରାଇଭର ଆଲର୍ଟ ସିଷ୍ଟମ ଏବଂ ଉନ୍ନତ ବ୍ରେକିଂ ସିଷ୍ଟମ ଭଳି ପ୍ରଯୁକ୍ତିବିଦ୍ୟା ରେଳ ସୁରକ୍ଷାକୁ ଉନ୍ନତ କରିଛି ଏବଂ ଲୋକୋ ପାଇଲଟମାନଙ୍କୁ ମଧ୍ୟ ବହୁ ସୁବିଧା ପ୍ରଦାନ କରିଛି। ଲୋକୋ କ୍ୟାବିନ୍‌ଗୁଡ଼ିକରେ ଉନ୍ନତ ସୁବିଧା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବସ୍ଥା ରହିଥିବାବେଳେ ପର୍ଯ୍ୟାପ୍ତ ବିଶ୍ରାମ ସମୟ ପ୍ରଦାନ କରାଯାଉଛି। ମାଲ୍‌ବାହୀ ଟ୍ରେନ୍, ଉପନଗରୀୟ ଟ୍ରେନ୍ ଏବଂ ଯାତ୍ରୀବାହୀ ଓ ମେଲ୍ ଏକ୍ସପ୍ରେସ ଚଳାଉଥିବା ଲୋକୋ ପାଇଲଟଙ୍କ ପାଇଁ ଶୌଚାଳୟ ବିରତି ଓ ଖାଦ୍ୟର ବ୍ୟବସ୍ଥା ରହିଛି। ଷ୍ଟେଶନ କର୍ମଚାରୀମାନେ ସର୍ବଦା ଲୋକୋ ପାଇଲଟମାନଙ୍କୁ ସମର୍ଥନ କରନ୍ତି। ଲୋକୋ ପାଇଲଟମାନଙ୍କୁ ୱାକି-ଟକିର ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି, ଯାହା ମାଧ୍ୟମରେ ସେମାନେ ଷ୍ଟେଶନ କର୍ମଚାରୀଙ୍କ ସହ ଯୋଗାଯୋଗରେ ରହିପାରିବେ ବୋଲି ସୂଚନା ଦିଆଯାଇଛି।

# ଖଣିରୁ ଲୁଟ୍, ରାଜସ୍ୱ ହରାଉଛନ୍ତି ସରକାର

ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)

- ପୋଲିସ, ପ୍ରଶାସନିକ କର୍ମଚାରୀ ବଟି ନେଉଥିବା ଚର୍ଚ୍ଚା
- ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ନିକଟରେ ଅଭିଯୋଗ

ଖୋର୍ଦ୍ଧା ପୋଲିସର 'ଅପରେଶନ ଖଣିମୁକ୍ତ ଅଭିଯାନ' ଆରମ୍ଭ ହୋଇଥିବା ବେଳେ ଗତ ମାର୍ଚ୍ଚ ୧୮ତାରିଖ ରାତିରେ ଏକ ଟିମ୍ ଆଦର୍ଶ ଥାନା ଅନ୍ତର୍ଗତ ହଳଦିପଦା ମୌଜାରେ ଚାଲିଥିବା ବେଆଇନ ଖଣିରେ ଚଢ଼ାଉକରି ୩୯ଟି ଗାଡ଼ି ଜବତ କରିଥିଲା। ଏଥିରେ ସମ୍ପୃକ୍ତି ନେଇ ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଉ୨୫ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଶରଧାପୁର ଖଣିରୁ ମୋରମ, ମାଙ୍କଡ଼ାପଥର ଚୋରାଚାଲାଣ ବଢ଼ିଚାଲିଛି। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଜିଲା ପ୍ରଶାସନ, ପୋଲିସ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ, ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ତେବେ ପୋଲିସ ଏବଂ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କୁ ବଟି ଦେଇ ମାଫିଆମାନେ ଏହି ବେଆଇନ କାରବାର ଚଳାଇଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସେହିପରି ଶିଳ୍ପାଞ୍ଚଳ ଥାନା ଟାଙ୍ଗିଆପଡା, କୁମାରବସ୍ତରେ ଥିବା ଖଣିରୁ ମଧ୍ୟ ଲୁଟ୍ ହେଉଥିବା ଅଭିଯୋଗ ହେଉଛି।

ସୂଚନାଥାଉ କି, ହଳଦିପଦା ମୌଜାରେ ପ୍ରାୟ ୩୦ଏକର ପରିମିତ ଅଞ୍ଚଳରେ ଏହି ବେଆଇନ କାରବାର ଚାଲିଥିଲା। ପୂର୍ବରୁ ସ୍ଥାନୀୟ ଲୋକେ ବେଆଇନ ଚୋରାଚାଲାଣ ରୋକିବା ପାଇଁ ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ ଲାଗି ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ସତ୍ତ୍ୱେ ମଧ୍ୟ ଚୋରାଚାଲାଣ ଚାଲିଥିଲା। ତେବେ ଏହି ଚୋରା ଚାଲାଣ ପଛର ମାଷ୍ଟରମାଇଣ୍ଡ କିଏ, କେବେ ପୋଲିସ ତାଙ୍କୁ ଗିରଫ କରିବ ନେଇ ଚର୍ଚ୍ଚା ଜୋର ଧରିଛି। ଏହି ବେଆଇନ କାରବାର ପଛରେ ୧୦ରୁ ୧୨ଜଣ ଖଣି ମାଫିଆ ରହିଛନ୍ତି। ଏମାନଙ୍କ ଏକ ବଡ଼ ରାକେଟ ରହିଛି। ଏଜେଣ୍ଟଙ୍କ ଜରିଆରେ ଖଣି ଚଳାଇବା ପାଇଁ ପ୍ରଶାସନ ଓ ପୋଲିସ ସହ ଡିଲ୍ କରାଯାଇ ଖଣି ହରିଲୁଟ କରୁଛନ୍ତି। ତେବେ ହଳଦିପଦା ମୌଜାରେ ଚାଲିଥିବା ବେଆଇନ ଖଣିରେ ଚଢ଼ାଉ ପରେ ସଦର ଓ ଜଙ୍କିଆ ଥାନା ଅଞ୍ଚଳର ନିଜିଗଡ, ତାପଙ୍ଗ, କାଇପଦର ଅଞ୍ଚଳରେ ଚୋରାଚାଲାଣରେ ଲିପ୍ତ ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ସେହିପରି ଶିଳ୍ପାଞ୍ଚଳ ଥାନା ଟାଙ୍ଗିଆପଡା, କୁମାରବସ୍ତଠାରେ ଥିବା ଖଣି ଚୋରାଚାଲାଣରେ ସମସ୍ୟା ସୃଷ୍ଟି ହୋଇଛି। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକପଞ୍ଝା ଲାଗି ରହିଥିବା ବେଳେ ଗ୍ରାମରେ ବିଭିନ୍ନ ସମୟରେ ଅଶାନ୍ତିର ବାତାବରଣ ଦେଖାଦେଉଛି। ଏଠାରେ ଚଢ଼ାଉ ପାଇଁ ପୋଲିସ ପକ୍ଷରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। କୁମାରବସ୍ତ ଖଣି ଚୋରା ଚାଲାଣ ପାଇଁ ମାଫିଆଙ୍କଠାରୁ ପୋଲିସ ମାସିକିଆ ବଟି ନେଉଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଖଣି ମାଫିଆଙ୍କ ସହ ସମ୍ପୃକ୍ତିରେ ରହିଥିବା ପୋଲିସ ଅଧିକାରୀଙ୍କୁ ତୁରନ୍ତ ଏଠାରୁ ଅନ୍ୟତ୍ର ବଦଳି ପାଇଁ କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଏବଂ ଡିଜିପିଙ୍କ ପର୍ଯ୍ୟନ୍ତ ଏକାଧିକ ବ୍ୟକ୍ତିବିଶେଷ ଅଭିଯୋଗ କରିଥିବା ଜଣାପଡିଛି। ଅନ୍ୟପଟେ ଏ ସମ୍ପର୍କରେ ଏସ୍‌ପି ସାଗରିକା ନାଥ କହିଛନ୍ତି, ଅପରେଶନ ଖଣିମୁକ୍ତ ଅଭିଯାନକୁ ଜୋର୍‌ଦାର କରାଯିବ। ଖଣି ଚୋରାଚାଲାଣରେ କୌଣସି ପୋଲିସ କର୍ମଚାରୀ ସମ୍ପୃକ୍ତି ଥିବା ଜଣାପଡ଼ିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ମହାପ୍ରଭୁଙ୍କୁ ଦର୍ଶନକଲେ ରାଜ୍ୟପାଳ



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ତାଙ୍କ ସହଧର୍ମିଣୀ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ତାଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ଶୁକ୍ରବାର ଅପରାହ୍ନରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରାଜ୍ୟପାଳ ସସ୍ତ୍ରୀକ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହ ଓ ଭିତରବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇବା ପରେ ରାଜ୍ୟପାଳ କମ୍ଭମପାଟି ସସ୍ତ୍ରୀକ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ରାଜ୍ୟପାଳଙ୍କ ସହ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଉପସ୍ଥିତ ରହି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ରାଜ୍ୟପାଳ କମ୍ଭମପାଟି ଓ ତାଙ୍କ ସହଧର୍ମିଣୀଙ୍କ ସମେତ ଏମ୍‌ପି ଡା. ପାତ୍ରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ସୁରକ୍ଷା ମୁଖ୍ୟ ହେମନ୍ତ କୁମାର ପାଢୀ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ସୁଶୀଲ କୁମାର ମିଶ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବିଶ୍ୱ ଐତିହ୍ୟ ଦିବସ ଅବସରରେ ଶୁକ୍ରବାର ଐତିହ୍ୟ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ସଚେତନତା ପଦଯାତ୍ରା।

# 'କଳା ପ୍ରଦର୍ଶନ ଦ୍ୱାରା ସାଂସ୍କୃତିକ ଚେତନାର ଉନ୍ମେଷ ହୁଏ'

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାରଠାରୁ ତିନିଦିନିଆ ଓଡ଼ିଶା ଫେଷ୍ଟିଭାଲ ଆର୍ଟ ଆଣ୍ଡ୍ କଲ୍‌ଚର ଓ ଭାରତ ସଂସ୍କୃତି ଯାତ୍ରା ଆରମ୍ଭ ହୋଇଛି। ପ୍ରାୟ ଏକ ହଜାର ଶିଳ୍ପୀ ଏଥିରେ ସମାଗମ ହୋଇଛନ୍ତି। ବିଭିନ୍ନ ପ୍ରକାର କଳା ସଂସ୍କୃତି ଗୋଟିଏ ସ୍ଥାନରେ ଏକାଠି ପ୍ରଦର୍ଶନ ହେବା ଦ୍ୱାରା ସାଂସ୍କୃତିକ ଚେତନାର ଉନ୍ମେଷ ଘଟିଥାଏ ବୋଲି କାର୍ଯ୍ୟକ୍ରମରେ ଅତିଥି ମତ ପ୍ରକାଶ କରିଛନ୍ତି।

ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଜ୍ଞାମିତା ପ୍ରିୟଦର୍ଶିନୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ,ବିଦୂଷୀ ରୂପଶ୍ରୀ ମହାପାତ୍ର, ଡ. ସନ୍ଦୀପ ନନ୍ଦୀ, ଗୁରୁ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ହିନ୍ଦୁସ୍ତାନ ଆର୍ଟ ଆଣ୍ଡ୍ ମ୍ୟୁଜିକ୍ ସୋସାଇଟିର ସମ୍ପାଦକ ପ୍ରସନ୍ନଜିତ ପୋଦାର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଲେ ଯେ, ଭାରତର ସାଂସ୍କୃତିକ ବିଚିତ୍ରା ଅନନ୍ୟ ଓ ଅନୁପମ। ପ୍ରତ୍ୟେକ ରାଜ୍ୟରେ କଳାର ସ୍ୱତନ୍ତ୍ରତା ରହିଛି। ତାହା ଏକ ସମୟରେ ଏକାଠି ପ୍ରଦର୍ଶନ ହେବା ଦ୍ୱାରା ସାଂସ୍କୃତିକ ଚେତନାର ଉନ୍ମେଷ ହେବା ସହ କଳାକାରମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ସହ ଭାବବିନିମୟ ସହଜ ହୋଇଥାଏ। ଶ୍ରୀଜଗନ୍ନାଥ ଜଣେ କଳାପ୍ରିୟ ଠାକୁର। ତାଙ୍କ ମାଟିରେ ଏହି ମହନୀୟ କାର୍ଯ୍ୟକ୍ରମର ଆୟୋଜନ ଏକ ସୁନ୍ଦର ପଦକ୍ଷେପ। କଳାକାରମାନେ ନିଜ କଳା ପ୍ରଦର୍ଶନ ସହ ଅନ୍ୟ କଳାକାରଙ୍କଠାରୁ ଅନେକ କିଛି ଶିକ୍ଷା ଲାଭ କରିପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ପ୍ରସନ୍ନଜିତ ପୋଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ଯୋଗଦେଇ କଳାକାରଙ୍କ ପାଇଁ ଏହା ସେମାନଙ୍କ ପ୍ରଦର୍ଶନକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି କହିଥିଲେ। ଉଦ୍‌ଘୋଷକ ବାସୁଦେବ ନାଥ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଷ୍ଠିତ ନୃତ୍ୟ ଦଳ ତଥା କର୍ଣ୍ଣାଟକ, କୋଲକାତା, ହିନ୍ଦୁସ୍ଥାନ, ତ୍ରିଧାରା, କଟକ, ବୌଦ୍ଧ ଓ ପୁରୀର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଇଣ୍ଡୋ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର୍‌ର ସଭାପତି ଶ୍ରୀମନ୍ତ କୁମାର ଦାସ ପରିଚାଳନା କରିଥିଲେ।




ଓଡ଼ିଶା ଫେଷ୍ଟିଭାଲ ଆର୍ଟ ଆଣ୍ଡ୍ କଲ୍‌ଚର ଓ ଭାରତ ସଂସ୍କୃତି ଯାତ୍ରା ଉଦ୍‌ଘାଟନୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ରେଲ୍‌ୱେ ଫାଟକରେ ପ୍ରବଳ ଭିଡ଼: ଅଧଘଣ୍ଟା ଅଟକିଲା ୨ ଟ୍ରେନ୍

ନିରାକାରପୁର,୧୮।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ନିରାକାରପୁରଠାରେ ଥିବା ରେଲ୍‌ୱେ ଫାଟକରେ ଶୁକ୍ରବାର ଅସମ୍ଭାଳ ଭିଡ଼ ଯୋଗୁ ଉଭୟ ପାର୍ଶ୍ୱରେ ୨ଟି ସୁପରଫାଷ୍ଟ ଟ୍ରେନ୍ ଅଧଘଣ୍ଟା ଅଟକି ରହିବା ସହ ଆମ୍ବୁଲାନ୍ସ ଓ ପିଲାଙ୍କ ସ୍କୁଲ ଗାଡ଼ି ମଧ୍ୟ ଫସିଥିଲା। ଫଳରେ ଫାଟକର ଉଭୟ ପାର୍ଶ୍ୱରେ ଦେଢ଼ କି.ମି. ପର୍ଯ୍ୟନ୍ତ ଗାଡ଼ିମୋଟର ଧାଡ଼ିରେ ଅଟକି ରହିଥିଲା।

ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ଉକ୍ତ ଫାଟକରେ ଭିଡ଼ ଯୋଗୁ ଅପଲାଇନ୍‌ରେ ପାଟଣାରୁ ଚେନ୍ନାଇ ଅଭିମୁଖେ ଯାଉଥିବା ପାଟନା-ଚେନ୍ନାଇ ସୁପରଫାଷ୍ଟ ଅଧଘଣ୍ଟା ଅଟକି ରହିଥିବା ବେଳେ ଡାଉନ୍ ଲାଇନ୍‌ରେ ଫାଲଗନାମା ସୁପରଫାଷ୍ଟ ସ୍ଥାନୀୟ ଷ୍ଟେସନ ଠାରେ ଅଟକି ରହିଥିଲା। ସେହିପରି ଏହି ଗହଳି ଭିତରେ ମଧ୍ୟ ଆମ୍ବୁଲାନ୍ସ ଓ ସ୍କୁଲକୁ ଛୋଟପିଲାଙ୍କୁ ନେଇକି ଯାଉଥିବା ଗାଡ଼ି ମଧ୍ୟ ଫସିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଫାଟକର ଉଭୟ ପାର୍ଶ୍ୱରେ ଲୋକଙ୍କୁ ରୋକାଯାଇ ଫାଟକ ପକେଇବା ପରେ ଗାଡ଼ି ଦୁଇଟି ପାସ୍ କରିଥିଲା। କିନ୍ତୁ ଆମ୍ବୁଲାନ୍ସ ଓ ସ୍କୁଲ ଗାଡ଼ି ପାସ୍ ହେବା ପାଇଁ ନାକେଦମ ହୋଇଯାଇଥିଲେ। ଏହି ରେଳ ଫାଟକ ଉପରେ ୩ଟି ନିର୍ବାଚନମଣ୍ଡଳୀର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ନିର୍ଭର କରୁଥିବା ବେଳେ ଏଠାରେ ଓଭର ବ୍ରିଜ୍ ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନର ଉଦାସୀନତା ଯୋଗୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ନିରାକାରପୁରଠାରେ ଥିବା ରେଳ ଫାଟକରେ ଯାନବାହନ ଅଟକି ରହିଛି।

# ସିକ୍ରେଟ ପ୍ରାଇଭେଟ୍ କାଫେରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୮।୪ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି କୋଲଥିଆ ଛକସ୍ଥିତ'ସିକ୍ରେଟ ପ୍ରାଇଭେଟ୍' ନାମକ କାଫେରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଛି। ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ ଏହି ସମୟରେ ଜନ୍ମଦିନ ପାଳନ ହେଉଥିଲା। ନିଆଁ ଲାଗିବା ଜାଣିବା ପରେ ସେମାନଙ୍କ ସହ ଅନ୍ୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ କର୍ମଚାରୀମାନେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଖବର ପାଇ ତମାଣ୍ଡୋ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସୂଚନା ଅନୁସାରେ, କୋଲଥିଆ ଛକ ନିକଟରେ ଥିବା ଏକ ବିଲ୍ଡିଂର ଦୁଇ ମହଲାରେ ଏହି କାଫେ ରହିଛି। ଗୁରୁବାର ଅପରାହ୍ନ ପ୍ରାୟ ୩ଟାରେ ହଠାତ ନିଆଁ ଲାଗି ପ୍ରବଳ ଧୂଆଁ ବାହାରିଥିଲା। କାଫେ କର୍ମଚାରୀ ମାନେ ତୁରନ୍ତ ତମାଣ୍ଡୋ ଅଗ୍ନିଶମ ବାହିନୀକୁ ଖବର ଦେବା ସହ ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ। ଦମକଳବାହିନୀ ପ୍ରାୟ ଦେଢ ଘଣ୍ଟା ପରେ ନିଆଁକୁ ଆୟତ କରିଥିଲେ।

# ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲଗଡ଼ ଜେଏମ୍‌ଏଫ୍‌ସି କୋର୍ଟ

ବୋଲଗଡ,୧୮।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ଠାରେ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ୨୦୧୭ ମାର୍ଚ୍ଚ ୩୧ରେ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ଅନୁଦାନ ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ତେବେ ସ୍ଥାନ ଅଭାବରୁ ନିର୍ମାଣ ବିଳମ୍ବିତ ହେଉଥିବା ବେଳେ ଜିଲା ଜଜ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ ଜିଲା ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ସମୟରେ ବୋଲଗଡ଼ ଆସି ଶ୍ୟାମସୁନ୍ଦରପୁର ମୌଜାରେ ୨.୫ଏକର ଜାଗାକୁ ଚିହ୍ନଟ କରିଥିଲେ। ସେଠାରେ ପାଚେରି ନିର୍ମାଣ ହୋଇ ଆବଦ୍ଧ କରାଯାଇଥିଲେ ମଧ୍ୟ କୌଣସି କାରଣରୁ ନିର୍ମାଣ ସ୍ଥଗିତ ରହିଥିଲା। ପରେ ବିକଳ୍ପ କାର୍ଯ୍ୟାଳୟ ଭାବେ ଖାଲିପଡ଼ିଥିବା ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଗତ ୨ବର୍ଷ ତଳୁ କୋର୍ଟ ପାଇଁ ଆବଶ୍ୟକ କୋର୍ଟରୁମ୍, ବିଚାରପତିଙ୍କ ଚାମ୍ବର, ହାଜତ, ଓକିଲ ଏବଂ ପୋଲିସଙ୍କ ପାଇଁ ଘର ଆଦି ପ୍ରସ୍ତୁତ କରାଯାଇଥିଲା। ମାତ୍ର ଏହା ମଧ୍ୟ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ହେବା ନେଇ ବୋଲଗଡ ଉନ୍ନୟନ ପରିଷଦର କର୍ମକର୍ତ୍ତା ମାନେ ଗତବର୍ଷ ଡିସେମ୍ବରରେ ଭୁବନେଶ୍ୱର ଯାଇ ଶୀଘ୍ର ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ସମ୍ପର୍କରେ ଜିଲାଜଜ୍‌ଙ୍କ ସହ ଆଲୋଚନା କରି ସ୍ଥିରୀକୃତ ଅସ୍ଥାୟୀ ଗୃହରେ କୋର୍ଟ କାର୍ଯ୍ୟ ଚଳାଇବା ପାଇଁ ଅନୁରୋଧ କରିଥିଲେ। ଫଳରେ ଚଳିତବର୍ଷ ଜାନୁଆରୀରେ ଖୋର୍ଦ୍ଧା କୋର୍ଟ ରେଜିଷ୍ଟ୍ରାର ଓ ମ୍ୟାନେଜର ବୋଲଗଡ଼ ଆସି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ହେବାକୁ ଥିବା ଅସ୍ଥାୟୀ ଗୃହର ତଦାରଖ କରି କିଛି ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟ ଓ ଆବଶ୍ୟକ ବ୍ୟବସ୍ଥା କରିବାର ଆବଶ୍ୟକତା ଥିବା ନେଇ ମତବ୍ୟକ୍ତ କରିବା ସହ ନିର୍ମିତ ହୋଇଥିବା କୋର୍ଟ କ୍ୟାମ୍ପସର ଫଟୋ ଓ ଭିଡିଓଗ୍ରାଫି କରି ଜିଲାଜଜ୍‌ଙ୍କୁ ପ୍ରଦାନ କରିଥିଲେ। ସେହି ଅନୁଯାୟୀ ଜିଲାଜଜ ଗତ ମାର୍ଚ୍ଚରେ ଚିଠି ନଂ.୧୩୨୯ରେ ଖୋର୍ଦ୍ଧା ଜିଲାପାଳଙ୍କ ନିକଟକୁ ପଠାଇବା ସହିତ ବୋଲଗଡ ବିଡିଓ ଏବଂ ତହସିଲଦାରଙ୍କ ନିକଟକୁ ଉକ୍ତ ଚିଠିର ନକଲ ମଧ୍ୟ ପ୍ରେରଣ କରି ବାକିଥିବା କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ବୋଲଗଡ ଉନ୍ନୟନ ପରିଷଦ ସଭାପତି ଗୋପୀନାଥ ଖାଡଙ୍ଗା, ରଘୁନାଥ ଦଳବେହେରା, ରାମଚନ୍ଦ୍ର ମାଝୀ ପ୍ରମୁଖ ବିଧାୟକ ପ୍ରଦୀପ ସାହୁ ଏବଂ ବିଡିଓଙ୍କୁ ସାକ୍ଷାତ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି।

# ଚନ୍ଦନଯାତ୍ରାରେ ବାଣ ଫୁଟାଇବା ମନା

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

- **ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟକୁ ଅନୁମୋଦନ**
- ଭକ୍ତ, ସେବାୟତଙ୍କର ହେବ ଇନ୍‌ସ୍ୟୁରାନ୍ସ
- ଜାରି ରହିଛି ରତ୍ନଭଣ୍ଡାର ମରାମତି କାର୍ଯ୍ୟ

ଆସନ୍ତା ୩୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ସହ ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ। ତେଣୁ ରଥ ନିର୍ମାଣ କାର୍ଯ୍ୟ, ବାହାର ଚନ୍ଦନଯାତ୍ରା ଏବଂ ଅନ୍ୟାନ୍ୟ ନୀତିକୁ ନେଇ ଶୁକ୍ରବାର ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀତି ସବ୍‌କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିବା ନୀତିନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଏଥିସହ ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ, ଭଉଁରି ତିଥି ପାଇଁ ମଧ୍ୟ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଉପରେ ମୋହର ବାଜିଛି। ଚଳିତବର୍ଷ ଚନ୍ଦନଯାତ୍ରାରେ ବାଣଫୁଟା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏଥିସହ ଭକ୍ତ ଓ ସେବାୟତଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇନ୍‌ସ୍ୟୁରାନ୍ସ ବ୍ୟବସ୍ଥା ହୋଇଛି।

ନୀତି ନିର୍ଘଣ୍ଟ ଅନୁଯାୟୀ, ଅକ୍ଷୟତୃତୀୟା ଦିନ ପ୍ରାତଃ ୩ଟାରେ ଦ୍ୱାରଫିଟା ହୋଇ ନୀତି ବଢିବା ପରେ ଅପରାହ୍ନ ୩ଟାରେ ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା, ୩ଟା ୩୦ରେ ବିମାନକୁ ବିଜେ, ଅପରାହ୍ନ ୪ଟାରେ ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବ। ରାତ୍ର ୧୦ଟାରେ ଚନ୍ଦନ ଠାକୁର ବାହୁଡ଼ା ବିଜେ କରିବେ। ସମସ୍ତ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ଭାବେ ସମ୍ପାଦନ ହୋଇପାରିବ ସେନେଇ ମୁଖ୍ୟ ପ୍ରଶାସକ ସେବାୟତ ନିଯୋଗଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ଭକ୍ତମାନେ କିଭଳି ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ଗତବର୍ଷ ଶ୍ରୀକ୍ଷେତ୍ର ଭଉଁରି ଅବସରରେ ନରେନ୍ଦ୍ର ପୁଷ୍କରିଣୀଠାରେ ବାଣ ବିସ୍ଫୋରଣ ଘଟି ୧୭ ଜଣଙ୍କ ଜୀବନ ଯାଇଥିଲା ଏବଂ ଅନେକେ ଆହତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଆତସବାଜି ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ଭକ୍ତ ଓ ସେବାୟତଙ୍କ ପାଇଁ ଇନ୍‌ସ୍ୟୁରାନ୍ସ ବ୍ୟବସ୍ଥା ହୋଇଛି। ଚନ୍ଦନଯାତ୍ରା ସମୟରେ ଫାଷ୍ଟଏଡ୍ ବ୍ୟବସ୍ଥା କରାଯିବ। ସେହିପରି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଜାରି ରହିଛି। ରତ୍ନଭଣ୍ଡାର ମରାମତି ସରିବା ପରେ ରତ୍ନଭଣ୍ଡାର କବାଟକୁ ସୁନା ଓ ରୁପା ଛାଉଣି କରାଯିବା ପାଇଁ ଯୋଜନା ହେଉଛି। ନୂତନ ପରିଚାଳନା କମିଟି ଗଠନ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି, ଚନ୍ଦନଯାତ୍ରା ନୀତିନିର୍ଘଣ୍ଟ ଉପରେ ଆଲୋଚନା କରାଯାଇ ଛତିଶା ନିଯୋଗ ପକ୍ଷରୁ ଅନୁମୋଦନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ନିଯୋଗ ପକ୍ଷରୁ ଆସିଥିବା କିଛି ପ୍ରସ୍ତାବକୁ ଶ୍ରୀମନ୍ଦିର ପ୍ରଶାସନ ଗ୍ରହଣ କରିଛି। ଗତବର୍ଷ ବାହାର ଚନ୍ଦନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା, କିନ୍ତୁ ଭଉଁରି ଦିନ ବାଣ ବିସ୍ଫୋରଣ ଘଟିଥିଲା। ତେଣୁ ଚଳିତ ବର୍ଷ ଯେପରି କୌଣସି ପ୍ରକାର ଅଘଟଣ ନ ଘଟିବ, ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଚନ୍ଦନଯାତ୍ରାରେ ବାଣ ଫୁଟାଯିବ ନାହିଁ। ଭକ୍ତ ଓ ସେବାୟତଙ୍କର ଇନ୍‌ସ୍ୟୁରାନ୍ସ କରାଯିବ। ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପ୍ରାଥମିକ ଚିକିତ୍ସା ଶିବିର ଖୋଲାଯିବା ସହ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଗ୍ନିଶମ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିବେ। ଶ୍ରୀମନ୍ଦିର ପରିଚାଳନା କମିଟି ପୁନର୍ଗଠନ ନିମନ୍ତେ ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ଖୁବ୍‌ଶୀଘ୍ର ନିଷ୍ପତ୍ତି ଆସିବ ବୋଲି ଆଶା ରହିଛି। ଗତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖି ସେବାୟତ ପରିବାର ପିଲାମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଛାତ୍ରୀ ଏବଂ ୫ ଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୭୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ୨୩ ଜଣ ଛାତ୍ରୀଛାତ୍ରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି ବୋଲି ଡ. ପାଢୀ କହିଛନ୍ତି। ବୈଠକରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନିତ ଅଗ୍ରୱାଲ, ଛତିଶା ନିଯୋଗର ସଭାପତି, ସମ୍ପାଦକ ଏବଂ ସଦସ୍ୟଙ୍କ ସହ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଜିଲାପାଳ ତଥା ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନିତ ଅଗ୍ରୱାଲ।

# ସିକ୍ରେଟ ପ୍ରାଇଭେଟ୍ କାଫେରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୮।୪ (ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି କୋଲଥିଆ ଛକସ୍ଥିତ 'ସିକ୍ରେଟ ପ୍ରାଇଭେଟ୍' ନାମକ କାଫେରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡିଯାଇଛି। ସର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ତେବେ ଏହି ସମୟରେ ଜନ୍ମଦିନ ପାଳନ ହେଉଥିଲା। ନିଆଁ ଲାଗିବା ଜାଣିବା ପରେ ସେମାନଙ୍କ ସହ ଅନ୍ୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ତେବେ କର୍ମଚାରୀମାନେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଖବର ପାଇ ତମାଣ୍ଡୋ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

ସୂଚନା ଅନୁସାରେ, କୋଲଥିଆ ଛକ ନିକଟରେ ଥିବା ଏକ ବିଲ୍ଡିଂର ଦୁଇ ମହଲାରେ ଏହି କାଫେ ରହିଛି। ଗୁରୁବାର ଅପରାହ୍ଣ ପ୍ରାୟ ୩ଟାରେ ହଠାତ ନିଆଁ ଲାଗି ପ୍ରବଳ ଧୂଆଁ ବାହାରିଥିଲା। ନିଆଁ ଲାଗିଥିବା ଶୁଣି ସେଠାରେ ଥିବା ଲୋକେ ଭୟଭୀତ ହୋଇ ଦୌଡିବାକୁ ଆରମ୍ଭ କରିଥିଲେ। କାଫେ କର୍ମଚାରୀ ମାନେ ତୁରନ୍ତ ତମାଣ୍ଡୋ ଅଗ୍ନିଶମ ବାହିନୀକୁ ଖବର ଦେବା ସହ ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ। ଦମକଳବାହିନୀ ପ୍ରାୟ ଦେଢ ଘଣ୍ଟା ପରେ ନିଆଁକୁ ଆୟତ କରିଥିଲେ।

# ୬ମାସରେ ୧୬ହଜାରରୁ ଊର୍ଦ୍ଧ୍ୱ ପଦବୀ ସୃଷ୍ଟି

ଭୁବନେଶ୍ୱର,୧୮।୪ (ରବିନାରାୟଣ ଜେନା)

## ଆଇନଶୃଙ୍ଖଳାକୁ ମୋହନ ସରକାରଙ୍କ ଗୁରୁତ୍ୱ

ରାଜ୍ୟ ସରକାର ଗତ ୬ମାସ ମଧ୍ୟରେ ୧୬ହଜାରରୁ ଊର୍ଦ୍ଧ୍ୱ ପଦବୀ କେବଳ ଗୃହ ବିଭାଗରେ ସୃଷ୍ଟି କରିଛନ୍ତି। ଆଗାମୀ ଦିନରେ ପୋଲିସ ଉପରେ ଲୋକଙ୍କ ଭରସା ଯେଭଳି ଅତୁଟ ରହିବ ସେଦିଗରେ ଗୃହବିଭାଗ କାର୍ଯ୍ୟ କରୁଛି। ପୋଲିସ ବିଭାଗରେ ଶୃଙ୍ଖଳା ଓ ସଂସ୍କାରକୁ ଗୁରୁତ୍ୱ ଦେବାକୁ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୃହ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି।

ଗୃହ ବିଭାଗ ପକ୍ଷରୁ ଆଇନଶୃଙ୍ଖଳା ସମୀକ୍ଷା ପରେ ଅତିରିକ୍ତ ମୁଖ୍ୟଶାସନ ସଚିବ ସତ୍ୟବ୍ରତ ସୂଚନା ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ତଥା ଐତିହାସିକ ପଦକ୍ଷେପ ଯୋଗୁ ଏତେ କମ୍ ଦିନରେ କେବଳ ଗୃହ ବିଭାଗରେ ୧୬ହଜାରରୁ ଊର୍ଦ୍ଧ୍ୱ ପଦବୀ ସୃଷ୍ଟି କରିବା ସମ୍ଭବପର ହୋଇପାରିଛି। ପୋଲିସ ମୁଖ୍ୟାଳୟ ସହିତ ସମନ୍ୱୟ ରକ୍ଷା କରି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଇତିମଧ୍ୟରେ ମାଓଦମନ ଲାଗି ୩୦୦୯ ପଦ ସୃଷ୍ଟି କରାଯାଇଥିବା ବେଳେ ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀରେ ୧୦୮୩ ପଦ ସୃଷ୍ଟି କରାଯାଇଛି। ସେହିପରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଲାଗି ୧୩୧ ପଦାତିକ ପୋଲିସ କନ୍‌ଷ୍ଟେବଲ ପଦ ସୃଷ୍ଟି ହୋଇଥିବାବେଳେ ସାଇବର ଅପରାଧ ରୋକିବା ପାଇଁ ୧୦୬୭ ପଦ ସୃଷ୍ଟି କରାଯାଇଛି। ଏହାସହିତ ରାଜ୍ୟରେ ଟ୍ରାଫିକ ସୁପରିଚାଳନା ଲାଗି ୨ହଜାର ପଦ ସୃଷ୍ଟି ହୋଇଥିବାବେଳେ ଆଇନଶୃଙ୍ଖଳା ସୂଚାରୁ ରୂପେ ନିୟନ୍ତ୍ରଣ ଲାଗି ୫୧୨୬ ଗୃହରକ୍ଷୀ, ଲଘୁ ଖଣିଜ ସମ୍ପଦର ରକ୍ଷଣାବେକ୍ଷଣ ଲାଗି ୩୧୨୦ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ, ଫୋରେନ୍‌ସିକ ସାଇନ୍ସ ସେବା ତ୍ୱରାନ୍ୱିତ ଲାଗି ୨୫୬, କାରାଗାର ସୁରକ୍ଷା ପାଇଁ ୨୬୭ ପଦ ସୃଷ୍ଟି କରାଯାଇଛି। ଏହାବାଦ୍ ବିଭାଗରେ ଖାଲି ଥିବା ପଦ ପୂରଣ ଓ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ନୂତନ ପଦ ସୃଷ୍ଟି କରାଯିବାକୁ ବିଭାଗ ପକ୍ଷରୁ ଲକ୍ଷ୍ୟ ରହିଛି ବୋଲି ଅତିରିକ୍ତ ମୁଖ୍ୟଶାସନ ସଚିବ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପ୍ରାକ୍ ବଜେଟ ବୈଠକ ବେଳେ ରାଜ୍ୟରେ ଖାଲିଥିବା ପଦ ପୂରଣକୁ ସରକାର ଗୁରୁତ୍ୱ ଦେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ସେ କହିଥିଲେ, ରାଜ୍ୟ ସରକାର ଆଇନଶୃଙ୍ଖଳା ସହିତ ଶିଳ୍ପ, ପର୍ଯ୍ୟଟନ, ଆଇଟି ଭିତ୍ତିଭୂମି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାସହିତ ଚଳିତବର୍ଷ ରାଜ୍ୟରେ ଖାଲି ଥିବା ପଦବୀ ମଧ୍ୟରୁ ୪୦ହଜାର ପଦ ପୂରଣ କରାଯିବ। ଏହି ପରିପ୍ରେକ୍ଷୀରେ କେବଳ ଗୃହବିଭାଗ ପକ୍ଷରୁ ୧୬ହଜାରରୁ ଊର୍ଦ୍ଧ୍ୱ ପଦ ସୃଷ୍ଟି ହୋଇଥିବା ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗରେ ଖାଲିଥିବା ପ୍ରାୟ ୨୦ହଜାର ପଦ ପୂରଣ ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବା ବିଭାଗୀୟ ତଥ୍ୟରୁ ଜଣାଯାଇଛି।

# ମେ ୨୦ ହରତାଳ ସଫଳ କରିବାକୁ ଆହ୍ୱାନ



ଭୁବନେଶ୍ୱର,୧୮।୪ (ସୁଚିସ୍ମିତା ସାହୁ)

ଶ୍ରମ କୋଡ୍ ବାତିଲ, ଶ୍ରମିକ ନେତାଙ୍କୁ ମିଥ୍ୟା ମକଦ୍ଦମାରେ ଫସାଇ ଗିରଫଦାରି କରିବା ବନ୍ଦ ଆଦି ବିଭିନ୍ନ ଦାବି ନେଇ ମେ ୨୦ରେ ଦେଶବ୍ୟାପୀ ହରତାଳ ଆହ୍ୱାନ ଦେଇଛି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସ୍ୱାଧୀନ ଫେଡେରେଶନ। ଏନେଇ ଶୁକ୍ରବାର ଲୋହିଆ ଏକାଡେମୀଠାରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍‌ପିଏଫ୍ ଓ ସ୍ୱାଧୀନ ଫେଡେରେଶନ ଆଦି ଶ୍ରମିକ ସଙ୍ଗଠନର ପ୍ରତିନିଧି ଯୋଗଦେଇଥିଲେ। ଶ୍ରମିକ ନେତ୍ରୀ ପ୍ରଣତି ମିଶ୍ର, ଶ୍ରମିକ ନେତା ଦୁଷ୍ମନ୍ତ ଦାସ, ଗୌରାଙ୍ଗ ପାଣିଗ୍ରାହୀ, କୃଷ୍ଣ ଚନ୍ଦ୍ର ପାତ୍ର, ମହେନ୍ଦ୍ର ପରିଡା, ଲକ୍ଷ୍ମୀପ୍ରିୟା ଦୋରା, ରାଜକିଶୋର ମଲ୍ଲିକ ଓ ମାୟାଧର ନାଏକଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ଶ୍ରମିକଙ୍କ ଅନ୍ୟ ଦାବିଗୁଡିକ ପୂରଣ କରିବା ନେଇ ଜୋରଦାର ଲଢ଼େଇ କରିବାକୁ ସଙ୍ଗଠନ ପକ୍ଷରୁ କୁହାଯାଇଛି। ପୂର୍ବତନ ଏମ୍‌ପି ତଥା ରାଷ୍ଟ୍ରୀୟ ମଜଦୁର ସଂଘର ଓଡିଶା ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ସିଟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ଏଆଇଟିୟୁସିର ରାଜ୍ୟ ସମ୍ପାଦକ ବିଜୟ ଜେନା, ଏଚ୍‌ଏମ୍‌ଏସର ସତ୍ୟ ତ୍ରିପାଠୀ, ଏଆଇସିସିଟିୟୁର ରାଜ୍ୟ ସଭାପତି ରାଧାକାନ୍ତ ସେଠୀ, ଏଆଇୟୁଟିୟୁସିର ରାଜ୍ୟ ସମ୍ପାଦକ ଜୟସେନ ମେହେର, ଟିୟୁସିସିର ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ର ପ୍ରମୁଖ ମେ ୨୦ ଦେଶବ୍ୟାପି ହରତାଳକୁ ସଫଳ କରିବା ଲାଗି ସମର୍ଥନ ଜଣାଇଥିଲେ।




ବିଶ୍ୱ ଐତିହ୍ୟ ଦିବସ ଅବସରରେ ଶୁକ୍ରବାର ଐତିହ୍ୟ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ସଚେତନତା ପଦଯାତ୍ରା।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ଦିବସ

ଭୁବନେଶ୍ୱର,୧୮।୪ (ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଚୀନ ଭାରତ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାରିଟାଇମ ଆଣ୍ଡ୍ ସାଉଥ୍ ଇଷ୍ଟ ଏସିଆନ୍ ଷ୍ଟଡିଜ୍ ନିର୍ଦ୍ଦେଶକ ଡ. ସୁନୀଲ କୁମାର ପଟ୍ଟନାୟକ ଯୋଗଦେଇ କହିଲେ, ରାଜ୍ୟରେ ଥିବା ସମସ୍ତ ଐତିହ୍ୟ ସ୍ମାରକୀର ସଂରକ୍ଷଣ ଜରୁରୀ। ଏଥିପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି। ଐତିହ୍ୟ କୀର୍ତ୍ତିରାଜିଗୁଡ଼ିକର ସଂରକ୍ଷଣ ସମ୍ପର୍କରେ ସାଧାରଣରେ ସଚେତନତା ସୃଷ୍ଟି କରାଯିବା ଦରକାର। ଏହାସହିତ ପ୍ରତ୍ନତତ୍ତ୍ୱ ଗବେଷଣା ପ୍ରତି ଛାତ୍ରୀଛାତ୍ରଙ୍କୁ ଆଗେଇ ଆସିବା ପାଇଁ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି।

ଚଳିତବର୍ଷ ବିଶ୍ୱ ଐତିହ୍ୟ ଦିବସ ପାଳନର ବିଷୟବସ୍ତୁ 'ପ୍ରାକୃତିକ ବିପର୍ଯ୍ୟୟ ଏବଂ ଐତିହ୍ୟ ପ୍ରତି ବିପଦ' ଉପରେ ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ ଆଲୋଚନା କରିଥିଲେ। ପ୍ରାଚୀନ ଭାରତ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ବିଭାଗର ସଂଯୋଜକ ଡ. ଅନାମ ବେହେରା ଅତିଥି ପରିଚୟ ଏବଂ ଡ.ସୁଶାନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ.ସନ୍ତୋଷ କୁମାର ରଥ, ଡ.କୈବଲ୍ୟ ଚରଣ ପତି, ସବ୍ୟସାଚୀ ନାୟକ, ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବଦଳିରେ ସ୍ୱଚ୍ଛ ଓ ନିରପେକ୍ଷତା ରଖ

ଭୁବନେଶ୍ୱର,୧୮।୪ (ରବିନାରାୟଣ ଜେନା)

## ସବୁ ବିଭାଗୀୟ ମୁଖ୍ୟଙ୍କୁ ସରକାରଙ୍କ ନିର୍ଦ୍ଦେଶ

କର୍ମଚାରୀ ଓ ଅଧିକାରୀଙ୍କ ବଦଳିରେ ଯେପରି ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରହିବ ତାକୁ ଦୃଷ୍ଟିରେ ରଖି ନିଜସ୍ୱ ବଦଳି ନୀତି ତୁରନ୍ତ ଜାରି କରିବାକୁ ସରକାରଙ୍କ ପକ୍ଷରୁ ସବୁ ବିଭାଗୀୟ ମୁଖ୍ୟଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ସବୁ ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି, ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କ ବଦଳିରେ ସ୍ୱଚ୍ଛତା ଓ ନିରପେକ୍ଷତା ବଜାୟ ରହିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ସରକାରଙ୍କ ସୁଶାସନ ତଥା ପ୍ରଶାସନରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ଲକ୍ଷ୍ୟ ହାସଲ ହୋଇପାରିବ। ସୁରେନ୍ଦ୍ର ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି, ଗଣଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ଭଳି ଅଳ୍ପ କେତେକ ବିଭାଗ ପକ୍ଷରୁ ନିଜସ୍ୱ ବଦଳି ନୀତି ଜାରି ହୋଇସାରିଛି। ହେଲେ ଅନ୍ୟାନ୍ୟ ବିଭାଗ ଏପର୍ଯ୍ୟନ୍ତ ତାଙ୍କର ନିଜସ୍ୱ ବଦଳି ନୀତି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇ ନାହାନ୍ତି। ତେବେ ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ ମଧ୍ୟରେ ବାବୁଙ୍କ ବଦଳି କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ବଦଳି ବେଳେ ବୁକ୍ ସର୍କୁଲାର-୪୨କୁ ଅନୁସରଣ କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ବଦଳି ପରିଚାଳନା ପାଇଁ ଜାରି କରାଯାଇଥିବା ଅନ୍ୟାନ୍ୟ ନିର୍ଦ୍ଦେଶାବଳୀକୁ ଆଧାର କରି ସ୍ୱଚ୍ଛ ବଦଳି ନୀତି ପାଳନ କରାଯିବାର ଆବଶ୍ୟକତା ରହିଛି। ନୀତି ପ୍ରଣୟନ କରିବା କିମ୍ବା ବଦଳି ପାଇଁ ମାନଦଣ୍ଡ ପ୍ରସ୍ତୁତି ବେଳେ ବୁକ୍ ସର୍କୁଲାର-୪୨ ଏବଂ ଅନ୍ୟାନ୍ୟ ସର୍କୁଲାରରେ ଥିବା ନିୟମଗୁଡ଼ିକ ପ୍ରତି ଧ୍ୟାନ ଦେବା ଉଚିତ। ସେହିଭଳି କର୍ମଚାରୀମାନଙ୍କ ବଦଳି ଆବେଦନ ପାଇଁ ଏକ ଅନ୍‌ଲାଇନ୍ ବ୍ୟବସ୍ଥା କରିବାକୁ ସୁରେନ୍ଦ୍ର ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

# ସାମ୍ବାଦିକ କଲିମ୍‌ଙ୍କ ପରଲୋକ

ଭୁବନେଶ୍ୱର, ୧୮।୪ (ସୁଚିସ୍ମିତା ସାହୁ)

ବରିଷ୍ଠ ସାମ୍ବାଦିକ ଶେଖ ଅବଦୁଲ କଲିମ୍(୫୭)ଙ୍କର ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ଭୁବନେଶ୍ୱରସ୍ଥିତ ବାସଭବନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାରଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।



ଶେଖ ଅବଦୁଲ କଲିମ୍

ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ନିକଟବର୍ତ୍ତୀ କଡ଼ପ ଗାଁରେ ଜନ୍ମିତ କଲିମ୍ ୯୦ ଦଶକରୁ ସାମ୍ବାଦିକ ଭାବେ କାର୍ଯ୍ୟ କରି ଆସୁଥିଲେ। ବିଭିନ୍ନ ଖବରକାଗଜ ଓ ଟିଭି ଚ୍ୟାନେଲରେ ପୂର୍ବରୁ କାର୍ଯ୍ୟ କରିଥିବା କଲିମ୍ ଏବେ ସମ୍ବାଦ କଳିକାର ବାର୍ତ୍ତା ସଂପାଦକ ଦାୟିତ୍ୱ ତୁଲାଉଥିଲେ। ପରଲୋକ ଖବର ପାଇ ବାସଭବନରେ ଆତ୍ମୀୟସ୍ୱଜନ ଓ ସାମ୍ବାଦିକମାନେ ପହଞ୍ଚି ତାଙ୍କର ଶେଷଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ କଡ଼ପ ଗ୍ରାମ ଅଭିମୁଖେ ନିଆଯାଇଛି। ତାଙ୍କର ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ଶିଶୁଙ୍କୁ ସଂସ୍କାର ଦେବାରେ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାରଙ୍ଗ,୧୮।୪ (ଲିଙ୍ଗରାଜ ରାଉତ)

## ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ତୃତୀୟ ସମାବର୍ତ୍ତନ ଉତ୍ସବ

ଓସ୍ତପଡ଼ାସ୍ଥିତ ଶ୍ରୀଜୟଦେବ ଶିକ୍ଷାକେନ୍ଦ୍ରର ତୃତୀୟ ସମାବର୍ତ୍ତନ ଉତ୍ସବ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାନେତ୍ରୀ ଅନ୍ନପୂର୍ଣ୍ଣା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ସଭାକୁ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ ଉଦ୍‌ଘାଟନ କରିବା ସହ ଛୋଟ ଶିଶୁଙ୍କଠାରେ ଥିବା ପ୍ରତିଭାକୁ ଭୂୟସୀ ପ୍ରଶଂସା କରିଥିଲେ। ଗ୍ରାମାଞ୍ଚଳରେ ଏଭଳି ଉତ୍ସବ ଏକ ନିଆରା ଉତ୍ସବ। ଏହା ଉଭୟ ପିଲା ଓ ଅଭିଭାବକଙ୍କ ଏକ ଆନନ୍ଦର ଉତ୍ସବ। ଶିଶୁର ଭବିଷ୍ୟତ ଗଢ଼ିବାରେ ଏହି ଅନୁଷ୍ଠାନ ମୁଖ୍ୟ ଭୂମିକା ଗ୍ରହଣ କରିଛି। ମୁଖ୍ୟବକ୍ତା ଭାବେ ପ୍ରଦ୍ୟୁମ୍ନ ଶତପଥୀ ଯୋଗଦେଇ ଶିଶୁଙ୍କୁ ପରିବାରରୁ ସଂସ୍କାରିତ କରିବାରେ ମାଆଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିଶୁଙ୍କୁ ଉପଯୁକ୍ତ ପରିବେଶ ଯୋଗାଇଦେଲେ ସେମାନଙ୍କ ଦକ୍ଷତା ବୃଦ୍ଧି ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ କଲ୍ୟାଣପୁର ସରପଞ୍ଚ ଦେବରାଜ ଭୋଇ ଏବଂ ସମିତି ସଭ୍ୟ ଭୁବନମୋହନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉନ୍ନତି କାମନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ତଥା ସମ୍ପାଦକ ପ୍ରଦୀପ କୁମାର ପାଣି ସ୍ୱାଗତ ସମ୍ଭାଷଣ ଦେଇଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷୟିତ୍ରୀ ସୁନନ୍ଦା ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ଉଭୟେ ପାଠ୍ୟ ଓ ସହପାଠ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛୋଟ ଛୋଟ ଛାତ୍ରୀଛାତ୍ରଙ୍କ ନୃତ୍ୟ, ଗୀତରେ ଉପସ୍ଥିତ ଶତାଧିକ ଅଭିଭାବକ ବିମୋହିତ ହୋଇଥିଲେ।



ଭୁବନେଶ୍ୱର ବୁଢେଶ୍ୱରୀ କଲୋନୀସ୍ଥିତ ଆଦର୍ଶ ରେଲ୍‌ୱେ କଲୋନୀରେ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ଅବସରରେ ଯୋଗ କାର୍ଯ୍ୟକ୍ରମ।

# ଆଦର୍ଶ ରେଲ୍‌ୱେ କଲୋନୀରେ ଯୋଗ ସାଧନା କେନ୍ଦ୍ର ପ୍ରତିଷ୍ଠା

ଭୁବନେଶ୍ୱର,୧୮।୪ (ସୁଚିସ୍ମିତା ସାହୁ)

ଭିଏସ୍‌ଏସ୍ ଯୋଗ ଜିଲା ପକ୍ଷରୁ ଭୁବନେଶ୍ୱର ବୁଢେଶ୍ୱରୀ କଲୋନୀସ୍ଥିତ ଆଦର୍ଶ ରେଲ୍‌ୱେ କଲୋନୀରେ ଶୁକ୍ରବାର ଏକ ନୂତନ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ପ୍ରଥମ ଦିନରେ ୬୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ଉପସ୍ଥିତ ରହି ଯୋଗ ସାଧନା କରିଥିଲେ। ଭାରତୀୟ ଯୋଗ ସଂସ୍ଥାନର ଓଡ଼ିଶା ପ୍ରାନ୍ତ ପ୍ରଧାନ ସୁରେଶ କୁମାର ମହାପାତ୍ର ଯୋଗଦେଇ ଯୋଗ ମାଧ୍ୟମରେ ରୋଗର ଉପଚାର ଓ ମନୁଷ୍ୟ ଜୀବନରେ ଯୋଗର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତ ସଂଗଠନ ମନ୍ତ୍ରୀ ଅକ୍ଷୟ ସ୍ୱାଇଁ, ଭିଏସ୍‌ଏସ୍ ଯୋଗ ଜିଲା ପ୍ରଭାରୀ ରଘୁନାଥ ରେଣ୍ଡୀ, ଭିଏସ୍‌ଏସ୍ ଯୋଗ ଜିଲା ପ୍ରଧାନ ବୁଦ୍ଧଦେବ ମୁଣ୍ଡା, ତାରିଣୀ କ୍ଷେତ୍ର ପ୍ରଧାନ ଗନ୍ଧର୍ବ ବିଶ୍ୱାଳ, ଏକାମ୍ର କ୍ଷେତ୍ର ପ୍ରଧାନ ସୀତାରାମ ଦାସ, ମଞ୍ଚନାଥ କ୍ଷେତ୍ର ପ୍ରଧାନ ମମତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। କୈଳାସ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକୋ ପାଇଲଟଙ୍କୁ ଉତ୍କୃଷ୍ଟ ସୁବିଧା

ଭୁବନେଶ୍ୱର, ୧୮।୪ (ଅନୁରାଧା ମହାରଣା)

ଭାରତୀୟ ରେଳପଥରେ କାର୍ଯ୍ୟରତ ଲୋକୋ ପାଇଲଟଙ୍କ କାର୍ଯ୍ୟ ପରିସ୍ଥିତିକୁ ଉନ୍ନତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଗତ ୧୦ ବର୍ଷ ମଧ୍ୟରେ ଲୋକୋ ପାଇଲଟଙ୍କ ସମସ୍ତ ରନିଂରୁମ୍‌କୁ ଏୟାର କଣ୍ଡିଶନିଂ କରାଯିବା ସହ ଭଲଭାବେ ସଜ୍ଜିତ କରାଯାଇଛି। ୨୦୧୪ ପୂର୍ବରୁ ଆଦୌ ରନିଂରୁମ୍ ଏୟାର କଣ୍ଡିଶନ ନ ଥିଲା। ଏହାସହ ଏହି ସମୟ ମଧ୍ୟରେ ଅଧାରୁ ଅଧିକ ଲୋକୋ କ୍ୟାବିନ୍‌ଗୁଡ଼ିକୁ ଏର୍‌ଗୋନୋମିକ ସିଟ୍, ଏୟାର କଣ୍ଡିଶନିଂ ଏବଂ ଅନ୍ୟାନ୍ୟ ଅତ୍ୟାଧୁନିକ ସେବାଯୁକ୍ତ କରାଯାଇଛି। ସମସ୍ତ ନୂତନ ଲୋକୋମୋଟିଭ୍‌ରେ ଶୌଚାଳୟ ସ୍ଥାପନ କରାଯାଉଛି। ପୁରୁଣା ଲୋକୋମୋଟିଭ୍‌ଗୁଡ଼ିକୁ ଶୌଚାଳୟ ସହିତ ପୁନଃନିର୍ମାଣ କରାଯାଉଛି। ଏଥିପାଇଁ ଡିଜାଇନ୍ ମଧ୍ୟ ପରିବର୍ତ୍ତନ କରାଯାଉଛି। ଅଧିକ ଟ୍ରାଫିକ୍ ଥିବା ରୁଟ୍‌ଗୁଡ଼ିକରେ ନୂତନ ରନିଂରୁମ୍ ନିର୍ମାଣ କରାଯାଉଛି। କୁହୁଡ଼ି-ସୁରକ୍ଷା ଉପକରଣ, ସିଲ୍ଡ, ଡ୍ରାଇଭର ଆଲର୍ଟ ସିଷ୍ଟମ ଏବଂ ଉନ୍ନତ ବ୍ରେକିଂ ସିଷ୍ଟମ ଭଳି ପ୍ରଯୁକ୍ତିବିଦ୍ୟା ରେଳ ସୁରକ୍ଷାକୁ ଉନ୍ନତ କରିଛି ଏବଂ ଲୋକୋ ପାଇଲଟମାନଙ୍କୁ ମଧ୍ୟ ବହୁ ସୁବିଧା ପ୍ରଦାନ କରିଛି। ଲୋକୋ କ୍ୟାବିନ୍‌ଗୁଡିକରେ ଉନ୍ନତ ସୁବିଧା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବସ୍ଥା ରହିଥିବାବେଳେ ପର୍ଯ୍ୟାପ୍ତ ବିଶ୍ରାମ ସମୟ ପ୍ରଦାନ କରାଯାଉଛି। ମାଲ୍‌ବାହୀ ଟ୍ରେନ୍, ଉପନଗରୀୟ ଟ୍ରେନ୍ ଏବଂ ଯାତ୍ରୀବାହୀ ଓ ମେଲ୍ ଏକ୍ସପ୍ରେସ ଚଳାଉଥିବା ଲୋକୋ ପାଇଲଟଙ୍କ ପାଇଁ ଶୌଚାଳୟ ବିରତି ଓ ଖାଦ୍ୟର ବ୍ୟବସ୍ଥା ରହିଛି। ଷ୍ଟେଶନ କର୍ମଚାରୀମାନେ ସର୍ବଦା ଲୋକୋ ପାଇଲଟମାନଙ୍କୁ ସମର୍ଥନ କରନ୍ତି। ଲୋକୋ ପାଇଲଟମାନଙ୍କୁ ୱାକି-ଟକିର ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି, ଯାହା ମାଧ୍ୟମରେ ସେମାନେ ଷ୍ଟେଶନ କର୍ମଚାରୀଙ୍କ ସହ ଯୋଗାଯୋଗରେ ରହିପାରିବେ ବୋଲି ସୂଚନା ଦିଆଯାଇଛି।

# 'ନାଟକର ସାମାଜିକ ପ୍ରାସଙ୍ଗିକତା' ଉପରେ ଆଲୋଚନା

## ଶତାବ୍ଦୀର କଳାକାରର ପ୍ରତିଷ୍ଠା ଦିବସ ଉପଲକ୍ଷେ




ଭୁବନେଶ୍ୱର,୧୮।୪ (ସୌମ୍ୟରଞ୍ଜନ ରାଉତ)

ଶତାବ୍ଦୀର କଳାକାର ନାଟ୍ୟାନୁଷ୍ଠାନର ୫୦ତମ ପ୍ରତିଷ୍ଠା ଦିବସ ପରିପ୍ରେକ୍ଷୀରେ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଏକ ନାଟ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଶାଖା ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ଅତିଥି ଭାବେ ଯୋଗଦେଇଥିଲେ। 'ନାଟକର ସାମାଜିକ ପ୍ରାସଙ୍ଗିକତା' ଶୀର୍ଷକ ଉପରେ ନାରାୟଣ ସାହୁ, ବିଜୟ ଶତପଥୀ, ନରେନ୍ଦ୍ର ମିଶ୍ର, ସତ୍ୟବ୍ରତ ରାଉତ, ଗୌରାଙ୍ଗ ରାଉତ, ପ୍ରବୋଧ ରଥ, ଚୌଧୁରୀ ଜୟପ୍ରକାଶ ଦାସ, ଲଲାଟେନ୍ଦୁ ରଥ, ଉପେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ମତ ରଖିଥିଲେ। ପ୍ରଥମ ଅଧିବେଶନରେ ଗୌରହରି ଦାସ ଅଧ୍ୟକ୍ଷତା କରିଥିବାବେଳେ ଶତାବ୍ଦୀର କଳାକାରର ସାଧାରଣ ସମ୍ପାଦକ ଧୀର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିବାବେଳେ ଶତାବ୍ଦୀର କଳାକାରର ଉପଦେଷ୍ଟା ବିଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଅଂଶସ୍ୱରୂପ ଡଃ. ଗୌରହରି ଦାସଙ୍କ ଗଳ୍ପ, ବିଜୟ ଶତପଥୀଙ୍କ ନାଟ୍ୟରୂପ ଓ ଡଃ. ଆଲୋକ ଅଗ୍ନିବେଶଙ୍କ ନିର୍ଦ୍ଦେଶିତ ନାଟକ ହାରମୋନିୟମ ମଞ୍ଚସ୍ଥ କରାଯାଇଥିଲା। ୧୯୯୯ ମହାବାତ୍ୟାରେ ଘଟିଥିବା ଏକ କରୁଣ କାହାଣୀକୁ ନେଇ ରଚିତ ଏଇ ନାଟକଟି ବେଶ ହୃଦୟସ୍ପର୍ଶୀ ହୋଇଥିଲା। ରବୀନ୍ଦ୍ର ମଣ୍ଡପଠାରେ ୨୧ ତାରିଖରେ ବିପ୍ଳବୀ କୃତ୍ତିବାସ ଓ ୨୨ରେ ବାଞ୍ଛାର ବଗିଚା ମଞ୍ଚସ୍ଥ ହେବ ବୋଲି ସୂଚନା ଦିଆଯାଇଛି।

# ୨ ଘଣ୍ଟାରେ ରିଷିକେଶରୁ କର୍ଣ୍ଣପ୍ରୟାଗ ରେଳ ଯାତ୍ରା

ଭୁବନେଶ୍ୱର,୧୮।୪ (ଅନୁରାଧା ମହାରଣା)

## ଦେଶର ସବୁଠୁ ଦୀର୍ଘ ରେଳ ସୁଡ଼ଙ୍ଗ 'ଟି-୮'ର ଖନନ ଆରମ୍ଭ

ଯୋଗନଗରୀ ଋଷିକେଶରୁ ତପୋ ସହର କର୍ଣ୍ଣପ୍ରୟାଗକୁ ଯାତ୍ରା ଏବେମାତ୍ର ଦୁଇ ଘଣ୍ଟା ଲାଗିବ। ୧୨୫ କି.ମି.ରୁ ଅଧିକ ଲମ୍ବ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଏଭଳି ସମ୍ଭାବନା ସୃଷ୍ଟି କରିଛି। ଏଥିସହ ଦେଶର ସବୁଠାରୁ ଦୀର୍ଘ ରେଳ ସୁଡ଼ଙ୍ଗ ଉତ୍ତରାଖଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ, ତୀର୍ଥସ୍ଥଳ ଏବଂ ଆଧାତ୍ମିକ ଗୁରୁତ୍ୱକୁ ପୁନଃପରିଭାଷିତ କରିବାକୁ ଯାଉଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଭକ୍ତ ଯମୁନେତ୍ରୀ, ଗଙ୍ଗୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଦର୍ଶନ ପାଇଁ ତୀର୍ଥଯାତ୍ରାରେ ଯାଆନ୍ତି। ମାତ୍ର ଭୌଗୋଳିକ ଗଠନ ଓ ସୀମିତ ସଂଯୋଗୀକରଣ ସର୍ବଦା ଯାତ୍ରୀ ତଥା ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରି ଉତ୍ତରାଖଣ୍ଡର ଦୁର୍ଗମ ଅଞ୍ଚଳଗୁଡ଼ିକୁ ରେଳ ନେଟ୍‌ୱର୍କ ସହିତ ସଂଯୋଗ କରିବା ପାଇଁ ଭାରତୀୟ ରେଳପଥ ଋଷିକେଶ-କର୍ଣ୍ଣପ୍ରୟାଗ ରେଳ ପ୍ରକଳ୍ପ ଆରମ୍ଭ କରିଥିଲା। ଏହି ପ୍ରକଳ୍ପ ହିମାଳୟର ଏକ କଷ୍ଟକର ଓ ସମ୍ବେଦନଶୀଳ ଅଞ୍ଚଳ (ଭୂମିକମ୍ପ ଜୋନ୍ ଆଇଭି)ରେ ନିର୍ମାଣ କରାଯାଉଛି। ଏହି ରେଳ ଲାଇନ୍‌ରେ ଦେବପ୍ରୟାଗ ଏବଂ ଜନାସୁ ମଧ୍ୟରେ ଦେଶର ସବୁଠାରୁ ଦୀର୍ଘତମ ୧୪.୫୭୭ କି.ମି. (୪୭୮୨୫ ଫୁଟ) ରେଳ ସୁଡ଼ଙ୍ଗ ନିର୍ମାଣ କରାଯାଉଛି। ଗତ ୧୬ ତାରିଖରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ୧୪.୫୮ କି.ମି. ଲମ୍ବା ସୁଡ଼ଙ୍ଗ 'ଟି-୮'ର ଖନନ କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ୨୦୨୬ ଶେଷ ସୁଦ୍ଧା ଶେଷକରି ୨୦୨୭ ମଧ୍ୟଭାଗ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ପ୍ରକଳ୍ପ ଅନ୍ତର୍ଗତ ୩୮ଟି ସୁଡ଼ଙ୍ଗ ମଧ୍ୟରୁ ୨୮ଟିରେ ଖନନ ସରିଛି। ଏହି ଖନନରେ ଟନେଲ ବୋରିଂ ମେଶିନ (ଟିବିଏମ୍) ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଉଛି। ୨୦୨୪ ଅଗଷ୍ଟରେ, 'ଶିବ' ଏବଂ 'ଶକ୍ତି' ଟନେଲ ବୋରିଂ ମେଶିନ ଗୋଟିଏ ମାସରେ ୧୦୮୦.୧୧ ରନିଂ ମିଟର ଟନେଲ ଖୋଳି ନୂଆ ରେକର୍ଡ ସୃଷ୍ଟି କରିଥିଲା। ଏହି ପ୍ରକଳ୍ପ ଭାରତୀୟ ରେଳପଥର ଚାରିଧାମ ରେଳ ପ୍ରକଳ୍ପର ଏକ ଅଂଶ, ଯାହାର ଲକ୍ଷ୍ୟ ଉତ୍ତରାଖଣ୍ଡର ୪ଟି ପବିତ୍ର ତୀର୍ଥସ୍ଥଳକୁ ରେଳ ନେଟ୍‌ୱର୍କ ଦ୍ୱାରା ସଂଯୋଗ କରିବା। ଏଥିପାଇଁ ୧୬ ହଜାର କୋଟି ଟଙ୍କାର ବଜେଟ ଆକଳନ କରାଯାଇଛି। ୨୧୩ କି.ମି. ଲମ୍ବବିଶିଷ୍ଟ ଚାରିଧାମ ପ୍ରକଳ୍ପର ୧୯୩ କି.ମି. କାର୍ଯ୍ୟ ଶେଷ ହୋଇଥିବାବେଳେ ୮୩ ପ୍ରତିଶତ ରେଳ ଲାଇନ୍ ସୁଡ଼ଙ୍ଗ ଦେଇ ଯାଇଛି। ଏଥିରେ ୧୭ଟି ମୁଖ୍ୟ ସୁଡ଼ଙ୍ଗ ଓ ୧୨ଟି ଏସ୍କେପ ସୁଡ଼ଙ୍ଗ ରହିଛି। ଏହି ପ୍ରକଳ୍ପ ଉତ୍ତରପ୍ରଦେଶର ପାଞ୍ଚଟି ପ୍ରମୁଖ ଜିଲ୍ଲା – ଡେରାଡୁନ, ତେହେରୀ ଗଡ଼ୱାଲ, ଟିହିଡ଼ି ଗଡ଼ୱାଲ, ରୁଦ୍ରପ୍ରୟାଗ ଏବଂ ଚାମୋଲିକୁ ରେଳ ନେଟ୍‌ୱର୍କ ସହିତ ସଂଯୋଗ କରିବ। ଯୋଗ ସହର ଋଷିକେଶ, ମୁନି କି ରେଟି, ଦେବପ୍ରୟାଗ, ଶ୍ରୀନଗର, ରୁଦ୍ରପ୍ରୟାଗ, ଗୌଚର ଏବଂ କର୍ଣ୍ଣପ୍ରୟାଗ ଭଳି ସହର ଏବଂ ଛୋଟ ବଡ଼ ବଜାର ରେଳ ଦ୍ୱାରା ଯୋଡ଼ିହେବ। ଏହାଦ୍ୱାରା ଦୁର୍ଗମ ପାହାଡ଼ି ଅଞ୍ଚଳର ଲୋକମାନେ ସ୍ୱାସ୍ଥ୍ୟସେବା, ଶିକ୍ଷା, ନିଯୁକ୍ତି ଏବଂ ବଜାର ଚାହିଦା ସହଜରେ ପାଇପାରିବେ ବୋଲି ସୂଚନା ଦିଆଯାଇଛି।



ସୁଡ଼ଙ୍ଗ ଖନନ କାର୍ଯ୍ୟର ଶୁଭାରମ୍ଭ ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମାନେ।

# ଚନ୍ଦନଯାତ୍ରାରେ ବାଣ ମନା

## ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟକୁ ଅନୁମୋଦନ

- ଭକ୍ତ, ସେବାୟତଙ୍କର ହେବ ଇନ୍ସ୍ୟୁରାନ୍ସ
- ଜାରି ରହିଛି ରତ୍ନଭଣ୍ଡାର ମରାମତି କାର୍ଯ୍ୟ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୩୦ ତାରିଖ ପବିତ୍ର ଅକ୍ଷୟତୃତୀୟାରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ସହ ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ। ତେଣୁ ରଥ ନିର୍ମାଣ କାର୍ଯ୍ୟ, ବାହାର ଚନ୍ଦନଯାତ୍ରା ଏବଂ ଅନ୍ୟାନ୍ୟ ନୀତିକୁ ନେଇ ଶୁକ୍ରବାର ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀତି ସବ୍‌କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିବା ନୀତିନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଏଥିସହ ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ, ଭଉଁରି ତିଥି ପାଇଁ ମଧ୍ୟ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଉପରେ ମୋହର ବାଜିଛି। ଚଳିତବର୍ଷ ଚନ୍ଦନଯାତ୍ରାରେ ବାଣଫୁଟା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏଥିସହ ଭକ୍ତ ଓ ସେବାୟତଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇନ୍ସ୍ୟୁରାନ୍ସ ବ୍ୟବସ୍ଥା ହୋଇଛି।

ନୀତି ନିର୍ଘଣ୍ଟ ଅନୁଯାୟୀ, ଅକ୍ଷୟତୃତୀୟା ଦିନ ପ୍ରାତଃ ୩ଟାରେ ଦ୍ୱାରଫିଟା ହୋଇ ନୀତି ବଢ଼ିବା ପରେ ଅପରାହ୍ନ ୩ଟାରେ ଦ୍ୱାଦଶ ଯାତ୍ରା ଓ ନକ୍ଷତ୍ର ବନ୍ଦାପନା, ୩ଟା ୩୦ରେ ବିମାନକୁ ବିଜେ, ଅପରାହ୍ନ ୪ଟାରେ ରଥ ଆଜ୍ଞାମାଳ ବିଜେ ଓ ବିମାନ ଉଠିବ। ରାତ୍ର ୧୦ଟାରେ ଚନ୍ଦନ ଠାକୁର ବାହୁଡ଼ା ବିଜେ କରିବେ। ସମସ୍ତ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ଭାବେ ସମ୍ପାଦନ ହୋଇପାରିବ ସେନେଇ ମୁଖ୍ୟ ପ୍ରଶାସକ ସେବାୟତ ନିଯୋଗଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି। ଭକ୍ତମାନେ କିଭଳି ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେନେଇ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି। ଗତବର୍ଷ ଶ୍ରୀକ୍ଷେତ୍ର ଭଉଁରି ଅବସରରେ ନରେନ୍ଦ୍ର ପୁଷ୍କରିଣୀଠାରେ ବାଣ ବିସ୍ଫୋରଣ ଘଟି ୧୭ ଜଣଙ୍କ ଜୀବନ ଯାଇଥିଲା ଏବଂ ଅନେକେ ଆହତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ଆତସବାଜି ଉପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ଭକ୍ତ ଓ ସେବାୟତଙ୍କ ପାଇଁ ଇନ୍ସ୍ୟୁରାନ୍ସ ବ୍ୟବସ୍ଥା ହୋଇଛି। ଚନ୍ଦନଯାତ୍ରା ସମୟରେ ଫାଷ୍ଟଏଡ୍ ବ୍ୟବସ୍ଥା କରାଯିବ। ସେହିପରି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ପକ୍ଷରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଜାରି ରହିଛି। ରତ୍ନଭଣ୍ଡାର ମରାମତି ସରିବା ପରେ ରତ୍ନଭଣ୍ଡାର କବାଟକୁ ସୁନା ଓ ରୁପା ଛାଉଣି କରାଯିବା ପାଇଁ ଯୋଜନା ହେଉଛି। ନୂତନ ପରିଚାଳନା କମିଟି ଗଠନ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି, ଚନ୍ଦନଯାତ୍ରା ନୀତିନିର୍ଘଣ୍ଟ ଉପରେ ଆଲୋଚନା କରାଯାଇ ଛତିଶା ନିଯୋଗ ପକ୍ଷରୁ ଅନୁମୋଦନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ନିଯୋଗ ପକ୍ଷରୁ ଆସିଥିବା କିଛି ପ୍ରସ୍ତାବକୁ ଶ୍ରୀମନ୍ଦିର ପ୍ରଶାସନ ଗ୍ରହଣ କରିଛି। ଗତବର୍ଷ ବାହାର ଚନ୍ଦନଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା, କିନ୍ତୁ ଭଉଁରି ଦିନ ବାଣ ବିସ୍ଫୋରଣ ଘଟିଥିଲା। ତେଣୁ ଚଳିତ ବର୍ଷ ଯେପରି କୌଣସି ପ୍ରକାର ଅଘଟଣ ନ ଘଟିବ, ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଚନ୍ଦନଯାତ୍ରାରେ ବାଣ ଫୁଟାଯିବ ନାହିଁ। ଭକ୍ତ ଓ ସେବାୟତଙ୍କର ଇନ୍ସ୍ୟୁରାନ୍ସ କରାଯିବ। ନରେନ୍ଦ୍ର ପୁଷ୍କରିଣୀ ନିକଟରେ ପ୍ରାଥମିକ ଚିକିତ୍ସା ଶିବିର ଖୋଲାଯିବା ସହ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅଗ୍ନିଶମ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିବେ। ଶ୍ରୀମନ୍ଦିର ପରିଚାଳନା କମିଟି ପୁନର୍ଗଠନ ନିମନ୍ତେ ରାଜ୍ୟ ସରକାରଙ୍କ ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ଖୁବ୍‌ଶୀଘ୍ର ନିଷ୍ପତ୍ତି ଆସିବ ବୋଲି ଆଶା ରହିଛି। ଗତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖି ସେବାୟତ ପରିବାର ପିଲାମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଛାତ୍ରୀ ଏବଂ ୫ ଛାତ୍ରଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୭୦ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ୨୩ ଜଣ ଛାତ୍ରୀଛାତ୍ରଙ୍କୁ ୧୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି ବୋଲି ଡ. ପାଢୀ କହିଛନ୍ତି। ବୈଠକରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନିତ ଅଗ୍ରୱାଲ, ଛତିଶା ନିଯୋଗର ସଭାପତି, ସମ୍ପାଦକ ଏବଂ ସଦସ୍ୟଙ୍କ ସହ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଜିଲାପାଳ ତଥା ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଏସ୍‌ପି ବିନିତ ଅଗ୍ରୱାଲ।



ପୁରୀ ସହରରେ ଶୁକ୍ରବାର ସନ୍ଧ୍ୟାରେ କାଳବୈଶାଖୀ ବର୍ଷାରେ ଚକ୍ରତୀର୍ଥ ରୋଡ୍‌ରେ ଜମିରହିଥିବା ପାଣି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୪।୨୦୨୫

| | |
|---|---|
| ୫,୪୬,୨୦୧ ଟଙ୍କା | |
| ସୁନା | ୫୦୦ ମିଲିଗ୍ରାମ୍ |
| ରୁପା | ୯ ଗ୍ରାମ୍ |

## ସଂକ୍ଷେପରେ

### ମା' ବିଶ୍ୱେଶ୍ୱରୀ, ମା' ଚାଚଖାଇଙ୍କ ନିକଟରେ ଝାମୁଯାତ୍ରା

ଯୋଗେଶ୍ୱରପୁର,୧୮।୪(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ନରସିଂହପୁର ହାଟ ମା' ଚାଚଖାଇ ଠାକୁରାଣୀ ଓ ନୟାହାଟ ବିଶ୍ୱେଶ୍ୱରୀ ଠାକୁରାଣୀଙ୍କ ନିକଟରେ ଗୁରୁବାର ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୩ଟା ସମୟରେ ଘଣ୍ଟପାଟୁଆ ପ୍ରାଚୀନଦୀର ପୁନ୍ଦର୍ବା ଘାଟରୁ କଳସୀରେ ପାଣି ତୋଳି ଆସି ମା'ଙ୍କ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଖୋଳା ଯାଇଥିବା ଗାତ ନିଆଁରେ ଖାଲିପାଦରେ ଚାଲିଥିଲେ। ଏହାକୁ ଦେଖିବାକୁ ଆଖପାଖ ଅଞ୍ଚଳର ବହୁଲୋକଙ୍କ ସମାଗମ ହୋଇଥିଲା। ୨ ଠାକୁରାଣୀଙ୍କ ପାଖରେ ଭୋଗରାଗ ସରିବା ପରେ ଉପସ୍ଥିତ ଶତାଧିକ ଭକ୍ତ ପ୍ରସାଦସେବନ କରିଥିଲେ। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମା' ଚାଚଖାଇଙ୍କ ନିକଟରେ ସାମାଜିକ କର୍ମୀ ଅଭିମନ୍ୟୁ ସିଂ ଓ ମା' ବିଶ୍ୱେଶ୍ୱରୀଙ୍କ ନିକଟରେ ପ୍ରଣୟ କୁମାର ସାହୁ ଓ ବିପିନ ରାୟଙ୍କ ତତ୍ତ୍ୱାବଧାନରେ ଯାତ୍ରା ପରିଚାଳନା ହୋଇଥିଲା।

### ୨୦ରୁ ରାଜ୍ୟସ୍ତରୀୟ କୋଣାର୍କ କପ୍

କୋଣାର୍କ,୧୮।୪(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡ଼ିଆରେ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ୍ ଟ୍ୱେଣ୍ଟି ଟ୍ୱେଣ୍ଟି କ୍ରିକେଟ୍ ଟୁର୍ନାମେଣ୍ଟ ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ଏନେଇ କୋଣାର୍କ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ଶୁକ୍ରବାର ଯାତ୍ରୀନିବାସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ୮ ଦିନ ଧରି ଏହି ମ୍ୟାଚ୍ ଚାଲିବାକୁ ଥିବାବେଳେ ୨୨ ତାରିଖରେ ପ୍ରଥମ ସେମିଫାଇନାଲ, ୨୬ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଓ ୨୮ରେ ଫାଇନାଲ ମ୍ୟାଚ ଖେଳାଯିବ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚକୁ ସ୍ଥାନୀୟ ବିଧାୟକ ତୁଷାରକାନ୍ତି ବେହେରା ଉଦ୍‌ଘାଟନ କରିବେ ଓ ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେବେ ବୋଲି ସୂଚନା ରହିଛି। ଚାମ୍ପିୟନ ଦଳକୁ ଟ୍ରଫି ସହ ୩୫ ହଜାର ଟଙ୍କା, ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା ପୁରସ୍କୃତ କରାଯିବ। ଏଥିସହ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ମ୍ୟାନ୍ ଅଫ୍ ସିରିଜ୍ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯିବ ବୋଲି ସ୍ପୋର୍ଟ୍ସ ଏକାଡେମୀ ସଭାପତି ଚନ୍ଦ୍ରଶେଖର ରାଉତରାୟ ପ୍ରକାଶ କରିଛନ୍ତି। ସମ୍ମିଳନୀରେ ଏକାଡେମୀର କୋଷାଧ୍ୟକ୍ଷ ଶିଶିର କୁମାର ସେଠ, ସମ୍ପାଦକ ରମାକାନ୍ତ ଖଟୋଇ, ଉପସଭାପତି ରଶ୍ମିରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ତାଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ଏବଂ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି।

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ତାଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ଶୁକ୍ରବାର ଅପରାହ୍ନରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରାଜ୍ୟପାଳ ସସ୍ତ୍ରୀକ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହ ଓ ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇବା ପରେ ରାଜ୍ୟପାଳ କମ୍ଭମପାଟି ସସ୍ତ୍ରୀକ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ରାଜ୍ୟପାଳଙ୍କ ସହ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଉପସ୍ଥିତ ରହି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ରାଜ୍ୟପାଳ କମ୍ଭମପାଟି ଓ ତାଙ୍କ ସହଧର୍ମିଣୀଙ୍କ ସମେତ ଏମ୍‌ପି ଡା. ପାତ୍ରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା। ଶ୍ରୀମନ୍ଦିର ସୁରକ୍ଷା ମୁଖ୍ୟ ହେମନ୍ତ କୁମାର ପାଢୀ, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ଦେବବ୍ରତ ଚକ୍ର, ସୁଶୀଲ କୁମାର ମିଶ୍ର, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଡେପୁଟି କଲେକ୍ଟର ଗୋପୀନାଥ ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିମାପଡ଼ା ମହାବିଦ୍ୟାଳୟ ୧୯୮୧ ବ୍ୟାଚ୍‌ର ବନ୍ଧୁମିଳନ

ଅସ୍ତରଙ୍ଗ,୧୮।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଛତିଆନା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ନିମାପଡ଼ା ମହାବିଦ୍ୟାଳୟର ୧୯୮୧ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ନଟକିଶୋର ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ଦୀର୍ଘ ୪୦ବର୍ଷ ପରେ ସହପାଠୀମାନେ ଏକାଠି ହୋଇ ପୁରୁଣା ଦିନର ସ୍ମୃତି ସାଉଁଟିଥିଲେ। ସମସ୍ତେ ଗଙ୍ଗାଦେବୀ ଓ ପୀରଜାହାନିଆ ବୁଲିଥିଲେ।

## ଏକାଗ୍ରତା, ଦୃଢ଼ ସଂକଳ୍ପ ହିଁ ସଫଳତାର ଚାବିକାଠି

### ପିଏମ୍‌ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଅସ୍ତରଙ୍ଗ/କାକଟପୁର,୧୮।୪(ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା/ଶୁଭଦର୍ଶନ ମିଶ୍ର)

ଶିଶୁଙ୍କ ଶିକ୍ଷା, ଦୀକ୍ଷା, ସଂସ୍କାର, ଜ୍ଞାନ, ଗରିମା, ଦକ୍ଷତା ସର୍ବୋପରି ବଳିଷ୍ଠ ବ୍ୟକ୍ତିତ୍ୱ ଆଧାରରେ ରାଷ୍ଟ୍ର ନିର୍ମାଣରେ ସ୍ୱପ୍ନ ସାକାର ହେବ। ଏଥିପାଇଁ ଚିତ୍ର ନୁହେଁ, ଚରିତ୍ର ନିର୍ମାଣର ଆବଶ୍ୟକତା ରହିଛି। ପିଲାଙ୍କୁ ଉତ୍ତମ ଭାବେ ଗଢ଼ି ତୋଳିବା ସମାଜର ନୈତିକ କର୍ତ୍ତବ୍ୟ। ପିଏମ୍‌ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୮୧ତମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ଯୋଗଦେଇ ଏହା କହିଥିଲେ। ପିଏମ୍‌ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀକାନ୍ତ କୁମାର ସ୍ୱାଇଁ ଏଥିରେ ପୌରୋହିତ୍ୟ କରିଥିଲେ। ଆଦ୍ୟ ଅଧିବେଶନରେ ଅତିଥି ଭାବେ ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, କାକଟପୁର ସରପଞ୍ଚ ଅଭୟ ସେଠୀ, କାକଟପୁର ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ସାମାଜିକ କର୍ମୀ ଜ୍ଞାନରଞ୍ଜନ ସାହୁ, ରତିକାନ୍ତ ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ କାକଟପୁର ମା' ମଙ୍ଗଳାଙ୍କ ନିକଟରେ ଛାତ୍ରୀଛାତ୍ର ୮୧ଟି ଦୀପଦାନ କରିଥିଲେ। ଅପରାହ୍ନରେ ମୁଖ୍ୟ ଅତିଥି ଭାବେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅତିରିକ୍ତ ନିର୍ଦ୍ଦେଶକ ଡ. ବିଶ୍ୱଜିତ୍ ଘୋଷ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ଚିରସନ୍ଧାନ ସମ୍ପାଦକ ପାର୍ଥସାରଥି ଅଜୟ ବାରିକ୍, କଣ୍ଠଶିଳ୍ପୀ ସୁଶ୍ରୀ ଶୈଳଭାମା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରତାପ କୁମାର ରାଉତ ମଞ୍ଚ ପରିଚାଳନା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ପୀତବାସ ଦୀକ୍ଷିତ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଏମ୍‌ଡି ସମରଉଦ୍ଦିନ ଧନ୍ୟବାଦ ଦେଇଥିଲେ।

# ରତ୍ନଭଣ୍ଡାରକୁ ୧୦୦ ବର୍ଷ ସୁରକ୍ଷିତ ରଖିବାକୁ ଉଦ୍ୟମ

### ରତ୍ନଭଣ୍ଡାର ମରାମତି ଉପରେ ମତ ରଖିଲେ ଅଧ୍ୟକ୍ଷ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ପରେ ରଥ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାର କାର୍ଯ୍ୟ ଜାରି ରହିଛି। ରତ୍ନଭଣ୍ଡାରର ଯେଉଁ କାମ କରାଯାଉଛି ତାହାର ଖବର ତାଙ୍କୁ ମିଳୁଛି। ରତ୍ନଭଣ୍ଡାର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ଭିତର ପାଚେରିର ବହୁତ କ୍ଷତି ହୋଇଛି। ଭଗବାନ୍‌ଙ୍କ ଆଶୀର୍ବାଦରୁ ଠିକ୍ ସମୟରେ କାର୍ଯ୍ୟ ଆରମ୍ଭ ହୋଇଛି। ରତ୍ନଭଣ୍ଡାର କାର୍ଯ୍ୟ ଯତ୍ନ ସହକାରେ କରାଯାଉଛି। ଆସନ୍ତା ୭୫ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ କରାଯାଉଛି। ଏଏସ୍ଆଇ କର୍ତ୍ତୃପକ୍ଷ ସମସ୍ତ ଯତ୍ନ ନେଉଛନ୍ତି। ଭିତର ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟ ଶେଷ ହୋଇଗଲାଣି। ସବୁ ବିମ୍ ପରିବର୍ତ୍ତନ ହୋଇଯାଇଛି। ବାହାର ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହୋଇସାରିଲାଣି। ଯାତ୍ରୀଙ୍କ ପ୍ରବଳ ସମାଗମ ଏବଂ ରଥଯାତ୍ରା ପାଖେଇ ଆସୁଥିବାରୁ ମହାପ୍ରଭୁଙ୍କ ଅନେକ ନୀତିକାନ୍ତି ରହୁଥିବାରୁ କମ୍ ସମୟ ମିଳୁଛି। ପ୍ରତିଦିନ ୩ରୁ ୪ ଘଣ୍ଟା ଧରି କାର୍ଯ୍ୟ ହେଉଛି। ଆସନ୍ତା ୧ ମାସ ମଧ୍ୟରେ କାର୍ଯ୍ୟ ଶେଷହେବ। ରତ୍ନଭଣ୍ଡାର କାର୍ଯ୍ୟ ଶେଷ ହେବା ପରେ ଏସ୍‌ଓପି ଅନୁଯାୟୀ ପ୍ରଥମେ ଅଳଙ୍କାରଗୁଡ଼ିକ ମୂଳ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଉକ୍ତ ଏସ୍‌ଓପି ଅନୁଯାୟୀ ଗଣତି ମଣତି କରାଯିବ। ହାଇଲେବୁଲ କମିଟି ବସି କିଛି ପରାମର୍ଶ ପ୍ରଦାନ କରାଯିବ। ପରେ ପରିଚାଳନା କମିଟିକୁ ଯିବ, ସେଠାରୁ ସରକାରଙ୍କ ପାଖକୁ ଯିବ। ସରକାରଙ୍କ ଅନୁମୋଦନ ଆସିବା ପରେ ଏସ୍‌ଓପିରେ ସମସ୍ତ ବିଷୟକୁ ଉଲ୍ଲେଖ କରାଯିବ। ୧୯୭୮ ମସିହାରେ ହୋଇଥିବା ଲିଷ୍ଟକୁ ସାମିଲ କରାଯାଇ ଗଣତି ମଣତି କରାଯିବ ବୋଲି ରଥ କହିଛନ୍ତି।

## ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ପଖୱାଡା

ସାକ୍ଷୀଗୋପାଳ,୧୮।୪(ଭରତ ରାଉତ)

ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ସ୍ଥାନୀୟ ମୂଳଅଳସା ଅଙ୍ଗନୱାଡି କେନ୍ଦ୍ରରେ ରାଷ୍ଟ୍ରୀୟ ପୋଷଣ ପଖୱାଡା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଲକ୍ଷ୍ୟ ଶିଶୁମାନଙ୍କ ଅପପୁଷ୍ଟି ରୋକିବା ପାଇଁ ଗର୍ଭବତୀ ଓ ପ୍ରସୂତୀଙ୍କ ସ୍ୱାସ୍ଥ୍ୟ ଓ ନ୍ୟୁଟ୍ରିଶନରେ ଉନ୍ନତି ଆଣିବା। ଏହି ଯୋଜନା ସରକାରଙ୍କ ମହିଳା ଓ ଶିଶୁବିକାଶ ବିଭାଗର ଏକ ପଦକ୍ଷେପ। ଏପ୍ରିଲ ୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ଏହି ଯୋଜନା ମାଧ୍ୟମରେ ଏକ ସୁସ୍ଥ ଭାରତ ଗଠନ ହୋଇ ସରକାରଙ୍କ ଅଭିଯାନ ସଫଳ ରୂପାୟନ ହୋଇପାରିବ। କାର୍ଯ୍ୟକ୍ରମରେ ମୂଳଅଳସା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରୀତାଞ୍ଜଳି ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତି ପ୍ରଧାନ, ସୁପରଭାଇଜର୍ ପିୟୁଷମୟୀ ପଣ୍ଡା, ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ, ସ୍ୱାସ୍ଥ୍ୟକର୍ମୀ ସୌଦାମିନୀ ସାହୁ, ଆୟୋଜକ ନମିତା ପ୍ରଧାନ, ସମସ୍ତ ଅଙ୍ଗନୱାଡି କର୍ମୀ ଓ ହିତାଧିକାରୀ ଯୋଗଦେଇଥିଲେ। ଅଙ୍ଗନୱାଡି କର୍ମୀମାନେ ଶିଶୁ, ଗର୍ଭବତୀଙ୍କ ୧୦୦୦ ଦିନର ଗୁରୁତ୍ୱ, ହିତାଧିକାରୀଙ୍କ ସେବା, ପୁଷ୍ଟିହୀନତା ପରିଚାଳନା, ପୃଥୁଳତା (ମୋଟାପଣ) ଦୂରୀକରଣ, ସୁସ୍ଥତା ଉପରେ ନଜର ଦେବା, ଖାଦ୍ୟର ବିଭିନ୍ନ ନମୁନା ଉପରେ ସଚେତନତା କରାଇଥିଲେ। ଗର୍ଭାବସ୍ଥାରେ ମହିଳାଙ୍କ ଶାରୀରିକ ଓ ମାନସିକ ସ୍ଥିତି, ଆବଶ୍ୟକ ଖାଦ୍ୟପେୟ ଭିଟାମିନ୍ ଓ ଯୋଗ ତଥା ପ୍ରାଣାୟମ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଫାଷ୍ଟ ଫୁଡ୍‌ଠାରୁ ଦୂରେଇ ସଜନା ଶାଗ, ମାଛ, ଅଣ୍ଡା, କଦଳୀର ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଦେଲେ ଏହି ଅଭିଯାନ ସଫଳ ହୋଇପାରିବ ବୋଲି ଯୋଗ ଶିକ୍ଷକ ବିଶ୍ୱାଳ ମତ ଦେଇଛନ୍ତି।

# କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପାଳନ ହେଲାନି ଐତିହ୍ୟ ଦିବସ

### ଐତିହ୍ୟ, ସଂସ୍କୃତି ବିଶାରଦ ମହଲରେ ଅସନ୍ତୋଷ

କୋଣାର୍କ,୧୮।୪(ଜ୍ୟୋତିରାଜ ମହାନ୍ତି)



ପ୍ରତିବର୍ଷ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କସ୍ଥିତ ସୂର୍ଯ୍ୟମନ୍ଦିରରେ ବିଶ୍ୱ ଐତିହ୍ୟ ଦିବସ ପାଳନ ହୋଇଆସୁଥିବା ବେଳେ ଚଳିତବର୍ଷ ଏହି ଦିବସ ପାଳନ କରାଯାଇନାହିଁ, ଯାହାକୁ ନେଇ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ଐତିହ୍ୟ ବିଶାରଦ, ଗବେଷକ ଓ ପର୍ଯ୍ୟଟନପ୍ରେମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଗତ ବର୍ଷଗୁଡ଼ିକରେ ଐତିହ୍ୟ ଓ କୀର୍ତ୍ତିରାଜିଗୁଡ଼ିକର ସୁରକ୍ଷା ସମ୍ପର୍କରେ ସୂର୍ଯ୍ୟ ମନ୍ଦିର ପରିସରରେ ଫଟୋଚିତ୍ର ପ୍ରଦର୍ଶନୀ, କୋଣାର୍କ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଐତିହ୍ୟ, ସ୍ଥାପତ୍ୟ ଓ କୀର୍ତ୍ତିରାଜି ସମ୍ପର୍କରେ ବକ୍ତୃତା, ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଥିଲା। ମାତ୍ର ଚଳିତବର୍ଷ ଏହି ଦିବସ ପାଳନ ନ ହେବା ଐତିହ୍ୟ ବିରୋଧୀ କାର୍ଯ୍ୟକଳାପ ବୋଲି ଗବେଷକ ସଞ୍ଜୟ କୁମାର ବରାଳ ମତବ୍ୟକ୍ତ କରିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ଏଏସ୍ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡିବି ଗଡ଼ନାୟକଙ୍କୁ ପଚାରିବାରେ, ଏଏସ୍ଆଇ ପକ୍ଷରୁ ରୋଟେଶନ ଅନୁଯାୟୀ ଐତିହ୍ୟ ଦିବସ ବିଭିନ୍ନ ଐତିହ୍ୟ ସ୍ଥଳୀରେ ଆୟୋଜିତ ହେଉଛି। ଚଳିତବର୍ଷ ବିଶ୍ୱ ଐତିହ୍ୟ ଦିବସ ଐତିହ୍ୟ ସ୍ଥଳୀ ରତ୍ନଗିରିଠାରେ କରାଯାଇଛି। ଅପରପକ୍ଷେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରୋଟେଶନ ଅନୁଯାୟୀ ବିଶ୍ୱ ଐତିହ୍ୟ ଦିବସ ପାଳନ କରାଯାଉଥିଲେ ମଧ୍ୟ ବିଶ୍ୱର ପ୍ରାଚୀନ ଐତିହ୍ୟ ଓ ପରମ୍ପରାର ପ୍ରତୀକ ସୂର୍ଯ୍ୟ ମନ୍ଦିରଠାରେ ଛାତ୍ରୀଛାତ୍ରଙ୍କୁ ନେଇ ଐତିହ୍ୟ ଓ କୀର୍ତ୍ତିରାଜି ସମ୍ପର୍କରେ ସଚେତନତା ଶୋଭାଯାତ୍ରା କରାଯାଇଥିଲେ ସେମାନେ ଭାରତ ବର୍ଷର ବିଭିନ୍ନ ଐତିହ୍ୟ ସ୍ଥଳୀ ସମ୍ପର୍କରେ ବିଶଦ ଭାବରେ ଅବଗତ ହୋଇପାରିଥାନ୍ତେ। କୋଣାର୍କଠାରେ ଏଏସ୍ଆଇ ବିଶ୍ୱ ଐତିହ୍ୟ ଦିବସ ପାଳନ ନ କରିବା ଐତିହ୍ୟ ମାରଣ ନୀତିର ଏକ ନମୁନା ବୋଲି ସେ ଅଭିହିତ କରିଛନ୍ତି। ସୂର୍ଯ୍ୟ ମନ୍ଦିରଠାରେ ଐତିହ୍ୟ ଦିବସ ପାଳନ ନ ହେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଗବେଷକ, ସଂସ୍କୃତିପ୍ରେମୀ ଓ ଐତିହ୍ୟ ବିଶାରଦ ମହଲରେ ଦାବି କରାଯାଇଛି।

## ଫଟୋରେ ଖବର



ପୁରୀ ରୋଟାରି କ୍ଲବ ସାଗର ପକ୍ଷରୁ ଆୟୋଜିତ ଉତ୍କଳୀୟ ସ୍ୱାଭିମାନ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।



ପୁରୀ ବଳିଆପଣ୍ଡା ନିକଟ ବେଳାଭୂମିରେ ବେଆଇନ ନିର୍ମାଣ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ଚନ୍ଦନଯାତ୍ରାରେ ବାଣ ମନା

## ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟକୁ ଅନୁମୋଦନ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୩୦ ତାରିଖ ପବିତ୍ର ଅକ୍ଷୟତୃତୀୟାରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ ଅନୁକୂଳ ସହ ୨୧ ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ। ତେଣୁ ରଥ ନିର୍ମାଣ କାର୍ଯ୍ୟ, ବାହାର ଚନ୍ଦନଯାତ୍ରା ଏବଂ ଅନ୍ୟାନ୍ୟ ନୀତିକୁ ନେଇ ଶୁକ୍ରବାର ନୀଳାଦ୍ରି ଭକ୍ତନିବାସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଛତିଶା ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୀତି ସବ୍‌କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିବା ନୀତିନିର୍ଘଣ୍ଟକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି। ଏଥିସହ ନୀଳାଦ୍ରି ମହୋଦୟାଷ୍ଟମୀ, ନୃସିଂହ ଜନ୍ମ, ଭଉଁରି ତିଥି ପାଇଁ ମଧ୍ୟ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ ଉପରେ ମୋହର ବାଜିଛି। ଚଳିତବର୍ଷ ଚନ୍ଦନଯାତ୍ରାରେ ବାଣଫୁଟା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏଥିସହ ଭକ୍ତ ଓ ସେବାୟତଙ୍କ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଇନ୍‌ସୁ୍ୟରାନ୍ସ ବ୍ୟବସ୍ଥା ହୋଇଛି।

# '୧ ମାସ ମଧ୍ୟରେ ରତ୍ନଭଣ୍ଡାର କାମ ସରିବ'

ପୁରୀ,୧୮।୪ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପରେ ରଥ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରତ୍ନଭଣ୍ଡାର କାର୍ଯ୍ୟ ଜାରି ରହିଛି। ଆସନ୍ତା ୭୫ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ କରାଯାଉଛି। ଭିତର ରତ୍ନଭଣ୍ଡାର କାର୍ଯ୍ୟ ପ୍ରାୟ ଶେଷ ହୋଇଗଲାଣି। ସବୁ ବିମ୍ ପରିବର୍ତ୍ତନ ହୋଇଯାଇଛି। ବାହାର ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହୋଇସାରିଲାଣି। ପ୍ରତିଦିନ ୩ରୁ ୪ ଘଣ୍ଟା ଧରି କାର୍ଯ୍ୟ ହେଉଛି। ଆସନ୍ତା ୧ ମାସ ମଧ୍ୟରେ କାର୍ଯ୍ୟ ଶେଷହେବ। ରତ୍ନଭଣ୍ଡାର କାର୍ଯ୍ୟ ଶେଷ ହେବା ପରେ ଏସ୍‌ଓପି ଅନୁଯାୟୀ ପ୍ରଥମେ ଅଳଙ୍କାରଗୁଡ଼ିକ ମୂଳ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଉକ୍ତ ଏସ୍‌ଓପି ଅନୁଯାୟୀ ଗଣତି ମଣତି କରାଯିବ। ହାଇଲେବୁଲ କମିଟି ବସି କିଛି ପରାମର୍ଶ ପ୍ରଦାନ କରାଯିବ। ପରେ ପରିଚାଳନା କମିଟିକୁ ଯିବ, ସେଠାରୁ ସରକାରଙ୍କ ପାଖକୁ ଯିବ। ସରକାରଙ୍କ ଅନୁମୋଦନ ଆସିବା ପରେ ଏସ୍‌ଓପିରେ ସମସ୍ତ ବିଷୟକୁ ଉଲ୍ଲେଖ କରାଯିବ। ୧୯୭୮ ମସିହାରେ ହୋଇଥିବା ଲିଷ୍ଟକୁ ସାମିଲ କରାଯାଇ ଗଣତି ମଣତି କରାଯିବ ବୋଲି ରଥ କହିଛନ୍ତି।


ଭୁବନେଶ୍ୱରରେ ଶୁକ୍ରବାର ସକାଳେ ହୋଇଥିବା କାଳବୈଶାଖୀ ବର୍ଷା।


ବମିଖାଲ ଓଭରବ୍ରିଜ୍ ତଳ ରାସ୍ତାରେ ବର୍ଷା ପାଣିର ସୁଅ।

# ଗଛ ଉପୁଡ଼ିଲା, ଘରେ ବାହାରେ ପାଣିର ସୁଅ

## ରାଜଧାନୀରେ କାଳବୈଶାଖୀ ବର୍ଷା

ଭୁବନେଶ୍ୱର,୧୮।୪(ସୁଚିସ୍ମିତା ସାହୁ)

ଶୁକ୍ରବାର ସକାଳ ସମୟ ପ୍ରାୟ ୧୦ଟା। ଅଚାନକ ରାଜଧାନୀରେ ପାଣିପାଗ ବଦଳିଗଲା। ଆକାଶରେ କଳାହାଣ୍ଡିଆ ମେଘ ସହିତ ମାଡି ଆସିଲା କାଳବୈଶାଖୀ ବର୍ଷା। ଦିନରେ ସୃଷ୍ଟି କଲା ସନ୍ଧ୍ୟା ବେଳର ଭ୍ରମ। ପବନର ସୁ ସୁ ଶବ୍ଦ ଭିତରେ ମୂଷଳଧାରାରେ ଛେଚିଦେଇଥିଲା ବର୍ଷା। ବର୍ଷା ସାଙ୍ଗକୁ ବିଜୁଳି ଓ ଘଡ଼ଘଡ଼ି ବାଟରେ ଯାଉଥିବା ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିଲା। ଓଭରବ୍ରିଜ୍ ତଳ, ଦୋକାନ ବାରଣ୍ଡା ଆଦି ସ୍ଥାନରେ ମୁଣ୍ଡଗୁଞ୍ଜିଥିଲେ ମଧ୍ୟ ବଜ୍ରପାତକୁ ନେଇ ମନରେ ଆଶଙ୍କା ରହିଥିଲା। ଦେଢ଼ଘଣ୍ଟାର ଝଡ ତୋଫାନରେ ସହରରେ ଥିବା ବହୁ ଗଛ ଉପୁଡି ପଡିଥିବାବେଳେ ଗଛ ଡ଼ାଳ ପଡି ରାସ୍ତା ଅବରୋଧ ହୋଇଥିଲା। ଏଥିସହ ରାସ୍ତାରେ ପାଣିର ସୁଅ ଗାଡିମୋଟର ଯାତାୟାତରେ ସମସ୍ୟା ସୃଷ୍ଟି କରିଥିଲା। ସ୍ୱେଚ୍ଛାସେବୀ ଓ ଅଗ୍ନିଶମ ବାହିନୀ ପହଞ୍ଚି ଗଛ ଡାଳ କାଟି ରାସ୍ତା ସଫଳ କରିଥିଲେ। କେତେକ ସ୍ଥାନରେ ଗଛ ଉପୁଡି ପଡ଼ିବାରୁ ବିଦ୍ୟୁତ୍ ତାର ଓ ପାଚେରି କ୍ଷତିଗ୍ରସ୍ତ ହୋଇଥିଲା। ପାଣିପାଗ ବିଜ୍ଞାନ ବିଭାଗର ସୂଚନାନୁସାରେ, ସକାଳେ ୨୬.୨ ମିମି ବର୍ଷା ହୋଇଥିଲା। ସେହିଭଳି ପବନର ବେଗ ସର୍ବାଧିକ ୬୮ କିଲୋମିଟର ରହିଥିଲା। ବମିଖାଲ, ଲକ୍ଷ୍ମୀସାଗର, ପଟିଆ, ଶୈଳଶ୍ରୀ ବିହାର, ନୟାପଲ୍ଲୀ ମାଉସୀ ମା' ଛକ ଆଦି ବିଭିନ୍ନ ରାସ୍ତାରେ ପାଣି ହୋଇଥିଲା। ଏଥିସହ ସହରର ବିଭିନ୍ନ ତଳିଆ ଅଞ୍ଚଳରେ ପ୍ରବଳ ପାଣି ଜମିଯାଇଥିଲା। ସେହିପରି ରାତି ୯ଟା ୩୦ରେ ପୁଣି ପ୍ରବଳ ବର୍ଷା ହୋଇଥିଲା। କେତେବେଳେ ଡୁହାକୁ ଡୁହା ତ ପୁଣି ଆଉ କେତେବେଳେ ଝିପିଝିପି ବର୍ଷା ହୋଇଥିଲା। ମଝିରେ ମଝିରେ ଘଡ଼ଘଡ଼ି ଓ ବିଜୁଳି ଆଲୁଅରେ ଚଉଦିଗ ଆଲୋକିତ ହୋଇପଡିଥିଲା। ତେବେ ପରେ ବର୍ଷା ହୋଇ ନ ଥିଲେ ମଧ୍ୟ ଘଡ଼ଘଡ଼ି ଶବ୍ଦ ରାତିସାରା ଲାଗି ରହିଥିଲା।


କାଳବୈଶାଖୀରେ ଭୁବନେଶ୍ୱରରେ ଉପୁଡ଼ି ପଡ଼ିଥିବା ଗଛ।

# ଅଚ୍ୟୁତ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର

ଭୁବନେଶ୍ୱର,୧୮।୪
(ଅନୁରାଧା ମହାରଣା)

ଶିକ୍ଷା ଏବଂ ସାମାଜିକ ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ 'ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ୨୦୨୫' ପ୍ରଦାନ କରାଯାଇଛି। ଶୁକ୍ରବାର ଆସାମର କୋକ୍ରାଝରଠାରେ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆସାମରେ 'ମେଚ ଗାନ୍ଧୀ' ଭାବେ ପରିଚିତ ବୋଡ଼ୋ ସମ୍ପ୍ରଦାୟର ବିଶିଷ୍ଟ ସମାଜ ସଂସ୍କାରକ ତଥା ଆଧ୍ୟାତ୍ମିକ ଗୁରୁ ଗୁରୁଦେବ କାଳୀଚରଣ ବ୍ରହ୍ମା ଶିକ୍ଷାର ପ୍ରସାର, ସଂରକ୍ଷଣ ଓ ପ୍ରଚାର ଦିଗରେ ନିଜକୁ ସମର୍ପିତ କରିଥିଲେ। ପ୍ରତିବର୍ଷ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଏହି ପୁରସ୍କାରର ଲକ୍ଷ୍ୟ ହେଉଛି ଗୁରୁଦେବ କାଳୀଚରଣ ବ୍ରହ୍ମାଙ୍କ ଦ୍ୱାରା ପ୍ରଦତ୍ତ ଶାନ୍ତି, ସାମାଜିକ ସଂସ୍କାର ଏବଂ ଅହିଂସାର ମୂଲ୍ୟବୋଧକୁ ବଜାୟ ରଖିବା। ଚଳିତବର୍ଷ ଏହି ଆଧ୍ୟାତ୍ମିକ ଗୁରୁଙ୍କ ୧୬୬ତମ ଜନ୍ମବାର୍ଷିକୀ ଅବସରରେ ଡ. ସାମନ୍ତଙ୍କୁ ପୁରସ୍କାର ବାବଦକୁ ମାନପତ୍ର, ଉପଢୌକନ ଓ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସାମନ୍ତ ଏହି ପୁରସ୍କାର ରାଶିକୁ ଉକ୍ତ ଟ୍ରଷ୍ଟର ଉନ୍ନତୀକରଣ ଲାଗି ଦାନ କରିଦେଇଥିଲେ। ଏହି ସମ୍ମାନ ଗ୍ରହଣ କରି ସାମନ୍ତ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହାସହ ଶିକ୍ଷା ଜରିଆରେ ସମାଜକୁ ସଶକ୍ତ କରିବା ଦିଗରେ ତାଙ୍କର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଅଜିତ ବୋଡ଼ୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।


ଡ. ଅଚ୍ୟୁତ ସାମନ୍ତ 'ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର' ଗ୍ରହଣ କରୁଛନ୍ତି।

# ମଧ୍ୟପ୍ରଦେଶରେ କୃଷି ଆଧାରିତ ମଡେଲ ସ୍ଥାପନ କରିବ ପତଞ୍ଜଳି


କୃଷି ଆଧାରିତ ମଡେଲ୍ ସ୍ଥାପନ ପାଇଁ ମଧ୍ୟପ୍ରଦେଶ ସରକାର ଦେଇଥିବା ଜମିର ରେଜିଷ୍ଟ୍ରି କପି ଆଚାର୍ଯ୍ୟ ବାଲକୃଷ୍ଣଙ୍କୁ ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୧୮।୪
(ଅନୁରାଧା ମହାରଣା)

ମଧ୍ୟପ୍ରଦେଶରେ କୃଷିକ୍ଷେତ୍ରର ବିକାଶ ପାଇଁ ପତଞ୍ଜଳି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟର ମଉଗଞ୍ଜ ଜିଲାରେ କୃଷି ଆଧାରିତ ମଡେଲ ସ୍ଥାପନ ପାଇଁ ଅନୁଷ୍ଠାନ ପ୍ରସ୍ତୁତ ହେଉଛି। ଏଥିପାଇଁ ଆବଶ୍ୟକ ଜମି ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଭୂମିର ରେଜିଷ୍ଟ୍ରି କପି ଉପମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଲା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଚାର୍ଯ୍ୟ ବାଲକୃଷ୍ଣଙ୍କୁ ପ୍ରଦାନ କରିଛନ୍ତି। ଏଠାରେ ପ୍ରଶିକ୍ଷଣ କେନ୍ଦ୍ର, ବିହନ ପରୀକ୍ଷଣ ଓ ସଂରକ୍ଷଣ କେନ୍ଦ୍ର ଭଳି ସୁବିଧା ରହିବ। ଏହି ଯୋଜନାର ସଫଳ କାର୍ଯ୍ୟକାରିତା ଫଳରେ ଚାଷୀଙ୍କ ଆୟ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ତେବେ କୃଷି ପ୍ରଶିକ୍ଷଣ ଦ୍ୱାରା କୀଟନାଶକ, ରାସାୟନିକ ସାର ଆଦି କମ୍ ପ୍ରୟୋଗ କରାଯାଇପାରିବ। ଚାଷୀମାନେ କୁଶଳୀ ହେବା ସହ ସାମାଜିକ ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି। ଏହି ଅବସରରେ ଆର୍‌ଓ ଏମ୍‌ପିଆଇଡିସି ଲିମିଟେଡ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ୟୁ.କେ. ତିୱାରୀ, ମହାପ୍ରବନ୍ଧକ ନବେନ୍ଦୁ ଶୁକ୍ଲା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କେ. କେ. ଗର୍ଗ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ତାଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି ଶୁକ୍ରବାର ଅପରାହ୍ନରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ରାଜ୍ୟପାଳ ସସ୍ତ୍ରୀକ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ରତ୍ନସିଂହାସନାରୂଢ଼ ଚତୁର୍ଦ୍ଧାବିଗ୍ରହ ଓ ଭିତରବେଢାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇବା ପରେ ରାଜ୍ୟପାଳ କମ୍ଭମପାଟି ସସ୍ତ୍ରୀକ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ରାଜ୍ୟପାଳଙ୍କ ସହ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଉପସ୍ଥିତ ରହି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ରାଜ୍ୟପାଳ କମ୍ଭମପାଟି ଓ ତାଙ୍କ ସହଧର୍ମିଣୀଙ୍କ ସମେତ ଏମ୍‌ପି ଡା. ପାତ୍ରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ କରାଯାଇଥିଲା।

# ସ୍ୱସ୍ତିରେ ପଞ୍ଜାବୀ ଫୁଡ୍ ଫେଷ୍ଟିଭାଲ


ଖବରଦାତା ସମ୍ମିଳନୀରେ ଫୁଡ୍ ଫେଷ୍ଟିଭାଲ ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର,୧୮।୪
(ଅନୁରାଧା ମହାରଣା)

ସ୍ୱସ୍ତି ପ୍ରିମିୟମ୍ ଗରମେଟ୍ ରେଷ୍ଟୁରାଣ୍ଟରେ ଶୁକ୍ରବାର ପଞ୍ଜାବୀ ଫୁଡ୍ ଫେଷ୍ଟିଭାଲ ଆରମ୍ଭ ହୋଇଛି। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଫୁଡ୍ ଫେଷ୍ଟିଭାଲରେ ଭଳିକି ଭଳି ପଞ୍ଜାବୀ ଖାଦ୍ୟ ପରଷାଯାଉଛି। ଆଟା ଚିକେନ୍ ଭାତି ଝିଙ୍ଗା ମସାଲା, ମରିଚ୍ ମଟକ ଚୁକ୍କା, ମୁର୍ଘ ଶାଗୱାଲା, ସତଲେଜ ଦେ ମାହି, ମୁର୍ଘ ନଟି କବାବ୍, ସରଷୋଁକା ଶାଗ ମକେ ଦି ରୋଟି ଭଳି ଆମିଷ ବ୍ୟଞ୍ଜନ ରହିଛି। ନିରାମିଷ ବ୍ୟଞ୍ଜନରେ ଗୋଲାପ ଦି ଲସି ଭଳି ବିଭିନ୍ନ ଲସି ସହ ପାରମ୍ପରିକ ମିଠା ପଞ୍ଜିରି ସହ ୧୭ରୁ ୧୮ ପ୍ରକାର ମିଠା ଆଗନ୍ତୁକଙ୍କୁ ଆକୃଷ୍ଟ କରୁଛି। ସମୋସା ଚାଟ୍, ପାନିପୁରୀ, ପାପୁଡି ଚାଟ୍ ଭଳି ଚଟପଟା ଖାଦ୍ୟର ମଜା ନେଇପାରିବେ। ଶୁକ୍ରବାର ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଫେଷ୍ଟିଭାଲର ସଂଯୋଜିକା ସୌଭାଗ୍ୟ ମଞ୍ଜରୀ ପଣ୍ଡା, ସେଫ୍ ରମେଶ ମିଶ୍ର, ଫୁଡ୍ ଆଣ୍ଡ୍ ବେଭରେଜେସ୍ ମ୍ୟାନେଜର ସନ୍ଦୀପ ତରାଇ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ସୁମନ୍ତ କୁମାର ପରିଡା ଯୋଗଦେଇ ଫେଷ୍ଟିଭାଲ ଆୟୋଜନର ଉଦ୍ଦେଶ୍ୟ ଓ ସ୍ୱତନ୍ତ୍ରତା ସମ୍ପର୍କରେ ସୂଚନା ଦେଇଥିଲେ। ରାଜଧାନୀବାସୀଙ୍କୁ ନିଆରା ଖାଦ୍ୟ ଅନୁଭୂତି ପ୍ରଦାନ ପାଇଁ ଏହାର ଆୟୋଜନ କରାଯାଇଥିବାବେଳେ ୭୦ରୁ ୮୦ ପ୍ରକାର ବ୍ୟଞ୍ଜନ ଉପଲବ୍ଧ ହେଉଥିବା ସେମାନେ କହିଛନ୍ତି।

# ଆଇଟିସି ଭୁବନେଶ୍ୱରରେ ଓଡ଼ିଆ ନବବର୍ଷ

ଭୁବନେଶ୍ୱର,୧୮।୪

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆଇଟିସି ଭୁବନେଶ୍ୱର (ୱେଲ୍‌କମ ହୋଟେଲ)ରେ ଶୁକ୍ରବାର ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହୋଟେଲ ପକ୍ଷରୁ ସ୍ୱତନ୍ତ୍ର ସାଂସ୍କୃତିକ ସନ୍ଧ୍ୟା ଏବଂ ଗଜଲ ନାଇଟ୍‌ର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଗ୍ରାହକ ଓ ବ୍ୟବସାୟୀ ସହଯୋଗୀମାନେ ଯୋଗ ଦେଇଥିଲାବେଳେ ସୁସ୍ୱାଦୁ ଭୋଜନ ଏବଂ ଗଜଲର ମନଲୋଭା ସଙ୍ଗୀତ ସବୁ ବର୍ଗଙ୍କୁ ବିମୋହିତ କରିଥିଲା। ସେହିଭଳି ଓଡ଼ିଆ ନୂତନ ବର୍ଷରୁ ନୂଆ ଚିନ୍ତାଧାରା ଓ ଖାଦ୍ୟ ପସରା ସହ ସବୁ ବର୍ଗର ଗ୍ରାହକଙ୍କୁ ଆମେ ଗୁଣାତ୍ମକ ସେବା ଯୋଗାଇବାକୁ ପ୍ରୟାସ କରିବୁ ବୋଲି ଆଇଟିସି ଭୁବନେଶ୍ୱରର ଜିଏମ୍ ସମୀର ଘୋଷ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏହି ଅବସରରେ ହୋଟେଲ ଆଇଟିସି ଭୁବନେଶ୍ୱରର ନିର୍ଦ୍ଦେଶକ (ସେଲ୍‌ସ) ଅଭିଷେକଙ୍କ ସମେତ ମ୍ୟାନେଜର (ଏଫ୍ ଆଣ୍ଡ ବି) ସତ୍ୟ ହୋତା, ଏଏସ୍‌ଏମ୍ ବଜ୍ର ବିଶ୍ୱାଳ, ଏଫ୍‌ଓଏମ୍ ଅଖିଳେଶ ଶର୍ମା ଏବଂ ସେଫ୍ ଗୌତମ ଓ ଅନ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।



# ସରକାରୀ ଚାକିରି ଆବେଦନ ବୟସସୀମା ୪୩କୁ ବୃଦ୍ଧି ଦାବି

ଭୁବନେଶ୍ୱର,୧୮।୪ (ସୁଚିସ୍ମିତା ସାହୁ)

ସରକାରୀ ଚାକିରି ପାଇଁ ଆବେଦନ ବୟସ ସୀମା ବୃଦ୍ଧି ପାଇଁ ଦାବି ହୋଇଛି। ବୟସସୀମାକୁ ୩୨ ପରିବର୍ତ୍ତେ ୪୩ ବର୍ଷକୁ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ଚାକିରି ଆଶାୟୀ। ଛାତ୍ରୀଛାତ୍ରମାନେ ଉଚ୍ଚଶିକ୍ଷା ଶେଷ ସହ ବିଶେଷକରି ଏମ୍‌ଫିଲ୍ ଓ ପିଏଚ୍‌ଡି ଆଦି ପାଠ୍ୟକ୍ରମ ସାରିବାବେଳକୁ ବୟସ ୩୨ ଟପିଯାଉଛି। ଫଳରେ ମେଧାବୀ ଛାତ୍ରୀଛାତ୍ର ସରକାରୀ ଚାକିରିରୁ ବଞ୍ଚିତ ହେଉଛନ୍ତି। ତେବେ ଆଶାୟୀମାନେ ବୟସସୀମା ବୃଦ୍ଧି କରିବାକୁ ଦୀର୍ଘଦିନ ହେବ ବିଭିନ୍ନ ଫୋରମ ମାଧ୍ୟମରେ ଦାବି କରିଆସୁଛନ୍ତି। ହେଲେ ଏଦିଗରେ କୌଣସି ନିଷ୍ପତ୍ତି ନିଆଯାଉ ନ ଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଆଶାୟୀ

ଉକ୍ତ ଚିଠିରେ ଆଶାୟୀମାନେ ଉଲ୍ଲେଖ କରିଛନ୍ତି ଯେ, ପୂର୍ବ ସରକାର ନିୟମିତ ଭାବେ ସରକାରୀ ପଦବୀ ପୂରଣ କରୁ ନ ଥିଲେ। ଯାହା ବି ପଦବୀ ବାହାରୁ ଥିଲା, ତାହାର ପରୀକ୍ଷାଫଳ ପ୍ରକାଶ କରିବାକୁ ୪ରୁ ୫ ବର୍ଷ ଲାଗିଯାଉଥିଲା। ପୁଣି ସେଥିରେ ନାନା ବିବାଦର ସମାଧାନବେଳକୁ ମେଧାବୀଙ୍କ ବୟସ ଅତିବାହିତ ହୋଇଯାଉଥିଲା। କରୋନା ସମୟରେ ୨ ବର୍ଷ କୌଣସି ଚାକିରି ବିଜ୍ଞାପନ ବାହାରି ନ ଥିଲା। ସେତେବେଳେ ମଧ୍ୟ ଏହି ବୟସସୀମା ୪୨କୁ ବୃଦ୍ଧି କରିବା ପାଇଁ ଅନୁରୋଧ କରିଆସିଥିଲୁ, କିନ୍ତୁ ତତ୍କାଳୀନ ସରକାର ୨୦୨୨ ମସିହାରେ ଆବେଦନର ସର୍ବୋଚ୍ଚ ବୟସସୀମାକୁ ମାତ୍ର ୩ ବର୍ଷ ବୃଦ୍ଧି କରି ୩୮ କରିଥିଲେ। ତେଣୁ ବର୍ତ୍ତମାନର ସରକାର ବୟସ ଅତିକ୍ରମ କରିଥିବା ଛାତ୍ରୀଛାତ୍ରଙ୍କ କଥା ଚିନ୍ତା କରିବେ ବୋଲି ଆଶାୟୀମାନେ ଆଶା କରିଛନ୍ତି। ଏଥିସହ ସେମାନେ କହିଛନ୍ତି, ଦେଶର ଅଧିକାଂଶ ରାଜ୍ୟରେ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସସୀମା ୪୨ ବର୍ଷ ରହିଛି। ଅନେକ ରାଜ୍ୟରେ ୪୨ ବର୍ଷରୁ ଅଧିକ ବୟସସୀମା ମଧ୍ୟ ରଖାଯାଇଛି। ଗୋଆରେ ୪୫ ବର୍ଷ ବୟସସୀମା ରହିଥିବା ବେଳେ ତେଲଙ୍ଗାନାରେ ୪୪, ଉତ୍ତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ଲଦାଖ ଓ ହରିୟାଣାରେ ବୟସସୀମା ୪୨ ବର୍ଷ ରହିଛି। ଏହାସହ ପଶ୍ଚିମବଙ୍ଗ, ତ୍ରିପୁରା, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଆସାମ, ସିକିମ, ଛତିଶଗଡ଼, ମହାରାଷ୍ଟ୍ର ଓ ରାଜସ୍ଥାନ ଆଦି ରାଜ୍ୟରେ ୪୦ ବର୍ଷ ବୟସସୀମା ରଖାଯାଇଛି। ହେଲେ ଓଡ଼ିଶାରେ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସସୀମା ମାତ୍ର ୩୨ ଥିବାରୁ ବହୁ ମେଧାବୀ ସେମାନଙ୍କ ଅଧିକାର ପାଇପାରୁନାହାନ୍ତି। ଉଚ୍ଚଶିକ୍ଷା ପରେ ପରୀକ୍ଷା ଦେବା ପାଇଁ ମାତ୍ର ଥରେ କିମ୍ବା ଦୁଇଥର ସୁଯୋଗ ମିଳୁଛି। ରାଜ୍ୟ ସରକାର ଏହି ବୟସସୀମା ୪୩କୁ ବୃଦ୍ଧି କଲେ ରାଜ୍ୟର ହଜାର ହଜାର ମେଧାବୀ ପରୀକ୍ଷାର୍ଥୀ ଉପକୃତ ହୋଇପାରିବେ ବୋଲି ଚାକିରି ଆଶାୟୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି।

## ଫଟୋରେ ଖବର


ଗୁଡ୍ ଫ୍ରାଇଡେ ପାଇଁ ୟୁନିଟ୍-୪ ଚର୍ଚ୍ଚକୁ ସଜା ଯାଇଛି।




ସତ୍ୟନଗର ଚର୍ଚ୍ଚରେ ଶ୍ରଦ୍ଧାଳୁମାନେ ମହମବତୀ ଜାଳି ପ୍ରଭୁ ଯିଶୁଙ୍କୁ ଭକ୍ତି ନିବେଦନ ଜଣାଉଛନ୍ତି ଏବଂ ପ୍ରସାଦ ସେବନ କରୁଛନ୍ତି।

## ସଂକ୍ଷେପରେ

### ସୋସିଆଲ ମିଡିଆରେ ଅଶ୍ଳୀଳ କମେଣ୍ଟ, ଯୁବକ ଗିରଫ

ଅସ୍ତରଙ୍ଗ,୧୮।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

ସୋସିଆଲ ମିଡିଆ ଫେସବୁକ୍‌ରେ ଅଶ୍ଳୀଳ କମେଣ୍ଟ ଦେବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। କାକଟପୁରରେ ଆୟୋଜିତ ଶକ୍ତି ସମାରୋହ ଓ ସେବା କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମର ଭିଡିଓ ଫେସ୍‌ବୁକରେ ଅପଲୋଡ ହୋଇଥିଲା। ଅସ୍ତରଙ୍ଗ ଥାନା ଅଞ୍ଚଳର ମନୋଜ ମୁଦୁଲି ସେଥିରେ ଅଶ୍ଳୀଳ କମେଣ୍ଟ ଦେଇଥିଲେ। ଏନେଇ ସାଇବର ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ଯୋଗମାୟା ସାହୁ ଅଭିଯୋଗ କ୍ରମେ ପୁରୀ ସାଇବର ପୋଲିସ ଓ ଅସ୍ତରଙ୍ଗ ଥାନା ପୋଲିସର ମିଳିତ ଉଦ୍ୟମରେ ତାଙ୍କୁ ଗୁରୁବାର ବିଳମ୍ବିତ ରାତ୍ରିରେ ଗିରଫ କରି କୋର୍ଟ ଚାଲାଣ କରିଛି। ସାଇବର ଥାନାରେ ଭାରତୀୟ ନ୍ୟାୟସଂହିତା ଧାରା ୨୯୪(୨)(ଇ), ୩୫୩(୨), ୩୫୬(୨)ରେ ମାମଲା (ନଂ.୧୨/୨୫) ରୁଜୁ କରି ତଦନ୍ତ ଚାଲିଥିବା ସାଇବର ଥାନା ଅଧିକାରିଣୀ ସଂଘମିତ୍ରା ନାୟକ କହିଛନ୍ତି।

### ଖବରଦାତା ରାଜକିଶୋର ଦାଶଙ୍କ ସ୍ମୃତି ସଭା

ବଳଙ୍ଗା,୧୮।୪(କେଦାରେଶ୍ୱର ନନ୍ଦ)

ଖବରଦାତା ତଥା ଶିକ୍ଷାବିତ୍ ରାଜକିଶୋର ଦାଶଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ନିଜ ଗ୍ରାମ ଉଚ୍ଛୁପୁରଠାରେ ଏକ ସ୍ମୃତିଚାରଣ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜକିଶୋର ପେସାରେ ଜଣେ ଶିକ୍ଷକ ଥିବାବେଳେ ନିଶାରେ ଜଣେ ଖବରଦାତା ଥିଲେ; ଯାହା ତାଙ୍କୁ ପୁରୀ ଜିଲାରେ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଅଞ୍ଚଳର ବିଭିନ୍ନ ସମସ୍ୟାକୁ ସରକାରଙ୍କ ଦୃଷ୍ଟିକୁ ଆଣି ତା'ର ସମାଧାନ କରି ଅଞ୍ଚଳର ପ୍ରିୟପାତ୍ର ହୋଇପାରିଥିଲେ ବୋଲି ଉପସ୍ଥିତ ଅତିଥିମାନେ କହିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅତିଥି ଭାବେ ସାମାଜିକ କର୍ମୀ କୃପାସିନ୍ଧୁ ଦତ୍ତ, ଶିକ୍ଷକ ଲଳିତମୋହନ ମିଶ୍ର, କୁଞ୍ଜବିହାରୀ ମଲ୍ଲିକ, ଖବରଦାତା ସୁରେଶ ମହାନ୍ତି, ସନ୍ତୋଷ ବରାଳ, ସାମାଜିକ କର୍ମୀ ଗଙ୍ଗାଧର ପ୍ରଧାନ, ସନ୍ତୋଷ ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, ଜନ୍ମେଶ୍ୱର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କର ଜୀବନୀ ଉପରେ ଗୁଣଗାନ କରିଥିଲେ।

### ଯୋଗଗୁରୁ ସମ୍ମାନିତ

ନିମାପଡ଼ା,୧୮।୪(ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଯୋଗାଶ୍ରମ ଓ ଉମାଶଙ୍କର ଯୋଗାଶ୍ରମର ନିର୍ଦ୍ଦେଶକ ଉମାଶଙ୍କର ଆଚାର୍ଯ୍ୟଙ୍କୁ ପିପିଲି ଠାରେ ଆୟୋଜିତ ଏକ ଯୋଗ ମହୋତ୍ସବରେ ସମ୍ମାନିତ କରାଯାଇଛି। ଶିବିରରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଗ କରିବା ଦ୍ୱାରା ମଣିଷ ସୁସ୍ଥ ଓ ନିରୋଗ ରହିବା ସହ ମନକୁ ସୁସ୍ଥ ରଖିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଗାଚାର୍ଯ୍ୟ ଉମାଶଙ୍କର ଆଚାର୍ଯ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦର ପୁରୀ ଜିଲା ସହସମ୍ପାଦକ ବିଭୂତି ସାମନ୍ତରାୟ, ପିପିଲି ସମ୍ପାଦକ ମନୋଜ ଭାଇ, ଆୟୋଜକ ମନୁ ଭାଇ, ଯୋଗଗୁରୁ ସର୍ବେଶ୍ୱର ମୁଦୁଲିଙ୍କ ସମେତ ବହୁ ବିଶିଷ୍ଟ ଯୋଗଗୁରୁ ଏବଂ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ।

### ଜିଲା ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୀ,୧୮।୪(ଅଜିତ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ପଦୋନ୍ନତି ପାଇ କଟକସ୍ଥିତ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ୍‌ରେ ଡେପୁଟିସେକ୍ରେଟାରୀ ରୂପେ ବଦଳି ହୋଇଛନ୍ତି। ବୁଧବାର ତାଙ୍କୁ ପୁରୀ ଜିଲା ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦାୟ ସମ୍ବର୍ଦ୍ଧନା ଦଆଯାଇଛି। ଆଲୁମିନି କମିଟି ଚେୟାରମ୍ୟାନ ରାଜକିଶୋର ପାତ୍ର, ସମ୍ପାଦକ ରବୀନ୍ଦ୍ର ସାହୁ, ବରିଷ୍ଠ ସଦସ୍ୟ ସୁରେନ୍ଦ୍ରନାଥ ଜେନା, କୁମାର ଅରିଜିତ, ମନୋଜ କୁମାର ପଟ୍ଟନାୟକ, ଶିକ୍ଷକ ବିଦ୍ୟାଧର ମିଶ୍ର, ବିଶ୍ୱଜିତ ବାନାର୍ଜୀ, ଅରୁଣ ଭଟ୍ଟାଚାର୍ଯ୍ୟ, ଶିକ୍ଷୟିତ୍ରୀ ସ୍ୱାଗତିକା ପ୍ରଧାନ, ଦୀପିକାରାଣୀ ନନ୍ଦ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ୭ବର୍ଷର କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରିଥିଲେ। ଜ୍ୟୋତିର୍ମୟୀ ମିଶ୍ରଙ୍କ ପ୍ରଚେଷ୍ଟା ଯୋଗୁ ପୁରୀ ଜିଲା ସ୍କୁଲ ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ହାସଲ କରି ମୁଖ୍ୟମନ୍ତ୍ରୀ ପୁରସ୍କାର ପାଇପାରିଥିଲା ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ ଆଲୁମିନି ଓ ପରିଚାଳନା କମିଟିର ସଦସ୍ୟା ସଦସ୍ୟ, ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'କଳା ପ୍ରଦର୍ଶନ ଦ୍ୱାରା ସାଂସ୍କୃତିକ ଚେତନାର ଉନ୍ମେଷ ହୁଏ'

**ଓଡ଼ିଶା ଫେଷ୍ଟିଭାଲ ଆର୍ଟ ଆଣ୍ଡ୍ କଲ୍‌ଚର ଓ ଭାରତ ସଂସ୍କୃତି ଯାତ୍ରା ଆରମ୍ଭ**

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)



ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାରଠାରୁ ତିନିଦିନିଆ ଓଡ଼ିଶା ଫେଷ୍ଟିଭାଲ ଆର୍ଟ ଆଣ୍ଡ୍ କଲ୍‌ଚର ଓ ଭାରତ ସଂସ୍କୃତି ଯାତ୍ରା ଆରମ୍ଭ ହୋଇଛି। ପ୍ରାୟ ଏକ ହଜାର ଶିଳ୍ପୀ ଏଥିରେ ସମାଗମ ହୋଇଛନ୍ତି। ବିଭିନ୍ନ ପ୍ରକାର କଳା ସଂସ୍କୃତି ଗୋଟିଏ ସ୍ଥାନରେ ଏକାଠି ପ୍ରଦର୍ଶନ ହେବା ଦ୍ୱାରା ସାଂସ୍କୃତିକ ଚେତନାର ଉନ୍ମେଷ ଘଟିଥାଏ ବୋଲି କାର୍ଯ୍ୟକ୍ରମରେ ଅତିଥି ମତ ପ୍ରକାଶ କରିଛନ୍ତି।

ପୂର୍ବାହ୍ଣରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଜ୍ଞାମିତା ପ୍ରିୟଦର୍ଶିନୀ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ,ବିଦୂଷୀ ରୂପଶ୍ରୀ ମହାପାତ୍ର, ଡ. ସନ୍ଦୀପ ନନ୍ଦୀ, ଗୁରୁ ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ହିନ୍ଦୁସ୍ତାନ ଆର୍ଟ ଆଣ୍ଡ୍ ମ୍ୟୁଜିକ୍ ସୋସାଇଟିର ସମ୍ପାଦକ ପ୍ରସନ୍ନଜିତ ପୋଦାର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଲେ ଯେ, ଭାରତର ସାଂସ୍କୃତିକ ବିଚିତ୍ରା ଅନନ୍ୟ ଓ ଅନୁପମ। ପ୍ରତ୍ୟେକ ରାଜ୍ୟରେ କଳାର ସ୍ୱତନ୍ତ୍ରତା ରହିଛି। ତାହା ଏକ ସମୟରେ ଏକାଠି ପ୍ରଦର୍ଶନ ହେବା ଦ୍ୱାରା ସାଂସ୍କୃତିକ ଚେତନାର ଉନ୍ମେଷ ହେବା ସହ କଳାକାରମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ସହ ଭାବବିନିମୟ ସହଜ ହୋଇଥାଏ। ଶ୍ରୀଜଗନ୍ନାଥ ଜଣେ କଳାପ୍ରିୟ ଠାକୁର। ତାଙ୍କ ମାଟିରେ ଏହି ମହନୀୟ କାର୍ଯ୍ୟକ୍ରମର ଆୟୋଜନ ଏକ ସୁନ୍ଦର ପଦକ୍ଷେପ। କଳାକାରମାନେ ନିଜ କଳା ପ୍ରଦର୍ଶନ ସହ ଅନ୍ୟ କଳାକାରଙ୍କଠାରୁ ଅନେକ କିଛି ଶିକ୍ଷା ଲାଭ କରିପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ପ୍ରସନ୍ନଜିତ ପୋଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ରଙ୍ଗଶାଳା ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ ଯୋଗଦେଇ କଳାକାରଙ୍କ ପାଇଁ ଏହା ସେମାନଙ୍କ ପ୍ରଦର୍ଶନକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି କହିଥିଲେ। ଉଦ୍‌ଘୋଷକ ବାସୁଦେବ ନାଥ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଷ୍ଠିତ ନୃତ୍ୟ ଦଳ ତଥା କର୍ଣ୍ଣାଟକ, କୋଲକାତା, ହିନ୍ଦୁସ୍ଥାନ, ତ୍ରିଧାରା, କଟକ, ବୌଦ୍ଧ ଓ ପୁରୀର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଇଣ୍ଡୋ–ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର୍‌ର ସଭାପତି ଶ୍ରୀମନ୍ତ କୁମାର ଦାସ ପରିଚାଳନା କରିଥିଲେ।

# ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୬ ଆମ୍ବୁଲାନ୍ସ ଅଚଳ

- ଗୋଟିଏ ଆମ୍ବୁଲାନ୍ସରେ ଚାଲିଛି ରୋଗୀସେବା
- ଉପମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି

ଗୋପ,୧୮।୪(ଭାରତୀ ଭୂଷଣ ଉପାଧ୍ୟାୟ)

ରାଜ୍ୟ ସରକାର ରୋଗୀସେବା ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ସେବା ମଧ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ଏକ ମୁଖ୍ୟ ସେବା। କିନ୍ତୁ କିଛି ଦିନ ହେବ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟତିକ୍ରମ ଦେଖାଦେଇଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୭ଟି ୧୦୮ ଆମ୍ବୁଲାନ୍ସ ମଧ୍ୟରୁ ୬ ଗୋଟି ଆମ୍ବୁଲାନ୍ସ ଅଚଳ ହୋଇ ପଡ଼ିଥିବା ବେଳେ ଗୋଟିଏ ଆମ୍ବୁଲାନ୍ସରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଏହି କେନ୍ଦ୍ର ଅଧୀନରେ ୮ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଦୈନନ୍ଦିନ ଏହି ସବୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ହଜାର ହଜାର ରୋଗୀ ଆସିଥାନ୍ତି। ସରକାର ଏହାକୁ ଦୃଷ୍ଟିରେ ରଖି କୋଣାର୍କ, ଛଇତନା, ଗୋପ, ନାଗପୁର ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। କିନ୍ତୁ ଏବେ କିଛିଦିନ ହେବ ଗୋପ, କୋଣାର୍କ, ଛଇତନା ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସଗୁଡ଼ିକ ଅଚଳ ହୋଇପଡ଼ିଛି। ଏବେ କେବଳ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ନାଗପୁର ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସଟି ରୋଗୀସେବା ଜାରି ରଖିଛି। ହେଲେ ସଚଳ ଥିବା ଏହି ଆମ୍ବୁଲାନ୍ସରେ ଏସି ସହିତ ଅନ୍ୟାନ୍ୟ ରୋଗୀସେବା ଯୋଗାଇଦେବାକୁ ଦାବି ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ରୂପଭାନୁ ମିଶ୍ର କହିଛନ୍ତି, ଆମ ଅଧୀନରେ ଏହି ଆମ୍ବୁଲାନ୍ସ ସେବା ନାହିଁ, ତଥାପି ଏ ସମ୍ପର୍କରେ ଗୁରୁତ୍ୱ ଦେବି।

# ପୋଷଣ ପକ୍ଷରେ ଖାଦ୍ୟ ପ୍ରଦର୍ଶନୀ


ସମାରୋହରେ ଅତିଥିଙ୍କ ସହ ମହିଳାମାନେ ।

ନିମାପଡ଼ା,୧୮।୪(ବିଚିତ୍ରାନନ୍ଦ ସାହୁ)

ଭାରତ ସରକାରଙ୍କ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ନିମାପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ୭ମ ରାଷ୍ଟ୍ରୀୟ ପୋଷଣ ପକ୍ଷ–୨୦୨୫ ଗୁରୁବାର ପାଳିତ ହୋଇଯାଇଛି। ପଞ୍ଚାୟତ ସମିତି ସଭା କକ୍ଷରେ ଆୟୋଜିତ ସମାରୋହରେ ଅତିରିକ୍ତ ବିଡିଓ ପ୍ରିୟଦର୍ଶିନୀ ବରାଳ, ସିଡିପିଓ ମାଧବୀ ମହାପାତ୍ର, ଏନ୍‌ଏସିର ଏମ୍‌ପିଙ୍କ ପ୍ରତିନିଧି ବରିଷ୍ଠ ନାରୀନେତ୍ରୀ ମୀନଲତା ମହାନ୍ତି, ସୁପରଭାଇଜର ସୁଶ୍ରୀ ଗୀତାଗୌତମୀ, ନମିତା ନନ୍ଦ, ସ୍ୱର୍ଣ୍ଣଲତା ଦାଶ, ବନଲତା ନନ୍ଦ, ସିତାଂଶୁବାଳା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁଙ୍କ କ୍ଷେତ୍ରରେ ହଜାର ଦିନର ଗୁରୁତ୍ୱର ଜୀବନରେ ପ୍ରାଧାନ୍ୟତା, ହିତାଧିକାରୀ ମଡ୍ୟୁଲର ଲୋକପ୍ରିୟତା, ସୀମା ସମତୁଲ ବ୍ୟବହାର କରି କୁପୋଷଣ ଦୂରୀକରଣ, ମେଦବହୁଳତା, ଶିଶୁଙ୍କ ସୁସ୍ଥ ଜୀବନଯାପନ ଉପରେ ସଚେତନତା ସମ୍ପର୍କରେ ଶିଶୁ ବିକାଶ ବିଭାଗର ଅଧିକାରୀମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଗର୍ଭବତୀ, ଜନ୍ମରୁ ୬ ବର୍ଷର ଶିଶୁ, କିଶୋରୀଙ୍କ ପୋଷଣ ପଖୱାଡ଼ା ସମ୍ପର୍କିତ ଏକ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ୧୦୦ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ସ୍ଥାନିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପୋଷଣ ପଖୱାଡ଼ା କାର୍ଯ୍ୟକ୍ରମ ପାଇଁ ବ୍ଲକର ଅଲଣ୍ଡା, ବଳଙ୍ଗା, ହଂସପଡ଼ା, ଶାଇଁସଶାସନ, ବ୍ରହ୍ମକୁଣ୍ଡ ଆଦି ୫ଟି ସେକ୍ଟରକୁ ଓ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନେ ଖାଦ୍ୟ ପ୍ରଦର୍ଶନୀ ପରିଦର୍ଶନ କରି ବେଶ ଖୁସିବ୍ୟକ୍ତ କରିଥିଲେ। ଉତ୍ସବରେ ଶିଶୁ ବିକାଶ ପ୍ରକଳ୍ପ ବିଭାଗର ସମସ୍ତ ସୁପରଭାଇଜର ଉପସ୍ଥିତ ଥିଲେ। ରାଷ୍ଟ୍ରୀୟ ପୋଷଣ ପକ୍ଷ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସିଡିପିଓ ମହାପାତ୍ର ପରାମର୍ଶ ଦେଇଥିଲେ।

### ଦୁର୍ବୃତ୍ତଙ୍କ ଆକ୍ରମଣରେ ୫ ଆହତ

**ସତ୍ୟବାଦୀ ଥାନାରେ ୨ ମାମଲା ରୁଜୁ**

ସାକ୍ଷୀଗୋପାଳ,୧୮।୪
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ଅଣ୍ଡର ପାସ ନିକଟରେ ବୁଧବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତଙ୍କ ଆକ୍ରମଣରେ ସ୍ଥାନୀୟ ବଜାରର ବ୍ୟବସାୟୀ ଆଶୁତୋଷ ପଣ୍ଡା (୪୪) ଗୁରୁତର ହୋଇ ମେଡିକାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଆକ୍ରମଣ ସମୟରେ ସ୍ଥାନୀୟ ସାନକାଣ୍ଡିଆ ଗ୍ରାମର ବ୍ୟବସାୟୀ ବିଶ୍ୱନାଥ ଗୌଡ଼ (୫୦)ଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଆକ୍ରମଣରେ ଆଶୁତୋଷ ପଣ୍ଡା ଓ ବିଶ୍ୱନାଥ ଗୌଡ଼ ଉଭୟ ଆହତ ହୋଇଥିଲେ । ଏନେଇ ଆଶୁତୋଷ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ସତ୍ୟବାଦୀ ପୋଲିସ ୧୧୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସେହିପରି ବଜାରରେ ଥିବା ଘନଶ୍ୟାମ ସାହୁଙ୍କ ଦୋକାନରେ ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନ ବସିଥିବା ବେଳେ ୨ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ଆସି ତାଙ୍କୁ କାଠଫାଳିଆରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣକୁ ବ୍ୟବସାୟୀ ଘନଶ୍ୟାମ ସାହୁ ଓ କାଳୁ ପ୍ରଧାନ ବିରୋଧ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ୩ଜଣ ଗୁରୁତର ହୋଇ ସାକ୍ଷୀଗୋପାଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ସରପଞ୍ଚ ଶଙ୍କର୍ଷଣ ପ୍ରଧାନ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୋଲିସ ଏ ସମ୍ପର୍କରେ ୧୧୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଜଣେ ଆକ୍ରମଣକାରୀ ଚନ୍ଦନପୁର ଥାନା ଅନ୍ତର୍ଗତ ବୀରପ୍ରତାପପୁର ଗ୍ରାମର ଲକ୍ଷ୍ମୀଧର ପ୍ରଧାନଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି।

# ପ୍ରଜ୍ଞା ମନ୍ଥନର କର୍ମଶାଳା ଉଦ୍‌ଯାପିତ

ପିପିଲି,୧୮।୪(ପ୍ରଭାତ କୁମାର ମହାପାତ୍ର)

ସର୍ବ ଭାରତୀୟସ୍ତରରେ ଭାରତୀୟ ରାଷ୍ଟ୍ର ବିଚାରର ପ୍ରସାର ପାଇଁ କାର୍ଯ୍ୟରତ ପ୍ରଜ୍ଞା ପ୍ରବାହର ଓଡ଼ିଶା ଶାଖା ଜଗତ ପ୍ରଜ୍ଞାର ରାଜ୍ୟସ୍ତରୀୟ ୨ ଦିନିଆ କର୍ମଶାଳା ଓ ପ୍ରଜ୍ଞା ମନ୍ଥନ କାର୍ଯ୍ୟକ୍ରମ ପିପିଲି ଗୁଡ଼ିଆପୋଖରୀ ଆଡ୍‌ଭେଞ୍ଚର ରିସୋର୍ଟଠାରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାରା ରାଜ୍ୟରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ତଥା ବୁଦ୍ଧିଜୀବୀ ପ୍ରତିନିଧି ଯୋଗଦେଇ ବିଭିନ୍ନ ରାଷ୍ଟ୍ରୀୟ ବୈଚାରିକ ଓ ତାତ୍ତ୍ୱିକ ଦିଗର ଗଭୀରତମ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗୁରୁବାର ସନ୍ଧ୍ୟାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବପ୍ରାନ୍ତ ସଂଘ ଚାଳକ ସମୀର ମହାନ୍ତି ଉଦ୍‌ଘାଟନୀ ଅଭିଭାଷଣ ଦେଇଥିଲେ। ଶୁକ୍ରବାର ପୂର୍ବାହ୍ଣରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କିଛି ବର୍ଷ ଭିତରେ ଭାରତରେ ଅନେକ ନକାରାତ୍ମକ ବିଚାର ଜନମାନସକୁ ଭ୍ରମରେ ପକାଇ ଅନ୍ତଃରାଷ୍ଟ୍ରୀୟ ତତ୍ତ୍ୱକୁ ପ୍ରଚାର କରାଯାଉଛି। ସୋସିଆଲ ମିଡିଆରେ କେତେକ ଭୁଲ୍ ତଥ୍ୟ ଓ ଫଟୋ ଭିଡିଓ କୌଣସି ସତ୍ୟାସତ୍ୟ ନ ଥାଇ ଲୋକଙ୍କୁ ଭ୍ରମିତ କରୁଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ। ମହାରାଷ୍ଟ୍ର ନାଗପୁର ପ୍ରଜ୍ଞା ପ୍ରବାହର ଅଖିଳ ଭାରତୀୟ ମହିଳା ପ୍ରମୁଖ ମୁଖ୍ୟବକ୍ତା ମୋନିକା ଆରୋରା ଯୋଗଦେଇଥିଲେ। ଉଦ୍‌ବୋଧନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୂର୍ବପ୍ରାନ୍ତ କାର୍ଯ୍ୟବାହ ଅନିଲ କୁମାର ମିଶ୍ର ରାଷ୍ଟ୍ରର ସଂସ୍କୃତି, ଇତିହାସ, ବୈଚାରିକ ସଂସ୍କାର ପାଇଁ ପ୍ରଜ୍ଞା ମନ୍ଥନ ସହିତ ଉପଯୁକ୍ତ ବିମର୍ଷର ଆବଶ୍ୟକତା ରହିଛି ବୋଲି ମନ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମ ପ୍ରାନ୍ତ ମୁଖ୍ୟ ରବି ନାରାୟଣ ପଣ୍ଡା କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ପରିଚାଳନା କରିଥିଲେ। ଜଗତ ପ୍ରଜ୍ଞା ସଙ୍ଗଠନ ପ୍ରାନ୍ତ ଅଧ୍ୟକ୍ଷ ଦୁର୍ଯ୍ୟୋଧନ କାଠୁଆ ଓ ଇଞ୍ଜିନିୟର ଶିବ ପ୍ରସାଦ ବାରିକ୍ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରଜ୍ଞା ମନ୍ଥନକୁ ସଫଳ କରାଇଥିଲେ।

# ଅଧାରେ ଅଟକିଲା ନାବାଳିକାଙ୍କ ବିବାହ

ଗୋପ,୧୮।୪(ଭାରତୀ ଭୂଷଣ ଉପାଧ୍ୟାୟ)

ବିବାହ ପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା। ଏପରିକି ପରିବା କଟାଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସରିଥିଲା। ହେଲେ ଗୋପ ସମନ୍ୱିତ ମହିଳା ଶିଶୁ ବିକାଶ ଅଧିକାରିଣୀଙ୍କ ଅଭିଯୋଗକୁ ନେଇ ଗୋପ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ନାବାଳିକା ଓ ତାଙ୍କ ପରିବାର ସଦସ୍ୟ ଚମ୍ପଟ ମାରିଥିଲେ। ଏପରି ଘଟଣା ଘଟିଛି ଗୋପ ଥାନା ଅନ୍ତର୍ଗତ ନୂଆଖୋଲମରା ପଞ୍ଚାୟତ ଅଞ୍ଚଳରେ।

ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ସମନ୍ୱିତ ମହିଳା ଶିଶୁ ବିକାଶ ଅଧିକାରିଣୀ ମୀନାକ୍ଷୀ ସାହୁଙ୍କ ନିକଟରେ ଖବର ପହଞ୍ଚିବା ପରେ ସମ୍ପୃକ୍ତ ଅଧିକାରିଣୀ କାର୍ଯ୍ୟାଳୟ ଚିଠି ନଂ. ୭୬୦/୧୭–୪–୨୦୨୫ରେ ଗୋପ ଥାନାରେ ଅଭିଯୋଗ କରିଥିଲେ। ଗୁରୁତର ଅଭିଯୋଗକୁ ନେଇ ଶୁକ୍ରବାର ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଆସିବା ଖବର ମିଳିବା ପରେ ଘଟଣାସ୍ଥଳରୁ ନାବାଳିକାଙ୍କ ପରିବାର ଫେରାର୍ ହୋଇଯାଇଥିଲେ। ବିବାହ କାର୍ଯ୍ୟ ଲାଗି ବାଲୁଙ୍କେଶ୍ୱର ମନ୍ଦିରରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିବା ବେଳେ କେବଳ ବରପକ୍ଷ ଆସିବାର ଥିଲା। ସେଠାରେ ଜିଲା ଶିଶୁ ବିଭାଗର ପରାମର୍ଶଦାତା ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ସହିତ ଗୋଟିଏ ଟିମ୍ ପହଞ୍ଚି ତଦନ୍ତ କରିଥିଲା। କିନ୍ତୁ ଗାଁ ଲୋକମାନେ ଏଭଳି ଏକ ବିବାହ କାର୍ଯ୍ୟ ଉପରେ ସଚେତନ ନ ଥିବା ମଧ୍ୟ ସୂଚନା ଦେଇଥିଲେ। ପରେ ପୋଲିସ ଓ ଜିଲା ଶିଶୁ ବିଭାଗର ଟିମ୍ ସମେତ ଗୋପ ସମନ୍ୱିତ ମହିଳା ଶିଶୁ ବିଭାଗର ସୁପରଭାଇଜର୍ କୁନ୍ତଳା ନାୟକ ସମ୍ପୃକ୍ତ ନାବାଳିକାଙ୍କ ଘରେ ପହଞ୍ଚିବା ପରେ ଘର ତାଲା ପଡ଼ିଥିବା ଦେଖିଥିଲେ। ଗୋପ ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି, ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ପୋଲିସ ଟିମ୍ ମଧ୍ୟ ସେହି ସ୍ଥାନକୁ ଯାଇ ତଦନ୍ତ ଚଳାଇଛି।


ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏବଂ ଅନ୍ୟମାନେ ଶୁକ୍ରବାର ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ତଦାରଖ କରି ଫେରୁଛନ୍ତି ।

# ସୁଶାନ୍ତ ସାହୁଙ୍କୁ ସ୍ୱାମୀ ବିବେକାନନ୍ଦ ଉତ୍କର୍ଷ ପୁରସ୍କାର

ଯୋଗେଶ୍ୱରପୁର,୧୮।୪(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ନୟାହାଟ ବାଉଁଶ ପୋଖରୀ ଗ୍ରାମ ନିବାସୀ ଡ. ସୁଶାନ୍ତ କୁମାର ସାହୁଙ୍କୁ ସର୍ବୋତ୍ତମ ସାମାଜିକ କର୍ମୀ, ତାଙ୍କ ସାମାଜିକ କାର୍ଯ୍ୟ ଏବଂ ମାନବ ସେବା ପାଇଁ ଗତ ରବିବାର ସ୍ୱାମୀ ବିବେକାନନ୍ଦ ଉତ୍କର୍ଷ ପୁରସ୍କାର–୨୦୨୫ରେ ସମ୍ମାନିତ କରାଯାଇଛି। କୋଲକାତା ସଲ୍ଟଲେକ୍‌ସ୍ଥିତ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣ କୋଲକାତା କ୍ରୀଡ଼ା ଏବଂ ସଂସ୍କୃତି ପରିଷଦ ଦ୍ୱାରା ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧ୍ରୁବ ଜ୍ୟୋତି ଚଟ୍ଟୋପାଧ୍ୟାୟ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମାନସୀ ରାୟ ଚୌଧୁରୀ ଡ. ସାହୁଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଡ. ସାହୁ ଝାଡ଼ଖଣ୍ଡରେ ନିରନ୍ତର ସାମାଜିକ କାର୍ଯ୍ୟ ସହିତ ଜଡ଼ିତ ଅଛନ୍ତି। ଗରିବଙ୍କ ସେବା କରିବା ତାଙ୍କର ଅନନ୍ୟ ପରିଚୟ। ସେ ଝାଡ଼ଖଣ୍ଡ ରାଜ୍ୟ ଅଣ–ଗଣତାନ୍ତ୍ରିକ କର୍ମଚାରୀ ମହାସଂଘର ଯୁଗ୍ମ ମନ୍ତ୍ରୀ ଭାବେ କାର୍ଯ୍ୟରତ। ଏହା ବ୍ୟତୀତ ଆଇ୍‌ଆଇଏମ୍‌ଏସ୍ କର୍ମଚାରୀ ସଂଘର ସଙ୍ଗଠନ ସାଧାରଣ ସମ୍ପାଦକ ଭାବେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ଅଛି। କାର୍ଯ୍ୟକ୍ରମରେ ଦେଶର ୧୨ ରାଜ୍ୟର ଶିକ୍ଷକ, ନୃତ୍ୟଶିଳ୍ପୀ, ସାମାଜିକ କର୍ମୀ, ଡାକ୍ତର, ପ୍ରଫେସର, କ୍ରିକେଟର, ଫୁଟବଲ ଖେଳାଳି, ଓକିଲ ଏବଂ ଲେଖକଙ୍କ ସମେତ ମୋଟ ୩୨ ଜଣଙ୍କୁ ପଦକ, ପୋଷାକ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇ ସ୍ୱାମୀ ବିବେକାନନ୍ଦ ଉତ୍କର୍ଷ ପୁରସ୍କାର ୨୦୨୫ରେ ସମ୍ମାନିତ କରାଯାଇଛି।



ଡ. ସୁଶାନ୍ତ କୁମାର ସାହୁଙ୍କୁ ସ୍ୱାମୀ ବିବେକାନନ୍ଦ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଉଛି ।

# ସଚେତନ ନ ହେଲେ ଐତିହ୍ୟ ସୁରକ୍ଷା ସମ୍ଭବ ନୁହେଁ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ଅତିଥିମାନେ 'ହେରିଟେଜ ପ୍ରେସେସ୍ ଇନ ପୁରୀ' ଶୀର୍ଷକ ପୁସ୍ତିକା ଉନ୍ମୋଚନ କରୁଛନ୍ତି ।

ବିଶ୍ୱ ଐତିହ୍ୟ ଦିବସ ଅବସରରେ ଐତିହ୍ୟ ସଂରକ୍ଷଣ ପରିଷଦ ପୁରୀ ପକ୍ଷରୁ ଶୁକ୍ରବାର ୟୁଥ୍ ହଷ୍ଟେଲ ସଭାଗୃହରେ ଐତିହ୍ୟ ଦିବସ ପରିଷଦର ସଭାପତି ବିଭୁପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ଦେବୀ ପ୍ରସାଦ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ନନ୍ଦ ସମ୍ପାଦକୀୟ ବକ୍ତବ୍ୟରେ ଅନୁଷ୍ଠାନ ପ୍ରତିଷ୍ଠା ଦିନରୁ କିପରି ଐତିହ୍ୟ ପ୍ରତି ସଚେତନ ସୃଷ୍ଟି କରିଚାଲିଛି ତାହା କହିଥିଲେ। ପରିଷଦର ଆଧାର ପୁରୁଷ ଡ. ସୁରେନ୍ଦ୍ର କୁମାର ମିଶ୍ର ଦିବସର ଆଭିମୁଖ୍ୟ ପ୍ରକାଶ କରି କହିଥିଲେ, ପୁରୀରେ ୨୮୪ଟି ଐତିହ୍ୟ ସ୍ଥାନ, କୋଣାର୍କ ଅଞ୍ଚଳରେ ୫୪ଟି ଓ ବ୍ରହ୍ମଗିରି ଅଞ୍ଚଳରେ ୧୫୨ଟି ଐତିହ୍ୟ ସ୍ଥାନ ଠାବ କରାଯାଇ ତାଲିକା ପ୍ରସ୍ତୁତ ହୋଇଛି। ସେଗୁଡ଼ିକର ସଂରକ୍ଷଣ କରା ନ ଗଲେ ଅଗଣିତ ଐତିହ୍ୟ ଲୋପ ହେଲାପରି ଏଗୁଡ଼ିକ ମଧ୍ୟ ଲୋପ ହୋଇଯିବ।

ଏହି ଅବସରରେ ଐତିହ୍ୟ ସଂରକ୍ଷଣ ପ୍ରତି ନିଜକୁ ସମର୍ପିତ କରିଥିବା ଶ୍ରୀଶଙ୍କରାନନ୍ଦ ମଠ ଟ୍ରଷ୍ଟ ବୋର୍ଡ ସଭାପତି ଦୁର୍ଗାପ୍ରସାଦ ମିଶ୍ରଙ୍କୁ ଓ ଉଦୀୟମାନ ଶିଳ୍ପୀ ଶାସ୍ତ୍ର ବିଶାରଦ ତଥା ଗବେଷକ ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟଙ୍କୁ ଐତିହ୍ୟ ସମ୍ବର୍ଦ୍ଧନା ୨୦୨୫ ପ୍ରଦାନ କରାଯାଇଛି। ପରିଷଦ ପ୍ରକାଶିତ –'ହେରିଟେଜ ପ୍ରେସେସ୍ ଇନ ପୁରୀ' ଶୀର୍ଷକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ମହୀ ପ୍ରକାଶ ମଠର ସ୍ୱାମୀ ଶୁଭାନନ୍ଦ ପୁରୀ ପ୍ରକାଶ କରିଥିଲେ, ପ୍ରଥମ ଐତିହ୍ୟ ବିଷୟରେ ତଥ୍ୟ ସଂଗ୍ରହ ଜରୁରୀ। ସେ ବିଷୟରେ ଜାଣିଲେ ଅନ୍ୟକୁ ଜଣାଇବା, ତେବେ ଯାଇ ସଚେତନ କରିହେବ। ଏହାପରେ ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦସ ଓ କଟକୀ ମଠ ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ ପୁରୀର ଲୋପ ପାଇଯାଉଥିବା ଐତିହ୍ୟର ସୁରକ୍ଷା ପାଇଁ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରର ପ୍ରାକ୍ତନ ନିର୍ଦ୍ଦେଶକ ବସନ୍ତ କୁମାର ପଣ୍ଡା କହିଛନ୍ତି, ପୁରୀକୁ ଆସିଥିବା ସନ୍ଥ, ମହାପୁରୁଷ ଓ ଆଚାର୍ଯ୍ୟମାନଙ୍କ ସମ୍ବନ୍ଧରେ ସବିଶେଷ ଆଲୋଚନା ନ ହେଲେ ପୁରୀର ଐତିହ୍ୟ ବିକାଶର ମୂଳକଥା ଜଣାପଡ଼ିବ ନାହିଁ। ସାଧୁସନ୍ଥଙ୍କର ପୁରୀର ଐତିହ୍ୟ ପ୍ରତି ଅବଦାନ ସ୍ମରଣୀୟ। ସଭାପତି ତ୍ରିପାଠୀ ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ସମାଜକୁ ଉତ୍ସାହିତ କରାଯାଇପାରିବ ବୋଲି କହିଥିଲେ। କୋର୍ଣାକ ଐତିହ୍ୟ ପରିଷଦ ସମ୍ପାଦକ ସଞ୍ଜୟ କୁମାର ବରାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ଐତିହ୍ୟ ପରିଷଦ ସଭାପତି କାଶୀନାଥ ନାୟକ, ପୁରୀର ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ପରିଷଦର ଉପଦେଷ୍ଟା ରାଜକୁମାର ମହାନ୍ତି, ଶ୍ରୀମନ୍ତ ଦାଶ, ରବୀନ୍ଦ୍ର ନାଥ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

କଟକ ସଦର,୧୮।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ମାନିତ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ପ୍ରମୁଖ କମଳାକାନ୍ତ ମିଶ୍ର ଯୋଗଦେଇଥିଲେ। ସମ୍ପାଦକ ନବଘନ ରାଉତ ସ୍ୱାଗତ ଭାଷଣ ଓ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରିଚାଳନା କମିଟିର ଉପସଭାପତି ସନ୍ତୋଷ କୁମାର ତ୍ରିପାଠୀ, ହୃଷୀକେଶ ଜେନା, ଭବାନୀ ଜେନା, ପ୍ରତିଭା ଶତପଥୀଙ୍କ ସମେତ ଗୁରୁମା, ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମା' ରାଉତାଣୀଙ୍କ ପୀଠରେ ହନୁମାନ ଚାଳିଶା ପାଠ

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ନୂଆ କାଚରାମାଳ ଗ୍ରାମର ମା' ରାଉତାଣୀଙ୍କ ପୀଠରେ ହନୁମାନ ଚାଳିଶା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ନୀତିକାନ୍ତି ପରେ ପଣ୍ଡିତମାନେ ହନୁମାନ ଚାଳିଶା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ରାକେଶ ପଟ୍ଟନାୟକ, ଶକ୍ତି ପ୍ରସାଦ ଦାସ, ଦୀପକ କୁମାର ସାହୁ, ଶିବ ପ୍ରସାଦ ପଟ୍ଟନାୟକ, ସୌମ୍ୟରଞ୍ଜନ ମଲ୍ଲିକ, ଅମିତ କୁମାର ମଲ୍ଲିକ, ଭରତ ଭୋଇ, ପ୍ରକାଶ ଭୋଇ, ପରେଶ ସାହୁ ଓ ରାକେଶ ଜେନାଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ସିବିରେ ସିଟିସ୍କାନ୍ ଅବ୍ୟବସ୍ଥା, ରୋଗୀ ହଟହଟା

କଟକ,୧୮।୪(ଶିଖ୍ବା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ସିଟିସ୍କାନ ପାଇଁ ରୋଗୀଙ୍କୁ ହଟହଟା ହେବାକୁ ପଡୁଛି। ଏଠାରେ ରୋଗୀ ସଂଖ୍ୟା ଅନୁଯାୟୀ ମେଶିନ ନ ଥିବାରୁ ସିଟିସ୍କାନ୍ ନିମନ୍ତେ ରୋଗୀଙ୍କୁ ୨/୩ ଦିନ ଅପେକ୍ଷା କରିବାକୁ ପଡୁଛି। ଏପରି କି ସ୍କାନିଂ ପରେ କପି ପାଇବା ପାଇଁ ଦିନଟିଏ ଅପେକ୍ଷା କରିବାକୁ ପଡୁଛି। କେବଳ ସେତିକି ନୁହେଁ ସ୍କାନ୍ କପି ମିଳିବାର ୨/୩ ଦିନ ପରେ ରୋଗୀଙ୍କୁ ରିପୋର୍ଟ ମିଳୁଛି। ଏଥିଯୋଗୁ ଚିକିତ୍ସା ସେବା ବାଧାପ୍ରାପ୍ତ ହେଉଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ମେଡିକାଲରେ ଅଧିକ ସଂଖ୍ୟକ ସିଟିସ୍କାନ ମେଶିନ ବ୍ୟବସ୍ଥା କରିବା ପାଇଁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବି ମେଡିକାଲରେ ଦୁଇଟି ସିଟିସ୍କାନ ମେଶିନ କାର୍ଯ୍ୟକ୍ଷମ ରହିଛି। ମେଡିକାଲର ନିଜସ୍ୱ ସିଟିସ୍କାନ ମେଶିନ ଟ୍ରମା କାଜୁଆଲଟି ସମ୍ମୁଖରେ ଥିବାବେଳେ ଅନ୍ୟଟି ପିପିପି ମୋଡ୍ ମେଶିନ ରଞ୍ଜନରଶ୍ମି ବିଭାଗରେ ରହିଛି। ସାଧାରଣ ସିଟିସ୍କାନ ଆବଶ୍ୟକ କରୁଥିବା ରୋଗୀ ମେଡିକାଲର ନିଜସ୍ୱ ସ୍କାନ ମେଶିନ ଦ୍ୱାରା ସ୍କାନିଂ କରାଉଥିବାବେଳେ ଉନ୍ନତମାନର ସ୍କାନିଂ ଆବଶ୍ୟକ କରୁଥିବା ରୋଗୀ ପିପିପି ମୋଡ୍ ସ୍କାନ ମେଶିନ ଦ୍ୱାରା ସ୍କାନ କରାଇଥାନ୍ତି। ପ୍ରତିଦିନ ମେଡିକାଲକୁ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧାରୁ ଅଧିକ ରୋଗୀଙ୍କ ସ୍କାନିଂ ଆବଶ୍ୟକ ପଡୁଛି। ପିପିପି ମୋଡ୍ ସ୍କାନିଂ କରାଇବା ପରେ ରୋଗୀ ଉକ୍ତ ରଞ୍ଜନରଶ୍ମି ବିଭାଗଠାରେ



ସିଟିସ୍କାନ କପି, ରିପୋର୍ଟ ପାଇଁ ଧାଡ଼ିରେ ଛିଡ଼ା ହୋଇଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ।

### ରିପୋର୍ଟ ପ୍ରଦାନରେ ବିଳମ୍ବ

ଥିବା ସହାୟତା କେନ୍ଦ୍ର ନିକଟ ଗୃହରୁ ରିପୋର୍ଟ ଯେପରି ସୁରୁଖୁରୁରେ ପାଇପାରିବେ ସେଥିପାଇଁ ମେଡିକାଲ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ହେଲେ ଏଠାରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ରିପୋର୍ଟ ପାଇବା ପାଇଁ ରୋଗୀଙ୍କୁ ୪/୫ ଦିନ ଅପେକ୍ଷା କରିବାକୁ ପଡୁଛି। ଏନେଇ ବୌଦ୍ଧ ଅଞ୍ଚଳର ଏଲିନା ବେହେରାଙ୍କ ସମ୍ପର୍କୀୟ କହିଛନ୍ତି, ବୁଧବାର ସ୍କାନିଂ କରିଛୁ। ଗୁରୁବାର କେବଳ ସ୍କାନିଂ କପି ପାଇଥିବାବେଳେ ଏପର୍ଯ୍ୟନ୍ତ ରିପୋର୍ଟ ମିଳିନି। ପ୍ରଥମେ ସ୍କାନିଂ ପାଇଁ ଅପେକ୍ଷା ଓ ପରେ ରିପୋର୍ଟ ଲାଗି ଅପେକ୍ଷା ରୋଗୀଙ୍କୁ ଯନ୍ତ୍ରଣା ଦେଉଛି। ଏହି ଅବ୍ୟବସ୍ଥା ଉପରେ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏସମ୍ପର୍କରେ ମେଡିକାଲର କୁଳସଚିବ ସୁବାସ ରାଏଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## 'ଜାମିନ ଆବେଦନ ଏକ ଅଧିକାର'




ଆଇନ ସଚେତନତା ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ଆଇନ ସଚେତନତା ଶିବିର

କଟକ,୧୮।୪(କାର୍ତ୍ତିକ ସାହୁ)

ଜାମିନ ପାଇବା ଅପେକ୍ଷାରେ ଓ ଜାମିନ ପାଇଲା ପରେ ମଧ୍ୟ ବିଭିନ୍ନ କାରଣରୁ ଜେଲଗୁଡ଼ିକରେ ବିଚାରାଧୀନ ବନ୍ଦୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହି ସମସ୍ୟାକୁ ପର୍ଯ୍ୟାୟକ୍ରମେ ଦୂର କରିବା ନିମନ୍ତେ ପ୍ରଫେସର ଡ. ରଙ୍ଗିନ ପଲ୍ଲବ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ଅଜିମ ପ୍ରେମ୍‌ଜୀ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ କାରାଗାର ପକ୍ଷପୋଷଣ ପ୍ରକଳ୍ପ ଅନୁକୂଲ୍ୟରେ ବିଚାରାଧୀନ ବନ୍ଦୀଙ୍କ ପାଇଁ ଆଇନ ସଚେତନତା ଶିବିର ଖୋର୍ଦ୍ଧା ଜିଲା କାରାଗାରରେ ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ସଂଯୋଜିକା ସହକାରୀ ପ୍ରଫେସର ଡ. କୁନ୍ତିରାଣୀ ପ୍ରଧାନ ସମ୍ବିଧାନର ଧାରା ୨୧-ଏ ଅନୁଯାୟୀ ଜାମିନ ଆବେଦନ ଏକ ଅଧିକାର ବୋଲି କହିବା ସହ ଜାମିନ ପ୍ରଦାନ ପ୍ରକ୍ରିୟାରେ କୋର୍ଟଗୁଡ଼ିକର ପଦାନୁକ୍ରମ ସମ୍ପର୍କରେ ବନ୍ଦୀମାନଙ୍କୁ ସଚେତନ କରିଛନ୍ତି। ପ୍ରତ୍ୟେକ ମାସରେ ଆୟୋଜନ ହେବାକୁ ଥିବା ଏପରି ସଚେତନ କାର୍ଯ୍ୟକ୍ରମ ବନ୍ଦୀମାନଙ୍କ ଉପରେ ଅନେକ ପ୍ରଭାବ ପକାଇବ ବୋଲି ପ୍ରକଳ୍ପ ସଂଯୋଜିକା ଡ. ପ୍ରଧାନ ମତବ୍ୟକ୍ତ କରିଛନ୍ତି।

## ଡ. ହରେକୃଷ୍ଣ ମହତାବ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ




ସମ୍ମିଳନୀରେ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ବୋଧନ ଦେଉଛନ୍ତି।

କଟକ,୧୮।୪(କାର୍ତ୍ତିକ ସାହୁ)

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍‌ଠାରେ ଅନୁଷ୍ଠିତ ଡ. ହରେକୃଷ୍ଣ ମହତାବ ଜାତୀୟ ସମ୍ମିଳନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ପର୍ଯ୍ୟାୟରେ ଡ. ହରେକୃଷ୍ଣ ମହତାବଙ୍କ କୃତୀ ଓ କୀର୍ତ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା। କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବକ୍ତା ଭାବେ କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ଘଡ଼େଇ, ପ୍ରସାଦ ହରିଚନ୍ଦନ ଓ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ଓଡ଼ିଶାର ବିକାଶରେ ଡ. ମହତାବଙ୍କ ଭୂମିକା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଉମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଓ ବିକ୍ରମ କେଶରୀ ଜେନା ଧନ୍ୟବାଦ ଦେଇଥିଲେ।

## ମହାନଦୀରୁ ଅଚିହ୍ନା ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୧୮।୪ (ମାନସ ସାମଲ)

ଜଗତପୁର ଥାନା ଅଧୀନ ମହାନଦୀର ଜୋବ୍ରା-ଆନିକଟ୍ ୨୮ ନମ୍ବର ଗେଟ୍‌ରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କ ବୟସ ୩୦ରୁ ୩୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଶୁକ୍ରବାର ସନ୍ଧ୍ୟାରେ ମହାନଦୀରେ ମୃତଦେହ ଭାସୁଥିବା ଲୋକମାନେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପାଣିରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଗତପୁର ଥାନାଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି।

## ଶ୍ରୀରାମଲୀଳା ମହୋତ୍ସବ

କଟକ,୧୮।୪(କାର୍ତ୍ତିକ ସାହୁ)

କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ଶ୍ରୀରାମଲୀଳା ମହୋତ୍ସବ ଚୌଧୁରୀ ବଜାରସ୍ଥିତ ମାରୁତିମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଶିକାରୀସାହି, ରାଣୀହାଟସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ରାମଲୀଳା ସମିତିର କଳାକାରମାନେ ନାଟକ ଅଗ୍ନିର ଅଭିଶାପ(ଇନ୍ଦ୍ରଜିତ୍ ବଧ) ପରିବେଷଣ କରିଥିଲେ। ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ଡା. ରବିରଞ୍ଜନ ସାହୁ, ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଅତିଥି ଭାବେ ଯୋଗଦେଇଥିଲେ। ଲୀଳାଧ୍ୟକ୍ଷ ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହ, ସାଧାରଣ ସମ୍ପାଦକ ଦିଲୀପ କୁମାର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଦାଶ, ପ୍ରଦୀପ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସର୍ବବ୍ୟବସ୍ଥାପକ ଗୋପାଳ ଚନ୍ଦ୍ର ମିଶ୍ର, ଲୋକସମ୍ପର୍କ ପ୍ରମୁଖ କୈଳାସ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ରାମଲୀଳା ପ୍ରଚାର ସମିତିର ବସନ୍ତ କୁମାର ବେହେରା, ଶଶୀ ବେହେରା, କେଶବ ଚନ୍ଦ୍ର ବେହେରା, ସୁକାନ୍ତ ନାୟକ, ଧ୍ରୁବଚରଣ ମହାରଣା, କୁନା ବେହେରା, ଚିତ୍ତରଞ୍ଜନ ବେହେରା, ମା' ଥାନପତି ରାମଲୀଳା ପ୍ରଚାର ସମିତି ୪୨ ମୌଜାର କର୍ମକର୍ତ୍ତା, ତାରିଣୀ ରାମଲୀଳା ପ୍ରଚାର ସମିତି ଗୋପାଳପୁର, ମା' ମଙ୍ଗଳା ରାମଲୀଳା ସମିତି, ଡାହାଳିଆବାଗ ଗ୍ରାମ୍ୟ କମିଟି, ପୋପରଡ଼ା ରାମଲୀଳା ସମିତିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଭ୍ୟ ଜିତୁ ବାରିକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କର୍ମଶାଳାରେ ଜ୍ଞାନ ଆହରଣ ସୁଯୋଗ ମିଳେ




ଡ୍ରିମ୍‌ସରେ ଅନୁଷ୍ଠିତ କର୍ମଶାଳାରେ ଅତିଥି ଓ ଅନ୍ୟମାନେ।

କଟକ,୧୮।୪(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଇନ୍‌ଷ୍ଟିଚ୍ୟୁସନ୍ସ ଇନୋଭେସନ୍ କାଉନସିଲ ଏବଂ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସେଲ୍ ମିଳିତ ଆନୁକୂଲ୍ୟରେ ବାଇ-ପୋଲାର ଇଣ୍ଡକ୍‌ସନ୍ ମୋଟର ଟେକ୍ନୋଲୋଜି ଶୀର୍ଷକ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଏହାକୁ ଉଦ୍‌ଘାଟନ କରି କର୍ମଶାଳା ଆୟୋଜନ ଦ୍ୱାରା ଛାତ୍ରୀଛାତ୍ର ଓ ଗବେଷକଙ୍କୁ ବିଶେଷ ଜ୍ଞାନ ଆହରଣର ସୁଯୋଗ ମିଳେ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭେଲୋଟେକ୍ ଇନୋଭେସନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ଉଦ୍ୟୋଗୀ ଆଦିତ୍ୟ ରଞ୍ଜନ ସିହ୍ନା ସ୍ୱଳ୍ପ ଉର୍ଜା ଉପଯୋଗ ଦ୍ୱାରା ଅଧିକ ଫାଇଦା ମିଳିବା ଓ ଏହାର ଦୀର୍ଘସୂତ୍ରୀ ଉପଯୋଗିତା ଉପରେ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଉର୍ଜାର ସଫଳ ଉପଯୋଗ ଏବଂ ପରିବେଶ ସମସ୍ୟା ସମାଧାନରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ଡିନ୍ ଡ. ନୟନ ରଞ୍ଜନ ସାମଲ, ଡିନ୍ (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି, ମେକାନିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ଦୀପକ ରଞ୍ଜନ ବିଶ୍ୱାଳ ବକ୍ତବ୍ୟ ଦେଇଥିଲେ। ଏଥିରେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## 'ଚଇନିଙ୍କ ସାହିତ୍ୟରେ ଅମୃତ ଚେତନାର ପ୍ରସାରଣ ଘଟିଥିଲା'

କଟକ,୧୮।୪(କାର୍ତ୍ତିକ ସାହୁ)

ସାରସ୍ୱତ ସାଧକ ଡ. ରତ୍ନାକର ଚଇନିଙ୍କ ଶ୍ରାଦ୍ଧୋତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାଷାବିତ୍ ଡ. ନଟବର ଶତପଥୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ. ବାବାଜୀ ଚରଣ ପଟ୍ଟନାୟକ ବକ୍ତବ୍ୟରେ ରତ୍ନାକର ଚଇନିଙ୍କ ସାହିତ୍ୟରେ ଅମୃତ ଚେତନାର ପ୍ରସାରଣ ଘଟିଥିବା କହିଥିଲେ। ରତ୍ନାକର ଚଇନି ସ୍ମୃତି ସଂସଦ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ସ୍ୱାତି ସୁଚରିତା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ସମ୍ପାଦକ ପ୍ରକାଶ ପରିଡ଼ା ବିବରଣୀ ପାଠ ଓ ଉପସଭାପତି ଡ. ସୁନାମଣି ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଏଥିସହ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ନାଟ୍ୟକାର ଦୀପିକା ଦାଶଙ୍କୁ ରତ୍ନାକର ଚଇନି ସ୍ମୃତି ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଚାଳନା ସମ୍ପାଦକ ଦିଲ୍ଲୀପ କୁମାର ବେଉରା ଧନ୍ୟବାଦ ଦେଇଥିଲେ। ଡା. ସୁଦର୍ଶନ ପଟ୍ଟନାୟକ, ଦେବବ୍ରତ ମଦନରାୟ, ବୈଜୟନ୍ତୀ ମିଶ୍ର, ରାଜୀବ ଷଡ଼ଙ୍ଗୀ, ସ୍ନେହଲତା ପରିଡ଼ା, ସତ୍ୟକାମ ଚଇନି, ଡ. ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ବନ୍ଦେ ଉତ୍କଳ ପକ୍ଷରୁ ନାଟ୍ୟକାର ତଥା ପ୍ରାଧ୍ୟାପକ ରତ୍ନାକର ଚଇନିଙ୍କ ଶ୍ରାଦ୍ଧଦିବସ ବଙ୍ଗାଳିସାହିସ୍ଥିତ ମା' ଶାରଳା ସଦନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ବିଜୟଲକ୍ଷ୍ମୀ ଦାସ ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ଡ. ଚଇନିଙ୍କୁ ଓଡ଼ିଆ ସାହିତ୍ୟର ଅମୂଲ୍ୟରତ୍ନ ବୋଲି କହିଥିଲେ। ଏହି ଅବସରରେ ଆଇନଜୀବୀ ଦେବାଶିଷ ବିଶ୍ୱାଳ, ବ୍ରଜ ଭୂଷଣ ସାହୁ, ରମେଶ ଚନ୍ଦ୍ର କୁଅଁର, କୁନାଲତା ତ୍ରିପାଠୀ, ତନିଶ କୁମାର ସାହୁ, ଶିଶିର କୁମାର ମିଶ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭୁବନାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ନାଟ୍ୟକାର ଦୀପିକା ଦାଶଙ୍କୁ ରତ୍ନାକର ଚଇନି ସ୍ମୃତି ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଉଛି।

**ଫଟୋରେ ଖବର**



ଗୁଡ୍ ଫ୍ରାଇଡେ ପାଳନ ଅବସରରେ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ଅନୁଷ୍ଠିତ କ୍ରୁଶପଥରେ ପ୍ରଭୁଙ୍କ ନବାହ ଉପାସନା।




ନ୍ୟାଶନାଲ ହେରାଲ୍ଡ ଦୁର୍ନୀତି ମାମଲାରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ କଟକ ଗୌରୀଶଙ୍କର ପାର୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଏବଂ କୁଶପୁତ୍ତଳିକା ଦାହ।

## ସଂକ୍ଷେପରେ

### ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ ୨୪ରୁ

**ବେଗୁନିଆ,୧୮।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଆସନ୍ତା ୨୪ ତାରିଖରୁ ଆରମ୍ଭ ହୋଇ ୨୭ତାରିଖରେ ଉଦ୍‌ଯାପିତ ହେବ। ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁ, ଉପସଭାପତି ବିଜୟା ନନ୍ଦ ରାଉତରାୟ, ଉପଦେଷ୍ଟା ଶିକ୍ଷାବିତ୍ ପବିତ୍ର ମୋହନ ଖାଡଙ୍ଗା, କୋଷାଧ୍ୟକ୍ଷ ଦିବ୍ୟଲୋଚନ ବିଶ୍ୱାଳଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମହୋତ୍ସବ କାର୍ଯ୍ୟକ୍ରମର ଦାୟିତ୍ୱ ବଣ୍ଟନ ସହିତ ଶାନ୍ତିଶୃଙ୍ଖଳାର ସହିତ ମହୋତ୍ସବ କିପରି ପାଳନ ହେବ ସେନେଇ ଆଲୋଚନା କରାଯାଇଥିଲା।

### ଅଚ୍ୟୁତ ସାମନ୍ତଙ୍କୁ ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର

**ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା):** ଶିକ୍ଷା ଏବଂ ସାମାଜିକ ସଶକ୍ତୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନଜନକ 'ଗୁରୁଦେବ କାଳୀଚରଣ ବ୍ରହ୍ମା ପୁରସ୍କାର ୨୦୨୫' ପ୍ରଦାନ କରାଯାଇଛି। ଶୁକ୍ରବାର ଆସାମର କୋକ୍ରାଝରଠାରେ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଆସାମରେ 'ମେଚ ଗାନ୍ଧୀ' ଭାବେ ପରିଚିତ ବୋଡ଼ୋ ସମ୍ପ୍ରଦାୟର ବିଶିଷ୍ଟ ସମାଜ ସଂସ୍କାରକ ତଥା ଆଧ୍ୟାତ୍ମିକ ଗୁରୁ ଗୁରୁଦେବ କାଳୀଚରଣ ବ୍ରହ୍ମା ଶିକ୍ଷାର ପ୍ରସାର, ସଂରକ୍ଷଣ ଓ ପ୍ରଚାର ଦିଗରେ ନିଜକୁ ସମର୍ପିତ କରିଥିଲେ। ପ୍ରତିବର୍ଷ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମାଜ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଆସୁଛି। ଏହି ପୁରସ୍କାରର ଲକ୍ଷ୍ୟ ହେଉଛି ଗୁରୁଦେବ କାଳୀଚରଣ ବ୍ରହ୍ମାଙ୍କ ଦ୍ୱାରା ପ୍ରଦତ୍ତ ଶାନ୍ତି, ସାମାଜିକ ସଂସ୍କାର ଏବଂ ଅହିଂସାର ମୂଲ୍ୟବୋଧକୁ ବଜାୟ ରଖିବା। ଚଳିତବର୍ଷ ଏହି ଆଧ୍ୟାତ୍ମିକ ଗୁରୁଙ୍କ ୧୬୬ତମ ଜନ୍ମବାର୍ଷିକୀ ଅବସରରେ ଡ. ସାମନ୍ତଙ୍କୁ ପୁରସ୍କାର ବାବଦକୁ ମାନପତ୍ର, ଉପଢୌକନ ଓ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସାମନ୍ତ ଏହି ପୁରସ୍କାର ରାଶିକୁ ଉକ୍ତ ଟ୍ରଷ୍ଟର ଉନ୍ନତୀକରଣ ଲାଗି ଦାନ କରିଦେଇଥିଲେ। ଏହି ସମ୍ମାନ ଗ୍ରହଣ କରି ସାମନ୍ତ ଗୁରୁଦେବ କାଳୀଚରଣ ବ୍ରହ୍ମା ଟ୍ରଷ୍ଟକୁ ନିଜର କୃତଜ୍ଞତା ଜଣାଇଛନ୍ତି। ଏହାସହ ଶିକ୍ଷା ଜରିଆରେ ସମାଜକୁ ସଶକ୍ତ କରିବା ଦିଗରେ ତାଙ୍କର କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଅଜିତ ବୋଡ଼ୋଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଐତିହ୍ୟ ସ୍ମାରକୀର ସଂରକ୍ଷଣ ପାଇଁ ସଚେତନତା ଜରୁରୀ

**ଭୁବନେଶ୍ୱର,୧୮।୪(ସୁଚିସ୍ମିତା ସାହୁ):** ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଚୀନ ଭାରତ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ଐତିହ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାରିଟାଇମ ଆଣ୍ଡ୍ ସାଉଥ୍ ଇଷ୍ଟ ଏସିଆନ୍ ଷ୍ଟଡିଜ୍ ନିର୍ଦ୍ଦେଶକ ଡ. ସୁନୀଲ ପଟ୍ଟନାୟକ ଯୋଗଦେଇ କହିଲେ, ରାଜ୍ୟରେ ଥିବା ସମସ୍ତ ଐତିହ୍ୟ ସ୍ମାରକୀର ସଂରକ୍ଷଣ ଜରୁରୀ। ଏଥିପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି। ଐତିହ୍ୟ କୀର୍ତ୍ତିରାଜିର ସଂରକ୍ଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଦରକାର।

# କାଳବୈଶାଖୀ: ଘରେ ପଶିଲା ବର୍ଷାପାଣି

**ଜଟଣୀ,୧୮।୪(ରବୀନ୍ଦ୍ରନାଥ ମହାକୁଡ଼)**


ରାସ୍ତାରେ ବର୍ଷା ପାଣି ଜମିବା ସହ ଘରେ ପଶିଛି।

ରାଜ୍ୟର ବିଭିନ୍ନ ଜିଲାରେ ଶୁକ୍ରବାର କାଳବୈଶାଖୀ ତାଣ୍ଡବ ରଚିଛି। ବିଜୁଳି, ଘଡ଼ଘଡ଼ି ସହ ବର୍ଷା ଓ ପବନ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଗଛ ଭାଙ୍ଗିବା ସହ ଫସଲ ନଷ୍ଟ ହୋଇଛି। ବର୍ଷା ହେବାରୁ ବିଶେଷକରି ସହରାଞ୍ଚଳରେ ରାସ୍ତାରେ ପାଣି ଜମି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପଟେ କାଳବୈଶାଖୀ ପ୍ରଭାବରେ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୨୨ନମ୍ବର ୱାର୍ଡ କୁଦିଆରୀ ବଜାର ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରେ ବର୍ଷା ପାଣି ପଶିଯାଇଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦୀର୍ଘ ସମୟ ଧରି ରାସ୍ତାରେ ପାଣି ଜମି ରହିବା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

କୁଦିଆରୀ ବଜାରଠାରୁ ରେଲୱେ ମାଲଗୋଦାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ମୁସଲିମ ସାହି ନିକଟରେ ରେଲୱେ ପକ୍ଷରୁ ନିର୍ମିତ ଡ୍ରେନ ଏବଂ ଏକ କଲଭର୍ଟ ରହିଛି। ତେବେ ଠିକ୍ ସମୟରେ ଉକ୍ତ ଡ୍ରେନ୍ ସଫେଇ ହେଉ ନ ଥିବାରୁ ଉକ୍ତ ସ୍ଥାନରେ ଅଳିଆ ଆବର୍ଜନା ଜମାହୋଇ ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଥିଲା। ଏପରିକି ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶୁଥିବା ସ୍ଥାନୀୟ ଜନସାଧାରଣ ଏବଂ କାଉନସିଲରଙ୍କ ପକ୍ଷରୁ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ସମାଧାନ ହୋଇପାରୁ ନାହିଁ। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରେଳ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି। ଯଦି ଆଗାମୀ ଦିନରେ ସମସ୍ୟା ସମାଧାନ ନ ହୁଏ ଉକ୍ତ ରାସ୍ତାରେ ଧାରଣା ଦିଆଯିବା ସହ ରେଲ୍‌ୱେ ପ୍ରଶାସନର କୌଣସି ଯାନବାହନ ମାଲଗୋଦାମକୁ ଛଡ଼ାଯିବ ନାହିଁ ବୋଲି ସ୍ଥାନୀୟ କାଉନସିଲରଙ୍କ ପ୍ରତିନିଧି ଲୁସେନ ରାୟ କହିଛନ୍ତି। ଅନ୍ୟପଟେ ଏନେଇ ରେଲୱେ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ବେଗୁନିଆ-ବଡ଼ବେରଣା ରାସ୍ତାରେ ଖାଲଖମା



**ବେଗୁନିଆ,୧୮।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ପୋଷ୍ଟ ଅଫିସ ଛକଠାରୁ ବଡ଼ବେରଣା ଗ୍ରାମ୍ୟ ଉନ୍ନୟନ ରାସ୍ତା ମରଣଯନ୍ତା ପାଲଟିଥିବାରୁ ପ୍ରତ୍ୟେକ ଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ବେଗୁନିଆ-ବଡ଼ବେରଣା ଗ୍ରାମ୍ୟ ଉନ୍ନୟନ ରାସ୍ତାଟି ୪.୦୨ କିମି ରହିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧କୋଟି ୯୩ ଲକ୍ଷ ୭୦ ହଜାର ଟଙ୍କା ଅନୁଦାନରେ ଠିକାଦାର ସଂସ୍ଥା ଦ୍ୱାରା ୨୦୧୭ ମସିହାରେ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ମସିହାରେ ଶେଷ ହୋଇଥିଲା। ଏପରିକି ପାଞ୍ଚ ବର୍ଷ ଭିତରେ ଠିକାଦାରଙ୍କ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଏବେ ରାସ୍ତାର ବିଭିନ୍ନ ସ୍ଥାନରେ ଛୋଟବଡ଼ ଖାଲଖମା ହୋଇଥିବାରୁ ଦୁର୍ଘଟଣା ଘଟୁଛି। ଏହି ରାସ୍ତାଟି ବ୍ଲକର ମୁଖ୍ୟ ରାସ୍ତା ହୋଇଥିବାରୁ ଏବଂ ୬ଟି ପଞ୍ଚାୟତ ସହିତ ବାଙ୍କୀ କଟକ ଏବଂ ବାଘମାରୀ କଣ୍ଟିଲୋ ରାସ୍ତା ସହିତ ସଂଯୋଗ କରୁଛି। ଏହି ରାସ୍ତାରେ ଭାରିଯାନ, ଜନସାଧାରଣ,ପଥଚାରୀ ଯାତାୟାତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ କରିବାକୁ ଶିକ୍ଷାବିତ୍ ଭଗବାନ ପଣ୍ଡା, ସାମାଜିକ କର୍ମୀ ଅଜୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ନବ କିଶୋର ସାଇଁ, ଶିକ୍ଷାବିତ୍ ଗୌର ଚରଣ ପ୍ରହରାଜଙ୍କ ସମେତ ବହୁ ଜନସାଧାରଣ ଦାବି କରିଛନ୍ତି।

## ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ୨ ଗିରଫ

**ବେଗୁନିଆ,୧୮।୪(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ଥାନା ଅଞ୍ଚଳର ଜଣେ ୧୫ବର୍ଷୀୟା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପୋଲିସ ଶୁକ୍ରବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅପହରଣକାରୀଙ୍କ ବାପା ଲକ୍ଷ୍ମୀଧର ସେଠୀ ଏବଂ ସହଯୋଗୀ ପିଣ୍ଟୁ ସେଠୀ। ଏମାନଙ୍କ ଘର ଏହି ଥାନା ଅନ୍ତର୍ଗତ ବାଦବାରବାଟୀ ଗ୍ରାମରେ ବୋଲି ଜଣାପଡିଛି। ଅଭିଯୋଗ ମୁତାବକ, ବାଦବାରବାଟୀ ଗ୍ରାମର ବବୁଲ ନିକଟ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ଗତ ଗୁରୁବାର ରାତିରେ କେଉଁଆଡେ ଅପହରଣ କରି ନେଇଯାଇଛନ୍ତି। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଶୁକ୍ରବାର ବେଗୁନିଆ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୨୨/୨୫) ରୁଜୁକରି ତଦନ୍ତ କରିଥିଲା। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରାଯାଇ ନ ଥିବା ବେଳେ ଅପହରଣକାରୀ ମଧ୍ୟ ଫେରାର ଥିବା ପୋଲିସ କହିଛି। ସୂଚନାଥାଉ କି, ନାବାଳିକା ଜଣଙ୍କ ଚଳିତ ବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ଦେଇଥିଲେ।


ଯାଁଳା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡମୁହାଣ ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ପୀଠରେ ରଘୁନାଥ ନାଟ୍ୟ ପରିଷଦ କଳାକାରଙ୍କ ଦ୍ୱାରା ଶୁକ୍ରବାର ପରିବେଷିତ ରାମଲୀଳା ନାଟକର ଏକ ଦୃଶ୍ୟ। **(ଫଟୋ: ବୁଲା ବାରିକ)**

## ମଧ୍ୟପ୍ରଦେଶରେ କୃଷି ଆଧାରିତ ମଡେଲ ସ୍ଥାପନ କରିବ ପତଞ୍ଜଳି

**ଭୁବନେଶ୍ୱର,୧୮।୪(ଅନୁରାଧା ମହାରଣା)**

ମଧ୍ୟପ୍ରଦେଶରେ କୃଷିକ୍ଷେତ୍ରର ବିକାଶ ପାଇଁ ପତଞ୍ଜଳି ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟର ମଉଗଞ୍ଜ ଜିଲାରେ କୃଷି ଆଧାରିତ ମଡେଲ ସ୍ଥାପନ ପାଇଁ ଅନୁଷ୍ଠାନ ପ୍ରସ୍ତୁତ ହେଉଛି। ଏଥିପାଇଁ ଆବଶ୍ୟକ ଜମି ରାଜ୍ୟ ସରକାର ଯୋଗାଇ ଦେଇଛନ୍ତି। ଭୂମିର ରେଜିଷ୍ଟ୍ରି କପି ଉପମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ଶୁକ୍ଳା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆଚାର୍ଯ୍ୟ ବାଲକୃଷ୍ଣଙ୍କୁ ପ୍ରଦାନ କରିଛନ୍ତି। ଏଠାରେ ପ୍ରଶିକ୍ଷଣ କେନ୍ଦ୍ର, ବିହନ ପରୀକ୍ଷଣ ଓ ସଂରକ୍ଷଣ କେନ୍ଦ୍ର ଭଳି ସୁବିଧା ରହିବ। ଏହି ଯୋଜନାର ସଫଳ କାର୍ଯ୍ୟକାରିତା ଫଳରେ ଚାଷୀଙ୍କ ଆୟ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ତେବେ କୃଷି ପ୍ରଶିକ୍ଷଣ ଦ୍ୱାରା କୀଟନାଶକ, ରାସାୟନିକ ସାର ଆଦି କମ୍ ପ୍ରୟୋଗ କରାଯାଇପାରିବ। ଚାଷୀମାନେ କୁଶଳୀ ହେବା ସହ ସାମାଜିକ ବିକାଶ ତ୍ୱରାନ୍ୱିତ ହେବ ବୋଲି ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି। ଏହି ଅବସରରେ ଆରଓ ଏମ୍‌ପିଆଇଡିସି ଲିମିଟେଡ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ୟୁ.କେ. ତିୱାରୀ, ମହାପ୍ରବନ୍ଧକ ନବେନ୍ଦୁ ଶୁକ୍ଳା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କେ. କେ. ଗର୍ଗ ଉପସ୍ଥିତ ଥିଲେ।

## ସୁଧୁରୁନି ସମସ୍ୟା, ଲୋକେ ହଇରାଣ

**ଟାଙ୍ଗୀ,୧୮।୪(ରଘୁନାଥ ସାହୁ)**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଟାଙ୍ଗୀ ବ୍ଲକ ଏକ ପ୍ରମୁଖ ସ୍ଥାନ। କିନ୍ତୁ ବିଭିନ୍ନ ସମସ୍ୟା ବଳୟ ମଧ୍ୟରେ ଟାଙ୍ଗୀ ବ୍ଲକ ସଦର ମହକୁମା ରହିଛି। ପୂର୍ବ ସରକାର ସମୟରେ ଯାହା ସମସ୍ୟା ଥିଲା ଏବେ ନୂତନ ସରକାର ଆସିବାର ୧୦ ମାସ ମଧ୍ୟରେ ତାହା ସମାଧାନ ହୋଇପାରିନାହିଁ। ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠରେ ୩ ବର୍ଷ ଧରି ପ୍ରଧାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ବାଳିକା ଉଚ୍ଚ ବିଦ୍ୟାଳୟରେ ୧୧ ଶିକ୍ଷକ ପଦ ମଧ୍ୟରୁ ପ୍ରଧାନ ଶିକ୍ଷକଙ୍କ ସହ ୭ ଶିକ୍ଷକ ପଦବୀ ଖାଲିପଡ଼ିଛି। ବ୍ଲକ ସଦର ମହକୁମାରେ ଥିବା ଦୁର୍ଗାଚରଣ ଚିଲିକା କଲେଜରେ ଯୁକ୍ତ୩ ବିଜ୍ଞାନ ଶ୍ରେଣୀ ଖୋଲାଯାଇପାରିନାହିଁ। ଫଳରେ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ନାଚୁଣୀ ଏବଂ ନିରାକାରପୁର କଲେଜ ଯିବାକୁ ପଡୁଛି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେବ ସୁପରିଣ୍ଟେଣ୍ଡେଣ୍ଟ ଏବଂ ପବ୍ଲିକ ହେଲ୍‌ଥ ଅଫିସର ପଦବୀ ଖାଲିପଡ଼ିଛି। ସେହିପରି ଚାଷଜମିକୁ ଜଳସେଚନ ବ୍ୟବସ୍ଥା ଏପର୍ଯ୍ୟନ୍ତ ଠିକ୍ ଭାବେ

**ଟାଙ୍ଗୀ ବ୍ଲକ ସଦରମହକୁମା**

ହୋଇପାରିନାହିଁ। ଅନ୍ୟପଟେ ମଙ୍ଗଳଜିତ୍ ଡ୍ୟାମ୍‌ର ପୁନରୁଦ୍ଧାର ହୋଇପାରିନାହିଁ। ବ୍ଲକ ସଦର ମହକୁମାରେ ପାନୀୟଜଳର ଅଭାବ ରହିଛି। କେତେକ ଗ୍ରାମରେ ଠିକ୍‌ଭାବେ ପାଇପ୍ ପାଣି ପାଉଥିବା ବେଳେ ଆଉ କେତେକ ଗ୍ରାମର ଲୋକେ ପାଇପ୍ ପାଣି ପାଇବାରୁ ବଞ୍ଚିତ ଅଛନ୍ତି।

ସେହିପରି ବ୍ଲକ ସଦର ମହକୁମାରେ ଯେକୌଣସି ବୈଠକଟିଏ କରିବା ପାଇଁ ଏକ ସମ୍ମିଳନୀ ଗୃହ ନିର୍ମାଣ ହୋଇପାରିନାହିଁ। ସାଧାରଣ ସଭା କିମ୍ବା ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ଖୋଲାସ୍ଥାନର ଅଭାବ ରହିଛି। ଦୁର୍ଗାଚରଣ ଚିଲିକା କଲେଜ ନିକଟସ୍ଥ ରାସ୍ତାପାର୍ଶ୍ୱରେ ଥିବା ଖାଲିସ୍ଥାନକୁ ସଭାସମିତି କରିବା ପାଇଁ ଅନୁମତି, ସଦର ମହକୁମାରେ ଆମୋଦପ୍ରମୋଦ ପାଇଁ ଏକ ପାର୍କ ସହ ପ୍ରାତଃଭ୍ରମଣ ନିମନ୍ତେ ପାଦଚଲା ରାସ୍ତାର ଆବଶ୍ୟକତା ରହିଛି। ଏପରି ବିଭିନ୍ନ ସମସ୍ୟା ସମ୍ପର୍କରେ ଖୋର୍ଦ୍ଧା ବିଧାୟକ, ଭୁବନେଶ୍ୱର ଏମ୍‌ପି, ଜିଲା ପ୍ରଶାସନ ଦୃଷ୍ଟିଦେଇ ସମାଧାନ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି ଜଣାଇଛନ୍ତି।

## ଆଗାମୀ ପିଢ଼ି ପାଇଁ ଐତିହ୍ୟ ସଂରକ୍ଷଣ ଜରୁରୀ

**ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାର ଐତିହ୍ୟ ଗଡ଼ଖୋର୍ଦ୍ଧା(ଦୁର୍ଗ) ବିଲୁପ୍ତ ଅବସ୍ଥାରେ ରହିଛି। ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ହୋଇ ରହିଥିବା ବରୁଣେଇ ପାହାଡ଼ ଅସ୍ତିତ୍ୱ ହରାଇବାକୁ ବସିଛି। ବରୁଣେଇ ପାହାଡ଼ରେ ବୌଦ୍ଧ କୀର୍ତ୍ତିରାଜୀ, ଶିଳାଲେଖ ଏହାର ଐତହାସିକତା ପ୍ରମାଣ ଦିଏ। ତେବେ ଏହାର ସଂରକ୍ଷଣ ଜରୁରୀ। ଖୋର୍ଦ୍ଧା ଜିଲାରେ ଦୁର୍ଗ, ଗଡ଼, ମଠ, ମନ୍ଦିର ଆଦି ପ୍ରାଚୀନ କୀର୍ତ୍ତି ଥିଲେ ମଧ୍ୟ ଜନସଚେନତା ଅଭାବ ଓ ପ୍ରଶାସନିକ ଅବହେଳାରୁ ସେଗୁଡ଼ିକ କ୍ରମଶଃ କ୍ଷୟ ହେବାରେ ଲାଗିଛି। ଖ୍ରୀ.ପୂ.ପଞ୍ଚମ ଶତାବ୍ଦୀର ଶିଶୁପାଳଗଡ଼, ଷଷ୍ଠ ଶତାବ୍ଦୀର ଶୈଳୋଦ୍ଭବ ରାଜନ୍ୟଙ୍କ ବଙ୍କାଡ଼ ଦୁର୍ଗ, ଦ୍ୱାଦଶ ଶତାବ୍ଦୀର ଚନ୍ଦକା ଅରଣ୍ୟରେ ଥିବା ଗଙ୍ଗ ରାଜତ୍ୱର ବୁଆଳୀ ଦୁର୍ଗ ଓ ଷୋଡ଼ଶ ଶତାବ୍ଦୀର ଖୋର୍ଦ୍ଧା ଦୁର୍ଗ ସହିତ ବିଭିନ୍ନ ଗ୍ରାମର ୭୧ଟି ଗଡ଼ ମାଟିରେ ମିଶିଗଲାଣି। ବାଣପୁରର ଦକ୍ଷ ପ୍ରଜାପତି ମନ୍ଦିର, ଟାଙ୍ଗୀର ଚଣ୍ଡେଶ୍ୱର ମନ୍ଦିର, ହାଡ଼ପଦାର ଦକ୍ଷିଣଚଣ୍ଡୀ ମନ୍ଦିର, ବୁଢ଼ାପଡ଼ା ସୋମନାଥ ମନ୍ଦିର, କାକୁଡ଼ିଆର ଗୋପୀନାଥ ମନ୍ଦିର, ରଥିପୁର ଓ କନ୍ତଳବାଇର ଗୋପାଳ ମନ୍ଦିର, ଗଡ଼ ଖୋର୍ଦ୍ଧାର ମଠ ଓ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ବରୁଣେଇ ପାଣ୍ଡବଘରା ଗୁମ୍ଫାରେ ପ୍ରାୟ ଦୁଇ ହଜାର ବର୍ଷର ପ୍ରତ୍ନ ଓଡ଼ିଆ ଲିପି, ବଙ୍କାଡ଼ଗଡ଼ର ଶିଳାଲେଖ, ଭୋଗପୁର ପାହାଡ଼ ଶୀର୍ଷସ୍ଥ ଗୁମ୍ଫାର ଲିପି, ବେଗୁନିଆ ସନ୍ନିକଟ କୁଶପଲ୍ଲାଗଡ଼ ସନ୍ନିକଟ କୂପରେ ସ୍ଥାନିତ ଶିଳାଲେଖଗୁଡ଼ିକର ପୁନରୁଦ୍ଧାର ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପଦକ୍ଷେପ ନିଅନ୍ତୁ ବୋଲି ବିଶ୍ୱ ଐତିହ୍ୟ ଦିବସ ଅବସରରେ ଶୁକ୍ରବାର ଖୋର୍ଦ୍ଧାର ସାମାଜିକ ଅନୁଷ୍ଠାନ ଜାଗୃତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଛନ୍ତି। ଜାଗୃତି ସଭାପତି ଦିଲୀପ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଞ୍ଜିତ କେଏନ୍ ସାମନ୍ତରାୟ, ଜିତେନ୍ଦ୍ର ବେହେରା, ନିବାସ ମହାରଣା, ଅବ୍ୟକ୍ତ ହରିହର ଖାଡଙ୍ଗା, ପ୍ରଭାତ ରାଉତରାୟ, ମୀନକେତନ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖୋର୍ଦ୍ଧାର ଐତିହ୍ୟ କୀର୍ତ୍ତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖୋର୍ଦ୍ଧାର ଧ୍ୱଂସାଭିମୁଖୀ ପ୍ରାଚୀନ କୀର୍ତ୍ତିର ପୁନରୁଦ୍ଧାର ପାଇଁ ଦାବି ହୋଇଥିଲା। ଭାବଗତ ଠୁଙ୍ଗି ଗାଦିରେ ଥିବା ତାଳପତ୍ର ପୋଥି ସଂରକ୍ଷଣ ପାଇଁ ସଚେତନତା ଜରୁରୀ । ଐତିହ୍ୟ ସଂରକ୍ଷିତ ରହିଲେ, ଆଗାମୀ ପିଢ଼ିକୁ ନୂତନ ଦିଶା ପ୍ରଦାନ କରିବ। ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧା, ଗଡମାଣିତ୍ରୀ ଏବଂ ନଇରୀ, କାଙ୍କଣଶିଖରୀ ସମେତ ପ୍ରାଚୀନ କୀର୍ତ୍ତିରାଜୀ ସୁରକ୍ଷା ପାଇଁ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି ବୋଲି ସଭାପତିତ୍ୱ ଭାଷଣରେ ପଟ୍ଟନାୟକ କହିଛନ୍ତି।

## ବେଗୁନିଆ ଜୋନ ଉତ୍କଳ ମହିଳା ସଂଘର ସାଧାରଣ ସମ୍ପାଦିକାଙ୍କ ପରଲୋକ

**ବେଗୁନିଆ,୧୮।୪(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ଥାନା ଅନ୍ତର୍ଗତ ଠଣାପଲୀ ଗ୍ରାମର କୁମୁଦିନୀ ମହାପାତ୍ର(୩୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ବେଗୁନିଆ ଜୋନ ଉତ୍କଳ ମହିଳା ସଂଘର ସାଧାରଣ ସମ୍ପାଦିକା ଭାବେ କାର୍ଯ୍ୟ କରିବା ସହ ଦକ୍ଷ ସାଙ୍ଗଠନିକ ନେତୃତ୍ୱ ନେଇ ମହିଳାମାନଙ୍କ ନ୍ୟାଯ୍ୟ ଦାବି ଉପରେ ବିଭିନ୍ନ ସମୟରେ ଆନ୍ଦୋଳନ କରିଆସୁଥିଲେ। ତାଙ୍କ ମୃତ୍ୟୁରେ ରାଜ୍ୟ ଉତ୍କଳ ମହିଳା ସଂଘର ସଭାପତି ପ୍ରମୋଦିନୀ ପାଇକରାୟ, ରୀତା ମହାପାତ୍ର, ରିନା ସେଠୀ, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ


ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

**ଜଟଣୀ,୧୮।୪(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀରେ ଭାଜପାର ବିଧାନସଭାସ୍ତରୀୟ ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ମ୍ୟୁନିସିପାଲିଟି ଛକସ୍ଥିତ ସରାଫ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ଭାଜପା ପୂର୍ବତନ ସଭାପତି ନିକୁଞ୍ଜ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଏବଂ ସଙ୍ଗଠନକୁ କିପରି ନିର୍ବାଚନମଣ୍ଡଳୀରେ ମଜଭୁତ କରାଯାଇପାରିବ ସେନେଇ କହିଥିଲେ। ଏହିସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ନଗର ମଣ୍ଡଳ ସଭାପତି ତିରୁପତି ଶତପଥୀ, ରଶ୍ମିମୟୀ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ, ସତୀଶ ଶର୍ମା, ପ୍ରଦୀପ ଜେନା, ଲିଟୁ ରାଉତରାୟ, ପ୍ରଶାନ୍ତ ବେହେରାଙ୍କ ସମେତ ବହୁ ସକ୍ରିୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ଅଞ୍ଚଳର ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉଛି: ଉପାସନା

**କୃଷ୍ଣପ୍ରସାଦ,୧୮।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)**



ଆଗାମୀ ଦିନରେ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ରୂପରେଖ ସମ୍ପର୍କରେ ଆଲୋଚନା କରିଛନ୍ତି ବିଧାୟିକା ଉପାସନା ମହାପାତ୍ର। କୃଷ୍ଣପ୍ରସାଦ ଅଞ୍ଚଳବାସୀଙ୍କ ସହ ଭୁବନେଶ୍ୱରସ୍ଥିତ ବାସଭବନରେ ଆଲୋଚନା ବେଳେ ବ୍ଲକ ଅଞ୍ଚଳର ସାମଗ୍ରିକ ବିକାଶ ପ୍ରତି ସେ ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି ବୋଲି ବିଧାୟିକା ମହାପାତ୍ର କହିଛନ୍ତି। ସାତପଡ଼ା-ଜହ୍ନିକୁଦା ଚିଲିକା ଉପରେ ସେତୁ ନିର୍ମାଣ, କୃଷ୍ଣପ୍ରସାଦ ବ୍ଲକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଗୁଡ଼ିକର ଉନ୍ନତୀକରଣ, ପାନୀୟଜଳ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ନିମନ୍ତେ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଧାୟିକା କହିଛନ୍ତି। ଉତ୍ତମ ତରେଇ, ହରିହର ଦାଶ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ ସେଠୀ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ସିଆଣ୍ଡି ପଞ୍ଚାୟତ ସମିତିସଭ୍ୟ ଲଳିତ ତରେଇ, ଅଭିମନ୍ୟୁ ଦଳେଇ, ବାଲୁଙ୍କି ଦାସ, ବାବୁଜି ପ୍ରଧାନ, ଅଭୟ ଦଳେଇ, ପ୍ରଦୀପ ଜେନା, ଭିକାରୀ ଚରଣ ବିଶ୍ୱାଳ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇ ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ।

## ବିଦ୍ୟାଳୟ ଭିତ୍ତିଭୂମି ବିକାଶ, ଶିକ୍ଷକ ନିଯୁକ୍ତି କରାଯାଉ

**ଖୋର୍ଦ୍ଧା,୧୮।୪(ପ୍ରଭାତ ପାଣିଗ୍ରାହୀ)**


ବୈଠକରେ ଯୋଗଦେଇଥିବା ଏୟୁପିଟିଏଫ୍ କର୍ମକର୍ତ୍ତା ଏବଂ ଅନ୍ୟମାନେ।

ବିଦ୍ୟାଳୟ ଗୁଡ଼ିକରେ ଶୈକ୍ଷିକ ପରିବେଶର ସାମଗ୍ରୀକ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ୱଷ୍ଟ ନାହିଁ। ଭିତ୍ତିଭୂମି ନ ସଜାଡ଼ି ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଛି। ଶିକ୍ଷକଙ୍କ ଅଭାବ ଦୂର ପାଇଁ ଆନ୍ତରିକତା ନ ଥିବା ବେଳେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ଖୋଲାଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଣ ଶିକ୍ଷା କାର୍ଯ୍ୟରେ ନିୟୋଜିତ ଯୋଗୁ ଶିକ୍ଷକ ସମାଜ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ସେହିପରି ଆବଶ୍ୟକ ଭିତ୍ତିଭୂମି ନ ଥାଇ ବିଦ୍ୟାଳୟସ୍ତରରେ ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ (ୟୁଏସ୍) ଲାଗୁ ନିଷ୍ପତ୍ତିକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ (ଏୟୁପିଟିଏଫ୍) ବିରୋଧ କରିଛି। ଅଧିକାଂଶ ବିଦ୍ୟାଳୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ପାଇଁ ଆବଶ୍ୟକ ସୁବିଧା ନାହିଁ । ରାଜ୍ୟ ସରକାର ୟୁନିଫାଏଡ୍ ଅଟୋମେସନ୍ ସିଷ୍ଟମ୍ ପାଇଁ ମୋବାଇଲ କିମ୍ବା ଇଣ୍ଟରନେଟ ସୁବିଧା ଯୋଗାଇ ଦେଇନାହାନ୍ତି। ଉପାନ୍ତ ଅଞ୍ଚଳରେ ମୋବାଇଲ ନେଟୱାର୍କ ନ ଥିବାରୁ ଏହାକୁ କାର୍ଯ୍ୟକାରିତା ଦିଗରେ ଆଶଙ୍କା ରହିଛି। ସେହିପରି ବିଦ୍ୟାଳୟଗୁଡ଼ିକରେ ଆବଶ୍ୟକଠାରୁ କମ୍ ଶିକ୍ଷକ ରହିଛନ୍ତି। ଦୁଇ ବର୍ଷ ଧରି ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇନାହିଁ। ୟୁଏସ୍ ମାଧ୍ୟମରେ ଉପସ୍ଥାନ ନିମନ୍ତେ ସରକାର ଟାବଲେଟ୍ ପ୍ରଦାନ କରନ୍ତୁ। ଶିଶୁ ବାଟିକା ନିମନ୍ତେ

**ୟୁଏସ୍ ପୋର୍ଟାଲ ସିଷ୍ଟମ ଲାଗୁ ନିଷ୍ପତ୍ତିକୁ ବିରୋଧ**

ଶିକ୍ଷୟିତ୍ରୀ ଶିକ୍ଷକ ଓ ଶ୍ରେଣୀଗୃହର ଆବଶ୍ୟକ ରହିଛି। ତେଣୁ ସମସ୍ତ ଭିତ୍ତିଭୂମିକୁ ସୁଦୃଢ଼ କରାଯାଉ ବୋଲି ଏୟୁପିଟିଏଫ୍‌ର ଖୋର୍ଦ୍ଧା ସଭାପତି ଯୁଧିଷ୍ଠିର ସାହୁ, ଜଟଣୀ ବ୍ଲକ ସଭାପତି ଜିତ୍ ରଞ୍ଜନ ମହାପାତ୍ର, ସମ୍ପାଦକ ଅମୀୟ କୁମାର ପରିଡ଼ା, ଜଟଣୀ ବ୍ଲକ ସମ୍ପାଦକ ଆକାଶ କୁମାର ମହାନ୍ତି, ଫୟାଜ୍ ଉଦ୍ଦିନ୍ ଖାଁ, ସତ୍ୟ ରଞ୍ଜନ ମଲ୍ଲିକ, ଦିବ୍ୟସିଂହ ସୁବୁଦ୍ଧି, ରଶ୍ମି ଦାସ, ଜ୍ୟୋତିର୍ମୟୀ ନାୟକ, ପ୍ରତାପ ସ୍ୱାଇଁ, ମାଧବ ଚନ୍ଦ୍ରଣା, ଦୁଃଖିଶ୍ୟାମ ସାହୁ ପ୍ରମୁଖ ଦାବି କରିଛନ୍ତି।





ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ବୈଶାଖୀ ମହୋତ୍ସବର ଶୁକ୍ରବାର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ଦେବଦାସୀ ନୃତ୍ୟ, ସମ୍ବଲପୁରୀ ଏବଂ ଓଡ଼ିଶୀ ନୃତ୍ୟ।

## ୨୧ରୁ ସଚିବାଳୟ ସେବା ସଂଘ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ

ଭୁବନେଶ୍ୱର,୧୮।୪(ରବିନାରାୟଣ ଜେନା)

ଓଡ଼ିଶା ସଚିବାଳୟ ସେବା ସଂଘ(ଓସା)ର ନିର୍ବାଚନ ପାଇଁ ଆସନ୍ତା ୨୧ ତାରିଖରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ଏହି ପ୍ରକ୍ରିୟା ତିନିଦିନ ଧରି ଚାଲିବ ବୋଲି ସଂଘର ପୂର୍ବତନ ସାଧାରଣ ସମ୍ପାଦକ ତଥା ଚଳିତଥର ସଭାପତି ପ୍ରାର୍ଥୀ ବିବେକାନନ୍ଦ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୯ଟି ପଦ ଲାଗି ନିର୍ବାଚନ ହେବ। ଗୋଟିଏ ସଭାପତି, ଦୁଇଟି ଉପସଭାପତି, ଜଣେ ସାଧାରଣ ସମ୍ପାଦକ, ୪ ସମ୍ପାଦକ ଓ ଜଣେ ସମୀକ୍ଷକ ରହିଛନ୍ତି। ୨୩ ତାରିଖରେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସରିବା ପରେ ୨୪ରେ ଯାଞ୍ଚ ଏବଂ ୨୫ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ମେ' ୭ ପୂର୍ବାହ୍ନ ସାଢ଼େ ୮ଟାରୁ ଅପରାହ୍ନ ୪ଟା ଯାଏ ମତଦାନ କରାଯିବ। ସନ୍ଧ୍ୟା ସାଢ଼େ ୬ଟାରେ ଭୋଟ ଗଣାଯାଇ ଫଳାଫଳ ଘୋଷଣା ହେବ। ନିର୍ବାଚନକୁ ଶୃଙ୍ଖଳିତ କରାଯିବାକୁ ମୁଖ୍ୟ ନିର୍ବାଚନ କମିଶନର ଏମ୍.କେ. ପଟ୍ଟନାୟକ ଓ କମିଶନର ବି.କେ. ସାହୁ ଓ ଏସ୍.ପି. ଯତି ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଥିଲେ।

# ଭାବମୟ ପରିବେଶ ସୃଷ୍ଟିକଲା ମଧୁରାଷ୍ଟକମ୍ ନୃତ୍ୟ



ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ଚିନ୍ତା ଓ ଚେତନାର ୪୮ତମ ବୈଶାଖୀ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୮।୪ (ସୌମ୍ୟରଞ୍ଜନ ରାଉତ)

ଚିନ୍ତା ଓ ଚେତନା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୪୮ ତମ ବୈଶାଖୀ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ମହାପ୍ରଭୁ ଜଗନ୍ନାଥଙ୍କ ପହଣ୍ଡି ବିଜେ ନିଆରା ଚିତ୍ତାକର୍ଷକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ମଞ୍ଚରେ ଦେବଦାସୀ ନୃତ୍ୟ ସହ ଆଙ୍ଗିକ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଗୁରୁ ଶ୍ରାବଣୀ ମିଶ୍ର ଓ ଅନୁଷ୍ଠାନର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ମଧୁରାଷ୍ଟକମ୍ ନୃତ୍ୟ ଭାବମୟ ପରିବେଶ ସୃଷ୍ଟି କରିଥିଲା। ଏପଟେ ଘଣ୍ଟା, ଝାଞ୍ଜ, ଖୋଳ, ମର୍ଦ୍ଦଳର ତାଳେ ତାଳେ ପହଣ୍ଡି ବିଜେ କରି ମହାପ୍ରଭୁଙ୍କୁ ମଞ୍ଚକୁ ପ୍ରବେଶ କରାଯାଇଥିଲା। ପ୍ରଭୁଙ୍କ ଆଗେ ଆଗେ ଦେବଦାସୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ପାରମ୍ପରିକ ସମ୍ବଲପୁରୀ ନୃତ୍ୟ, କଣ୍ଢେଇ ନାଚ, କୁଚୁପୁଡ଼ି ବେଶ୍ ଆକର୍ଷଣୀୟ ଥିଲା। ଏହାପରେ ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ କଳାହାଣ୍ଡି ପକ୍ଷରୁ ଢାପ୍ ନୃତ୍ୟ ଗୁରୁ ଅକ୍ଷୟ ଦାସଙ୍କ ସହ ଅୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ସେହିପରି ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ଗଞ୍ଜାମ ପକ୍ଷରୁ ଗୁରୁ ଆଲୋକ ବିଶୋଇ ଓ ଅନୁଷ୍ଠାନର କଳାକାରଙ୍କ ପକ୍ଷରୁ କଣ୍ଢେଇ ନୃତ୍ୟ ମାଧ୍ୟମରେ ମୋବାଇଲ ସଚେତନତା କରାଯାଇଥିଲା । ଅତିଥି ଭାବରେ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ସଙ୍ଗୀତ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ପାଲିତ୍, ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଅନୁଷ୍ଠାନର ସଭାପତି ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ରାଷ୍ଟ୍ରୀୟ ମହାସଚିବ ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କଲୋନେଲ ଶିବରାମ ଶତପଥୀଙ୍କ ସମ୍ପାଦନାରେ ରାଜା କୃଷ୍ଣସିଂହଙ୍କ ପ୍ରଣୀତ ମହାଭାରତର ୩ଖଣ୍ଡ ପୁସ୍ତକ ଲୋକାର୍ପଣ ହୋଇଥିଲା। ଅନୁଷ୍ଠାନର ରାଷ୍ଟ୍ରୀୟ ମହାସଚିବ ସୁରେନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତିର ଆଚାର୍ଯ୍ୟ କାର୍ଯ୍ୟଶାଳା



କାର୍ଯ୍ୟଶାଳା ଉଦ୍‌ଘାଟନ ଅବସରରେ ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ସବିତାଞ୍ଜଳି ନାୟକଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୮।୪(ସୁଚିସ୍ମିତା ସାହୁ)

ବ୍ରହ୍ମପୁର ନୀଳକଣ୍ଠନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗଞ୍ଜାମ, ଗଜପତି ଓ ଫୁଲବାଣୀ ବିଭାଗର ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କୁ ନେଇ ଗୁରୁବାର ଦକ୍ଷିଣପୂର୍ବ ସମ୍ଭାଗସ୍ତରୀୟ ମାଧ୍ୟମିକ ବିଭାଗର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଦୁର୍ନୀତି ନିବାରଣ ବିଭାଗର ଡିଏସ୍‌ପି ସବିତାଞ୍ଜଳି ନାୟକ ଯୋଗଦେଇ ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଟ୍ରେନିଂ କ୍ୟାମ୍ପର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାମନ୍ଦିର ବିଭାଗର ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିକାଶ ସମିତି ଓଡ଼ିଶାର ଦକ୍ଷିଣପୂର୍ବ ସମ୍ଭାଗ ସମ୍ପାଦକ ଦୀପକ ମହାରଣା କାର୍ଯ୍ୟଶାଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିଭାଗ କାର୍ଯ୍ୟବାହ ମନୋଜ ଚୌଧୁରୀ ସମାଜରେ ଶତାବ୍ଦୀର ପଞ୍ଚ ପରିବର୍ତ୍ତନ ଯଥା ସାମାଜିକ ସମରସତା, କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ, ସ୍ୱବୋଧ ଓ ନାଗରିକର କର୍ତ୍ତବ୍ୟ ଉପରେ କହିଥିଲେ। ପରିଚାଳନା ସମିତି ଅଧ୍ୟକ୍ଷ ଜୀବାନନ୍ଦ ତ୍ରିପାଠୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଫୁଲବାଣୀ ବିଭାଗର ନିରୀକ୍ଷକ ପଦ୍ମନାଭ ସାମଲ ସାମୂହିକ ପରିଚୟ ଓ ଗଟ ବିଭାଜନ କରିଥିଲେ। ଗଞ୍ଜାମ ବିଭାଗର ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତ ପରୀକ୍ଷା ପ୍ରମୁଖ ମନୋଜ ଦାଶ, ବିଦ୍ୟାଳୟର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ, ହରେକୃଷ୍ଣ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଇଂ. ମମତା କୁମାରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ଚାଷୀ ମୃତ : ବାପା,ଭାଇ ଗୁରୁତର

ସାକ୍ଷୀଗୋପାଳ/ବଳଙ୍ଗା, ୧୮।୪ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ୍/ ଭରତ ରାଉତ/କେଦାରେଶ୍ୱର ନନ୍ଦ)

ପୁରୀ ଜିଲା ସତ୍ୟବାଦୀ ବ୍ଲକ କେତକୀପାଟଣା ପଞ୍ଚାୟତର ପଦ୍ମପୁର ଗ୍ରାମରେ ବଜ୍ରପାତ ଘଟି ଜଣେ ଚାଷୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ କାଶୀନାଥ ବାରିକ୍‌ଙ୍କ ମଝିଆ ପୁଅ ଦୀପ୍ତିରଞ୍ଜନ ବାରିକ (୩୬)। ବଜ୍ରପାତରେ କାଶୀନାଥ ଓ ତାଙ୍କ ସାନପୁଅ ସୌମ୍ୟରଞ୍ଜନ ଗୁରୁତର ହୋଇଛନ୍ତି। ସକାଳୁ ୩ ଜଣ ମୁଗକ୍ଷେତକୁ ମୁଗ ଅମଳ ପାଇଁ ଯାଇଥିବାବେଳେ କଳାହାଣ୍ଡିଆ ମେଘ, ପ୍ରଚଣ୍ଡ ବିଜୁଳି, ଘଡ଼ଘଡ଼ି ସହ ଅଚାନକ ବର୍ଷା ଆରମ୍ଭ ହୋଇଯାଇଥିଲା। ଏହି ସମୟରେ ବଜ୍ରପାତହେବାରୁ ସମସ୍ତେ ଅଚେତ ହୋଇପଡ଼ିଯାଇଥିଲେ। କିଛି ସମୟ ପରେ ଆହତ ଅବସ୍ଥାରେ କାଶୀନାଥ ଓ ସୌମ୍ୟରଞ୍ଜନ କ୍ଷେତରୁ ଉଠିଥିବାବେଳେ ଦୀପ୍ତିରଞ୍ଜନ ସେମିତି ସେଠାରେ ପଡ଼ିରହିଥିଲେ। ଦୁହିଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ଦୀପ୍ତିରଞ୍ଜନଙ୍କୁ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାଶୀନାଥ ନିକଟ ପାଣିଛତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ସୌମ୍ୟରଞ୍ଜନ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ବଳଙ୍ଗା ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଛି।

ସୂଚନାଯୋଗ୍ୟ, କିଛିଦିନ ପୂର୍ବେ କାଶୀନାଥଙ୍କ ବଡ଼ପୁଅଙ୍କର ମୃତ୍ୟୁ ହୋଇଥିଲା। ତେବେ ମୃତ ଦୀପ୍ତିରଞ୍ଜନଙ୍କ ସ୍ତ୍ରୀ, ୨ ଝିଅ ଓ ଜଣେ ପୁଅ ରହିଛନ୍ତି। ଏହି ଘଟଣାର ପ୍ରାଥମିକ ତଦନ୍ତ କରାଯାଇ ସରକାରୀ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ ବୋଲି ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି।

## ରେଳଧାରଣାରୁ ଅଜଣା ମୃତଦେହ ଜବତ

ଭୁବନେଶ୍ୱର, ୧୮।୪(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ମଞ୍ଚେଶ୍ୱର ରେଳଷ୍ଟେଶନର ପ୍ଲାଟ୍‌ଫର୍ମ ନଂ.୪ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ତାଙ୍କ ପରିଚୟ ଓ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଟ୍ରେନ୍ ଧକ୍କା କିମ୍ବା ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ିବାରୁ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ଜିଆର୍‌ପି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି କ୍ୟାପିଟାଲ ହସ୍ପିଟାଲର ବ୍ୟବଚ୍ଛେଦ ଗୃହରେ ରଖିଛି। ଏହାସହ ମୃତ ଯୁବକଙ୍କ ପରିଚୟ ଜାଣିବାକୁ ଉଦ୍ୟମ କରିବା ସହ ଅଧିକ ତଦନ୍ତ ଚଳାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟ



@ ଓମପ୍ରକାଶ



@ ରାଣୀ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀ ଲିଟେରାରି ଫେଷ୍ଟିଭାଲ ଉଦ୍‌ଘାଟିତ




ଉତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଏବଂ ଅନ୍ୟ ଅତିଥିବୃନ୍ଦ।

### ସାଂସ୍କୃତିକ ଐତିହ୍ୟ ଓ ପ୍ରଗତିଶୀଳ ଆକାଂକ୍ଷାର ଏକ ଉତ୍ସବ: ରାଜ୍ୟପାଳ

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

ପୁରୀ ହେଉଛି ଭାରତର କାଳଜୟୀ ଆଧ୍ୟାତ୍ମିକ ଓ କଳାତ୍ମକ ପରମ୍ପରାର ଏକ ଜୀବନ୍ତ ପ୍ରତୀକ। ସେହିପରି ପୁରୀ ଲିଟେରାରି ଫେଷ୍ଟିଭାଲ ହେଉଛି ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ଏହାର ପ୍ରଗତିଶୀଳ ଆକାଂକ୍ଷାର ଏକ ଅନନ୍ୟ ଉତ୍ସବ। ଏହା ପରମ୍ପରା ଓ ଆଧୁନିକତାର କେବଳ ସହ-ଅସ୍ତିତ୍ୱ ନୁହେଁ, ବରଂ କିପରି ଏକତ୍ର ପ୍ରଗତି କରିପାରିବ ସେ ବିଷୟରେ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏକ ଉପଯୁକ୍ତ ମଞ୍ଚ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଏକ ହୋଟେଲରେ ଅଧ୍ୟୟନ ଫାଉଣ୍ଡେଶନ ଫର୍ ପଲିସି ଆଣ୍ଡ ରିସର୍ଚ୍ଚ, ଓଡ଼ିଶା ସରକାର, ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ୩ ଦିନିଆ ପୁରୀ ଲିଟେରାରି ଫେଷ୍ଟିଭାଲକୁ ଶୁକ୍ରବାର ରାଜ୍ୟପାଳ କମ୍ଭମ୍‌ପାଟି ଉଦ୍‌ଘାଟନ କରି ଏହା ପ୍ରକାଶ କରିଛନ୍ତି।

ଏକ ସମୟରେ ଯେତେବେଳେ ପ୍ରଯୁକ୍ତିବିଦ୍ୟା ପ୍ରଗତି ଏବଂ ବିଶ୍ୱସ୍ତରୀୟ ପ୍ରଭାବ ଜନଚେତନାକୁ ପ୍ରାଧାନ୍ୟ ପ୍ରଦାନକରେ ଏହା ମନେରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ସାଂସ୍କୃତିକ ଭିତ୍ତିଭୂମି ଦାୟିତ୍ୱପୂର୍ଣ୍ଣ ପ୍ରଗତି ପାଇଁ ଆବଶ୍ୟକ ଦିଗ୍‌ଦର୍ଶନ ପ୍ରଦାନ କରେ। ଏକ ଜାତି ତା'ର ଅତୀତକୁ ପ୍ରତ୍ୟାଖ୍ୟାନକରି ଅଭିବୃଦ୍ଧି ପାଏ ନାହିଁ ବରଂ ଐତିହ୍ୟକୁ ସମସାମୟିକ ବର୍ଣ୍ଣନାରେ ବୁଣି ବିକାଶ ପାଏ। ଏଠାରେ ଲେଖକ, ଚିନ୍ତକ, ସ୍ଥପତି, କଳାକାର ଏବଂ ଯୁବପିଢ଼ିଙ୍କ ଉପସ୍ଥିତି ଏହି ଅନ୍ତର୍ଭୁକ୍ତିର ପ୍ରମାଣ ବୋଲି ରାଜ୍ୟପାଳ କହିବା ସହ ଆମର ଐତିହ୍ୟ ଆଗକୁ ଆଗେଇନେବାକୁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଯୋଗଦେଇ କହିଥିଲେ, ଶବ୍ଦ ହିଁ ବ୍ରହ୍ମ ଓ ବ୍ରହ୍ମ ହିଁ ଶବ୍ଦ। ଏହି ସାହିତ୍ୟ ମହୋତ୍ସବରେ ଉଚ୍ଚାରିତ ପ୍ରତିଟି ଶବ୍ଦ ସାହିତ୍ୟ ଓ ସଂସ୍କୃତିକୁ ବୁଦ୍ଧିମନ୍ତ କରିବ। ଉତ୍ସବରେ ପୁରୀ ଲିଟେରାରି ଫେଷ୍ଟିଭାଲର ଅଧ୍ୟକ୍ଷ ଓମ୍‌ପ୍ରିୟଦର୍ଶୀ ଛୋଟରାୟ ସଭାପତିତ୍ୱ କରିଥିବାବେଳେ ଅନ୍ୟତମ ଅଧ୍ୟକ୍ଷ ଶିବମ୍ ରଘୁବଂଶୀ ଉପସ୍ଥିତ ଥିଲେ। ସଦସ୍ୟ ସୌମେନ୍ଦ୍ର ଦାସ ଓ ପ୍ରଫେସର ସସ୍ମିତା ବନ୍ଦରନାୟକ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶଶାଙ୍କ ଶେଖର ସିଂ ଧନ୍ୟବାଦ ଦେଇଥିଲେ।

# ଲୋକତନ୍ତ୍ରର ସୁରକ୍ଷା କରେ କଳା: ତସ୍‌ଲିମା

ପୁରୀ,୧୮।୪(ଅଜିତ୍ କୁମାର ମହାନ୍ତି)

କଳା ଲୋକତନ୍ତ୍ରର ସୁରକ୍ଷା କରେ, ମତାମତ ପ୍ରକାଶର ସ୍ୱାଧୀନତାକୁ ଉନ୍ନତ କରେ ଏବଂ ଧର୍ମନିରପେକ୍ଷ ଓ ନାସ୍ତିକ ସ୍ୱରକୁ ଜୋର୍ ଦେଇଥାଏ ବୋଲି ବିଶିଷ୍ଟ ଲେଖିକା ତସ୍‌ଲିମା ନାସ୍‌ରିନ୍ କହିଛନ୍ତି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅଧ୍ୟୟନ ଫାଉଣ୍ଡେଶନ ଫର୍ ପଲିସି ଆଣ୍ଡ ରିସର୍ଚ୍ଚ, ଓଡ଼ିଶା ସରକାର, ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁରୀ ଲିଟେରାରି ଫେଷ୍ଟିଭାଲ୍‌ରେ 'ଘୃଣାପୂର୍ଣ୍ଣ ସମୟରେ କଳା' ଶୀର୍ଷକ ଆଲୋଚନାଚକ୍ରରେ ତସ୍‌ଲିମା ଯୋଗଦେଇ ଏହା କହିବା ସହ ଗ୍ରନ୍ଥ ସାହିତ୍ୟ କିପରି ଅନ୍ଧକାର ସମୟରେ ସାହସ, ସମବେଦନା ଓ ଚିନ୍ତା-ମନନକୁ ପ୍ରେରିତ କରେ, ତାହାକୁ ଉଦ୍ଭାସିତ କରିଥିଲେ। ଉତ୍ସବରେ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ବିଶେଷ ଆଲୋଚନା ହୋଇଥିଲା। ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ବିକ୍ରାନ୍ତ ଖଣ୍ଡେଲୱାଲ ଯୋଗଦେଇ 'ଶତାବ୍ଦୀରେ ସ୍ୱୟଂସେବକ ସଂଘ' ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ। ସେହିପରି ମାଳିନୀ ଅୱସ୍ଥୀ, ଶେଫାଳି ବୈଦ୍ୟ, ସାଇସ୍ୱରୂପା ଆୟାର, କୋରାଲ ଦାସଗୁପ୍ତା, ଜାନ୍‌ଭି ସିଂ ଏବଂ ମନୋଜ୍ଞ ତିୱାରୀ 'ନାରୀର ସ୍ୱର: ଭାରତୀୟ ସାହିତ୍ୟ ପରମ୍ପରାରେ ନାରୀ' ବିଷୟ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମତ ରଖିଥିଲେ। ଗୌରବ ଶାହା, ଶାନ୍ତନୁ ଗୁପ୍ତା, ଡ. ପ୍ରହ୍ଲାଦନ କେ.କେ, ନରେଶ ସିଜାପାଥି, ତୁଷାର ଜୁୱେକର ଏବଂ ଧନଞ୍ଜୟ ସିଂ ପ୍ରମୁଖଙ୍କ ମଧ୍ୟରେ 'ଚେଞ୍ଜମେକର୍ସ ଅନ୍‌ପ୍ଲଗ୍‌ଡ: 'ସାମାଜିକ ଉଦ୍ୟୋଗିତା କାହାଣୀ' ବିଷୟରେ ନବସୃଜନ ଏବଂ ପ୍ରଭାବୀ ପ୍ରେରଣାଦାୟକ କାହାଣୀ ଉପରେ ବିଶେଷ ଆଲୋଚନା ହୋଇଥିଲା।




ଆଲୋଚନାଚକ୍ରରେ ଦୀପ୍ ହାଲ୍‌ଦାରଙ୍କ ସହ ବିଶିଷ୍ଟ ଲେଖିକା ତସ୍‌ଲିମା ନସ୍‌ରିନ୍।

# କେନ୍ଦୁଝରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ପୋଷାକ ୟୁନିଟ୍

ଭୁବନେଶ୍ୱର,୧୮।୪ (ଅଭୟ ଦାଶ)

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ (ଏମ୍‌ଏନ୍‌ଏସ୍) ଇଣ୍ଡିଆର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଏକ ଅତ୍ୟାଧୁନିକ ପୋଷାକ ୟୁନିଟ୍ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଯାତ୍ରା ଗ୍ରାମରେ ଆରମ୍ଭ ହେବାକୁ ଯାଉଛି। ଏପରିକି କମ୍ପାନୀର କର୍ପୋରେଟ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍ଆର୍) କାର୍ଯ୍ୟକ୍ରମର 'ନିର୍ମାଣ' ପ୍ରକଳ୍ପ ଅଧୀନରେ ଗନ୍ଧମାର୍ଦ୍ଦନ ପୋଷାକ ପ୍ରସ୍ତୁତି କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଅପରପକ୍ଷରେ ଏହି ପୋଷାକ କେନ୍ଦ୍ର ଗନ୍ଧମାର୍ଦ୍ଦନ ପୋଷାକ କୃଷକ ଉତ୍ପାଦନ କମ୍ପାନୀ(ଏଫ୍‌ପିସି)କୁ ଅଧିକ ଜୀବିକା ସୁଯୋଗ ପ୍ରଦାନ କରିବ। ଯେଉଁଥିରେ ୮୦ଟି ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ୪୮୦ରୁ ଅଧିକ ମହିଳା ନିୟୋଜିତ ହୋଇଛନ୍ତି। ଅପରପକ୍ଷରେ ଗ୍ରାମବାସୀ ଓ ଏଫ୍‌ପିସି ପକ୍ଷରୁ ଜମି ଯୋଗାଇ ଦିଆଯାଇଥିବାବେଳେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ବିଲ୍ଡିଂ କମ୍ପ୍ଲେକ୍ସ ନିର୍ମାଣ କରିବ। ଏହି ପରିପ୍ରେକ୍ଷୀରେ ଗନ୍ଧମାର୍ଦ୍ଦନ ପୋଷାକ ପ୍ରସ୍ତୁତି କେନ୍ଦ୍ରର ସଦସ୍ୟମାନେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ତେଲକୋଇ ବିଧାୟକ ଫକୀର ମୋହନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଗ୍ରୀନ୍‌ଫିଲ୍ଡ ପ୍ରୋଜେକ୍ଟସ୍ ଓ ଇସି ଏବଂ ଏଫ୍‌ସି ବିଭାଗ ମୁଖ୍ୟ ଟିଏସ୍ ସାନଭୋଗ,ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଓଡ଼ିଶା ଟିଏସ୍‌ଏଫ୍, ପାଇପ୍ ଲାଇନ୍ ଏବଂ ସାଗାସାହି ପ୍ରକଳ୍ପ ମୁଖ୍ୟ ଶୈଳେନ୍ଦ୍ର ସାହାଙ୍କ ସମେତ କେନ୍ଦୁଝର ଡିଭିଜନାଲ ଫରେଷ୍ଟ ଅଫିସର ଏଚ୍.ଡି. ଧନରାଜ, ବାଂଶପାଳ ବ୍ଲକ୍ ଉନ୍ନୟନ ଅଧିକାରୀ ରାଜା ରଣଜିତ ପ୍ରସାଦ ବଳଙ୍କ ସମେତ ୫୦୦ରୁ ଅଧିକ ମହିଳା ଏସ୍‌ଏଚ୍‌ଜି ସଦସ୍ୟ ଏବଂ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।



ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ପୋଷାକ ୟୁନିଟ୍‌କୁ ବିଧାୟକ ଡ. ଫକୀର ମୋହନ ନାୟକ ଆନୁଷ୍ଠାନିକଭାବେ ଫିତା କାଟି ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଖିମ୍‌ଜୀ ଜୁଏଲର୍ସର 'ଦି ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍'

**ସୁନା ଓ ହୀରା ଅଳଙ୍କାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି**

ଭୁବନେଶ୍ୱର,୧୮।୪

ଖିମ୍‌ଜୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ଯୋଜନା 'ଦି ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସେଲ୍ ଉପରେ ଖିମ୍‌ଜୀ ଆକର୍ଷଣୀୟ ରିହାତି ସୁନା ଓ ହୀରା ଅଳଙ୍କାର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ଏବଂ ହୀରା ଉପରେ ମାଗଣା ବୀମା ପ୍ରଦାନ କରୁଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଏମ୍‌ଡି ମିତେଶ ଖିମ୍‌ଜୀ କହିଛନ୍ତି, ଓଡ଼ିଶା ବଜାରରେ ଆମେ ଯୋଗାଇଦେଉଥିବା ଅଫର ଓ ରିହାତି ସବୁ ବର୍ଗର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ଏପରିକି ଏହା ଆମର ଅନ୍ୟତମ ସର୍ବବୃହତ୍ ସେଲ୍ ହୋଇଥିଲାବେଳେ ଗ୍ରାହକଙ୍କୁ ପୂର୍ଣ୍ଣାଙ୍ଗ ସୁନା ଓ ହୀରା ଅଳଙ୍କାର ବର୍ଗର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୫୦% ରିହାତି ପ୍ରଦାନ କରାଯାଉଛି। ସେହିଭଳି ଏହି ଅକ୍ଷୟ ତୃତୀୟା ପାଳନ କରିବା ସମୟରେ ଆମେ ଆମର ବହୁମୂଲ୍ୟ ଗ୍ରାହକଙ୍କୁ ଏହି ଅନନ୍ୟ ଅଫର ଯୋଗାଇଦେଇ ଖୁସି ଅନୁଭବ କରୁଛୁ। ଏଥିସହ ଆମେ ଆନନ୍ଦର ସହିତ ଜୀବନବ୍ୟାପୀ ବାଏ ବ୍ୟାକ୍ ଗ୍ୟାରେଣ୍ଟି ପ୍ରଦାନ କରୁଛୁ। ଖିମ୍‌ଜୀ ଜୁଏଲର୍ସ ଅତୁଳନୀୟ ଗୁଣବତ୍ତା ଓ ସେବା ଯୋଗାଣ ନିମନ୍ତେ ନିଜର ପ୍ରତିବଦ୍ଧତା ପାଇଁ ସେହି ମହାନ୍ ହୃଦୟଗୁଡ଼ିକରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହା ଓଡ଼ିଶାରେ ଏହାର ସର୍ବାଧିକ ବିଶ୍ୱସନୀୟ ଜୁଏଲର ମାନ୍ୟତାକୁ ସୁଦୃଢ଼ କରିଛି। ସେହିପରି ଗ୍ରାହକମାନେ ଏଥିରେ ସାମିଲହେବା ସହ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିବା ନିମନ୍ତେ ଏହି ଅନନ୍ୟ ଶର୍ଟ ଉତ୍ସବରେ ଯୋଗଦେବାକୁ ଖିମ୍‌ଜୀ ପକ୍ଷରୁ ସମସ୍ତଙ୍କୁ ସାଦର ଆମନ୍ତ୍ରଣ କରାଯାଇଛି। ଏଥିସହ ଖିମ୍‌ଜୀ ଜୁଏଲର୍ସ ତା'ର ବହୁମୂଲ୍ୟ ଗ୍ରାହକଙ୍କ ନିମନ୍ତେ ବହୁବିଧ ଆକର୍ଷଣୀୟ ଫାଇଦା ମଧ୍ୟ ଯୋଗାଇ ଦେଉଛି। ଏହି ସ୍ୱତନ୍ତ୍ର ଅଫର ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ବ୍ରହ୍ମପୁର, କଟକ, ପୁରୀ, ଝାରସୁଗୁଡ଼ା ଏବଂ ରାଉରକେଲା ଭଳି ପ୍ରମୁଖ ସହରର ଷ୍ଟୋରଗୁଡ଼ିକରେ ଉପଲବ୍ଧ।



'ଦି ଗ୍ରାଣ୍ଡ ଅକ୍ଷୟ ତୃତୀୟା ସେଲ୍'ର ଘୋଷଣା ଅବସରରେ ଖିମ୍‌ଜୀ ଜୁଏଲର୍ସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

# ଦୃଢ଼ ଭିତ୍ତିଭୂମିକୁ ଗୁରୁତ୍ୱାରୋପ

ଭୁବନେଶ୍ୱର,୧୮।୪

ରାଜ୍ୟ ପ୍ରମୁଖ ଘରୋଇ ଷ୍ଟାର୍ଟଅପ୍ ତଥା ଫନ୍@ୱର୍କ (Fun@Work)ର ସର୍ବବୃହତ୍ କାର୍ଯ୍ୟସ୍ଥଳୀ ଭୁବନେଶ୍ୱରର ହଂସପାଳସ୍ଥିତ ସିମ୍ଫୋନି ମଲ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍‌ଦୋସ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫନ୍@ୱର୍କର ଏମ୍‌ଡି ସୀମାରେଖା ତାଲୁକଦାର ଏବଂ ପ୍ଲାଟ୍‌ଫର୍ମର କର୍ମଚାରୀ ଉପସ୍ଥିତ ଥିଲେ। ଅପରପକ୍ଷରେ ଆଗକୁ ଦୃଢ଼ ଭିତ୍ତିଭୂମି ଓ ନବିନତା ପ୍ରତି ଗୁରୁତ୍ୱାରୋପ ସହ ଫନ୍@ୱର୍କ କେବଳ ଏକ ନୂଆ ସ୍ଥାନ ଖୋଲୁନାହିଁ, ଏହା ଏକ ନୂଆ ମାନଦଣ୍ଡ ତିଆରି କରୁଛି। ଏପରିକି ବ୍ୟବସାୟୀମାନଙ୍କର କାର୍ଯ୍ୟ ପ୍ରଣାଳୀରେ ଏହି ବିସ୍ତାର ବ୍ରାଣ୍ଡର ସଫଳତା ଓ ତାଙ୍କର ଭବିଷ୍ୟତ ଦୃଷ୍ଟିକୋଣ ପାଇଁ ଏକ ଗଭୀର ସାକ୍ଷ୍ୟ ରହିବ ବୋଲି ତାଲୁକଦାର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏହି ବିସ୍ତାର ସହ ଭୁବନେଶ୍ୱରରେ ମୋଟ କାମ କ୍ଷେତ୍ର ୨୦,୦୦୦ ବର୍ଗଫୁଟ୍ ଠାରୁ ଅଧିକ ହୋଇଯାଇଛି ଓ ବ୍ରାଣ୍ଡ୍ ଏହି ବର୍ଷ ଶେଷ ଭାଗରେ କୋଲକାତା ଓ ଗୁରୁଗ୍ରାମ ଭଳି ଅନ୍ୟ ମେଟ୍ରୋ ସହରରେ ଉପସ୍ଥିତି ବଢ଼ାଇବାର ଯୋଜନା କରୁଛି। ସେହିଭଳି ଗତ ୩ ବର୍ଷ ଧରି କୋ-ୱାର୍କିଂ ଅଭିଜ୍ଞତା ପରେ ଫନ୍@ୱର୍କ ବର୍ତ୍ତମାନ ଏକ ନୂତନ ଅଧ୍ୟାୟ ଆରମ୍ଭ କରୁଛି, ଯାହା ନେଟ୍‌ୱର୍କିଂ ଓ ଉତ୍ପାଦନକୁ ନୂତନ ଉଚ୍ଚତାକୁ ନେଇଯିବାର ସହାୟକ ହେବ। ଏପରିକି ଏହା ଗ୍ରାହକମାନଙ୍କ ପାଇଁ ଭୁବନେଶ୍ୱରର ସବୁଠାରୁ ଆକର୍ଷଣୀୟ କୋ-ୱାର୍କିଂ ଗନ୍ତବ୍ୟସ୍ଥଳ ଭାବେ ପରିଣତ ହେବାକୁ ଯାଉଛୁ। ସେହିପରି ଏଠାରେ ଷ୍ଟାର୍ଟଅପ୍, ଫ୍ରିଲାନ୍ସର୍ ସହ ଏକ ଏଣ୍ଟରପ୍ରାଇଜ୍ ଟିମ୍ ପାଇବେ ,ଯାହାକି ଭଲ ପରିବେଶ,ସହଯୋଗ କ୍ଷେତ୍ର ଓ ଗୋପନୀୟ ମିଟିଂ ରୁମ୍ ସହିତ ଅଫ୍ଟିମାମ୍ ପାର୍କିଂ ସୁବିଧା ମଧ୍ୟ ଉପଲବ୍ଧ ରହିଛି।

# ଲାଲ୍‌ଚନ୍ଦ୍‌ର ଅକ୍ଷୟ ତୃତୀୟା ଅଫର

ଭୁବନେଶ୍ୱର,୧୮।୪

ଲାଲ୍‌ଚନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ ସ୍କିମ୍ 'ଅକ୍ଷୟ ତୃତୀୟା ଅଫର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲ୍‌ମାର୍କ୍ ସୁନା ଅଳଙ୍କାର ଏବଂ ହୀରା ଅଳଙ୍କାର ଉପରେ ଗ୍ରାମ୍ ପ୍ରତି ମେକିଂ ଚାର୍ଜ ଫ୍ଲାଟ୍ ୯୯୯ ଟଙ୍କା ରଖାଯାଇଛି। ଏହା ସହ ନିର୍ଦ୍ଦିଷ୍ଟ ୨୨କ୍ୟାରେଟ୍ ଏଚ୍‌ୟୁଆଇଡି ସୁନା ଅଳଙ୍କାର ଉପରେ ମେକିଂ ଚାର୍ଜ ଗ୍ରାମ୍ ପ୍ରତି ଫ୍ଲାଟ୍ ୬୯୯ ଟଙ୍କା ରଖାଯାଇଛି। ସେହିଭଳି ଲାଲ୍‌ଚନ୍ଦ୍‌ର ଏହି ସର୍ବନିମ୍ନ ମେକିଂ ଚାର୍ଜ ଗ୍ରାହକମାନଙ୍କ ପାଇଁ ସୁନା କିଣିବାକୁ ଏକ ବଡ଼ ସୁଯୋଗ ସୃଷ୍ଟି କରିବ। ଏହା ସହ ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଅଳଙ୍କାର କ୍ରୟକଲେ ଏକ ସ୍ୱର୍ଣ୍ଣମୁଦ୍ରା ମାଗଣା ମିଳିବ ଏବଂ ୨ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର କ୍ରୟରେ ମଧ୍ୟ ଏକ ସ୍ୱର୍ଣ୍ଣ ମୁଦ୍ରା ମାଗଣା ଦିଆଯିବ। ସେହିପରି ୨୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର କ୍ରୟରେ ଗ୍ରାହକମାନେ ମାଗଣା ଉପହାର ପାଇବେ ଏବଂ ରୁପା ଅଳଙ୍କାରର ମେକିଂ ଚାର୍ଜରେ ୫୦% ରିହାତି, ବ୍ରାଣ୍ଡେଡ୍ ରୁପା ସାମଗ୍ରୀ ଉପରେ ୧୫% ରିହାତି ଏବଂ ନିର୍ଦ୍ଦିଷ୍ଟ ହାତଘଣ୍ଟାର ଏମ୍‌ଆର୍‌ପି ଉପରେ ୨୦% ରିହାତି ଘୋଷଣା କରାଯାଇଛି। ଅପରପକ୍ଷରେ ଲାଲ୍‌ଚନ୍ଦ୍ ପୁରୁଣା ଏଚ୍‌ୟୁଆଇଡି ସୁନା ଅଳଙ୍କାର ବଦଳାଇ ୧୦୦% ସୁନା ମୂଲ୍ୟ ପ୍ରଦାନ କରୁଛି, ଯାହା ଗ୍ରାହକଙ୍କ ପାଇଁ ଅଧିକ ଲାଭ ଦାୟକ ହେବ ବୋଲି କୁହାଯାଉଛି।

ଏ ସମ୍ପର୍କରେ ଲାଲ୍‌ଚନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ଅଧକ୍ଷ ସଞ୍ଜୟ ହଂସ କହିଛନ୍ତି, ଏପ୍ରିଲ୍, ମେ ଓ ଜୁନ ମାସ ପାଇଁ ପରବର୍ତ୍ତୀ ଲକ୍ଷପତି ଲକି ଡ୍ର ଜୁଲାଇ ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ଯେଉଁଥିରେ ମେଗା ଲକି ଡ୍ର 'ଏମ୍‌ଜି ୱିଣ୍ଡସର' କାର୍‌ର ମଧ୍ୟ ଉଠାଣ ହୋଇ ବିଜେତା ଚୟନ କରାଯିବ। ସ୍ଥାନ ଏବଂ ତାରିଖ ପରେ ଘୋଷଣା କରାଯିବ। ଉଲ୍ଲେଖଯୋଗ୍ୟ, ଲାଲ୍‌ଚନ୍ଦ୍ ଜୁଏଲର୍ସ ଗ୍ରାହକ ସନ୍ତୁଷ୍ଟି, ସର୍ବନିମ୍ନ ଗଢ଼ା ମଜୁରି, ବିଶୁଦ୍ଧ ସ୍ୱର୍ଣ୍ଣ ଅଳଙ୍କାର ଏବଂ ଅତୁଳନୀୟ କାରିଗରି ପାଇଁ ସମଗ୍ର ପୂର୍ବ ଭାରତରେ ପ୍ରସିଦ୍ଧି ଲାଭ କରିଛି। ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ରେ ଲାଲ୍‌ଚନ୍ଦ୍ ଷ୍ଟୋର ପରିସରରେ ହୀରା ଅଳଙ୍କାର ସଂଗ୍ରହ 'ଆରୋହୀ' ପାଇଁ ଏକ ସ୍ୱତନ୍ତ୍ର ଷ୍ଟୋର୍ ଖୋଲିଛି। ଏହି ଲାଇଟ୍ ୱେଟ୍ ହୀରା ଅଳଙ୍କାର ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଉଚ୍ଚମାନର ଅଳଙ୍କାର ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି।

LALCHND
Trusted Brand Since 1948

# କ୍ରୁତି କଫିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



କ୍ରୁତି କଫିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍‌କୁ ଡ. କାମାକ୍ଷା ଦାସ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ କ୍ରୁତି କଫିର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮।୪

କ୍ରୁତି କଫିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶୁକ୍ରବାର ଭୁବନେଶ୍ୱରର ଆଇଆର୍‌ସି ଭିଲେଜରେ ଉଦ୍‌ଘାଟିତ ହୋଇଯାଇଛି। ଏହା କ୍ରୁତି କଫିର ୧୧ତମ ଷ୍ଟୋର ହୋଇଥିଲାବେଳେ ଉକ୍ତ କଫିର ସର୍ବବୃହତ୍ ସିଙ୍ଗଲ୍ ଫ୍ଲୋର୍ ଆଉଟ୍‌ଲେଟ୍ ଏବଂ ବିଶ୍ୱସ୍ତରୀୟ ମିନିମାଲିଷ୍ଟିକ୍ ସୌନ୍ଦର୍ଯ୍ୟ ଉପରେ ଆଧାରିତ ରହିଛି, ଯାହା ଏକ ପ୍ରକୃତ ସ୍ପେଶାଲିଟି କଫି ଅଭିଜ୍ଞତାକୁ ବର୍ଦ୍ଧିତ କରିବ। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ କ୍ରୁତି କଫିର ସହ-ପ୍ରତିଷ୍ଠାତା ଏବଂ ଏସ୍‌ସିଏ ସାର୍ଟିଫାଏଡ୍ ରୋଷ୍ଟର ଡ. କାମାକ୍ଷା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୁତି କଫିର ବ୍ୟବସାୟ ମୁଖ୍ୟ ତପନ କୁମାର ବରିସାଲ, ପରିଚାଳନା ମୁଖ୍ୟ ଅରବିନ୍ଦ ପଣ୍ଡା ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିଭଳି ଏହାର ସମସ୍ତ ପୂର୍ବ ଆଉଟ୍‌ଲେଟ୍ ଖୋଲିବା ସହ ପ୍ରଥା ଅନୁଯାୟୀ କ୍ରୁତି କଫିର ସହ-ପ୍ରତିଷ୍ଠାତା ଏବଂ ଏସ୍‌ସିଏ ସାର୍ଟିଫାଏଡ୍ ରୋଷ୍ଟର ଡ କାମାକ୍ଷା ଦାସ ସମସ୍ତ ଅତିଥିଙ୍କ ପାଇଁ ଏକ ସ୍ପେଶାଲିଟି କଫି ବ୍ରୁଇଂ ୧୦୧ ଅଧିବେଶନ ପରିଚାଳନା କରିଥିଲେ। କ୍ରୁତି କଫିର ରୋଷ୍ଟିଂ ଏବଂ ବ୍ରୁଇଂ ମୁଖ୍ୟ ପବିତ୍ର କୁମାର ସାହୁ କେମେକ୍ସରେ କିଣ୍ଡିରିଗୁଡ଼ା ନାଚୁରାଲ୍ସ ପ୍ରସ୍ତୁତ କରିଥିଲେ, ଯାହାକୁ ୫ମ ବିଶ୍ୱ କଫି ସମ୍ମିଳନୀରେ ଭାରତର ନମ୍ବର ୧ ଆରାବିକା ନାଚୁରାଲ୍ସ ପ୍ରଦାନ କରାଯାଇଥିଲା। ସେହିପରି କ୍ରୁତି କଫିର ବ୍ୟବସାୟ ମୁଖ୍ୟ ତପନ କୁମାର ବରିସାଲ ଅତିଥିମାନଙ୍କୁ କ୍ରୁତି କଫିର ଏ ପର୍ଯ୍ୟନ୍ତର ଯାତ୍ରା ଏବଂ ଆଗାମୀ ପଦକ୍ଷେପ ବିଷୟରେ ବୁଝାଇଥିଲେ।

# ରିବା ବାଏ ତନିସ୍କର ବିବାହ ଗହଣା ସମ୍ଭାର

ଭୁବନେଶ୍ୱର,୧୮।୪

ଚଳିତ ବର୍ଷ ମଧ ରିବା ବାଏ ତନିସ୍କର ବିବାହ ଗହଣା ସମ୍ଭାର ଶୁଭାରମ୍ଭ କରାଯାଇଛି। ଏପରିକି ତନିସ୍କର ସ୍ୱତନ୍ତ୍ର ବିବାହ ଉପ-ବ୍ରାଣ୍ଡ୍ 'ରିବା' ତା'ର ଆକର୍ଷଣୀୟ ବ୍ରାଇଡାଲ ଗହଣା ସମ୍ଭାର ସହ ଆଗାମୀ ବିବାହ ଉତ୍ସବକୁ ପାଳନ କରିବାକୁ ପ୍ରସ୍ତୁତ ରହିଛି। ଭାରତର ବିବିଧ ବିବାହ ପରମ୍ପରାରେ ତନିସ୍କର ରିବା କଲେକ୍ସନ ବିଭିନ୍ନ ସମ୍ପ୍ରଦାୟ କନ୍ୟାଙ୍କ ପାଇଁ ପ୍ରସ୍ତୁତ ଅଳଙ୍କାରର ଏକ ବ୍ୟାପକ ରେଞ୍ଜ ପ୍ରଦାନ କରୁଛି। ହଳଦୀ ଏବଂ ମେହେନ୍ଦିଠାରୁ ଆରମ୍ଭକରି ସଙ୍ଗୀତ ଏବଂ ବିବାହ ଦିନ ଏବଂ ସମସ୍ତ ବିବାହ ଉତ୍ସବ ଲାଗି ତନିସ୍କର ଏହି କଲେକ୍ସନ ଉପଯୁକ୍ତ ପସନ୍ଦ ପାଲଟିଛି।

ଏହି ପରିପ୍ରେକ୍ଷୀରେ ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋର ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ତନିସ୍କର ବରିଷ୍ଠ ଅଧିକାରୀ ଅରିନ୍ଦମ ପାରମାଣିକ, ଏ. ବୁନ୍ଦେଲଙ୍କ ସମେତ ମାଣିକ ହଂସ, ଅକ୍ଷୟ ହଂସ ଏବଂ ବିବେକ ହଂସ ପ୍ରମୁଖ ଯୋଗଦେଇ ରିବା ବାଏ ତନିସ୍କର ବିବାହ ଗହଣା ସମ୍ଭାର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏ ସମ୍ପର୍କରେ ତନିସ୍କର ଚିଫ୍ ମାର୍କେଟିଂ ଅଧିକାରୀ ପେଲ୍‌କୀ ସେରିଂ କହିଛନ୍ତି, ଆମେ ଗ୍ରୀଷ୍ମକାଳୀନ ବିବାହ ଋତୁରେ ପାଦ ଥାପୁଛୁ। ଏଭଳି ଏକ ସମୟରେ ତନିସ୍କର 'ରିବା' ଆଧୁନିକତା ସହ ଐତିହ୍ୟକୁ ମିଶ୍ରଣ କରୁଥିବା ବିବାହ ଗହଣାର ବର୍ଦ୍ଧିତ ଚାହିଦା ପୂରଣ ନେଇ ଏହାର ଯାତ୍ରା ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଷ୍ଟୋର ପକ୍ଷରୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ସୁନାଗହଣାର ଗଢ଼ା ମୂଲ୍ୟ ଏବଂ ହୀରା ଗହଣା ମୂଲ୍ୟରେ ଗ୍ରାହକ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ସୁନାଗହଣା କ୍ରୟରେ ପ୍ରତି ଗ୍ରାମ ପିଛା ୧୦୧ ଟଙ୍କା ରିହାତି ରହିଛି। ଏପରିକି ଗ୍ରାହକ ଆଗୁଆ ବୁକ୍‌କରି ବର୍ଦ୍ଧିତ ସୁନା ଦରରୁ ସୁରକ୍ଷା ପାଇପାରିବେ। ଯେକୌଣସି ଗହଣା ଦୋକାନରୁ କିଣାଯାଇଥିବା ପୁରୁଣା ସୁନାକୁ ବଦଳାଇ ଗ୍ରାହକ ୧୦୦% ବଦଳ ମୂଲ୍ୟ ପାଇପାରିବେ।




ରିବା ବାଏ ତନିସ୍କର ବିବାହ ଗହଣା ସମ୍ଭାରକୁ ତନିସ୍କର ବରିଷ୍ଠ ଅଧିକାରୀ ଓ ଷ୍ଟୋର କର୍ତ୍ତୃପକ୍ଷ ଅନାବରଣ କରୁଛନ୍ତି।

# ସେନ୍‌କୋର ଅକ୍ଷୟ ତୃତୀୟା ଅଫର

ଭୁବନେଶ୍ୱର,୧୮।୪

ପ୍ରତିବର୍ଷ ଭଳି ଚଳିତ ମଧ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ଅକ୍ଷୟ ତୃତୀୟା ଅଫରର ଶୁଭାରମ୍ଭ କରାଯାଇଛି। ଏପରିକି ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟା ଅବସରରେ ସେନ୍‌କୋର ନୂତନ ବ୍ୟାଙ୍ଗଲ ଉତ୍ସବ ମଧ୍ୟ ନିକଟରେ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟା ଅଫର ଜରିଆରେ ଗ୍ରାହକ ୧୦ ଗ୍ରାମ ସୁନା ଦରରେ ୨୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ରହିଥିଲାବେଳେ ପୁରୁଣା ସୁନା ଏକ୍ସଚେଞ୍ଜ ଉପରେ ୦% ହ୍ରାସ, ହୀରା ଗହଣା ପାଇଁ ୧ ଟଙ୍କା ଏବଂ ଡାଇମଣ୍ଡ ଭାଲ୍ୟୁ ଉପରେ ୧୦% ପର୍ଯ୍ୟନ୍ତ ରିହାତି ଏବଂ ପ୍ଲାଟିନମ ଅଳଙ୍କାର ପାଇଁ ମେକିଂ ଚାର୍ଜ ଉପରେ ୨୦% ପର୍ଯ୍ୟନ୍ତ ରିହାତି ରହିଛି। ଏପରିକି ୨୦୨୫ ଏପ୍ରିଲ ୧୧ରୁ ୧୫ ମଧ୍ୟରେ ଏସ୍‌ବିଆଇ କାର୍ଡ ବ୍ୟବହାରକରି ସର୍ବନିମ୍ନ ୫୦,୦୦୦ ଟଙ୍କାର ନେଣଦେଣ ଉପରେ ଗ୍ରାହକଙ୍କୁ କାର୍ଡ ପିଛା ୫୦୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ରିହାତି ମିଳିବ। ସେହିପରି ଚଳିତ ବର୍ଷର ବିଶେଷ ଅଫର ହୀରା କିଣନ୍ତୁ ସୁନା ମାଗଣାରେ ପାଆନ୍ତୁ ଏବଂ ସୁନା କିଣନ୍ତୁ ମାଗଣାରେ ରୁପା ପାଆନ୍ତୁ।

**ZILLA SWASTHYA SAMITI, MAYURBHANJ**
Office of the CDM&PHO-cum- District Mission Director, NHM, Mayurbhanj, Odisha, 757001
**Advt. No. 1343 /NHM/2025-26** **Dt: 17.04.2025**
**REQUEST FOR PROPOSAL FOR OUTSOURCING OF SECURITY SERVICES AT GOVT. HEALTH INSTITUTIONS OF MAYURBHANJ DISTRICT UNDER NIRMAL SCHEME**
**No.E-31** : Sealed proposals as per prescribed RFP document are invited from interested eligible bidders for the **Outsourcing of Security Services at Government Health Institutions of Mayurbhanj District**. The eligible criteria, the details requirement of the said services and the formats for submission of proposals are set forth in the RFP documents which can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposals (with EMD & document as per RFP) to the O/o: CDM & PHO, Mayurbhanj. Proposal(s) complete in all respect should reach the undersigned on or before **01.00 P.M.** of **07.05.2025** through Regd/Speed Post & Courier and the same will be opened on **08.05.2025** at **11.30 A.M.** in the NHM Conference Hall, O/o the CDM & PHO, Mayurbhanj. The undersigned reserves the right to reject any or all the tender(s) without assigning any reason thereof.
**Sd./- Chief District Medical & Public Health Officer, Mayurbhanj**
**OIPR-10020/11/0031/2526**

# ରଘୁନାଥପୁରରେ ଚାନ୍ଦି ଭଣ୍ଡାରର ନୂତନ ଷ୍ଟୋର



ଚାନ୍ଦି ଭଣ୍ଡାରର ନୂତନ ଷ୍ଟୋରକୁ ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଗୌତମ ପାତ୍ର ଉଦ୍‌ଘାଟନ୍ କରୁଛନ୍ତି। ଏହି ଅବସରରେ ଚାନ୍ଦି ଭଣ୍ଡାରର କର୍ତ୍ତୃପକ୍ଷଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୮।୪

ଚାନ୍ଦି ଭଣ୍ଡାରର ନୂତନ ଷ୍ଟୋର ଶୁକ୍ରବାର ଭୁବନେଶ୍ୱରର ରଘୁନାଥପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ (ବିଜ୍‌ନେସ୍ ଡେଭ୍‌ଲପମେଣ୍ଟ) ଏବଂ ଏସ୍‌ଏଲ୍‌ବିସିର ଓଡ଼ିଶା ଆବାହକ ଗୌତମ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତ୍ରୀ ଲିପ୍ସା ହଂସଙ୍କ ସମେତ ମାଣିକ ହଂସ, ପପୁ ହଂସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୧୨୦୦ ବର୍ଗ ଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ନୂତନ ଷ୍ଟୋର ଏକ ଅତ୍ୟନ୍ତ ଆକର୍ଷଣୀୟ ମାହୋଲ ସହ ମନମୁଗ୍ଧକାରୀ ଡିସ୍‌ପ୍ଲେରେ ସଜ୍ଜିତ ହୋଇଛି। କାଳଜୟୀ ପରମ୍ପରା ସହ ଆଧୁନିକ ଲକ୍ଜ୍ୟୁରିକୁ ପ୍ରତିଫଳିତ କରୁଥିବା ଏହି ଷ୍ଟୋର ୯୨.୫% ଶୁଦ୍ଧ ଷ୍ଟର୍ଲିଂ ରୁପାରେ ଗହଣା କାରିଗରିର ସର୍ବୋତ୍ତମ ପ୍ରଦର୍ଶନକୁ ସୂଚାଉଛି। ସେହିପରି ଆଗାମୀ ଅକ୍ଷୟ ତୃତୀୟା ଉପଲକ୍ଷେ 'ମୁକ୍ତା' କଲେକ୍ସନର ଶୁଭାରମ୍ଭ କରାଯାଇଛି। ଏହାସହ ବାସନକୁସନ ବର୍ଗରେ ମିଆ ଏନାମେଲ୍-ୱାର୍କ ଅନୁପ୍ରାଣିତ ବାସନକୁସନ ଏବଂ ପୂଜା ସାମଗ୍ରୀ ସାମିଲ ରହିଛି। ଏହି ଅବସରରେ ସ୍ୱତନ୍ତ୍ର ଅକ୍ଷୟ ତୃତୀୟା ଅଫର ଭାବେ ଚାନ୍ଦି ଭଣ୍ଡାର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫର ୨୦୨୫ ଏପ୍ରିଲ ୩୦ ପର୍ଯ୍ୟନ୍ତ ଉପଲବ୍ଧ।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତ୍ରୀ ଲିପ୍ସା ହଂସ କହିଛନ୍ତି, ରଘୁନାଥପୁରରେ ଆମେ ଆମର ୨୧ତମ ଷ୍ଟୋର ଖୋଲି ବେଶ୍ ଉତ୍ସାହିତ ଅଛୁ। ଏପରିକି ଉକ୍ତ ଷ୍ଟୋର ଆମ ଯାତ୍ରାରେ ନୂଆ ଅଧ୍ୟାୟ ଯୋଡ଼ିଛି। ଗ୍ରାହକଙ୍କ ନିକଟକୁ ସୌନ୍ଦର୍ଯ୍ୟ, ଭରସା ଏବଂ ରୁପାର ଉତ୍କର୍ଷକୁ ଆଣିଛି।

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶ୍ରା**
**PANCHAYAT SAMITI OFFICE, BISRA**
At/Po : Bisra, Dist. : Sundargarh (Odisha), PIN : 770036
e-Mail Id : ori-bisra@nic.in, GSTN : 21BBNB02952F1DG
**Letter No. 1095** **Date : 15.04.2025**
**TENDER CALL NOTICE No.01/2025-26**
**No.i-27** : Sealed Tenders are invited from the interested bidder for the **4 nos. of civil work under** BDO, Bisra of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website **www.sundergarh.odisha.gov.in.** The bidder should be **'D' & 'C' / 'C' & 'B' Class Contractor** as per work. They have to submit the bid document to the undersign in the address of office of the **BDO, Bisra, At/PO - Bisra, Dist - Sundargarh, Odisha, PIN-770036 through Registered Post / Speed Post only so as to receive before 01.00 P.M. on 01.05.2025**. The Tender Paper will be available for download in the district website from 17.04.2025 to 01.05.2025. The authority reserves the right to cancel or reject the entire process without assigning any reason thereof. The tender will be opened **at 10.00 A.M. on 30.09.2024** in the office of the undersigned in presence of the bidders or his/her representatives.
**Sd./- Block Development Officer, Bisra**
**OIPR-19343/11/0004/2526**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR**
**Mail Id:sepwdbalangir@gmail.com**
**e-Procurement Notice**
**BID IDENTIFICATION No: CCE(R&B)BGR/01/2025-26**
**Letter No.775** **Dtd.17.04.2025**
**No.B-34:**The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" & "A" Class** Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil Works. The proof of registration from the appropriate authority shall be enclosed alongwith the bid.

| | | |
|---|---|---|
| 1. Nature of Work | : | Building Work & Road Work |
| 2. No. of Tender | : | Building Work-2 Nos. & Road Work-1 Nos. |
| 3. Tender Cost | : | Rs.10,000/- |
| 4. Class of Contractor | : | **"B" & "A" Class** |
| 5. Date & Time of Sale & Receipt of Bids | : | From Dt.24.04.2025, 10.00 A.M. to Dt.08.05.2025 upto 05.00 P.M. |
| 6. Date of Opening Bid | : | Dt.09.05.2025 at 11.00 A.M. |

7. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.
**Sd./- Chief Construction Engineer Balangir (R&B) Circle, Balangir**
**OIPR-34131/11/0008/2526**

**OFFICE OF THE EXECUTIVE ENGINEER (AGRIL.), AGRICULTURE ENGINEERING DIVISION, KENDRAPARA**
**E-mail ID : eeag-kendrapara@gov.in**
**Govt. of Odisha "e" procurement Notice**
**Bid Identification No. : E.E.(A), Kendrapara Division - 01/2025-26**
**No.L-06** : The Executive Engineer (Agril.), Agriculture Engineering Division, Kendrapara on behalf of Governor of Odisha, invites percentage rate bids in single cover system in ONLINE MODE, for **02 Numbers of Projects i.e. for Construction of main gate of Agriculture office campus along with borewell at STL Jajpur & Provision of 63 KVA Transformer to ADO office Marshaghai.**

| | | |
|---|---|---|
| 1. Estimated Cost | : | **As Mentioned against column No-03** |
| 2. Bid Cost | : | **Rs. 4,000/- as Mentioned against each in Column-04** |
| 3. Period of completion | : | **Calendar Months Mentioned in Column - 06** |
| 4. No. of works (Tender) | : | **02 nos.** |
| 5. Class of Contractor | : | **As Mentioned in Column - 05** |
| 6. Date & Time of availability of bid document in the portal | : | **From Dt.19.04.2025 at 10.00 A.M. to Dt.28.04.2025 at 5.00 P.M.** |
| 7. Last date/Time for receipt of bids in the portal | : | **Dt.28.04.2025 at 5.00 P.M.** |
| 8. Date of submission of documents | : | **Dt.19.04.2025 at 10.00 A.M. to Dt.29.04.2025 at 1.00 P.M. (Except Holidays)** |
| 9. Date & time of opening of online bids | : | **Dt.30.04.2025 at 11.00 A.M. & onwards** |
| 10. Name and address of the officer inviting Bid | : | **Executive Engineer (Agril.), Agriculture Engineering Division, Kendrapara** |

Further details can be seen from the e-procurement portal http://tendersodisha.gov.in.
A. All the volumes/documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website **"http://tendersodisha.gov.in"** will appear in the Latest.
C. The Bidders have to participate in ONLINE bidding only. Further details can be seen from the website **"http://tendersodisha.gov.in"**. Any addendum/corrigendum / cancellation of tender can also be seen in the said website.
**Sd./- Executive Engineer (Agril.) Agriculture Engineering Division, Kendrapara**
**OIPR-01471/11/0010/2526**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗିରଫ ଭୟରେ ଲୁଚିଛନ୍ତି ଦଳୀୟ ସମର୍ଥକ

### ତଳକାଁପଡ଼ା ବୋମାମାଡ଼ ଘଟଣା: ୩୦ ଜଣଙ୍କ ନାଁରେ ମାମଲା

ତିହିଡ଼ି,୧୮।୪(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତଳକାଁପଡ଼ା ଗାଁରେ ବୋମାମାଡ଼ ଘଟଣା ପରେ ଗିରଫ ଭୟରେ ଉଭୟ ବିଜେଡି ଓ ଭାଜପା ଦଳର ସମର୍ଥକମାନେ ଲୁଚି ରହିଛନ୍ତି। ଏହି ଘଟଣାରେ ତିହିଡ଼ି ଥାନାରେ ୩୦ଜଣଙ୍କ ନାଁରେ ୩ଟି ମାମଲା ରୁଜୁ ହୋଇଛି। ଯେକୌଣସି ମୁହୂର୍ତ୍ତରେ ପୋଲିସ ଉଠାଇ ନେବାର ଭୟ ଘାରିଥିବାରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି।

କାଁପଡ଼ା ପଞ୍ଚାୟତ ଅଧୀନ ତଳକାଁପଡ଼ା ଗାଁରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଥିଲା। ଏହି ଶତ୍ରୁତା ବୁଧବାର ରାତିରେ ଉଗ୍ରରୂପ ଧାରଣ କରିଥିଲା। ଉଭୟ ଦଳର ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ ଓ ପ୍ରତି ଆକ୍ରମଣ ଚାଲିଥିବା ବେଳେ ହଠାତ୍ ବୋମାମାଡ଼ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ ୧୪ଜଣ ଆହତ ହୋଇଥିଲେ। ବିଜେଡିର ୮ ସମର୍ଥକ ଗୁରୁତର ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାକୁ ନେଇ ଗୁରୁବାର ରାତିରେ ବିଜେଡି ପକ୍ଷରୁ ମୁକ୍ତିକାନ୍ତ ଦାସ ଦେଇଥିବା ଏତଲାକ୍ରମେ ଥାନାରେ ଏକ ମାମଲା (ନଂ.୧୪୬/୨୫) ଏବଂ ଭାଜପା ପକ୍ଷରୁ ରେବତୀ ଦାସଙ୍କ ଏତଲାକ୍ରମେ ଏକ ମାମଲା(ନଂ.୧୪୭/୨୫) ରୁଜୁ ହୋଇଛି। ଅପରପକ୍ଷେ ଏଏସ୍‌ଆଇ ଚିତ୍ତରଞ୍ଜନ ବାରିକଙ୍କ ଅଭିଯୋଗକ୍ରମେ ମଧ୍ୟ ଏକ ମାମଲା (ନଂ.୧୪୫/୨୫) ରୁଜୁ ହୋଇଛି। ବୋମାମାଡ଼ର ପ୍ରକୃତ ଅପରାଧୀ କିଏ, ତାହା ଜାଣିବାକୁ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରିବା ସମ୍ଭବ ହୋଇପାରି ନାହିଁ ବୋଲି ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ କହିଛନ୍ତି।

# ନାବାଳକ ହତ୍ୟାରୁ ଦିଲ୍ଲୀରେ ଉତ୍ତେଜନା



କୁନାଲ

ନୂଆଦିଲ୍ଲୀ,୧୮।୪

ଦିଲ୍ଲୀର ସିଲମ୍‌ପୁରରେ ଗୁରୁବାର ରାତିରେ ଜଣେ ଦଳିତ ନାବାଳକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ୧୭ ବର୍ଷୀୟ କୁନାଲଙ୍କୁ ଏକ ଭିନ୍ନ ସମ୍ପ୍ରଦାୟର ଲୋକେ ମାରି ଦେଇଥିବା ଦର୍ଶାଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ହତ୍ୟାକାଣ୍ଡକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଦିଲ୍ଲୀ ପୋଲିସ ଏନେଇ ମାମଲା ରୁଜୁ କରିବା ସହ ସିସିଟିଭି କ୍ୟାମେରାରୁ ଫୁଟେଜ୍ ସଂଗ୍ରହ କରି ଆକ୍ରମଣକାରୀଙ୍କୁ ଚିହ୍ନଟ ଉଦ୍ୟମ ଚଳାଇଛି।

ମୃତକ କୁନାଲ ସିଲମ୍‌ପୁର ଅଞ୍ଚଳରେ ମା'ବାପା, ୩ ଭାଇ ଓ ଜଣେ ଭଉଣୀଙ୍କ ସହ ରୁହନ୍ତି। ସେ ଗାନ୍ଧୀନଗର ଅଞ୍ଚଳର ଏକ ଗାର୍ମେଣ୍ଟ ଶପ୍‌ରେ କାର୍ଯ୍ୟ କରୁଥିଲେ। କୁନାଲଙ୍କ ବାପା ଜଣେ ଅଟୋ ଡ୍ରାଇଭର। ଗୁରୁବାର ରାତି ୭ଟା ୩୦ରେ କୁନାଲ କ୍ଷୀର ଆଣିବା ପାଇଁ ଯାଇଥିବାବେଳେ ୪-୫ ଜଣ ତାଙ୍କୁ ଛୁରି ଭୁସିଦେଇଥିଲେ। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକେ ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ମଡେଲ ଆପଣାଇ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିକ୍ଷୋଭକାରୀ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ପୋଲିସ କମିଶନରଙ୍କ ସହ ଆଲୋଚନା ପରେ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନର ଆଶ୍ୱାସନା ଦେଇଛନ୍ତି। ବିରୋଧୀ ଦଳ ନେତା ତଥା ଆପ୍ ନେତ୍ରୀ ଆତିଶୀ ମାର୍ଲେନା ଭାଜପା ନେତୃତ୍ୱାଧୀନ ସରକାର ଏବଂ ଦିଲ୍ଲୀ ପୋଲିସକୁ ସମାଲୋଚନା କରିଛନ୍ତି। ଜଣେ ୧୭ ବର୍ଷୀୟଙ୍କ ହତ୍ୟା ଦିଲ୍ଲୀର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି ବୋଲି ଆତିଶୀ କହିବା ସହ ଡବଲ୍ ଇଞ୍ଜିନ ସରକାର କ'ଣ କରୁଛି ବୋଲି ପ୍ରଶ୍ନ କରିଛନ୍ତି।

## ପୋଲିସ ପଞ୍ଝାରେ ସିଲମ୍‌ପୁର ଲେଡି ଡନ୍

ସିଲମ୍‌ପୁରରେ ନାବାଳକ କୁନାଲଙ୍କୁ ହତ୍ୟା କରାଯିବା ପରେ ଲେଡି ଡନ୍ ଜିକ୍‌ରା ଚର୍ଚ୍ଚାକୁ ଆସିଛନ୍ତି। ଏହି ଘଟଣାରେ ଜିକ୍‌ରା ଓ ତାଙ୍କ ଭାଇଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଜିକ୍‌ରାଙ୍କ ଅନ୍ୟ ଜଣେ ଭାଇଙ୍କୁ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହାପରେ ସେ ଭାଇଙ୍କ ହତ୍ୟାର ପ୍ରତିଶୋଧ ନେବା ପାଇଁ ଏକ ଗ୍ୟାଙ୍ଗ ଗଢ଼ିଥିଲେ। ନିକଟରେ ସେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ଜେଲ ଯାଇଥିଲେ। ହତ୍ୟାର ୧୫ ଦିନ ପୂର୍ବରୁ ସେ ଜାମିନରେ ଆସିଥିଲେ। ଜିକ୍‌ରା ସବୁବେଳେ ସାଙ୍ଗରେ ବନ୍ଧୁକ ଧରି ବୁଲିଥାଆନ୍ତି। ଜେଲରୁ ମୁକୁଳିବା ପରେ ସେ ଲାଲା ନାମକ ଜଣେ ବ୍ୟକ୍ତିଙ୍କୁ ଖୋଜୁଥିଲେ, ଯିଏକି ତାଙ୍କ ଭାଇଙ୍କୁ ଆକ୍ରମଣ କରିଥିଲେ। ଏପରି କି ସେ ଲାଲାଙ୍କୁ କେଉଁଠି ପାଇବେ ବୋଲି କୁନାଲଙ୍କୁ ପଚାରିଥିଲେ। କୁନାଲ ତାଙ୍କୁ ସାହାଯ୍ୟ ନ କରିବାରୁ ଲେଡି ଡନ୍ ଏହି ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିବା କୁହାଯାଉଛି। ଇତିମଧ୍ୟରେ ଶୁକ୍ରବାର ଦିଲ୍ଲୀ ପୋଲିସ ଜିକ୍‌ରାଙ୍କୁ ନିଜ ହାଜତକୁ ନେଇଥିବାବେଳେ ତାଙ୍କ ଭାଇ ସାହିଲଙ୍କୁ ଖୋଜୁଛି।



ଲେଡି ଡନ୍ ଜିକ୍‌ରା

## ନାବାଳିକାଙ୍କୁ ବଳାତ୍କାର: ଯୁବକ ଗିରଫ

ଓଡ଼ଗାଁ, ୧୮।୪
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଏନ୍‌ଏସିର ହେମାମାଳୀସାହିର ଦୀପକ ମହାରଣା ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଗତ ୧୬ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ଦୀପକଙ୍କୁ ଗିରଫ କରି ପଚରାଉଚରା କରୁଥିଲା। ସେ ନାବାଳିକାଙ୍କୁ ବଳାତ୍କାର କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ କହିଛନ୍ତି। ଶନିବାର ଦୀପକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ୯ ମାସ ପୂର୍ବେ ଦୀପକ ଆଦର୍ଶ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସାଙ୍ଗରେ ବାଙ୍ଗାଲୋର ନେଇ ଯାଇଥିଲେ। କିଛିଦିନ ପୂର୍ବେ ଦୀପକ ନାବାଳିକାଙ୍କ ସାଙ୍ଗରେ ଆଣି ନୟାଗଡ଼ରେ ଛାଡ଼ି ଚାଲି ଯାଇଥିଲେ। ସେଠାରୁ ନାବାଳିକା ଘରକୁ ଆସି ତାଙ୍କ ସହିତ ଘଟିଥିବା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଦୀପକ ତାଙ୍କ ସହ ଏକାଧିକଥର ଶାରୀରିକ ସମ୍ପର୍କ ରଖିଥିବା ନେଇ ପୀଡ଼ିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ୍ ନଂ. ୧୦୨/୨୫ରେ ମାମଲା ରୁଜୁ କରି ଦୀପକଙ୍କୁ ଅଟକ ରଖି ପଚାରୁଚୁରା କରୁଥିଲା।

# ମାଓବାଦୀ ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, ୧୮।୪
(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁର ଜିଲା ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଶୁକ୍ରବାର କସୋଡ଼ କୁମୁରାଡି ଜଙ୍ଗଲ ନିକଟରେ ଗୁଳି ବିନିମୟ ଘଟିଛି। ପରେ ଘଟଣାସ୍ଥଳରୁ ପୋଲିସ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛି।

ତଥ୍ୟ ଅନୁଯାୟୀ, ଆବୁଝମାଡ଼ ଜଙ୍ଗଲ ନିକଟରେ ନାରାୟଣପୁର ପୋଲିସ, ଆଇଟିବିପି ମିଳିତ ଭାବେ ସର୍ଚ୍ଚ ଅପରେଶନ କରିଥିଲେ। ଜିଲାର କୋହକାମେଟା ଥାନା ଅନ୍ତର୍ଗତ କସୋଡ଼ କୁମୁରାଡି ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଥିଲେ। ପରସ୍ପର ମଧ୍ୟରେ ଗୁଳି ବିନିମୟ ଘଟିବା ପରେ ମାଓବାଦୀମାନେ ସୁରକ୍ଷା କର୍ମୀଙ୍କ ଆକ୍ରମଣକୁ ସାମନା କରି ନ ପାରି ଛତ୍ରଭଙ୍ଗ ଦେଇଥିଲେ। ତେବେ ଘଟଣାସ୍ଥଳରୁ ସୁରକ୍ଷା କର୍ମୀମାନେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ସହ ନଗଦ ୬ ଲକ୍ଷ ଟଙ୍କା ଜବତ କରିଛନ୍ତି। ଏଥିସହ ୧୧ଟି ଲାପ୍‌ଟପ, ୫୦କେଜି ବାରୁଦ, ୩୦ କେଜି ସୋରା, ୨୦ ଲିଟର ପେଟ୍ରୋଲ, ୨୦ ଲିଟର ଡିଜେଲ, ଦୁଇଟି କୁକର୍ ବୋମା, ୧୩୦ଟି ଏସ.ଏଲ.ଆର୍., ୧୨ ବୋରର ୨୫ଟି ଓ ୩୦୩ ରାଇଫଲର ୧୮ଟି ଅଫୁଟା ଗୁଳି, କଡେକ୍ସ ତାର, ବିଦ୍ୟୁତ୍ ତାର, ମାଓବାଦୀ ପୋଷାକ, ଔଷଧ, ଟିଫିନ, ଜୋତା, ମାଓବାଦୀ ପୁସ୍ତିକା, ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଛନ୍ତି।

# ୧୧ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୮।୪ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକୁମା ଜିଲା ପୋଲିସ ନିକଟରେ ଶୁକ୍ରବାର ୧୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ସମୟରେ ଜିଲା ପୋଲିସ ମହାନିରୀକ୍ଷକ, ସିଆରପିଏଫ୍ ୨୨୬ ବାଟାଲିୟନ କମାଣ୍ଡାଣ୍ଟ ଉପସ୍ଥିତ ଥିଲେ। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବା ନିଷ୍ପତ୍ତି ନେଇ ସେମାନେ ଏହି ପଦକ୍ଷେପ ନେଇଥିବା କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୮ ଲକ୍ଷ ପୁରସ୍କାରପ୍ରାପ୍ତ ମୁଚାକୀ ଜଗା, ମୁଚାକୀ ଜୋଗୀ, ୫ ଲକ୍ଷ ପୁରସ୍କାରପ୍ରାପ୍ତ କିକିଡ ଦେବେ, ମନୋଜ ଓରଫ ଦୁଧୀ ବୁଦରା, ୨ ଲକ୍ଷ ପୁରସ୍କାରପ୍ରାପ୍ତ ମାଡବୀ ଭିମା, ମାଡବୀ ସୋମଡି, ସଙ୍ଗୀତା ଓରଫ ହଡମେ, ମାଡବି କୋସୀ, ବଞ୍ଜାମ ସନି, ମାଡବି ମଙ୍ଗଲି, ତାତା ବଣ୍ଡି ଥିବାବେଳେ ଅନ୍ୟମାନେ ସଂଗଠନର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଏବେ ଛତିଶଗଡ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ, ଦିନକୁ ଦିନ ମାଓବାଦୀ ଗଡ଼ ଧ୍ୱଂସ ହେବା, ମାଓବାଦୀ ସଂଗଠନରେ ପୂର୍ବ ଆଦର୍ଶ ନ ଥିବାରୁ ସେମାନେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।




ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

# ମହିଳାଙ୍କୁ ହତ୍ୟା

### କାଜୁ ତୋଟାରୁ ଖପୁରି, ହାଡ଼, ଲୁଗା, ଚୁଡ଼ି ଜବତ

ଦିଗପହଣ୍ଡି,୧୮।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଚାମୁଣ୍ଡା ମନ୍ଦିର ପାହାଡ଼ ପାଦଦେଶରେ ଥିବା କାଜୁ ତୋଟାରୁ ପୋଲିସ ଶୁକ୍ରବାର ମଣିଷ ଖପୁରୀ, ହାଡ଼, ଲୁଗା ଓ ଚୁଡ଼ି ଜବତ କରିଛି। ଏସବୁ କୌଣସି ମହିଳାଙ୍କର ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ସୂଚନା ମିଳିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଉକ୍ତ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଦିଗପହଣ୍ଡି - ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଥିବା ମା' ଚାମୁଣ୍ଡାଙ୍କ ମନ୍ଦିର ନିକଟକୁ ପ୍ରାତଃ ଭ୍ରମଣରେ ଯାଇଥିବା କେତେଜଣ ବ୍ୟକ୍ତି ଦୁର୍ଗନ୍ଧ ବାରି କାଜୁ ତୋଟାକୁ ଯାଇଥିଲେ। ସେଠାରେ ମଣିଷ ଖପୁରୀ, ଗୋଡ଼ହାତର ହାଡ଼ଗୁଡ଼ିକ ଏଣେ ତେଣେ ପଡ଼ିଥିବା ଦେଖିବା ପରେ ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ। ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ବିକ୍ଷିପ୍ତ ଅବସ୍ଥାରେ ପଡ଼ିଥିବା ଖପୁରୀ,ହାଡ଼, ମହିଳା ଲୁଗା ଓ ଚୁଡ଼ିକୁ ଜବତ କରି ପରୀକ୍ଷା ନିମନ୍ତେ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇଛନ୍ତି। ତେବେ ମହିଳା ଜଣକ କିଏ, ତାଙ୍କର ମୃତ୍ୟୁ କିପରି ହୋଇଛି ସେନେଇ ପୋଲିସ ତଦନ୍ତ ଚଳାଇବା ସହ ମହିଳାଙ୍କୁ ହତ୍ୟା ପରେ ସେଠାରେ ଫୋପାଡ଼ି ଦିଆଯାଇଥିବା ସନ୍ଦେହ କରୁଛି। ଫରେନସିକ ରିପୋର୍ଟ ଆସିବା ପରେ ସମ୍ପର୍କରେ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି। ଏ ନେଇ ନଂ. ୧୦/୨୫ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦିଗପହଣ୍ଡି ଥାନା ଏବଂ ପଡୋଶୀ ଥାନା ଅଞ୍ଚଳରେ ନିଖୋଜ ଥିବା ମହିଳାଙ୍କ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି।


# Classified Everyday
0674-2580101, 9692975378




## SALE

**Duplex sale with gated Society near Aiims Hospital, Bhubaneswar. 9777433701.** D-76256

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668.** D-76259

4BHK Duplex Rera/ BMC approved at Hanspal. Finance from National Bank, 1Km NH. 8847887273. D-145

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811




5800sqft Godown space available at Rasulgarh, beside Esplanade Mall, Bhubaneswar. 9040019183. D-189

For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

Office Accommodation Commercial Hospital permises available Chandrasekharpur, Bhubaneswar, 4000sqft.- 9437008388. D-74726

## LEASE

Lease for godown, Nursing home or for any purpose for 10 years 10000sft with Compound wall 3 sides road facing to Nakhara Niali NH ROAD. 7809525452. D-76444

**Email** ମାଧ୍ୟମରେ କ୍ଲାସିଫାଏଡରୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**Full body massage experience, good looking therapist @999 (Bhubaneswar). 9078484455.** D-152

Kerala Ayurveda massage therapy gents/ Ladies pain relief Bhubaneswar. 9337672475. D-141

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 17.04.2025, I, Santosh Kumar Nath, Address: Vill- Chasanimakhandi, P.O.- Nimakhandipenth, P.S.- Digapahandi, Dist.- Ganjam, PIN- 761055, Odisha, declare that I have changed my daughter's name from Sriya Nath to Alaka Nath. Henceforth, she shall be known as Alaka Nath for all purposes.
Santosh Kumar Nath
D-207

By virtue of an affidavit sworn before Executive Magistrate, Bhubaneswar, dated- 17.04.2025, I, Santosh Kumar Nath, Address: Vill- Chasanimakhandi, P.O.- Nimakhandipenth, P.S.- Digapahandi, Dist.- Ganjam, PIN- 761055, Odisha, declare that I have changed my son's name from Rahul Nath to Subham Nath. Henceforth, he shall be known as Subham Nath for all purposes.
Santosh Kumar Nath
D-208

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଛି ଯେ, ଆମ୍ଭେ ବିଚିତ୍ରା ଦେଇ, ଗ୍ରାମ/ପୋଷ୍ଟ- ଗୋଡିପଡ଼ା, ଜିଲ୍ଲା- ନୟାଗଡ଼ର ନିବାସୀ ଅଟେ । ବୟସ ୭୪ ବର୍ଷ। ସ୍ଥଗିତ ଥିବା RSA NO.- ୨୭୫ ୨୦୧୭ ମସିହା କେସ୍‌ଟି ମାନ୍ୟବର ଉଚ୍ଚନ୍ୟାୟାଳୟ ମୋ ସପକ୍ଷରେ ତା- ୨୨।୦୧।୨୦୨୪ ମସିହାରେ ରାୟ ଶୁଣାଇଲେ । ସ୍ୱର୍ଗତ ହରିହର ମହାପାତ୍ରଙ୍କର ବିବାହିତା ସ୍ତ୍ରୀ ହିସାବରେ ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ ଅଟେ। ମାନ୍ୟବର ଉଚ୍ଚନ୍ୟାୟାଳୟ ନିର୍ଦ୍ଦେଶ ଅନୁସାରେ ସ୍ୱର୍ଗତ ମହାପାତ୍ରଙ୍କର ଫ୍ୟାମିଲି ପେନ୍‌ସନ୍ ପାଇବା ପାଇଁ ହକ୍‌ଦାର ଅଟେ। ଧ-୨୧୪

By virtue of an affidavit before Executive Magistrate, Kantabanji, on dtd. 07.04.2025, that before my marriage. I, known as "Puja Bag, D/o- Makardhwaj Bag which is also mentioned in my S.B. Account of Bank of Baroda, Kantabanji Branch and after Marriage to Ramakrushna Tandi of Village/P.O.- Salemudga, P.S.- Turekela, Dist.- Bolangir, I known as Puja Tandi which is also mentioned in my Aadhaar Card whereas Puja Tandi, W/o- Ramakrushna Tandi and Puja Bag, D/o- Makardhwaj Bag is same and one person. D-215

By virtue of an affidavit sworn before the Executive Magistrate, Kesinga, Dist.- Kalahandi on dated- 28.1.2025, Sunil Kumar Agrawal, At/Post/P.S.- Kesinga, Dist.- Kalahandi (odisha). Do hereby declare that I have change my minor daughter's name from Aadhaar card Payal Agrawal instead of Sangeeta Agrawal. Henceforth, she will be known as Sangeeta Agrawal for all purpose.
Sunil Kumar Agrawal
D-218

By virtue of an affidavit sworn before Executive Magistrate, Basudevpur, dt- 17.02.2025, I, Chintamani Biswal, S/o- Murali Biswal, At- Chhatrapur, P.O.- Patanamishrapur, P.S.- Naikanidhi, Dist.- Bhadrak, declare that my daughter's name wrongly named as Sumitra Biswal in Aadhaar will be known as Susmita Biswal. Henceforth, for all purposes. D-182

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, Ranjani Ojha, W/o- Anil Kumar, resident At- D1-B, 302, Green Park residency, Dist.- Sambalpur, PIN- 768001, Odisha, declare by this affidavit No.- 3292, dtd- 17.04.2025 that **Ranjani Ojha and Ranjani Kumari is one and same person.** Now onwards I shall be known as **RANJANI OJHA** for all future purposes. D-219

I, Hrudananda Jena, S/o- Rahas Bihari Jena, resident of Vill- Baraara (Haripur), P.O.- Aragul, P.S.- Jatni, Dist.- Khordha, PIN- 752050, declare by this affidavit SL. No.- 604, dated- 17.04.2025, that now onwards I shall be known as HRUDANAND JENA for all future purposes. D-76911

By virtue of an affidavit No.- A. 1767 dated 16.04.25 sworn before the Executive Magistrate, Sundargarh, I, Lalita Sahu, W/o- Kedarnath Sahu, D/o- Jadumani Sahu, R/o- Village- Mundagaon, P.S.- Bhasma, Dist.- Sundargarh declare that in Aadhaar card No.- xxxx xxxx 7263 my name has been mentioned as Lalita Sahu. But in my old Aadhaar card my name has been mentioned as Damayanti Sahu. That both the names is one and same person. D-223

# ସମ୍ପର୍କ



ଗଳ୍ପ

**ସୁଦର୍ଶନ ମହାପାତ୍ର**

ମୋବାଇଲ ସ୍କ୍ରିନ୍‌ରେ ଭାଇଙ୍କ ନାଁ ଦେଖି ପ୍ରଥମେ ଦ୍ୱିଧାରେ ପଡ଼ିଲା ଭବ୍ୟା। ଦୀର୍ଘଦିନ ପରେ ଭାଇ ଫୋନ୍ କରିଛନ୍ତି!

ଭବେଶଙ୍କ ସହିତ ତା'ର ସମ୍ପର୍କକୁ ବିରୋଧ କରିଥିଲେ ପୂରା ପରିବାର। ଭିନ୍ନ ଜାତିରେ ତା'ର ବାହାଘର ପସନ୍ଦ କରୁନଥିଲେ କେହି। ତା'ପରେ ବି ଭବେଶର ଦୁର୍ଗୁଣ ବିଷୟରେ ଶୁଣିବାକୁ ମିଳିଥିଲା ଭବ୍ୟାର କିଛି ବନ୍ଧୁମାନଙ୍କଠାରୁ। ହେଲେ ସେ ତା' ଜିଦିରେ ଅଟଳ ରହି ଘର ଆଉ ଭବେଶଙ୍କ ସହିତ ପ୍ରେମ ସମ୍ପର୍କ ମଧ୍ୟରୁ ଦ୍ୱିତୀୟଟିକୁ ହିଁ ବାଛିଥିଲା ଏବଂ ଦିନେ ସମସ୍ତଙ୍କ ଅଲକ୍ଷ୍ୟରେ ଘର ଛାଡ଼ିଥିଲା। ସେବେଠାରୁ ତା' ସହିତ ଘରର ସମ୍ପର୍କ ଏକରକମ କଟିଯାଇଥିଲା।

ଭବ୍ୟା ଘର ଛାଡ଼ିବା ପରେ ହଠାତ୍ ବାପାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଗଲା ତ, ତାକୁ କେହି ଖବର ଦେଇ ନ ଥିଲେ। ସେ ଖବର ପାଇଲାବେଳକୁ ବାପାଙ୍କର କ୍ରିୟାକର୍ମ ସରିଯାଇଥିଲା। ଆହତ ଅଭିମାନରେ ଗୁମୁରି ଉଠିଥିଲା ଭବ୍ୟା। ତା'ରି ଚିନ୍ତାରେ ବାପାଙ୍କର ଏମିତି ଅବସ୍ଥା ହେଲା ବୋଲି ଘରଠାରୁ ବାହାର ପର୍ଯ୍ୟନ୍ତ ଲୋକେ କଥା ହେଉଥିଲେ ବୋଲି ଶୁଣିଲା ଭବ୍ୟା।

ସେପଟୁ ଭାଇ ନୁହେଁ, ବୋଉର 'ହେଲୋ' ଶବ୍ଦ ଶୁଣି ଖୁସିରେ ଯେମିତି ନାଚି ଉଠିଲା ଭବ୍ୟା। 'ଟିକିଏ ରହ' କହି ମୋବାଇଲକୁ ଧରି ବାଲ୍‌କୋନିକୁ ଚାଲିଗଲା ବଡ଼ ଆଗ୍ରହରେ। ହେଲେ ପରମୁହୂର୍ତ୍ତରେ ଭିତରେ ଭିତରେ ସାଙ୍କୁଡ଼ି ଉଠିଲା। ଆଉ କିଛି ଖରାପ ସମ୍ବାଦ ପାଇବନି ତ ବୋଉଠାରୁ!

'ତୁଆସୁନୁ...' ବୋଉର ଥରିଲା କଣ୍ଠର ସ୍ୱର। ଆହା... କେତେ ଦିନ ପରେ ସେଇ ଅମୃତବୋଳା କଣ୍ଠର ଝଙ୍କାର! ନାକକାନ୍ଦୁରି ବୋଉର ସ୍ନେହବୋଳା ଆମନ୍ତ୍ରଣ। ଭବ୍ୟା କଣ୍ଠରେ ଅମିତ କୋହର ଉଦ୍‌ଗିରଣ!

ବିନା ସିନ୍ଦୂର ବିନ୍ଦୁରେ ବୋଉର କପାଳ କେମିତି ଦିଶୁଥିବ? ଆହା ବିଚାରୀ? କେତେ ଦିଅଁଦେବତାଙ୍କୁ ଡାକୁଥିଲା ଅହ୍ୟବେଶରେ ସଜ୍ଜିତ ହୋଇ ନିଆଁରେ ଦାହ ହେବାକୁ...! ସେ କ'ଣ କ୍ଷମା କରିଦେଇଛି ତା' ଝିଅକୁ...!

– "ଘରକୁ ଯିବି? ସତରେ ଯିବି ବୋଉ...? ଭାଇ ଭାଉଜ...?" କୋହ ଜର୍ଜରିତ କଣ୍ଠରେ କଥା ଢୋକି ହୋଇଗଲା ଆପେ...!

– "ଯିଏ ତୋତେ ପ୍ରାଣଠୁ ଅଧିକ ଭଲପାଉଥିଲେ ସେ ତ ଆଉ ନାହାନ୍ତି। ତା' ବୋଲି ତୋତେ କ'ଣ କେହି ଆଦର ଯତ୍ନ କରିବେନି ବୋଲି ତୁ ମନେକରୁଛୁ? ତୁ ସିନା କାହାର ଆଦର ଯତ୍ନକୁ ଭୁଲି ତୋ ପସନ୍ଦର କାମ କଲୁ, ହେଲେ ନିଜ ରକ୍ତର ସମ୍ପର୍କ କ'ଣ ତୁଟିଯିବ?"

ଭବ୍ୟା ତୁନି ପଡ଼ିଲା କ୍ଷଣେ। 'ସୁବିଧା ଦେଖି ଯିବି' ବୋଲି କହି ଫୋନ୍ ରଖିଲା, ପରକ୍ଷଣରେ ଉବୁଟୁବୁ ହେଉଥିବା ଦୁଃଖ ଓ ଗ୍ଲାନିରେ ଭାଙ୍ଗିରୁଜି ଗଲା ନିଜ ଭିତରେ। ଆଖିରୁ ଲୁହ ଅବିରତ ବୋହିବାରେ ଲାଗିଲା।

ଭବେଶଙ୍କୁ ଚିହ୍ନିବାରେ ଭୁଲ୍ କରିଦେଇଥିଲା ବୋଲି ଅନୁତାପ କରିବା ଛଡ଼ା ଆଉ କିଛି ଉପାୟ ନାହିଁ। ତାଙ୍କର ତା' ଦେହ ଆଉ ପଇସା ଛଡ଼ା ଏବେ କୌଣସି କଥାରେ ଆଗ୍ରହ ନାହିଁ। ନିଜ ଭାଗ୍ୟର ବିଡ଼ମ୍ବନାକୁ ନିଜେ ଆମନ୍ତ୍ରଣ କରିଛି ତ ଦୋଷ ଦେବ ଆଉ କାହାକୁ!

ପୁଣି ଥରେ ଫୋନ୍ ରିଂ ହେଲା। ଏଥର କଥା ହେଲେ ଭାଉଜ।

– "ଶୁଣ ଭବ୍ୟା, ମୁଁ ବି ତୁମରି ପରି ଗୋଟିଏ ନାରୀ। ତୁମ କଥା ମୁଁ ବୁଝିପାରୁଛି। ତୁମ ଆକାଉଣ୍ଟ ନମ୍ବରଦିଅ। ତୁମ ଭାଇ ସେଇ ନମ୍ବରରେ ଟଙ୍କା ପଠେଇଦେବେ। ତୁମ ବିଷୟରେ ତୁମ ସାଙ୍ଗ ବିନିଙ୍କଠାରୁ ସବୁ କଥା ବୁଝିସାରିଛନ୍ତି ଭାଇ।"

ଏଥର ଭବ୍ୟାର କରୁଣ କାନ୍ଦ ସ୍ୱର ଶୁଣିପାରିଲେ ଭାଉଜ।

– "ଭାଉଜ ମୋତେ କ୍ଷମା କରିଦିଅ। ଏତେ ସବୁ ପରେ ବି ତୁମେମାନେ ସମସ୍ତେ ମୋର ଭଲ ଚାହୁଁଛ। ହେଲେ ମୁଁ ତୁମମାନଙ୍କ ମନରେ ଯଥେଷ୍ଟ ଆଘାତ ଦେଇଛି।"

– "ଯାହା ହେବା କଥା ହୋଇ ସାରିଛି। ତୁମେ କେବେ ଆସି ତୁମ ବାହାଘର ପାଇଁ ତିଆରି ହୋଇଥିବା ଗହଣାଗୁଡ଼ିକ ବି ନେଇଯାଅ। ଖାସ୍ ସେଇଥିପାଇଁ ତୁମକୁ ବୋଉ ଘରକୁ ଆସିବା ପାଇଁ କହୁଥିଲେ। ଦେଖ ତୁମେ ଭଲରେ ରହିଲେ ସିନା ଆମେମାନେ ସବୁ ଏଠି ଶାନ୍ତିରେ ରହିବୁ।"

– "ଭାଇଙ୍କୁ କହିବ ମୋ' ପାଖକୁ କିଛି ବି ଟଙ୍କା ପଠେଇବେ ନାହିଁ। ଟଙ୍କା ଦେଲେ ଏ ଲୋକର ଔଦ୍ଧତ୍ୟ ଆହୁରି ବେଶୀ ବଢ଼ିଯିବ। ସୁନାଗହଣା ତ ବିଲ୍‌କୁଲ ବି ନୁହେଁ। ମୁଁ ମୋ' ପାପର ପ୍ରାୟଶ୍ଚିତ୍ତ ନିଜେ କରିବାକୁ ଚାହୁଁଛି।"

– "ଶୁଣ ଭବ୍ୟା, ତୁ ମୋ' ଛୋଟ ଭଉଣୀ। ତୁ କୌଣସି ବିପଦରେ ପଡ଼ିଲେ ତୋତେ ସେଥିରୁ ମୁକୁଳାଇବା ଦାୟିତ୍ୱ ଏବେ ମୋର। ବାପା ନାହାନ୍ତି ତ ତୁ ଭାବିନେ ତୋ' ଭାଇ ଏବେ ତୋର ବାପା ସମାନ। କହ ମୋତେ, ତୋ' ପାଇଁ ମୁଁ କ'ଣ କରିପାରିବି? ମୁଁ ପ୍ରସ୍ତୁତ ଅଛି। ହେଲେ ତୁ କୌଣସି ଭୁଲ ରାସ୍ତା ବାଛିବୁନି।"

ଭାଇଙ୍କ କଥା ଶୁଣି ଭବ୍ୟାର କଣ୍ଠ ରୁଦ୍ଧ ହୋଇ ଆସୁଥିଲା। ତା'ର କାନ୍ଦ ଶବ୍ଦ ସ୍ପଷ୍ଟ ଶୁଭୁଥିଲା ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ। ଭବ୍ୟା ଏଥର ଶୁଣିଲା ପୁଣି ଥରେ ଭାଉଜଙ୍କ ସ୍ୱର।

– "ଶୁଣ ଭବ୍ୟା, ତୁମେ ସେଠାରୁ ଚାଲିଆସିବାକୁ ଚାହିଁବ ତ ଆମେ ତୁମକୁ ନିଶ୍ଚୟ କୋଳେଇନେବୁ। ତୁମ ଘର। ତୁମକୁ ଫେରିବାକୁ କିଏ ମନା କରିବ? ହେଲେ ତୁମ ଇଚ୍ଛା ଆଉ ସିଦ୍ଧାନ୍ତ ଉପରେ ସବୁ ନିର୍ଭର କରେ। କହିବ ଯଦି ଆମେ ଯାଇ ତୁମକୁ ନେଇଆସିବୁ। ତେଣିକି ଦେଖିବା...! ତୁମ ଭବିଷ୍ୟତ ବିଷୟରେ ଆମେ ସମସ୍ତେ ମିଶି ଆଲୋଚନା କରିବା।"

– "ଭାଉଜ, ସେ ହେଉଛନ୍ତି ଗୋଟିଏ ଜହ୍ଲାଦ। ବହୁତ ଝିଅଙ୍କ ସହ ତାଙ୍କର ସମ୍ପର୍କ। ତାଙ୍କ ପାଇଁ ଟଙ୍କା ରୋଜଗାର କରିବାକୁ ମୋତେ ଏବେ ସେଇ ନିଷିଦ୍ଧ ରାସ୍ତାକୁ ଯିବାକୁ ବାଧ କରୁଛନ୍ତି। ମୋ' ଦେହରେ ପ୍ରତ୍ୟହ ତାଙ୍କ ନିର୍ଯାତନାର ଦାଗ...! ହାହୁତାଶମୟ ଜ୍ୱାଳାରେ ଦଗ୍ଧ ହେବା ଅପେକ୍ଷା ଏ ଜୀବନରୁ ମୁକ୍ତି ପାଇଯିବା ବରଂ ଭଲ।"

– "ବିଲ୍‌କୁଲ ନୁହେଁ। ନିଜକୁ ଅସହାୟ ମନେକରନା। ଆମେ ତୁମ ସହ ଅଛୁ। ତୁମକୁ ଏତେ ଦୁର୍ବଳ ବୋଲି ମୁଁ ମାନିପାରୁନି। ପରିବାର ବିପକ୍ଷରେ ଯେଉଁ ଝିଅ ଯାଇପାରେ, ସେ ଅନ୍ୟ କାହା ବିପକ୍ଷରେ ବି ଯାଇପାରେ...!"

ଆପାର୍ଟମେଣ୍ଟର ଛଅ ତାଲା ଉପରୁ ଖସିପଡ଼ି ଭବେଶର ମୃତ୍ୟୁ ଖବର ପରଦିନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଥିଲା। ଭବ୍ୟାକୁ ପୋଲିସ ଆରେଷ୍ଟ କଲାବେଳେ ତା' ମୁହଁରେ ଏକ ଖୁସିର ଝଲକ ଦେଖିବାକୁ ମିଳିଥିଲା। ଟିଭିରେ ପ୍ରସାରିତ ଏ ଦୃଶ୍ୟରେ ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଭବ୍ୟାର ଆତ୍ମୀୟ ସ୍ୱଜନ...! ନ୍ୟାୟିକ ଯୁଦ୍ଧରେ ଅବତୀର୍ଣ୍ଣ ହେବା ପାଇଁ ପ୍ରସ୍ତୁତ ହେଉଥିଲେ ଭବ୍ୟାର ପରିବାର।

ମୋ: ୯୪୩୮୧୭୫୫୪୨

## ପୁସ୍ତକ ପରିଚୟ

### ନିଃଶବ୍ଦ ଯନ୍ତ୍ରଣା




**ଲେଖକ:** ଭାଗୀରଥି ଦାସ
**ପ୍ରକାଶକ:** ସୁଦୀପ୍ତା ପ୍ରକାଶନୀ, ବାଣୀପୁତ୍ର ଭବନ, ଜଗତ୍‌ସିଂହପୁର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୧୫/-

୧୯୬୯ରୁ ଏଯାବତ୍ ପାଖାପାଖି ଛ'ଶହ ଉପନ୍ୟାସ, ନାଟକ, ଗଳ୍ପ, କବିତା ଓ ପ୍ରବନ୍ଧଗ୍ରନ୍ଥର ରଚୟିତା ଭାଗୀରଥି ଦାସଙ୍କର ଆତ୍ମଜୀବନୀ ନିକଟରେ ପ୍ରକାଶ ପାଇଛି। ଗ୍ରନ୍ଥରେ ରହିଛି ମୋଟ ୧୩ଟି ପରିଚ୍ଛେଦ– ଏଥିରୁ ୧୧ଟି ମୁଖ୍ୟ। ଏଥିରେ ଲେଖକ କିପରି ଆତ୍ମଜୀବନୀ ରଚନାରେ ପ୍ରବୃତ୍ତ ହେଲେ, ନିଜ ସମୟର ସମସ୍ୟା ଓ ଝଡ଼ଝଞ୍ଜା, ନିଜ ଲେଖା ସମ୍ପର୍କରେ ସୂଚନା ଆଦି ସଂକ୍ଷେପରେ ସ୍ଥାନିତ ହୋଇଛି। ଘର ସଂସାରର ନାନା ଦାୟ ନିଭାଇବା ସହିତ ଜୀବନର ଅଭିଜ୍ଞତାକୁ ନେଇ ନିଜର ସାହିତ୍ୟ ରଚନା ବିଶେଷକରି ଉପନ୍ୟାସ ଓ ନାଟକ ରଚନାକୁ ଲେଖକ କିପରି ଆଗେଇ ନେଇଛନ୍ତି– ତା'ରି ଧାରାବିବରଣୀ ଆଲୋଚ୍ୟ ଜୀବନୀଗ୍ରନ୍ଥରେ ସ୍ଥାନିତ। ଲେଖକ ନିଜ ଲେଖାର ଗ୍ରହଣଶୀଳତା ଓ ଚାହିଦା ସମ୍ପର୍କରେ ଠାଏ କହିଛନ୍ତି: "ନାଟକ, ଉପନ୍ୟାସ, ଗଳ୍ପ, କବିତା ଓ ପ୍ରବନ୍ଧ ଆଦି ସାହିତ୍ୟର ସବୁ ବିଭାଗରେ ସଫଳତା ପାଇଲି। ମୋର ସମସାମୟିକ ଲେଖକମାନଙ୍କ ଚାହିଦା କମ୍ ଥିଲା। ମୋ' ଲେଖା ଛାପୁଥିବା ପ୍ରକାଶକମାନେ ଅନ୍ୟମାନଙ୍କ ଲେଖା ଅପେକ୍ଷା ମୋ' ଲେଖା ଅଧିକ ଛାପୁଥିଲେ। ମୁଁ କାହାରି ପ୍ରତିଦ୍ୱନ୍ଦ୍ୱୀ ନ ଥିଲି କିମ୍ବା ମୋର କେହି ଶତ୍ରୁ ନ ଥିଲେ।" (ପୃ:୮୦)। ଗ୍ରନ୍ଥ ଶେଷରେ ଈଶ୍ୱରଙ୍କ ନିକଟରେ ଲେଖକଙ୍କ ନିବେଦନ ଯେତିକି ହୃଦୟସ୍ପର୍ଶୀ, ସେତିକି ବିସ୍ମୟକର। ସେ କହନ୍ତି: "ଯଦି ମୁଁ ଓଡ଼ିଶା ମାଟିରେ ଜନ୍ମନିଏ, ତେବେ ପ୍ରଭୁ ମୋତେ ଗରିବ ଘରେ ଜନ୍ମ ଦିଅନ୍ତୁ। ମୋ' ଜୀବନରେ ଝଡ଼ ଆସୁ, ଆଖିରେ ଦିଅନ୍ତୁ ଅଦିନ ଶ୍ରାବଣ ଆଉ ମୋତେ ଓଡ଼ିଆ ଲେଖକ ଭାବରେ ସାହିତ୍ୟ ଅଗଣାରେ ଠିଆ ହେବାର ସୌଭାଗ୍ୟ ଦିଅନ୍ତୁ।" (ପୃ:୯୭)। ଆଶା କରାଯାଏ, ଆଲୋଚ୍ୟ ଆତ୍ମଜୀବନୀଟି ଓଡ଼ିଆ ପାଠିକାପାଠକଙ୍କ ଦ୍ୱାରା ଆଦୃତ ହେବ।

### ଶିଳାସ୍ୱପ୍ନ




**ଲେଖିକା:** ଗୌରୀ ଶତପଥୀ
**ପ୍ରକାଶକ:** ଦେବଶ୍ରୀ ଚାରିଟେବଲ୍ ଟ୍ରଷ୍ଟ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୦୦/-

ଆଲୋଚ୍ୟ ଗୀତି-କବିତା-ଗ୍ରନ୍ଥଟି 'କୋଣାର୍କ' ମନ୍ଦିରର ମୂକ ପାଷାଣ ପ୍ରତିମାକୁ ଆଧାର କରି ପ୍ରେମ ଓ ପ୍ରଣୟର ଚିରନ୍ତନୀ ପରିପ୍ରକାଶ ହୋଇଉଠିଛି। ବିରହ ଓ ମିଳନର ଯୁଗ୍ମ ଛନ୍ଦରେ ଛନ୍ଦାୟିତ ଗୀତଗୁଡ଼ିକ ମନର ନାନା ଭାବଭାବନାକୁ ଆଶ୍ରୟ କରି ଏପରି ରସାଳ ହୋଇଉଠିଛି ଯେ, ପଢ଼ି ବସିଲେ ଏହାର ସ୍ୱାଦ ମନରୁ ସହଜରେ ଲିଭେ ନାହିଁ। ପ୍ରଥମ ଗୀତରେ କବୟିତ୍ରୀ କହନ୍ତି: "ଯାହା ମୁଁ ପାରେନା କହି, କାହାରି ଆଗରେ/ ତାକୁ ସବୁ ଗାଇଯାଏ, କବିତାର ସୁରେ।" (ପୃ: ୦୪)। କୌଣସି ଗୀତର ଶୀର୍ଷକ ନାହିଁ, ହେଲେ ଗୀତିଗୁଡ଼ିକର ପ୍ରଥମ ଧାଡ଼ି ଶୀର୍ଷକର ଦାୟ ନିଭାଏ। ଗୋଟିଏ ଯୋଡ଼ିଏ ଉଦ୍ଧୃତି ନେଇ ଲେଖାଗୁଡ଼ିକର ସରଳତା, ଭାବମୟତା ଓ ଅସରା ଆବେଦନକୁ ପାଠକଙ୍କ ସମକ୍ଷରେ ଉଜାଗର କରାଯାଇପାରେ। ଯଥା: ୧. "ଏ ଝାଉଁବଣରେ କେତେ ମୁଁ ଖୋଜିଛି/ ବିତାଇ ଅନେକ ରାତି/ ସବୁରାତି ଆସି ଫେରିଯାଏ ସିନା/ ତୁମକୁ ପାଏନା ସାଥୀ।" (ପୃ:୨୪), ୨. "ହସେ ଯେବେ ଏଇ ଜୋଛନା ଯାମିନୀ/ ମୋ' ଆଖିରୁ ଝରେ ଲୁହ/ ମରମରେ ମରେ ମରମର ବ୍ୟଥା/ ଛାତିତଳେ ଜାଗେ କୋହ।" (ପୃ:୬୦)। କବି ପ୍ରସନ୍ନ ପାଟଶାଣୀ କହନ୍ତି: "ଅପୂର୍ବ ଏଇ ପୁସ୍ତକ ବହୁ ଲେଖକଙ୍କର ପ୍ରେରଣାର ଉତ୍ସ ଭାବେ ପ୍ରତିଭାତ ହେଉ"– ଏ ଆଶା ଅମୂଳକ ନୁହେଁ।

## କବିତା

### ଆକାଶ ହାଟରୁ କିଣିବି ଟୁକୁଡ଼ାଏ ଜହ୍ନ ଏଥର

**ଉମା ଶଙ୍କର ପାଳ**

ଦାରିଦ୍ର୍ୟର କଷାଘାତରେ
ଯେଉଁ ଦିନ ଗାଁର ଏରୁଣ୍ଡି ଡେଇଁ
ସହର ଆସିଲି
ମା' ଗାମୁଛାରେ ବାନ୍ଧି ଦେଇଥିଲା
ସ୍ୱପ୍ନର ଗଣ୍ଠିଲି
ମଥାରେ ମାଖି ଦେଇଥିଲା,
ଗ୍ରାମଦେବୀଙ୍କ ଆଶିଷ
ବସ୍ ଝର୍କାରୁ ଦେଖିଥିଲି
ଭଉଣୀ ଆଖିରୁ ନିଗିଡ଼ା ସ୍ନେହ ବୁନ୍ଦାକ।

ଠିକ୍ ସେତିକିବେଳେ
ବିଲମାଳର କେଉଁ ତାଳଗଛରୁ
ମା' ପକ୍ଷୀ ବସାରୁ
ଠେଲି ଦେଉଥିଲା ତା' ଶାବକକୁ
ପକ୍ଷ ମେଲି ଦୁନିଆରେ ବଞ୍ଚି ଶିଖିବାକୁ।

ଯେବେ ସହରରେ ନୂଆ ପାଦ ଦେଲି
କିଏ ଦେଇଥିଲା ଆଶ୍ୱାସ
କିଏ କରିଥିଲା ବିଶ୍ୱାସଘାତ
କେହି ବି କରିଥିଲେ ଉପହାସ।

ମନେପଡ଼ିଲେ
ସୁଖର ସ୍ୱାଦ ଚାଖି ନ ଥିବା
ମା' ଭଉଣୀଙ୍କ ବିଷଣ୍ଣ ମୁଖ
କିଏ ଯେମିତି ମୋ' ଭିତରେ
ସବୁ ସହିବାକୁ ଭରି ଦେଉଥିଲା ସାହସ।

କାରଖାନାର ହୁତାଶ
ବିନିଦ୍ର ରଜନୀର କ୍ଲେଶ
ମାଲିକର କଡ଼ା ମିଜାସ
ବାଲି ସିମେଣ୍ଟର କସରତ ଭିତରେ
ସ୍ୱେଦ, ଶୋଣିତ, ଲୋତକର ରଙ୍ଗ ଏକ।

ବସ୍ତିର ଦଦରା ବସାଘରେ ଜୀବନ
ହାଟ ଶେଷର ସଉଦାପରି ଶସ୍ତା
ରଫୁକରା ଜୋତା ପ୍ୟାଣ୍ଟର ଦୀନାବସ୍ଥା
ଚୁଡ଼ା ପଖାଳରେ କାମ ଚଳାଇ
ସଞ୍ଚୁଥାଏ ବଳକା ଟଙ୍କା
ମେଣ୍ଟାଇବାକୁ ଅଭାବୀ
ସଂସାରର ଆବଶ୍ୟକତା।

ଆକାଶ ହାଟରୁ କିଣିବି
ଟୁକୁଡ଼ାଏ ଜହ୍ନ ଏଥର
ଯେଉଁଥିରେ ମା' ଦେଖିବ ମୁହଁ, ସୁଖର
ତାରାଫୁଲ ପେଣ୍ଡାଟିଏ କିଣି
ଭଉଣୀକୁ ଦେବି ଉପହାର
ଗଭାରେ ନାଇ ସେ ଦିଶିବ ସୁନ୍ଦର।

ମୋ: ୯୫୫୬୮୮୮୭୦୮

### ଥରେ ମୋ ସହରରୁ ଦେଖ

**ତେଜସ୍ୱିନୀ ପଣ୍ଡା**

ଥରେ ମୋ ସହରରୁ ଦେଖ
ଆକାଶର ଧୂମାଭ ଅନ୍ଧାର,
ଅଧାଲେଖା ଚିଠିର ଅହଙ୍କାର
ଅପ୍ରେମରୁ ପ୍ରେମଯାଏଁ
ଜୀବନର ମହକିତ ମଧୁବନ।

ଥରେ ଦେଖିଯାଅ ମୋ ସହର,
ଆସିବ ନା! ନ ଆସିଲେ ନାହିଁ,
ଦୂରରୁ ରହି ଦେଖ ଧୂସର
ସ୍ମୃତିର ପାଦଚିହ୍ନ,
ସେଇ ଅପ୍ରେମ ଶିକୁଳିର
ଅନ୍ତିମ ଅଧ୍ୟାୟ ହିଁ ଟିପିଏ ସିନ୍ଦୂର।

ଥରେ ମୋ ସହରରୁ ଦେଖ
ନରମ ପାପୁଲିରେ ନିଆଁର ଛାପ
ତୁମେ ଯେମିତି ବାଛିଲ ମତେ,
ଦୁର୍ଭାଗ୍ୟ ବି ଆସେ ଅଳ୍ପରେ ଅଳ୍ପରେ
କି ନାମ ଦେବି ଏ ସଂଯୋଗର?
ତୁମେ ଗୋରା ଆଉ ମୁଁ ଶ୍ୟାମଳବର୍ଣ୍ଣର।

ଥରେ ମୋ ସହରରୁ ଦେଖ
ସବୁଠି ଚର୍ଚ୍ଚା ଆମ ପ୍ରେମର।

ମୋ: ୯୬୯୨୩୬୧୪୦୪

ଗୀତି-କବିତା

### ଜହ୍ନରାତି

**ତପନ କୁମାର ସ୍ୱାଇଁ**

ସଞ୍ଜବେଳେ ଦିନେ ନଈପଠା ପରେ
ବସି ଭାବୁଥିଲି ଏକା,
ଜହ୍ନ ଉଠୁଥିଲା ଦୂର ଆକାଶରେ
ତୁମର ନଥିଲା ଦେଖା।

ବଉଦ ଫାଙ୍କରେ ଲୁଚି ଯାଉଥିଲା
ମଉଳା ଜହ୍ନର ମୁହଁ,
ଛାତି ତଳେ ମୋର ବିରହ ସ୍ମୃତିର
ଲିଭି ଆସୁଥିଲା କୋହ।
ଦୂର ଆକାଶରେ ଜହ୍ନକୁ ଦେଖି ମୋ'
ଛାତି ତଳେ ଥିଲା ଦକା।
ସଞ୍ଜବେଳେ ଦିନେ...

କାହିଁକି ସେଦିନ ତୁମକୁ କେଜାଣି
ଖୋଜୁଥିଲା ଭାରି ମନ,
ତୁମକୁ ଦେଖିବା ପାଇଁ ମନ ମୋର
ହେଉଥିଲା ଛନଛନ,
ସେଦିନ ଯେମିତି ମୋ' ମୁହଁ ପରି
ଜହ୍ନ ଦିଶୁଥିଲା ଫିକା।
ସଞ୍ଜବେଳେ ଦିନେ...

ମୋ: ୯୦୪୦୦୩୩୩୯୦

## କାଳକାଳକୁ



"ନିଜ ଧର୍ମ ବିଷୟରେ ଲୋକେ
ଯେତେ ଯାହା କହନ୍ତୁ ପଛେ,
ଯଦି ତାହା ମଣିଷ ଓ ପଶୁଙ୍କ ପ୍ରତି
ଦୟାଭାବ ଶିଖାଏ ନାହିଁ;
ତେବେ ତାହା ଧର୍ମ ନୁହେଁ।"
– ଆନ୍ନା ସେୱେଲ

**ଆନ୍ନା ସେୱେଲ**ଙ୍କ ଜନ୍ମ ୩୦ ମାର୍ଚ୍ଚ ୧୮୨୦ରେ ଓ ପରଲୋକ ୨୫ ଏପ୍ରିଲ ୧୮୭୮ରେ, ଲଣ୍ଡନରେ। ଊନବିଂଶ ଶତାବ୍ଦୀର ଇଂଲିଶ୍ ସାହିତ୍ୟରେ ଜଣେ ଶିଶୁ-କିଶୋର ଲେଖିକା ଭାବେ ସେ ବିଶ୍ୱ-ବିଦିତା। ୧୮୭୧ରୁ ୧୮୭୭ ମଧ୍ୟରେ ଘୋଡ଼ାର ଲାଳନ ଓ ତାଲିମକୁ ନେଇ ସେ ଲେଖିଥିଲେ ତାଙ୍କ ଜୀବନର ପ୍ରଥମ ଓ ଶେଷ ଉପନ୍ୟାସ, ଯହିଁରେ 'ଜୀବେ ଦୟା'ର ପରିପ୍ରଚାର ଥିଲା ଆଭିମୁଖ୍ୟ। ଯକ୍ଷ୍ମାରୋଗରେ ପୀଡ଼ିତ ଥାଇ ୫୮ ବର୍ଷ ବୟସରେ ସେ ପରଲୋକ ଗମନ କରିଥିଲେ।

## ଡେରିକର ନାହିଁ

**ମୂଳ ରଷିଆନ୍– ଆଣ୍ଟନ ଚେଖଭ୍**
**ଅନୁବାଦ– ମନୋଜ କୁମାର ବେହେରା**

ଜଣେ ବୃଦ୍ଧ ଚାଷୀ ଅସୁସ୍ଥ ପତ୍ନୀଙ୍କୁ ଘୋଡ଼ାଗାଡ଼ିର ପଛ ସିଟ୍‌ରେ ବସେଇ ଦୂର ସହରକୁ ଚିକିତ୍ସା ପାଇଁ ଯାଉଥିଲେ। ସେହି ଗାଡ଼ିକୁ ଗୋଟିଏ ଦୁର୍ବଳ ଘୋଡ଼ା ଟାଣୁଥିଲା, ଯାହାଫଳରେ ଗାଡ଼ି ଧୀରେ ଧୀରେ ଯାଉଥିଲା ଆଗକୁ। ଯାତ୍ରା ଥିଲା ଲମ୍ବା। ଆଉ ସେହି ଯାତ୍ରା ସମୟରେ ଚାଷୀ ଜଣକ ନିଜ ସହିତ ଗପିଗପି ସାନ୍ତ୍ୱନା ଦେଉଥିଲେ ଅସୁସ୍ଥ ପତ୍ନୀଙ୍କୁ।

ସେ କହିଲେ, ସାରାଜୀବନ ପତ୍ନୀଙ୍କ ସହିତ ଅତ୍ୟନ୍ତ କଠୋର ବ୍ୟବହାର କରିଛନ୍ତି। ହେଲେ ପ୍ରତିବଦଳରେ ଗତ ଚାଳିଶ ବର୍ଷ ହେଲା ଅତ୍ୟନ୍ତ କଷ୍ଟ, ଦୁଃଖ ଆଉ ଅଭାବକୁ ସହିସହି ତାଙ୍କ ପତ୍ନୀ କ୍ଷେତରେ କାମ କରି ଆସିଛନ୍ତି ଏବଂ ଏକୁଟିଆ ପୂରା ଘରର ଦାୟିତ୍ୱ ସମ୍ଭାଳିଛନ୍ତି। ସେତେବେଳେ ଯୁବାବସ୍ଥାରେ ପୁରୁଷୋଚିତ ଅହଙ୍କାରରେ ତାଙ୍କ ପତ୍ନୀଙ୍କର ତ୍ୟାଗ ଓ ବଳିଦାନକୁ ସେ ଦେଖିପାରି ନ ଥିଲେ। ହେଲେ ଏବେ ବୟସର ସାୟାହ୍ନରେ ସେ ଅନୁଭବ କରିପାରୁଛନ୍ତି ଯେ, ପତ୍ନୀଙ୍କ ସହିତ କେତେ ଅନୁଚିତ ବ୍ୟବହାର କରିଛନ୍ତି। ସେ ଏହା ବୁଝି ସାରିଛନ୍ତି କି ଏବେ ତାଙ୍କୁ ପତ୍ନୀଙ୍କ ସହିତ ଦୟା ଆଉ ସ୍ନେହଭରା ବ୍ୟବହାର କରିବା ଉଚିତ, ତାଙ୍କୁ ମିଠା ଏବଂ କୋମଳ କଥା କହିବା ଉଚିତ।

ଚାଷୀ ଜଣକ ପତ୍ନୀଙ୍କୁ କହିଲେ, ସେ ଜୀବନସାରା ତାଙ୍କୁ ଭୁଲ୍ ଢଙ୍ଗରେ ବ୍ୟବହାର କରିଛନ୍ତି ଆଉ ପ୍ରତିବଦଳରେ ଜୀବନ ତାଙ୍କ ସହ ଅନ୍ୟାୟ କଲା। କାହିଁକି ନା ସେ କେବେ ବି ପତ୍ନୀଙ୍କୁ ସ୍ନେହବୋଳା କଥା ପଦେ କହିନାହାନ୍ତି କି ଟିକିଏ ହସ ଓ ପ୍ରେମପୂର୍ଣ୍ଣ ମୁହୂର୍ତ୍ତଟେ ମଧ ଦେଇନାହାନ୍ତି। ପୂରା ଯାତ୍ରା ସମୟରେ ସେ ଦୁଃଖ ଆଉ ପଶ୍ଚାତ୍ତାପର ସହିତ ନିଜକଥା କହିଚାଲିଥିଲେ ପତ୍ନୀଙ୍କୁ। ତାଙ୍କର ପ୍ରତ୍ୟେକଟି ଶବ୍ଦ ମାନବ ଆତ୍ମାରେ ଗଭୀର ଚିହ୍ନ ଛାଡ଼ି ଚାଲିଥିଲା, ଠିକ୍ ଯେମିତି ପାଣି ପଥର ଉପରେ ପଡ଼ି ଧୀରେ ଧୀରେ ତାକୁ କାଟେ। ସେ ପତ୍ନୀଙ୍କୁ କଥା ଦେଲେ କି ତାଙ୍କର ଆଉ ଯେତେ ବର୍ଷର ଆୟୁଷ ଅଛି ତାକୁ ସେ ଖୁସିରେ ଭରିଦେବେ ଆଉ ତାଙ୍କର ସବୁ ଇଚ୍ଛାକୁ ପୂରା କରିବେ।

ଯେତେବେଳେ ସେ ସହରରେ ପହଞ୍ଚିଲେ, ଆଉ ପ୍ରଥମ ଥର ପାଇଁ ପତ୍ନୀଙ୍କୁ ନିଜ ବାହୁରେ ଉଠେଇ ଡାକ୍ତରଙ୍କ ପାଖକୁ ନେବା ପାଇଁ ଚେଷ୍ଟାକଲେ, ସେତେବେଳକୁ ବହୁତ ଡେରି ହୋଇଯାଇଥିଲା। କାହିଁକି ନା ସେତେବେଳେ ପତ୍ନୀଙ୍କ ଶରୀର ଥଣ୍ଡା ହୋଇଯାଇଥିଲା ଆଉ ଶରୀରରୁ ପ୍ରାଣବାୟୁ ଉଡ଼ିଯାଇଥିଲା। ସେ ସହରକୁ ଆସିବା ବାଟରେ ଚାଲିଯାଇଥିଲେ ଆରପାରିକୁ। ତାଙ୍କର ମିଠା ଆଉ ଦୁଃଖଭରା କଥା ସବୁ ଶୁଣିବା ପୂର୍ବରୁ ସେ ଦୁନିଆ ଛାଡ଼ି ଚାଲିଯାଇଥିଲେ ଆରପାରିକୁ।

ଏହି କାହାଣୀର ଅନ୍ତ ଅତ୍ୟନ୍ତ ଦୁଃଖଦାୟକ ଅଟେ, ଏହା ସତ୍ୟ। ହେଲେ ଆମକୁ ଏହି କାହାଣୀ ଏହି ଶିକ୍ଷା ଦେଉଛି କି ପ୍ରାୟତଃ ଆମେ ସମସ୍ତେ କିଛି ଲୋକଙ୍କର ମୂଲ୍ୟକୁ ସେତେବେଳେ ବୁଝିଥାଉ, ଯେତେବେଳେ ବହୁତ ଡେରି ହୋଇଯାଇଥାଏ। ଠିକ୍ ସମୟରେ ଦିଆଯାଉଥିବା ଗୋଟିଏ ସୁନ୍ଦର ଶବ୍ଦ, ପ୍ରଶଂସାର ଟିକିଏ ସ୍ପର୍ଶ ଅବା ପ୍ରେମ ଓ ସ୍ନେହର ନିଦର୍ଶନ ସ୍ୱରୂପ ଦିଆଯାଇଥିବା ଗୋଟିଏ ଫୁଲର ମୂଲ୍ୟ ସେତେବେଳେ ବହୁତ ଅଧିକ ହୋଇଥାଏ। ଡେରିରେ କରାଯାଇଥିବା କାମ ସର୍ବଦା ମୂଲ୍ୟହୀନ ହୋଇଥାଏ, ଠିକ୍ ଯେମିତି ମୃତ ଶରୀରକୁ କ୍ଷମା ମାଗିବା। ସୁନ୍ଦର କାମକୁ କରିବା ପାଇଁ ଡେରି କରନାହିଁ, କାହିଁକି ନା ସମୟ କେବେ କାହା ପାଇଁ ଅଟକି ନାହିଁ। କିଏ ଜାଣେ ଆମେ ଯାହାକୁ ଆଜି ଘୃଣା ଓ ଈର୍ଷା କରୁଛେ, ଯାହାର ଉପସ୍ଥିତିକୁ ଆମେ ନିନ୍ଦୁଛେ ଯେତେବେଳେ ତାଙ୍କୁ କ୍ଷମା ମାଗିବାର ସମୟ ଆସିବ ସେତେବେଳେ ସେ ଆମ ସହିତ ଥିବେ କି ନ ଥିବେ!

ମୋ: ୭୯୭୮୮୩୦୬୧୧



## ଶେଷହୀନ ଆକୁଳତାର କବି ରମାକାନ୍ତ



ନିରଞ୍ଜନ ବେହୁରିଆ

ବେଳେବେଳେ ମନେହୁଏ ମୁଁ ଆକାଶ ପ୍ରଶସ୍ତ ଅଥଚ ଫାଙ୍କା / ଏବଂ ଦେଖୁଅଛି ପୃଥିବୀ ଯେପରି ତମେ ଠିକ୍ ସେହିପରି ମେଲା କରିଅଛ ହାତମାନ/ ଯେଉଁଠାରେ ଓହ୍ଲାଇଲେ ସେହିଠାରେ ତୁମ ଆଲିଙ୍ଗନ। ହଁ, ତାଙ୍କ କବିତାର ଆଲିଙ୍ଗନ ସବୁଠି, ଆକର୍ଷଣ ମଧ୍ୟ। ତାହା ପାଠକକୁ ବାନ୍ଧିରଖେ, ମୁଗ୍ଧ ଚକିତ ବିଭୋର କରେ। ସେ ହେଉଛନ୍ତି କବି ରମାକାନ୍ତ ରଥ। ଭାରତୀୟ କାବ୍ୟ ସାହିତ୍ୟର ଏକ ଉତ୍ତୁଙ୍ଗ କାବ୍ୟସ୍ରଷ୍ଟା। ଆଧୁନିକ କବିତା ରାଜ୍ୟର ଶିଖର ପୁରୁଷ। ସଚ୍ଚି ରାଉତରାୟଙ୍କ ପରେ ଓଡ଼ିଆ କବିତାର ମଙ୍ଗୁଆଳ ସେ। ତାଙ୍କ କାବ୍ୟଜଗତ ଥିଲା ବ୍ୟାପକ, ଥିଲା ନିତ୍ୟନୂତନ। ନବନବ ଚେତନାର ପ୍ରଜ୍ଞାଦୀପ୍ତ ରସମୟତାରେ ଉର୍ଜ୍ଜସ୍ୱଳ। 'କେତେଦିନର' ଠାରୁ 'ସପ୍ତମଋତୁ', 'ଶ୍ରୀରାଧା' ରୁ 'ଶ୍ରୀପଳାତକ', 'ସୀମାନ୍ତବାସ' ରୁ 'ନ ଯା ନ ଯା କହୁକହୁ' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କର କାବ୍ୟଯାତ୍ରା। ନାନା ରୂପ ଓ ରଙ୍ଗରେ ସେ ସଜାଇଛନ୍ତି କବିତାକୁ, ଦେଇଛନ୍ତି ନୂଆମୋଡ଼, ନୂଆ ଦିଶା। ନିଜର ପ୍ରଜ୍ଞା ଓ ପ୍ରତିଭାରେ ପ୍ରଭାବନ୍ତ କରିଛନ୍ତି କବିତାର ଆକାଶକୁ।

୧୯୭୫ ମସିହା। ଭଦ୍ରକ କଲେଜରେ ଅନର୍ସ ପଢ଼ିଲାବେଳେ ରମାକାନ୍ତ ମତେ ଜାବୁଡ଼ି ଧରିଥିଲେ। ସେତେବେଳେ କେତେଦିନର (୧୯୬୨), ଅନେକ କୋଠରୀ (୧୯୬୭), ସନ୍ଦିଗ୍ଧ ମୃଗୟା (୧୯୭୧) ପ୍ରକାଶ ପାଇ ସାରିଥିଲା। ସମ୍ପୂର୍ଣ୍ଣ ନୂଆ ଧରଣର। ଅନ୍ୟମାନଙ୍କ କବିତାଠାରୁ ଲାଗୁଥିଲା ଅଲଗା ଅଲଗା। ଭାରି ଭଲ ଲାଗୁଥିଲା ସେ ସବୁ କବିତା। ତାଙ୍କର ଶୈଳୀ ବେଶୀ ଛୁଉଁଥିଲା ହୃଦୟକୁ। ତାହାହିଁ ଥିଲା ତାଙ୍କର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ। ସାଳନ୍ଦୀର ନଈପଠାରେ ଜହ୍ନରାତିରେ ସତୀର୍ଥମାନଙ୍କ ସହ 'ଚନ୍ଦ୍ରମାର ରୁଡ଼ି', 'ଜହ୍ନରାତି'ର ପଂକ୍ତିକୁ କେତେଥର ଯେ ଆବୃତ୍ତି କରିଛି ତା'ର ହିସାବ ନାହିଁ। ପରେପରେ ଏମ୍.ଏ.ରେ ଆଧୁନିକ ସ୍ପେଶାଲ ପଢ଼ିଲାବେଳେ ପୁନଶ୍ଚ ତାଙ୍କ କବିତା 'ସପ୍ତମଋତୁ' (୧୯୭୭) ସହ ଭେଟ। ଶ୍ରେଣୀକକ୍ଷରେ, ସମ୍ପାନରେ ଆଲୋଚନାରେ ତାଙ୍କ କବିତା ସହ ଅନ୍ତରଙ୍ଗତା। ସେ ଥିଲେ ମୋର ଅନ୍ୟତମ ପ୍ରିୟ କବି। ତାଙ୍କ କବିତା ସେଦିନ ମତେ ବିହ୍ୱଳ ଓ ବିଭୋର କରିଥିଲା।

ରମାକାନ୍ତ ଥରେ କହିଥିଲେ, "କୋମଳତା, ଆବେଗ ଓ ଭାବପ୍ରବଣତାକୁ ନେଇ କବିତା ଗଢ଼ାଯାଏ। ଗଢ଼ାଯାଏ ନାହିଁ ବରଂ ଏହା ଆପଣାଛାଏଁ ଉତୁରିଆସେ। ପ୍ରତ୍ୟେକ ଭଲ କବିତା ସେଇଦୃଷ୍ଟିରୁ ଗୋଟିଏ ଗୋଟିଏ ସ୍ମରଣୀୟ ବକ୍ତବ୍ୟ।" ସେ ଥିଲେ ଶବ୍ଦର ଯାଦୁକର। ଭାବର ଈଶ୍ୱର। ଆଧୁନିକ ଓଡ଼ିଆ କବିତାର ଅନନ୍ୟ ରୂପକାର। ତାଙ୍କର ଶୈଳୀ ଥିଲା ବିରଳ ଓ ସ୍ୱତନ୍ତ୍ର। ଅସରନ୍ତି ଅସହାୟତାର ରହସ୍ୟମୟ ଅଭିବ୍ୟକ୍ତି ପାଠକର ସପ୍ରଶସ୍ତ ଦୃଷ୍ଟି ଆକର୍ଷଣ କରିବାକୁ ଥିଲା ସକ୍ଷମ। ତାଙ୍କର ଅଧିକାଂଶ କବିତା କେବଳ ଅଭିଭୂତ କରେନାହିଁ, ଯୁଗପତ୍ ଆନନ୍ଦ ଓ ବିସ୍ମୟ ସୃଷ୍ଟିକରେ ମନରେ। ଅନାସକ୍ତ ଭାବରେ କାହାଣୀକୁ କବିତା ଓ କବିତାକୁ କାହାଣୀ କରିବାର ଚମତ୍କାରିତା, ସ୍ୱପ୍ନ ଓ ବାସ୍ତବତାର ବିହ୍ୱଳ ବିଭୋରପଣକୁ ରମାକାନ୍ତ ଯେପରି ପରଶି ଦିଅନ୍ତି ତାହା ସତରେ ଈର୍ଷଣୀୟ।

ମୋର ମନେହୁଏ ପ୍ରକୃତରେ ସେ ଥିଲେ 'ଶ୍ରୀରାଧା'ର କବି। ରମାକାନ୍ତ ଅନ୍ୟ କିଛି ନ ଲେଖି କେବଳ 'ଶ୍ରୀରାଧା' ଲେଖିଥିଲେ ତାଙ୍କର କବିଯଶ ଓ ଖ୍ୟାତି କିଛି କମିଯାଇ ନ ଥାନ୍ତା। ପ୍ରେମ ଓ ମୃତ୍ୟୁର ଲୁଚକାଳି ଖେଳ ଭିତରେ ଆନନ୍ଦ ଓ ଆବେଗର ରସଘନ ଚିତ୍ର, ରହସ୍ୟମୟ ଅଭିବ୍ୟକ୍ତି 'ଶ୍ରୀରାଧା'କୁ କରିଛି ଶ୍ରେଷ୍ଠତମ। ମୋ ମତରେ ରମାକାନ୍ତ କେବଳ ପ୍ରେମ ଓ ମୃତ୍ୟୁର କବି ନ ଥିଲେ। ସେ ଥିଲେ ଶେଷହୀନ ଶୋଷ ଓ ଅନ୍ତହୀନ ଅବସୋସର କବି। ପ୍ରେମ, ମୃତ୍ୟୁ, ଅସହାୟତା, ଅବସୋସ, ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର କଥା, ଆନନ୍ଦ ଓ ବିସ୍ମୟର ଅନ୍ତରଙ୍ଗ ଅନୁଭବରେ ତାଙ୍କ କବିତା ଥିଲା ଝଲମଲ ଦୀପ୍ତିମନ୍ତ। ଆଜି ସେ ଆମ ଗହଣରେ ନାହାନ୍ତି। କିନ୍ତୁ ଯେତେଦିନ ଓଡ଼ିଆ ଭାଷା ଥିବ ତାଙ୍କ କବିତାର ଗୁଣୁଗୁଣୁ ସ୍ୱର ଶୁଭୁଥିବ, କାଳକାଳ... ଚିରକାଳ।

ମୋ: ୭୮୯୪୨୫୬୪୧୨

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଏପ୍ରିଲ ୧୯/୨୦୨୫ Bhubaneswar, Saturday, April 19/ 2025

# ଦିଲ୍ଲୀ-ଗୁଜରାଟ ମୁକାବିଲା ଆଜି

**ଅହମଦାବାଦ, ୧୮।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଶନିବାର ହେବାକୁଥିବା ଡବଲ ହେଡରର ପ୍ରଥମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ଦିଲ୍ଲୀ ଦଳ ୬ ମ୍ୟାଚରୁ ୫ ବିଜୟ ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଗୁଜରାଟ ସମାନ ସଂଖ୍ୟକ ମ୍ୟାଚ ଖେଳି ୮ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ପାଇଛି। ତେଣୁ ଆସନ୍ତା ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ରାଜସ୍ଥାନ ରୟାଲ୍ସ ବିପକ୍ଷରେ ନାଟକୀୟ ସୁପର ଓଭର ଜିତିବାପରେ ଦିଲ୍ଲୀ ଦଳର ଖେଳାଳିଙ୍କ ମନୋବଳ ବହୁ ଉପରେ ରହିଛି। ଚାପ ସ୍ଥିତିରେ ମିଚେଲ ଷ୍ଟାର୍କ ସୁପର ଓଭରରେ ଚମତ୍କାର ବୋଲିଂ କରି ଦଳକୁ ଜିତାଇଥିଲେ। ସୁପର ଓଭରକୁ ମିଶାଇ ଷ୍ଟାର୍କ ନିଜର ଶେଷ ୩ ଓଭରରେ ପିନ୍‌ପଏଣ୍ଟ ୟର୍କର ପକାଇଥିଲେ। ଏହା ମ୍ୟାଚର ମୋଡ଼ ବୁଲାଇଥିଲା ଏବଂ ଶେଷରେ ଦିଲ୍ଲୀକୁ ବିଜୟୀ କରିଥିଲା।

ମୁକେଶ କୁମାର ଓ ମୋହିତ ଶର୍ମାଙ୍କୁ ନେଇ ଷ୍ଟାର୍କ ଦିଲ୍ଲୀ ପେସ୍ ବାହିନୀର ନେତୃତ୍ୱ ନେଉଛନ୍ତି। ଆଗାମୀ ମ୍ୟାଚରେ ମଧ୍ୟ ଦିଲ୍ଲୀ ତାଙ୍କଠାରୁ ପ୍ରଭାବୀ ସ୍ପେଲ ଆଶା କରିବ। ଗୁଜରାଟ ଟାଇଟନ୍ସ ଟପ୍ ଅର୍ଡର ଅଧିନାୟକ ଶୁବମନ ଗିଲ୍, ସ୍ଥିର ପ୍ରଦର୍ଶନ ଦେଇ ଆସିଥିବା ସାଇ ସୁଦର୍ଶନ ଓ ଇଂଲଣ୍ଡର ଜୋସ ବଟଲରଙ୍କୁ ନେଇ ବେଶ୍ ଦୃଢ଼। ଏ ତିନି ଜଣଙ୍କ ମଧ୍ୟରୁ କେହି ନା କେହି ପ୍ରତି ମ୍ୟାଚରେ ଅର୍ଦ୍ଧଶତକ ହାସଲ କରୁଛନ୍ତି। ତେଣୁ ଷ୍ଟାର୍କଙ୍କ ପାଇଁ କାମ ସହଜ ହେବନି ନିଶ୍ଚିତ। ଗୁଜରାଟ ମିଡିଲ ଅର୍ଡର ବିଶେଷ ପରୀକ୍ଷାର ସମ୍ମୁଖୀନ ହୋଇ ନାହାନ୍ତି। ତେବେ ଲକ୍ଷ୍ନୌ ସୁପର ଜାଏଣ୍ଟ ବିପକ୍ଷରେ ମିଡିଲ ଅର୍ଡର ଫେଲ୍ ମାରିବାରୁ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ତେଣୁ ଗୁଜରାଟ ଦଳର ଟପ୍ ଅର୍ଡର ବିପର୍ଯ୍ୟୟ ଘଟାଇ ପାରିଲେ ଦିଲ୍ଲୀ ପାଇଁ ବିଜୟ ସହଜ ହୋଇପାରିବ।

ଷ୍ଟାର୍କଙ୍କ ଭଳି ମହମ୍ମଦ ସିରାଜ ଗୁଜରାଟ ଟାଇଟନ୍ସ ପାଇଁ ବେଶ୍ ପ୍ରଭାବୀ ହୋଇଛନ୍ତି। ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ସିରାଜ ଆଇପିଏଲ୍‌ରେ ନିଜ ଦକ୍ଷତା ଦେଖାଉଛନ୍ତି। ପର୍ଯ୍ୟାପ୍ତ ବିଶ୍ରାମ ପାଇଥିବାରୁ ସତେଜ ଥିବା ସିରାଜ ଗୁଜରାଟ ପେସ୍ ବିଭାଗର ନେତୃତ୍ୱ ନେଉଛନ୍ତି। ୮.୫୦ ଇକୋନୋମିରେ ସେ ବର୍ତ୍ତମାନ ସୁଦ୍ଧା ୧୦ ଉଇକେଟ ହାସଲ କରିଛନ୍ତି। ବିଶେଷ କରି ପାୱାରପ୍ଲେରେ ସେ ପ୍ରଭାବୀ ବୋଲିଂ କରିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଚଳିତ ସିଜନକୁ ବେଶ୍ ଉପଭୋଗ କରୁଛନ୍ତି। ରିଦମ ପାଇବା ପାଇଁ ସଂଘର୍ଷ କରୁଥିବା ଜ୍ୟାକ ଫ୍ରାସର-ମ୍ୟାକଗୁର୍କ ଓ ପ୍ରତିଭାସମ୍ପନ୍ନ ଅଭିଷେକ ପୋରେଲ ଦିଲ୍ଲୀ ଦଳର ଓପନିଂ କରୁଛନ୍ତି। ଯଦି ଏହି ଯୋଡ଼ି ସଫଳ ନ ହେଲା ତେବେ ଏହାପରେ ସ୍ଥିତି ସମ୍ଭାଳିବା ପାଇଁ ଅଭିଜ୍ଞ ଲୋକେଶ ରାହୁଲ ଓ କରୁଣ ନାୟାର ରହିଛନ୍ତି। ଗୁଜରାଟ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିବା ଅକ୍ଷର ପଟେଲ ଏବେ ଦିଲ୍ଲୀ ଦଳର ଅଧିନାୟକ।



ମହମ୍ମଦ ସିରାଜ ଓ ଅକ୍ଷର ପଟେଲଙ୍କ ଉପସ୍ଥିତିରେ ପିଚ୍ ନିରୀକ୍ଷଣ କରୁଛନ୍ତି ମୋହିତ ଶର୍ମା।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଗୁଜରାଟ ବନାମ ଦିଲ୍ଲୀ**
ସ୍ଥାନ: ଅହମଦାବାଦ
ସମୟ: ଅପରାହ୍ନ ୩.୩୦

**ରାଜସ୍ଥାନ ବନାମ ଲକ୍ଷ୍ନୌ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବିଜୟ ସହ ଦ୍ୱିତୀୟରେ ପଞ୍ଜାବ



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଆର୍‌ସିବିର ଟିମ୍ ଡାଭିଡ୍।

**ବେଙ୍ଗାଲୁରୁ, ୧୮।୪**

ଚଳିତ ସିଜନରେ ଘରୋଇ ପିଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ଖରାପ ପ୍ରଦର୍ଶନ ଅବ୍ୟାହତ ରହିଛି। ଆଇପିଏଲ୍‌ର ଜନ୍ମ ଦିନରେ ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୫ ଉଇକେଟରେ ଆରସିବିକୁ ପରାସ୍ତ କରିଛି। ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଆରସିବି ଟିମ୍ ଡାଭିଡଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ନିର୍ଦ୍ଧାରିତ ୧୪ ଓଭରରେ ୯ ଉଇକେଟ ହରାଇ ୯୫ ରନ କରିଥିଲା। ଜବାବରେ ପଞ୍ଜାବ ୧୨.୧ ଓଭରରେ ୫ ଉଇକେଟ ହରାଇ ୯୮ ରନ ସଂଗ୍ରହ କରି ନେଇଥିଲା। ଆରସିବି ପରାଜିତ ହୋଇଥିଲେ ହେଁ ବିସ୍ଫୋରକ ବ୍ୟାଟିଂ ପାଇଁ ଟିମ୍ ଡାଭିଡ (୫୦* ରନ, ୨୬ ବଲ, ୫ ଚୌକା, ୩ ଛକା) ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୭ ମ୍ୟାଚରୁ ୫ମ ବିଜୟ ସହ ପଞ୍ଜାବ କିଙ୍ଗ୍ସ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛି। ଅନ୍ୟପକ୍ଷରେ ୭ ମ୍ୟାଚରୁ ତୃତୀୟ ପରାଜୟ ସହ ଆରସିବି ୪ର୍ଥକୁ ଖସିଛି।

ବର୍ଷା ଯୋଗୁ ମ୍ୟାଚ ବିଳମ୍ବରେ ଆରମ୍ଭ ହୋଇଥିଲା। ଫଳରେ ମ୍ୟାଚକୁ ୧୪ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ପାୱାରପ୍ଲେ ୪ ଓଭର ମଧ୍ୟରେ ୩ ଉଇକେଟ ହରାଇ ଦଳ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। କେବଳ ଟିମ୍ ଡାଭିଡ ଓ ଅଧିନାୟକ ରଜତ ପଟିଦାର (୨୩) ଓ ଦୁଇଅଙ୍କ ସ୍ପର୍ଶ କରି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଲିପ ସଲ୍ଟ ୪, ବିରାଟ କୋହଲି ୧, ଲିଆମ ଲିଭିଂଷ୍ଟୋନ ୪, ଜୀତେଶ ଶର୍ମା ୨, କୃନାଲ ପାଣ୍ଡ୍ୟା ୧ ରନ କରିଥିଲେ। ଆରସିବି ଏକଦା ୬୩ ରନ ମଧ୍ୟରେ ୯ ଉଇକେଟ ହରାଇଥିଲା। ଡାଭିଡଙ୍କ ୨୬ ବଲ୍‌ରୁ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଦଳ ୯୫ରେ ପହଞ୍ଚି ପାରିଥିଲା। ପଞ୍ଜାବ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ, ମାର୍କୋ ଜାନସେନ, ୟୁଜବେନ୍ଦ୍ର ଚହଲ ଓ ହରପ୍ରୀତ ବ୍ରାର ୨ଟି ଲେଖାଏ ଓ ଜାଭିଅର ବ୍ରେଟଲେଟ୍ ଗୋଟିଏ ଉଇକେଟ ନେଇଥିଲେ। ଏଥିସହ ଅର୍ଶଦୀପ (୮୬ ଉଇକେଟ) ଆଇପିଏଲ୍‌ରେ ପଞ୍ଜାବ ଦଳର ସର୍ବାଧିକ ଉଇକେଟ ହାସଲକାରୀ ହୋଇଛନ୍ତି। ଏ କ୍ଷେତ୍ରରେ ସେ ପୀୟୂଷ ଚାୱଲା (୮୪)ଙ୍କୁ ଅତିକ୍ରମ କରିଛନ୍ତି।

ଆରସିବି ପରି ପଞ୍ଜାବ ଟପ୍ ଅର୍ଡର ମଧ୍ୟ ଫେଲ୍ ମାରିଥିଲା। ତେବେ ନେହ୍ୱାଲ ୱାଧେରା ୧୯ ବଲ୍‌ରୁ ୩୩ ରନରେ ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ। ଆରସିବି ପକ୍ଷରୁ ଜୋଶ୍ ହାଜେଲଉଡ୍ ୩ଟି ଓ ଭୁବନେଶ୍ୱର କୁମାର ୨ଟି ଉଇକେଟ ନେଇଥିଲେ। ଗୋଟିଏ ଭେନ୍ୟୁରେ ସର୍ବାଧିକ ପରାଜୟରେ ଆରସିବି ଏକ ଅଲୋଡ଼ା ରେକର୍ଡ କରିଛି। ବେଙ୍ଗାଲୁରୁରେ ଏହି ଦଳ ୪୬ଟି ମ୍ୟାଚ ହାରିଛି। ଦିଲ୍ଲୀରେ ଦିଲ୍ଲୀ କ୍ୟାପିଟାଲ୍ସ ୪୫ଟି ମ୍ୟାଚ ହାରିଥିଲା।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୪ ଓଭରରେ ୯୫/୯ (ଟିମ୍ ଡାଭିଡ-୫୦*, ରଜତ ପଟିଦାର-୨୩, ଅର୍ଶଦୀପ ସିଂ-୨/୨୩, ୟୁଜବେନ୍ଦ୍ର ଚହଲ-୨/, ମାର୍କୋ ଜାନସେନ-୨/୧୦, ଜାଭିଅର ବ୍ରେଟଲେଟ୍-୧/୨୬, ହରପ୍ରୀତ ବ୍ରାର-୨/୨୫)। ପଞ୍ଜାବ କିଙ୍ଗ୍ସ ୧୨.୧ ଓଭରରେ ୯୮/୫ (ନେହାଲ ୱାଧେରା-୩୩*, ଜୋଶ ହାଜେଲଉଡ୍-୩/୧୪, ଭୁବନେଶ୍ୱର କୁମାର-୨/୨୬)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୫ | ୧ | ୧୦ | +୦.୭୪୪ |
| ପଞ୍ଜାବ କିଙ୍ଗ୍ସ | ୭ | ୫ | ୨ | ୧୦ | +୦.୩୦୮ |
| ଗୁଜରାଟ ଟାଇଟନ୍ସ | ୬ | ୪ | ୨ | ୮ | +୧.୦୮୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୪ | ୩ | ୮ | +୦.୪୪୬ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୪ | ୨ | ୮ | +୦.୧୬୨ |
| କୋଲକାତା ନାଇଟ ରାଇଡର୍ସ | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ ରୟାଲ୍ସ | ୭ | ୨ | ୫ | ୪ | -୦.୭୧୪ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୧.୨୭୬ |

# ଜାତୀୟ ଜୁନିୟର ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ଚଳିତ ମାସ ୨୦ରୁ ୨୪ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶର ଆକରପୁରରେ ହେବାକୁଥିବା ୪୭ତମ ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଶୁକ୍ରବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ପାଇଁ ମାର୍ଚ୍ଚ ୧ରୁ ପୁରୀ ଓ କେନ୍ଦୁଝରଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୩୦ଜଣ ଭାଗ ନେଇଥିବାବେଳେ ସେଥିରୁ ପ୍ରଦର୍ଶନ ଭିତ୍ତିରେ ୧୮ଙ୍କୁ ମନୋନୀତ କରାଯାଇଛି। ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ଗୌରୀ ଶଙ୍କର ଜେନା (ଅଧିନାୟକ), ସ୍ୱୟଂ ସିଦ୍ଧାର୍ଥ ପ୍ରଧାନ, ସୁପ୍ରଜିତ ବେହେରା, ଚିନ୍ମୟ ବେହେରା, ସତ୍ୟବ୍ରତ ରାଉତରାୟ, ଦିବ୍ୟରଞ୍ଜନ ସ୍ୱାଇଁ, ଅମିତ ଜେନା, ଜ୍ଞାନ ପାଣିଗ୍ରାହୀ, ହରିହର ଦଳାଇ, ଓଁକାର ବିଶ୍ୱାଳ, ଭବାନୀ ଶଙ୍କର ବେହେରା, ରାଜା ଦାସ, ସତ୍ୟଜିତ ପାଗଳ, ଶୁଭମ ରାୟ, ପ୍ରଦ୍ୟୁମ୍ନ ଶ୍ରେଷ୍ଠ, ଧ୍ରୁବ ଗୁପ୍ତା, ତାପସ ଭୋଇ, ଆଶୁତୋଷ ପାତ୍ର। କୋଚ: ଗୌରୀ ଶଙ୍କର ମିଶ୍ର ଓ ଚନ୍ଦନ କୁମାର ପତ୍ରି।



ଜାତୀୟ ଜୁନିୟର ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

# କିଟ୍‌ରେ ଭାରତୀୟ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଦଳର ଚୟନ ଟ୍ରାଏଲ୍ସ



ଟ୍ରାଏଲ୍ସରେ ଭାଗ ନେବାକୁ ଆସିଥିବା ଖେଳାଳି ଓ ଅଫିସିଆଲ।

**ଭୁବନେଶ୍ୱର, ୧୮।୪ (ତପନ ସ୍ୱାଇଁ)**

ଭାରତୀୟ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଦଳ ଗଠନ ପାଇଁ କିଟ୍ ପରିସରରେ ଚୟନ ଟ୍ରାଏଲ୍ସ ଶନିବାରଠାରୁ ଆରମ୍ଭ ହେବ। ଏହା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରମୋଦ ଭଗତ ଇନ୍‌ଡୋର ବ୍ୟାଡ୍‌ମିଣ୍ଟନ କୋର୍ଟରେ ଚୟନ ଟ୍ରାଏଲ୍ସ ପରେ ମନୋନୀତ ଦଳ ଜର୍ମାନୀରେ ହେବାକୁଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଅଂଶଗ୍ରହଣ କରିବ। ଟ୍ରାଏଲ୍ସରେ ଭାଗ ନେବାକୁ ଭାରତର ବିଭିନ୍ନ ସ୍ଥାନରୁ ୨୧୦ ଖେଳାଳି ଓ ଅଫିସିଆଲ ଆସିଛନ୍ତି। ଏହା ମଧ୍ୟରେ ମହିଳାରେ ୭୬ ଓ ପୁରୁଷରେ ୧୨୦ ଖେଳାଳି ସାମିଲ। ଟ୍ରାଏଲ୍ସରେ ପ୍ରଦର୍ଶନ ଭିତ୍ତିରେ ୬ ଜଣ ଲେଖାଏ ମହିଳା ଓ ପୁରୁଷ ଖେଳାଳି ଏବଂ ୫ ଅଫିସିଆଲ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଲକ୍ଷ ସେନ୍‌ଙ୍କ ପରି କେତେକ ଅନ୍ତର୍ଜାତୀୟ ଖେଳାଳି ମଧ୍ୟ ଏଥିରେ ଭାଗ ନେଉଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟର ଆର୍ଯ୍ୟ ମାଝି, ଅବିନାଶ ମହାନ୍ତି, ହର୍ଷିତା ରାଉତ, ସୀମା ସିଂ ଏଥିରେ ଭାଗ୍ୟ ପରୀକ୍ଷା କରିବେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ ଅଫିସିଆଲଙ୍କୁ ସ୍ୱାଗତ କରିଛନ୍ତି। କିଟ୍ ପରିସରରେ ବ୍ୟାଡ୍‌ମିଣ୍ଟନ ବ୍ୟତୀତ ଆଥ୍‌ଲେଟିକ୍ସ, ଟେବୁଲ ଟେନିସ ଚୟନ ଟ୍ରାଏଲ୍ସ ଚଳିତ ମାସ ଶେଷଭାଗରେ ଅନୁଷ୍ଠିତ ହେବ। ପୂର୍ବରୁ ଆର୍ଚେରୀ, ଭଲିବଲ, ଲନ୍ ଟେନିସ ଟ୍ରାଏଲ୍ସ ଆୟୋଜନ ହୋଇ ସାରିଛି।

# କଟକ, ଭୁବନେଶ୍ୱର, ବଲାଙ୍ଗୀର ୧୦ ଉଇକେଟରେ ବିଜୟୀ

**ଭୁବନେଶ୍ୱର,୧୮।୪(ବିଜୟ ରଣା)**

ଓସିଏ ଆନ୍ତଃଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ପ୍ରିଲିମିନାରୀ ଲିଗ୍-୨୦୨୫ ପ୍ରଥମ ପର୍ଯ୍ୟାୟ ଲିଗ୍ (ଗ୍ରୁପ୍-ଏ, ବି,ସି) ଟି୨୦ ଫର୍ମାଟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚଗୁଡ଼ିକ ମଧ୍ୟରେ କଟକ, ଭୁବନେଶ୍ୱର ଓ ବଲାଙ୍ଗୀର ୧୦ ଉଇକେଟରେ ଏବଂ ଅଞ୍ଜଳୀ ସିଂଙ୍କ ଅପରାଜିତ ଶତକ ସହାୟତାରେ ବାଲେଶ୍ୱର ୨୨୯ରନରେ ବୃହତ୍ ବିଜୟ ହାସଲ କରିଛି। ଅନ୍ୟପକ୍ଷରେ ଖୋର୍ଦ୍ଧା ୩୬ରନରେ, ବରଗଡ଼ ୫ ଉଇକେଟରେ, ସୁନ୍ଦରଗଡ଼ ୧୦୮ରନରେ ଏବଂ ଝାରସୁଗୁଡ଼ା ୩ ଉଇକେଟରେ ସେମାନଙ୍କ ବିପକ୍ଷ ଦଳକୁ ପରାସ୍ତ କରିଛନ୍ତି।

ଅଡ଼ଶପୁର ଗ୍ରାଉଣ୍ଡରେ କଟକ ବିପକ୍ଷ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ୧୮.୨ ଓଭରରେ ମାତ୍ର ୪୫ରନ ସ୍କୋରରେ ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ସଫଳ ବୋଲର ଜାହ୍ନବୀ ଷଡ଼ଙ୍ଗୀ ତାଙ୍କ ୩ ଓଭର ବୋଲିଂରେ ୨ମେଡେନ ସହ ୩ଉଇକେଟ ଅକ୍ତିଆର କରିଥିଲେ। କଟକ ୪.୨ ଓଭରରେ ବିନା କୌଣସି ଉଇକେଟରେ ୪୬ରନ କରି ମ୍ୟାଚ ଜିତିନେଇଥିଲା। ଜାହ୍ନବୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ଅଞ୍ଜଳି ସିଂଙ୍କ ଅପରାଜିତ ଶତକ**

ସନ୍‌ସାଇନ ଗ୍ରାଉଣ୍ଡରେ ନବରଙ୍ଗପୁର ୧୨ ଓଭରରେ ୩ ଉଇକେଟ ବିନିମୟରେ ମାତ୍ର ୧୧ ରନ କରିଥିଲା। ଡି/ଏଲ୍ ପଦ୍ଧତିରେ ଭୁବନେଶ୍ୱର ୩ ଓଭରରେ ୮ରନ କରି ମ୍ୟାଚ ଜିତିଥିଲା। ଏଥିରେ ବିଜୟୀ ଦଳର ବୋଲର ନିବେଦିତା ନାଏକ (୪-୩-୧-୨) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ବଲାଙ୍ଗୀର ବିପକ୍ଷ ମ୍ୟାଚରେ ମୟୂରଭଞ୍ଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ହରାଇ ମାତ୍ର ୨୮ରନ କରିଥିଲା। ବିପକ୍ଷ ଦଳର ରାମେଶ୍ୱରୀ ନାଏକ ଓ ମୁସ୍କାନ ସୁନା ୨ଟି ଲେଖାଏ ଉଇକେଟ ନେଇଥିଲେ। ବଲାଙ୍ଗୀର ୨.୩ ଓଭରରେ ବିନା କୌଣସି ଉଇକେଟରେ ୨୯ରନ କରି ବିଜୟୀ ହୋଇଥିଲା।

କଟକ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଗୋଳ ବିପକ୍ଷ ମ୍ୟାଚରେ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଅଞ୍ଜଳୀ ସିଂଙ୍କ ଅପରାଜିତ ୧୩୬ (୭୪ ବଲ୍) ଓ ଶୁଭଲକ୍ଷ୍ମୀ ସିଂଙ୍କ ଅପରାଜିତ ୭୪ ରନ ସହାୟତାରେ ୨୪୬ରନ କରିଥିଲା। ଜବାବରେ ଅନୁଗୋଳ ଦଳ ୧୫. ୪ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୭ ରନ କରିପାରିଥିଲା। ବାଲେଶ୍ୱର ଦଳର ସଫଳ ବୋଲର ଏସ୍‌ବି ଲରେନ୍ସ ତାଙ୍କ ୩ ଓଭର ବୋଲିଂରେ ୨ ମେଡେନ ସହ ୧ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ଅଞ୍ଜଳୀ ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୧୯.୪ ଓଭରରେ ୭ ଉଇକେଟ ବିନିମୟରେ ୫୫ରନ କରିଥିଲା। ଜବାବରେ ଝାରସୁଗୁଡ଼ା ୧୩.୨ ଓଭରରେ ୭ ଉଇକେଟ ବିନିମୟରେ ୫୬ରନ କରି ମ୍ୟାଚ ୩ଉଇକେଟରେ ଜିତି ନେଇଥିଲା। ଏହି ମ୍ୟାଚରେ ବିଜୟୀ ଦଳର ସଞ୍ଜନା ପ୍ରଜାପତି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖୋର୍ଦ୍ଧା ୭.୩ ଓଭରରେ ୧ ଉଇକେଟ ହରାଇ ୫୬ ରନ କରିଥିଲା। ଜବାବରେ ପାରାଦୀପ ଡି/ଏଲ୍ ପଦ୍ଧତିରେ ୭.୦ ଓଭରରେ କୌଣସି ଉଇକେଟ ନ ହରାଇ ୪୦ରନ କରିଥିଲା। ଖୋର୍ଦ୍ଧା ଡି/ଏଲ ପଦ୍ଧତିରେ ୫ ଉଇକେଟରେ ବିଜୟୀ ହୋଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବରଗଡ଼ ଡି/ଏଲ୍ ପଦ୍ଧତିରେ ସୋନପୁରକୁ ୫ଉଇକେଟରେ ହରାଇ ଦେଇଛି। ଡ୍ରିମ୍ସ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ଡି/ଏଲ୍ ପଦ୍ଧତିରେ ନୟାଗଡ଼କୁ ୧୦୮ରନରେ ପରାସ୍ତ କରିଛି।



ଜାହ୍ନବୀ ଷଡ଼ଙ୍ଗୀ



ରାମେଶ୍ୱରୀ ନାଏକ



ନିବେଦିତା ନାଏକ




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ